

# Prof. Dr. Gokulananda Mahapatra
# Birth Centenary Smaranika
# 24th May 2022



# Brandeis University

Barry B. Snider
*Charles A. Breskin*
*Professor of Chemistry*

Department of Chemistry
MS 015
Waltham, Massachusetts
02454-9110

781-736-2550
781-736-2516 Fax
e-mail: snider@brandeis.edu
http://www.brandeis.edu/chemistry/faculty/snider.html

May 4, 2022

Dr. G .N. Mahapatra
Executive President, Birth centenary celebration committee
GNM Foundation,
Cuttack, Odisha, India

Dear Dr Mahapatra

I wish to extend my sincere congratulations and best wishes for celebrating the centenary of the birth of the late Prof. Gokulananda Mahapatra who received some of his professional training as a postdoctoral research associate with the important biotech pioneer Prof. Orrie Friedman in the Dept of Chemistry, Brandeis University, Waltham, MA, USA from 1962-64. Professor Mahapatra had a remarkable career that is well worth celebrating and I am glad that the Brandeis University Chemistry Department and the late Professor Friedman could contribute in a small way to his accomplishments.

I wish you a successful birth centenary celebration at the Ravenshaw University Campus, Cuttack, Odisha State, India.

Sincerely,

Barry B Snider

Barry B. Snider
Chair, Department of Chemistry



# Prof. Dr. Gokulananda Mahapatra

24 May 1922 - 10 July 2013

*Published by :*
**Secretary,**
**Gokulananda-Nityananda Mahapatra Foundation**
(GNM Foundation)
Amrapalli, Dolamundai, Cuttack - 753009, Odisha
Phone : 9820801633

*Editorial Board :*
**Dr. Chitta Ranjan Mishra**, Editor-in-Chief
**Dr. Nityananda Swain**, Editor
**Dr. Hrushikesh Mallick**, Editor
**Mr. Sanjeet Kumar Pattnaik**, Editor

Date of Publication : **22nd May, 2022**

© All Rights Reserved
GNM Foundation, Cuttack

*Design, Layout & Printing :*
**Print-Tech Offset Pvt. Ltd.**
F-66/1 & F-66/2, Chandaka Industrial Area
P.O. - KIIT, Bhubaneswar - 751024, Odisha

भारत के उप-राष्ट्रपति के निजी सचिव
PRIVATE SECRETARY
TO THE VICE-PRESIDENT OF INDIA
नई दिल्ली/NEW DELHI - 110011
TEL.: 23016344 / 23016422 FAX : 23018124

**डि. प्रशांत कुमार रेड्डी**, भा.प्रशा.से.
**D. Prasanth Kumar Reddy**, IAS

सत्यमेव जयते



# MESSAGE

The Hon'ble Vice-President of India is happy to know that G.N.M. Foundation & P.G. Department of Chemistry, Ravenshaw University, Cuttack, Odisha is organizing the birth centenary celebration of Late Prof. Dr. Gokulananda Mahapatra from 24th May, 2022 — 23rd April, 2023 and publishing a Smaranika on this occasion.

The Hon'ble Vice-President extends his greetings and congratulations to the organizers and the participants and wishes the event all success.

New Delhi
16th March, 2022.

16/3/2022
**(Prasanth Kumar Reddy)**

**Prof. Ganeshi Lal**
Governor, Odisha
**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

सत्यमेव जयते

RAJ BHAVAN
BHUBANESWAR - 751008
ରାଜଭବନ
ଭୁବନେଶ୍ୱର-୭୫୧୦୦୮

March 30, 2022



# MESSAGE

I am glad to know that GNM Foundation & P.G. Department of Chemistry, Ravenshaw University, Cuttack are jointly organizing the Birth Centenary Celebration of Late Prof. Dr. Gokulananda Mahapatra at Ravenshaw University from May 24, 2022 to April 23, 2023. A souvenir in his memory GOKULANANDA SMARANIKA is also being brought out on the occasion.

Late Prof. Dr. Gokulananda Mahapatra has been recalled by scientists as a cult figure in Odisha's scientific arena. He was a brilliant teacher with exceptional contributions to the study of Chemistry and research. He is remembered as one who did a lot to popularise science among the masses having written over 100 books as a pioneer of scientific friction that earned him wide acclaim. His inspiration and example has made his students better and excel at what they do and how they conduct themselves. The celebration aims at perpetuating his memory and legacy and it is to be marked by a series of events like state-of-the-art educative lectures/presentations across the globe. The souvenir would enlighten more on his life and works.

I wish the celebration and publication all success.

**(Ganeshi Lal)**

Tel. : 91-674-2536111/2536222, Fax : 91-674-2536582, E-mail : govodisha@nic.in, Website : www.rajbhavanodisha.gov.in

**NAVEEN PATNAIK**
CHIEF MINISTER, ODISHA

सत्यमेव जयते

LOKASEVA BHAVAN
BHUBANESWAR
NO186 / 2-4-22



# MESSAGE

I am glad to know that the birth centenary of Prof. Dr. Gokulananda Mahapatra is being celebrated at Ravenshaw University, Cuttack in April 2022. And bringing out a souvenir in commemoration.

Prof. Gokulananda Mahapatra was a leading educationist and a pioneer of scientific fiction writing. His contribution to science education and promotion of scientific ideas and values is unparalleled. I am sure, the celebration along with lecturers and presentations will throw more light on his contributions to the field of education.

On this occasion, I pay my sincere tributes to late Prof. Mahapatra and wish the celebration & publication all success.

**(NAVEEN PATNAIK )**

Phone : Office : 0674-2531100, 2531500, 2535100 (Fax)
Residence : 0674-2591099, 2590299, 2590833 (Fax)
e-mail : cmo@nic.in | twitter : twitter.com/COM Odisha | Facebook : facebook.com/CMO.Odisha

धर्मेन्द्र प्रधान
ଧର୍ମେନ୍ଦ୍ର ପ୍ରଧାନ
**Dharmendra Pradhan**

सत्यमेव जयते

मंत्री
शिक्षा; कौशल विकास
और उद्यमशीलता
भारत सरकार
**Minister**
**Education; Skill Development**
**& Entrepreneurship**
**Government of India**



# MESSAGE

I am pleased to learn that Ravenshaw University Cuttack is celebrating the Birth Centenary of Late Prof. Dr. Gokulananda Mahapatra in a grand manner this year.

Late Prof. Dr Gokulananda Mahapatra, former HoD of Chemistry Department at Ravenshaw University, Cuttack was a doyen and pioneer in the field of science fiction writing in Odisha and published over 100 books.

Ravenshaw University Cuttack is paying an apt tribute to Prof. Dr. Gokulananda Mahapatra by organizing various activities for the benefit of students and researchers. I commend the efforts of the organizers of this celebration and wish my very best to the University.

(Dharmendra Pradhan)

सबको शिक्षा, अच्छी शिक्षा

स्वच्छ भारत
एक कदम स्वच्छता की ओर

कौशल भारत-कुशल भारत

MOE - Room No. 3, 'C' Wing, 3rd Floor, Shastri Bhawan, New Delhi-110001, Phone : +91-11-23782387, Fax : +91-11-23382365
MSDE - Room No. 516, 5th Floor, Shram Shakti Bhawan, Rafi Marg, New Delhi-110001, Phone : +91-11-23465810, Fax : 011.23465825
E-mail : minister.sm@gov.in, minister-msde@gov.in

**DR. ARUN KUMAR SAHOO**
MINISTER
Agriculture & Farmers' Empowerment,
Fisheries & Animal Resources Development,
& Higher Education, Odisha

Res. : (0674) 2532326(R)

D.O.No. ................/MA&FE.F&ARD&HE
BHUBANESWAR
Date : 07/04/2022



# MESSAGE

This gives me immense pleasure to know that G.N.M. Foundation and P.G. Department of Chemistry, Ravenshaw University in collaboration with Bigyan Prachar Samiti, Odisha Sahitya Academy are organising the Birth Centenary Celebration of Late Prof. Dr. Gokulananda Mahapatra and bringing out Gokulananda Centenary Smaranika to mark the occasion. I convey my hearty well wishes to the organizers for their endeavour.

Science is the backbone of development and the scientists are its pioneers. Prof Dr. Gokulananda Mahapatra has ample contribution to society through his scientific researches. Celebrating his Birth Centenary is really an honour to him for which the organizers are praiseworthy. I hope, the Gokulananda Centenary Smaranika will be a hand book of guidance to the science students of today.

I wish the Birth Centenary Celebration of Late Prof. Dr. Gokulananda Mahapatra and publication of Gokulananda Centenary Smaranika a grand success.

**(Dr. Arun Kumar Sahoo)**

**SHRI JYOTI PRAKASH PANIGRAHI**
MINISTER OF STATE (IND. CHARGE)
Tourism, Odia Language, Literature &
Culture, Odisha

Phone { Office: (0674)2530650
EPABX: 232-2197

*D.O. No. ....................../MOSTOLLC.*
BHUBANESWAR
*Date 25/03/2022*



# MESSAGE

It is a matter of immense pleasure that the Birth Centenary of Late Prof. Dr Gokulananda Mahapatra is being celebrated from 24th May 2022 to 23rd April 2023 at Ravenshaw University, Cuttack. Different programmes along with the Souvenir 'Gokulananda Smaranika' will come up in the memory of Late Prof. Mahapatra.

Prof. Dr Mahapatra had played a pivotal role in popularising science in Odisha with writing a volley of science fiction and children science books in Odia language. Some of his notable contributions are Baigyanika Gyankosha, E Juga ra Sreshtha Abiskara, Krutrima Upagraha, Chandra ra Mrutyu, Prithibi bahare Manisha,Nishabda Godhuli, Madam Curie and many more.

I hope the endeavors will be much beneficial for the academicians and scientists. The members concerned with the celebration are praiseworthy for their efforts.

I wish the celebration and publication of Souvenir all success.

**(Jyoti Prakash Panigrahi)**

**KALINGA FOUNDATION TRUST**
Founded bY Biiu Patnaik
**(EXEMPTED UNDER U/S 80 G (5) (VI) OF INCOME TAX ACT 1961)**
***REGTSTERED IJNDERTHE SOCIETIES REG'STRATION ACT 1860***
Registration No. 282147 of 1 959-60, PAN No. AAATK2285 P. TAN No. BBNK 01179D
Website : www.kalingafoundationtrust.com / Email : kalingafoundationtrust@yahoo.in
Kalinga Bhawan, A62/1, Nayapalli, Bhubaneswar-751012, Tel : (0674) 2394454



**Bimal Das**
Chairman

Bhubaneswar
16$^{th}$ April, 2022

# MESSAGE

I am happy to learn the Dr. Gokulananda-Nityananda Mahapatra. Foundation (GNM Foundation) in association with the Post - Graduate Department of Chemistry, Ravenshaw University, Cuttack is organizing Birth Centenary Celebrations of Late Prof. Dr. Gokulananda Mahapatra for a period of one year starting from 24$^{th}$ May, 2022 to 23$^{rd}$ April, 2023. Furthermore, I came to know that the Birth Centenary Inaugural Ceremony will be held at Ravenshaw University during 22$^{nd}$ to 24$^{th}$ May, 2022 in a grand way and Birth Centenary Smaranika will be released on the occasion.

Late Prof. Gokulananda Mahapatra was a Great Chemical Scientist and Science Fiction Writer in Odia Language and established himself as an Iconic Personality in the field in the Post - Independent India. He has penned more than 100 Popular Science Books in Odia and has enriched Janapriya Bigyan Sahitya to a significant extent. Bigyan Prachar Samiti, Cuttack, the Brain Child of Prof. Mahapatra for Popularization of Science, was the FIRST Scientific Society of the State established on 7$^{th}$ August, 1949, just two years after India got Independence.

Kalinga Foundation Trust decorated Prof. Mahapatra with KALINGA SAMMAN, the highest award of the State in the field of Popularization of Science on 5$^{th}$ January, 2012 during the Celebration of 60$^{th}$ Anniversary of UNESCO Kalinga Prize at Bhubaneswar. It was a memorable event to honour such a magnanimous personality who is considered as the Father Figure of Science Popularization in the State.

I convey my best wishes for the success of the Birth Gokulananda Mahapatra. Centenary Celebration of Late Prof. (Dr.) Gokulananda Mahapatra.

**(Bimal Das)**
Chairman
Kalinga Foundation Trust

**Dr. J.P. Das**
Former Prof. & Head of Cardiology
S.C.B. Medical College, Cuttack
&
President, GNM Foundation



# MESSAGE

It is befitting that GNM Foundation is organizing Birth Centenary Celebration of Prof. G.N. Mahapatra a Legendary Teacher, Scientist and Science Writer. He has made scientific themes most popular and contributed to the understanding of complex scientific topics in very simple language which has enriched the understanding of scientific topics by common people.

Dr. Mahapatra, a celebrated teacher, researcher and brilliant academician, has contributed to the understanding of common people the intricate topics in various scientific fields in a lucid language that common people can understand.

The people of Odisha have liked him not only as a science writer but as a great scholar and a most lovable person. Let us all pay our respect and appreciation to the legendary scientist on his birth anniversary.

(Dr. J.P. Das)

**Prof. Satyaban Jena**
Former Professor & Head
Department of Chemistry
Utkal University, Bhubaneswar

Date : 24.04.2022



# MESSAGE

This gives me immense pleasure that we are going to celebrate the Birth Centenary of our revered Professor (Late) Gokulananda Mohapatra during May 22-24, 2022 at Ravenshaw University, Cuttack. He was not only a great Professor of Organic Chemistry but also a popular science writer, a scientific fiction writer and above all a great human being, very affectionate and kind hearted too.

I wish the celebration a grand success. I thank sincerely the GNM Foundation for this activity which will inspire the future young generation to follow up the footsteps of Prof. Mohapatra.

With best wishes.

24/4/2022

**(Prof. Satyaban Jena)**
President
Birth Centenary Celebration Committee

# Prof. Dr. Gokulananda Mahapatra
# BIRTH CENTENARY CELEBRATION COMMITTEE

## PRESIDENT



**Prof. Dr. Satyaban Jena**
Former Professor of Chemistry
Utkal University
Email : sjena54@yahoo.com

## EXECUTIVE PRESIDENT



**Prof. Dr. G.N. Mahapatra**
Sr. Consultant and HoD, Dept. of Nuclear Medicine and PET
Seven Hills Hospital, Mumbai &
BA Lilaben Cancer Hospital, Navsari, Gujrat
Email : mahapatrag@rediffmail.com

## SECRETARY GENERAL



**Dr. Bijay Kumar Pattnaik**
Former President State Selection Board
Email : bkp.1944@gmail.com

## JOINT SECRETARY



**Mr. Sanjeet Kumar Pattnaik**
Journalist, Vice President, Utkal Sahitya Samaj
Editor, Gokulananda Smaranika
Email : sanjeet.odissasahitya@gmail.com

## EXECUTIVE COMMITTEE (E.C.) MEMBERS



**Dr. Chittaranjan Mishra**
Editor-in-Chief, Gokulananda Smaranika
Email : crmishra49@yahoo.in



**Dr. Pratiti Kanchan**
Former Principal, JKBK College, Cuttack
& Formerly Professor of English



**Er. Lipsa Mahapatra**
Director, Transformation Operations at
Conifer Health Solution, Dallas - Fortworth USA



**Dr. Banani Mohanty**
Special Secretary to Govt. of Odisha
Former Registar, Utkal University
Email : banani07mohanty@gmail.com



**Dr. Samiksha Mahapatra**
Postdoctoral Researcher,
University of California,
San Diego School of Medicine, USA

# Prof. Dr. Gokulananda Mahapatra
# BIRTH CENTENARY CELEBRATION COMMITTEE

## BOARD OF ADVISORS



**Prof. Dr. J.P. Das**
Former Professor & Head of Cardiology
S.C.B. Medical College
President GNM Foundation



**Dr. Binayak Rath**
Former Vice-Chancellor,
Utkal University,
Bhubaneswar, Odisha



**Dr. Baishnab Charan Tripathy**
Former Vice-Chancellor,
Ravenshaw University,
Cuttack, Odisha



**Prof. Dr. Ashok Kumar Mohapatra**
Vice-Chancellor, Siksha O Anusandhan
Deemed to be University,
Eminent Neurosurgeon & Former HoD, AIIMS, Delhi



**Dr. Ishan Patro**
Former Vice-Chancellor,
Ravenshaw University,
Cuttack, Odisha



**Dr. Hrushikesh Mallick**
President, Odisha Sahitya Academy
Editor, Gokulananda Smaranika
Email : mallickhk1955@gmail.com



**Prof. Dr. Nityananda Swain**
President, Vigyan Prachar Samiti
Editor, Gokulananda Smaranika
Email : nityanandaswain@gmail.com



**Dr. Niranjan Tripathy**
Sr. Consultant Internal Medicine
Vice President, GNM Foundation



**Prof. Dr. Amar K. Mohanty**
Professor & Distinguised Research Chair,
Bioproducts Center,
University of Guelph, Canada



**Prof. Dr. Manjushri Misra**
Professor Canada Research Chair
University of Guelph, Canada

# Prof. Dr. Gokulananda Mahapatra
# BIRTH CENTENARY SMARANIKA

## MEMBERS OF THE EDITORIAL BOARD

### EDITOR-IN-CHIEF



**Dr. Chitta Ranjan Mishra**

Eminent Scientist, Columnist, Television Anchor,
Author, Orator and National Science Communicator
&
Former President, Odisha Chemical Society
Email : crmishra49@yahoo.in

### EDITOR



**Dr. Nityananda Swain**

President
Bigyan Prachar Samiti
Cuttack, Odisha
Email : nityanandaswain@gmail.com

### EDITOR



**Dr. Hrushikesh Mallick**

President
Odisha Sahitya Academy
Bhubaneswar, Odisha

Email : mallickhk1955@gmail.com

### EDITOR



**Mr. Sanjeet Kumar Pattnaik**

Journalist,
Vice President, Utkal Sahitya Samaj

Email : sanjeet.odissasahitya@gmail.com

# Editorial

It was a great privilege for me to be associated with Gokulananda- Nityananda Mahapatra Foundation (GNM Foundation), Cuttack a few years back as one of their Members in the Executive Committee to serve for the cause of Popularization of Science for which Prof. Gokulananda Mahapatra, my revered teacher in Ravenshaw College, stood for his entire life time. Science Popularization for the common man was his passion and he dedicated his entire life for the cause of his passion. He was a dreamer par excellence and was an extraordinary passionate person besides being a Distinguished Academician, Eminent Chemistry Professor & Outstanding Researcher of repute. He was well known as HG Wells of Odisha for his significant contribution as the first Science Fiction writer in Odia language.

The idea of Birth Centenary Celebration of Prof. (Dr.) Gokulananda Mahapatra emerged a few months before and Birth Centenary Celebration Committee and Editorial Committees were constituted for the purpose. Time was less and the task was enormous. COVID-19 was a hindrance too. It was all initiated through webinar. Lots of things were to be coordinated. A suitable Printing Press was to be identified. Request letters were to be sent to the prospective writers. Messages from Distinguished Personalities were to be obtained. For felicitation purpose, details of 7th, 8th & 9th Prof. Dr. Gokulananda Mahapatra Memorial Oration Summit, Invited Speakers coming from different Universities, Life Time Achievement Awardees – Chemistry Pioneers and Eminent Veteran Popular Science Writers, Eminent Vice-Chancellors across the state of Odisha, Eminent Popular Science Speakers, Presidents & Directors of reputed Organizations & Academies and other Distinguished Personalities were to be collected for incorporation in the Birth Centenary Smaranika. Editorial Team met regularly to review the progress. Through constant coordination with the Chief Executives of GNM Foundation and Birth Centenary Celebration Committee, especially Dr. Girija Nandan Mahapatra, all these matters were resolved and response from all quarters was overwhelming.

The job was hard pressed. Time was running out. I had to sit in the Press daily. Typing, proof correction, editing, composing, lay outing and designing etc were a too difficult task. However, with constant coordination, advice and guidance of the entire Editorial Board members, the job could come to the grip. The cooperation of all Printing Press Personnel particularly Sri Brundaban Behera, Director is paramount & praiseworthy. Thanks to all his team members of Print Tech Offset Private Limited, Bhubaneswar for their constant help and cooperation. Cooperation received from all quarters is gratefully acknowledged.

The Editorial Team acknowledges with thanks the cooperation received from Prof. Barry B. Snider, Chair, Department of Chemistry, Brandeis University, USA for his Congratulatory Message acknowledging the accomplishments of Prof Dr. Gokulananda Mahapatra in the field of Chemistry and wishing success of the Birth Centenary Celebration.

**Dr. Chitta Ranjan Mishra**
Editor-in-Chief

Contents

## ଓଡ଼ିଆ ବିଭାଗ


| | | | |
|---|---|---|---|
| ୧. | ପ୍ରଜ୍ଞାପୁରୁଷ : ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର | ଶାନ୍ତନୁ କୁମାର ଆଚାର୍ଯ୍ୟ | 03 |
| ୨. | ବିଜ୍ଞାନ ସାହିତ୍ୟିକ ପ୍ରଫେସର ଗୋକୁଳାନନ୍ଦ | ପ୍ରଫେସର ଗୋପବନ୍ଧୁ ବେହେରା | 05 |
| ୩. | ଜ୍ଞାନ ବିଜ୍ଞାନ ଓ ସ୍ୱାଧ୍ୟାୟର ମଣିଷ: ଗୋକୁଳାନନ୍ଦ | ପ୍ରଫେସର ବୈଷ୍ଣବ ଚରଣ ସାମଲ | 07 |
| ୪. | ଅଭୁଲା ସ୍ମୃତିରେ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର | ପ୍ରଫେସର ସୂର୍ଯ୍ୟମଣି ବେହେରା | 09 |
| ୫. | ସ୍ମୃତିରେ ଗୋକୁଳାନନ୍ଦ | ପ୍ର. (ଡଃ) ସୁଦର୍ଶନ ପଟ୍ଟନାୟକ | 11 |
| ୬. | ଓଡ଼ିଆରେ ବିଜ୍ଞାନ ସାହିତ୍ୟର ଜନକ ଗୋକୁଳାନନ୍ଦ | ଡକ୍ଟର ନିମାଇଁ ଚରଣ ପରିଜା | 13 |
| ୭. | ଗୋକୁଳାନନ୍ଦ ଓ ବିଜ୍ଞାନ ପ୍ରଚାର ସମିତି | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | 15 |
| ୮. | ଯଶୋଦେହେ ଗୋକୁଳାନନ୍ଦ | ଡକ୍ଟର ଇଂ ପ୍ରଭାକର ସ୍ୱାଇଁ | 21 |
| ୯. | ପ୍ରଫେସର ମହାପାତ୍ରଙ୍କ ଅମରକୃତି: କିଞ୍ଚିତ ଆଭାସ | ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା | 23 |
| ୧୦. | ଗୋକୁଳାନନ୍ଦ ପାଠ୍ୟପୁସ୍ତକ | ଇଂ ମାୟାଧର ସ୍ୱାଇଁ | 25 |
| ୧୧. | ସଂସ୍କୃତି-ପୁରୁଷ ଗୋକୁଳାନନ୍ଦ | ଡକ୍ଟର ହୃଷୀକେଶ ମଲ୍ଲିକ | 27 |
| ୧୨. | ପୃଥିବୀ ବାହାରର ମଣିଷ | ଡକ୍ଟର ଦୀପ୍ତି ପଟନାୟକ | 31 |
| ୧୩. | ବିଜ୍ଞାନକୁ ଓଡ଼ିଶାରେ ଲୋକପ୍ରିୟ କରିବାରେ ପ୍ରଫେସର ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ଅବଦାନ | ଡକ୍ଟର ହରି ପ୍ରସାଦ ଦାସ | 33 |
| ୧୪. | ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କର ବିଜ୍ଞାନ ଓ ଶିକ୍ଷା ପାଇଁ ଅତୁଳନୀୟ ଅବଦାନ | ଡାକ୍ତର ଅଶୋକ କୁମାର ମହାପାତ୍ର | 35 |
| ୧୫. | ବିଜ୍ଞାନର ଅନିର୍ବାଣ ଆଲୋକ ବର୍ତ୍ତିକା, ବୈଜ୍ଞାନିକ ପ୍ରଫେସର ଗୋକୁଳାନନ୍ଦ | ଡା. ବରଦାଚରଣ ମହାନ୍ତି | 42 |
| ୧୬. | ଓଡ଼ିଆ ବିଜ୍ଞାନ ସାହିତ୍ୟ ଓ ପ୍ରଫେସର ଗୋକୁଳାନନ୍ଦ | ବିଜୟ ନାୟକ | 44 |
| ୧୭. | ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ର - ଏକ ଅନନ୍ୟ ଅଦ୍ୱିତୀୟ ବ୍ୟକ୍ତିତ୍ୱ | ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ | 47 |
| ୧୮. | ପୂଜ୍ୟଗୁରୁ ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ର | ଡକ୍ଟର ସୁବାସିନୀ ଲେଙ୍କା | 48 |
| ୧୯. | ବିଜ୍ଞାନ ସାହିତ୍ୟର ଅନବଦ୍ୟ ସ୍ରଷ୍ଟା ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର | ଡକ୍ଟର ଭାରତୀ ବେହେରା | 49 |
| ୨୦. | ଜ୍ଞାନ-ବିଜ୍ଞାନର ରୂପକାର : ଗୋକୁଳାନନ୍ଦ ମହାପାତ୍ର | ଡକ୍ଟର ବିଜୟାନନ୍ଦ ସିଂହ | 51 |
| ୨୧. | ଓଡ଼ିଆଙ୍କୁ ଉଡ଼ନ୍ତା ଥାଳିଆ ଦେଖାଇଥିବା ପ୍ରବାଦପୁରୁଷ | ଡକ୍ଟର ପ୍ରମୋଦ କୁମାର ମହାପାତ୍ର | 53 |
| ୨୨. | ଜନପ୍ରିୟ ବିଜ୍ଞାନ ସାହିତ୍ୟର ସ୍ରଷ୍ଟା ପରମପୂଜ୍ୟ ଗୁରୁ ଗୋକୁଳାନନ୍ଦ ମହାପାତ୍ରଙ୍କ ସ୍ମୃତିରେ | ଶ୍ରୀ ମହେନ୍ଦ୍ରକୁମାର କାୟସ୍ଥ | 55 |
| ୨୩. | ବିଜ୍ଞାନତପସ୍ୱୀ : ଗୋକୁଳାନନ୍ଦ | ସୁକାନ୍ତ କିଶୋର ମହାନ୍ତି | 57 |

| | | | |
|---|---|---|---|
| ୨୪. | ବିଜ୍ଞାନ ସାହିତ୍ୟ ଜଗତର ଭୀଷ୍ମପିତାମହ ଓ ଜନକ<br>ବରେଣ୍ୟ ପ୍ରଫେସର (ଡ.) ଗୋକୁଳାନନ୍ଦ ମହାପାତ୍ର | ଡ. ପଦ୍ମନାଭ ବେହେରା | 59 |
| ୨୫. | ଓଡ଼ିଆ ଓ ବଙ୍ଗଳା ଜନପ୍ରିୟ ବିଜ୍ଞାନ ସାହିତ୍ୟ<br>- ଏକ ତୁଳନାତ୍ମକ ଅଧ୍ୟୟନ | ଡ. ମୃଦୁଳା ମିଶ୍ର | 61 |
| ୨୬. | ଡ. ଗୋକୁଳାନନ୍ଦ ମହାପାତ୍ର: ଶୋକାର୍ତ୍ତ ଶ୍ରଦ୍ଧା ନିବେଦନ | ଡାକ୍ତର ରବି ରଞ୍ଜନ ସାହୁ | 67 |
| ୨୭. | ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ରଙ୍କ ସ୍ମୃତିରେ | ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ବଡୁ | 69 |
| ୨୮. | ବୈଜ୍ଞାନିକ ଗୋକୁଳାନନ୍ଦ ମହାପାତ୍ର : ଏକ ଅଭୁଲା ସ୍ମୃତି | ଡ. ବସନ୍ତ କୁମାରୀ ନନ୍ଦ | 70 |
| ୨୯. | ସାର୍ ମନେପଡ଼ନ୍ତି | ଅନସୂୟା ମିଶ୍ର | 71 |
| ୩୦. | ଶିଶୁ ଓ କିଶୋର ସାହିତ୍ୟକୁ<br>ଡକ୍ଟର ଗୋକୁଳାନନ୍ଦ ମହାପାତ୍ରଙ୍କ ଅବଦାନ | ଡାକ୍ତର ପ୍ରସନ୍ନ କୁମାର ରାଠୋର | 73 |
| ୩୧. | ନମସ୍ୟ ଗୋକୁଳାନନ୍ଦ ମହାପାତ୍ର | ହିମାଂଶୁ ଶେଖର ଫତେସିଂହ | 76 |
| ୩୨. | ଏକ ସ୍ମରଣୀୟ ସାକ୍ଷାତ୍‌କାର | ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ | 78 |
| ୩୩. | ବିଜ୍ଞାନ ଜଗତର ପ୍ରଜ୍ଞା ପୁରୁଷ<br>ପ୍ରଫେସର୍ ଡ.ଗୋକୁଳାନନ୍ଦ ମହାପାତ୍ର | ସଂଜିତ୍ କୁମାର ପଟ୍ଟନାୟକ | 83 |


## ENGLISH SECTION


| | | | |
|---|---|---|---|
| 1. | A Tribute to Legendary<br>Professor Gokulananda Mohapatra | Prof. Balaram Sahoo | 87 |
| 2. | Prof. Dr. Gokulananda Mahapatra<br>A Pioneer in Popularization of Science in Odia | Prof. Dr. Prafulla Kumar Jena | 88 |
| 3. | My Tribute to Professor Gokulananda Mahapatra | Dr. Priyambada Mohanty Hejmadi | 90 |
| 4. | Tribute to Prof. Gokulanand Mohapatra | Prof. (Dr.) Binayak Rath | 91 |
| 5. | 'The Flying Saucer' of Odia Scientific Imagination | Devdas Chhotray | 96 |
| 6. | Remembering Legendary<br>Prof. Dr. Gokulananda Mahapatra<br>Father of Odia Science Literature | Prof. Dr. Niranjan Tripathy | 98 |
| 7. | Reminiscence and Experience :<br>Professor Gokulananda Mahapatra | Prof. Anadi Charan Dash | 100 |
| 8. | My Revered Teacher<br>Prof. (Dr.) Gokulananda Mahapatra | Prof.(Dr.) Baishnab Charan Singh | 102 |
| 9. | 'Kalinga Samman Laureate'<br>Dr. Gokulananda Mohapatra :<br>A Personality Extraordinaire | Dr. Chitta Ranjan Mishra | 104 |
| 10. | Professor Gokulananda Mohapatra<br>My Revered Teacher | Prof. Swoyam Prakash Rout | 112 |
| 11. | Prof. Gokulananda Mahapatra:<br>A Person with Perfection | Prof. Prafulla Kumar Mohanty | 114 |
| 12. | Prof. Gokulananda Mohapatra<br>A Great Scientist and Philanthropist | Dr. Bijay Kuma Patnaik | 119 |

| | | | |
|---|---|---|---|
| 13. | Remembering A Great Professor | Dr. Jaya Krushna Panigrahi | 120 |
| 14. | In Memory of My Respected Teacher<br>Late Prof. Gokulananada Mahapatra | Amar K. Mohanty | 123 |
| 15. | My only role model – My Father | Prof. Dr. Girija Nandan Mahapatra | 125 |
| 16. | My Association with a Legend | Dr. Pragati Mahapatra | 128 |
| 17. | Tribute to My Father | Dr. Jyotshna Mahapatra | 129 |
| 18. | Future Students of History will find<br>Prof. Dr. Gokulananda Mahapatra :<br>The man who popularized science in Odisha | Dr. Nanda Nandan Mohapatra | 131 |

**Prof. Dr. Gokulananda Mahapatra Memorial ORATION** 133

**INVITED SPEAKERS** 149

**2nd Prof. Dr. Gokulananda Mahapatra ENDOWMENT CHAIR AWARDEE** 175

**FELICITATIONS** 191

| | | |
|---|---|---|
| A. | Professor Barry B. Snider Distinguished Chair Department of Chemistry<br>Brandeis University & Staff of the Department of Chemistry<br>Brandeis University, USA | 193 |
| B. | Vice-Chancellors Across The State of Odisha | 197 |
| C. | Presidents / Directors of Reputed Organizations | 209 |
| D. | Life Time Achievement Award to Eminent Professors of Chemistry | 215 |
| E. | Life Time Achievement Award to Eminent Popular Science Writers | 221 |
| F. | Eminent Popular Science Speakers | 227 |

**Scientific & Literary Contributions of**
**Prof. Dr. Gokulananda Mahapatra** 249

**Prof. Dr. Gokulananda Mahapatra**
**UNFORGETTABLE MEMORIES (Photo Features)** 261

**Birth Centenary Summit of Prof. Dr. Gokulananda Mahapatra**
**(22nd-24th May, 2022) : SCIENTIFIC PROGRAMME** 275

# ଓଡ଼ିଆ ବିଭାଗ

# ପ୍ରଜ୍ଞାପୁରୁଷ : ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର



**ଶାନ୍ତନୁ କୁମାର ଆଚାର୍ଯ୍ୟ**

ଭାରତର ସ୍ୱାଧୀନତା ପ୍ରାପ୍ତିର ମାତ୍ର ଦୁଇ ବର୍ଷ ପରେ ୧୯୪୯ରେ ମୁଁ ସେ ସମୟର ମାନଦଣ୍ଡରେ ଓଡ଼ିଶାର କ୍ୟାମ୍ବ୍ରିଜ ବା ଅକ୍ସଫୋର୍ଡ ବୋଲାଉଥିବା ରେଭେନ୍ସା କଲେଜରେ ନାମ ଲେଖାଇଥିଲି। ୧୯୪୯ରୁ ୧୯୫୬ - ଆଇ.ଏସ୍‌ସି., ବି.ଏସ୍‌ସି (କେମେଷ୍ଟ୍ରି ଅନର୍ସ) ଏବଂ ଏମ୍.ଏସ୍‌ସି (କେମେଷ୍ଟ୍ରି) ଡିଗ୍ରୀ ପାଇଁ ଏହି କଲେଜରେ ଅଧ୍ୟୟନ କରିଥିଲି। ସେ ସମୟ ଭିତରେ ମୁଁ ଏହି ମହାନ୍ ଐତିହାସିକ ଶିକ୍ଷାନୁଷ୍ଠାନରେ ଶିକ୍ଷାଲାଭ କରିବା ସହିତ ଏହାର ଐତିହାସିକ ପରମ୍ପରା ସଂପର୍କରେ ମଧ୍ୟ ଅବଗତ କରିବାକୁ ପ୍ରୟାସ କରିଥିଲି। ପରବର୍ତ୍ତୀ ସମୟରେ ମୋର ସାହିତ୍ୟିକ ଜୀବନକୁ ତାହା ବହୁମାତ୍ରାରେ ପରିପୁଷ୍ଟ କରିଥିଲା।

ମୁଁ ଆମ ସମୟରେ ରେଭେନ୍ସା କଲେଜର, ବିଶେଷତଃ ଆମ ନିଜ କେମେଷ୍ଟ୍ରି ବିଭାଗର ପ୍ରଫେସରମାନଙ୍କର ଉଜ୍ଜ୍ୱଳ ବ୍ୟକ୍ତିତ୍ୱକୁ ଅତି ନିକଟରୁ ଲକ୍ଷ୍ୟ କରିବା ସହିତ ସେମାନଙ୍କର ନିକଟତର ହେବାକୁ ଚେଷ୍ଟା କରିଥିଲି। ସେତେବେଳେ ଆମ ବିଭାଗର ମୁଖ୍ୟ ଥିଲେ ଡକ୍ଟର ବଳଭଦ୍ର ପ୍ରସାଦ, ଯିଏ ଲଣ୍ଡନର କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ପି.ଏଚ୍‌ଡ଼ି ଉପାଧି ପ୍ରାପ୍ତ ହୋଇଥିଲେ। ତାଙ୍କ ବ୍ୟତୀତ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ପି.ଏଚ୍‌ଡ଼ି କରିଥିବା ଆମ ଡିପାର୍ଟମେଣ୍ଟର ଅନ୍ୟତମ ବରିଷ୍ଠ ଅଧ୍ୟାପକ ହେଲେ ଡକ୍ଟର ଦୟାନିଧି ପଟ୍ଟନାୟକ। ସେତେବେଳେ ଆମ କେମେଷ୍ଟ୍ରି ଡିପାର୍ଟମେଣ୍ଟରେ କେତେଜଣ ସୁଯୋଗ୍ୟ ଯୁବ ଅଧ୍ୟାପକ ମଧ୍ୟ ଥିଲେ। ସେମାନଙ୍କ ଭିତରେ ମୋର ପ୍ରିୟ ଥିଲେ ଡକ୍ଟର ଗୋକୁଳାନନ୍ଦ ମହାପାତ୍ର। ସାରଙ୍କ ବ୍ୟକ୍ତିତ୍ୱକୁ ମୁଁ ଅଧିକ ପସନ୍ଦ କରିବାର ପ୍ରଧାନ କାରଣ ଥିଲା ସେ କ୍ଲାସ୍‌ରୁମ୍‌ରେ କେବେ ନିରସ କେମିଷ୍ଟ୍ରି ବିଦ୍ୟା ପଢ଼ାନ୍ତି ନାହିଁ; ପଢ଼ାନ୍ତି ରସାୟନ ଅର୍ଥାତ୍ ରସଶାସ୍ତ୍ର ବା ଉଚ୍ଚକୋଟୀର ସାହିତ୍ୟ। ବି.ଏସ୍‌ସି ଅନର୍ସ ଏବଂ ଏମ୍.ଏସସି ଶ୍ରେଣୀରେ ସେ ଆମକୁ ପଢ଼ାଉଥିଲେ ଅର୍ଗାନିକ୍ କେମେଷ୍ଟ୍ରି। ଅର୍ଗାନିକ କେମେଷ୍ଟ୍ରି ହେଉଛି କାର୍ବନ ବା ଜୀବନର ମୌଳିକତମ ଆଧାର ଅଙ୍ଗାରର ରାସାୟନିକ ତତ୍ତ୍ୱ। ସେହି ତତ୍ତ୍ୱ ପଢ଼ାଇବା ସହିତ ସେ ତାଙ୍କର ଅଗାଧ ଜ୍ଞାନ ସହିତ ସୃଜନଶୀଳ ସାହିତ୍ୟର ସଂପର୍କକୁ ଶ୍ରେଣୀଗୃହରେ ମଧ୍ୟ ଉପସ୍ଥାପନା କରନ୍ତି। ତା' ସହିତ ସେ ବିଜ୍ଞାନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଆଙ୍ଗିକ 'ସାଇନ୍ସ ଫିକସନ' ସଂପର୍କରେ ଆମକୁ ଅବଗତ କରାଉଥାନ୍ତି; ଯାହା ପରବର୍ତ୍ତୀ ସମୟରେ ଆମକୁ, ବିଶେଷକରି ମତେ ପ୍ରଭାବିତ କରିଥିଲା ଏବଂ ପରବର୍ତ୍ତୀ କାଳରେ ମୋର ସାହିତ୍ୟିକ ଜୀବନକୁ ଅଧିକ ସକ୍ରିୟ କରାଇଥିଲା।

ସେ କାଳରେ ବିଜ୍ଞାନ ଶ୍ରେଣୀରେ ସାହିତ୍ୟ ଚର୍ଚ୍ଚା ଏକ ପ୍ରକାର ନିଷିଦ୍ଧ ଥିଲା। ନିଜକୁ ଭବିଷ୍ୟତର ଜଣେ ଜଣେ ବିଶିଷ୍ଟ ବୈଜ୍ଞାନିକ ଭାବେ ଦେଖିବାକୁ ବିଚାରୁଥିବା ଛାତ୍ରମାନେ କବି ସାହିତ୍ୟିକମାନଙ୍କୁ ସାଧାରଣତଃ ନିମ୍ନ ଦୃଷ୍ଟିରେ ଦେଖୁଥିଲେ। ଛାତ୍ରଜୀବନରେ ମୁଁ ମଧ୍ୟ ସେହି ଛାଞ୍ଚରେ ନିଜକୁ ଗଢ଼ିବାକୁ ସ୍ୱପ୍ନ ଦେଖୁଥିଲି। କିନ୍ତୁ ସାର୍ ଗୋକୁଳାନନ୍ଦ ମହାପାତ୍ର ଆମ ଏମ୍.ଏସ୍‌ସି. କ୍ଲାସ ରୁମ୍‌ରେ ମଧ୍ୟ, ବିଜ୍ଞାନ ସହିତ ସାହତ୍ୟର ମୁକ୍ତ ସମ୍ମିଶ୍ରଣକୁ ଉପସ୍ଥାପନା କରିବାକୁ ଆଦୌ ସଂକୁଚିତ ହେଉନଥିଲେ। ବରଂ ସେ କହୁଥିଲେ - ବିଜ୍ଞାନ ହେଉଛି ଏକ ଚିର ସଂପ୍ରସାରଣଶୀଳ ଜ୍ଞାନର ଆଧାର। ସସୀମରୁ ଅସୀମକୁ ସଂପ୍ରସାରିତ ହେବା ବିଜ୍ଞାନର ଧର୍ମ।

ଦିନେ ସାର୍ ଆମ କ୍ଲାସ୍‌ରେ ତାଙ୍କର ସଦ୍ୟ ପ୍ରକାଶିତ ଖଣ୍ଡିଏ ନୂଆ ସାଇନ୍ସ ଫିକସନ୍ ଉପନ୍ୟାସ ଆମକୁ ଦେଖାଇଥିଲେ। ବହିଟିର ନାମ 'ପୃଥିବୀ ବାହାରେ ମଣିଷ'। ବହିଟିର ନାମ ଆମ ବିଜ୍ଞାନ ପାଇଁ

ଅତ୍ୟନ୍ତ ଆକର୍ଷଣୀୟ ଥିଲା । କାରଣ ପୃଥିବୀ ବାହାରେ ଅର୍ଥାତ୍ ମହାଶୂନ୍ୟରେ ମଣିଷର ସ୍ଥିତିକୁ ନେଇ ସେତେବେଳେ ଆମେ ଛାତ୍ରମାନେ କଳ୍ପନା ମଧ୍ୟ କରିପାରୁନଥିଲୁ । ଅବଶ୍ୟ ସେହି ସମୟ ସୁଦ୍ଧା ସୋଭିଏତ୍ କମ୍ୟୁନିଷ୍ଟ ଶାସନାଧୀନ ରୁଷିଆର ବୈଜ୍ଞାନିକମାନେ ମହାକାଶ ଗବେଷଣାରେ ବହୁତ ଆଗେଇଯାଇଥାନ୍ତି । ମୁଁ ୧୯୫୬ରେ ଏମ୍.ଏସ୍‌ସି. ପାସ୍ କରିବାର ମାତ୍ର ବର୍ଷକ ପରେ, ୧୯୫୭ରେ, ଖବରକାଗଜରେ ବାହାରିଲା– ରୁଷିଆର ମହାକାଶ ବୈଜ୍ଞାନିକମାନେ ପୁଣି ପାଦେ ଆଗକୁ ପାଦ ବଢ଼େଇ ୟୁରି ଗାଗାରିନ ନାମକ ଜଣେ ଉଡ଼ାଜାହାଜ ଚାଳକ ପାଇଲଟଙ୍କୁ ପ୍ରେରଣ କରାଇବାରେ ସାଫଲ୍ୟ ଲାଭ କରିଛନ୍ତି ।

ଏଠାରେ ମୋ ପାଇଁ ଆହୁରି ସ୍ମରଣୀୟ ହେଉଛି ଯେ, ୧୯୬୩ରେ ଓଡ଼ିଆ ଭାଷାରେ ରଚିତ ମହାକାଶ ଯାତ୍ରା ସଂବନ୍ଧିତ ମୋ ନିଜର ଏକ ଶିଶୁ କିଶୋର ବିଜ୍ଞାନ ପୁସ୍ତକ 'ଆକାଶକୁ ସାତୋଟି ପାହାଚ' ସେହି ବର୍ଷ ଭାରତ ସରକାରଙ୍କର ସର୍ବଭାରତୀୟ ଶିଶୁସାହିତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା । ତାହାର ଦୁଇବର୍ଷ ପୂର୍ବରୁ, ୧୯୬୧ରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଶିଶୁକିଶୋର ସାହିତ୍ୟ ପ୍ରତିଯୋଗିତାରେ ମୋର ଅନ୍ୟତମ ବିଜ୍ଞାନ ସାହିତ୍ୟ 'ମୋ କାଠ ଘୋଡ଼ା କଥାକହେ' ମଧ୍ୟ ପୁରସ୍କୃତ ହୋଇସାରିଥିଲା ।

ଶ୍ରେଣୀଗୃହରେ ପାଠ୍ୟ ବିଷୟ ବହିର୍ଭୂତ ଶିକ୍ଷା ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନାର୍ଜନ ପାଇଁ କିପରି ଅନୁପ୍ରେରିତ କରେ ତା'ର ପ୍ରମାଣ ମୁଁ ନିଜେ । ଧନ୍ୟ କହିବା ଆମର ପୂଜ୍ୟପାଦ ଶିକ୍ଷକ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କର ଅଗ୍ରଗାମୀ ଚିନ୍ତାଧାରାକୁ; ଯାହା ମୋ ପରି ଜଣେ ଛାତ୍ରଙ୍କୁ ଅନୁପ୍ରେରିତ କରିଥିଲା ତାଙ୍କ ପ୍ରଦର୍ଶିତ ମାର୍ଗରେ ଅଗ୍ରସର ହୋଇ ବିଜ୍ଞାନକୁ ସୃଜନଶୀଳ ସାହିତ୍ୟରେ ପରିଣତ କରାଇବା ଦିଗରେ । ସେହି ମହାନ ଶିକ୍ଷକଙ୍କ ଅମ୍ଳାନ ସ୍ମୃତି ପ୍ରତି ସକୃତଜ୍ଞ ଭୂମିଷ୍ଠ ପ୍ରଣାମ । ■■■

୭୮, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍- ୮୭୫୮୧୨୭୨୮୪




Prof. Binayak Rath, Former Vice-Chancellor, Utkal University being felicitated by GNM Foundation



# ବିଜ୍ଞାନ ସାହିତ୍ୟିକ ପ୍ରଫେସର ଗୋକୁଳାନନ୍ଦ

**ପ୍ରଫେସର ଗୋପବନ୍ଧୁ ବେହେରା**

ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟରେ ଥିବା କ୍ୟୁପରଟନୋ ସହରରେ ମୋ ବଡ଼ପୁଅ ପ୍ରଶାନ୍ତ ଓ ବୋହୂ ସଂପୂର୍ଣ୍ଣା ସହିତ କିଛି ମାସ କାଟିବା ପାଇଁ ଆସିଥାଏ । ଅନେକ କଟକଣା ମଧ୍ୟରେ ଆସିବା ସମ୍ଭବ ହେଲା । ସଂପୂର୍ଣ୍ଣା ଯୋଗୁଁ ଏଇଠି ରହଣି ସମୟରେ ବିଜ୍ଞାନୀ ଲେଖକ ଡକ୍ଟର ଚିତ୍ତରଂଜନ ମିଶ୍ରଙ୍କଠୁଁ ବାର୍ତ୍ତା ମିଳିଲା ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଶତବାର୍ଷିକୀ ପାଳନ ଅବସରରେ ପକାଶିତ ହେଉଥିବା ସ୍ମରଣିକା ପାଇଁ ଲେଖାଟିଏ ଦେବାପାଇଁ । ଅନେକ ବାଟ ଫେରିଯିବାକୁ ପଡ଼ିଲା । ମନର ବିଭିନ୍ନ ସ୍ତରରେ ଜାମା ହୋଇଥିବା ଅନୁଭୂତିଗୁଡ଼ିକୁ ଉପରକୁ ଆଣିବାକୁ ହେଲା । କିଛି ଅନୁଭୂତି ତଥାପି ସେଇଠି ରହିଗଲା ଭଳି ମନେହୁଏ । ସେଗୁଡ଼ିକୁ ଆଉ ଦରାଣ୍ଡି ହେବା ସମ୍ଭବ ନୁହେଁ ।

ଉଣେଇଶଶହ ଛପନ ମସିହା କଥା । ପାରଳାଖେମୁଣ୍ଡିର ସ୍ୱନାମଧନ୍ୟ ମହାବିଦ୍ୟାଳୟ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରୁ ଆଇ.ଏସ୍.ସି ପଢ଼ି ରେଭେନ୍‌ସା ମହାବିଦ୍ୟାଳୟରେ ବି.ଏସ୍.ସି ପଢ଼ିବାକୁ ଆସିଲି । ପୂର୍ବ ଛାତ୍ରାବାସର ଏକୋଇଶ ନମ୍ବର କୋଠରିର ଝରକା ପାଖ ସିଟ୍ ମିଳିଲା । ମୋ ସହିତ ଆଉ ଚାରିଜଣ ରହୁଥିଲୁ । ମୁଁ ରସାୟନବିଦ୍ୟା ସମ୍ମାନ ବିଷୟ ଆଉ ବି.ଏସ୍‌ସି. ପଢ଼ିଲି । ଏକା ଶ୍ରେଣୀର ସତ୍ୟବ୍ରତ ମିଶ୍ର (ବର୍ତ୍ତମାନ ସ୍ୱର୍ଗତଃ) ଏକ କୋଠରିରେ ରହୁଥିଲୁଁ । ସମୟ ଅତିବାହିତ ହେବା ସହିତ ତାଙ୍କ ସହିତ ମୋର ବନ୍ଧୁତା ନିବିଡ଼ ହୋଇ ଉଠିଲା । ସେହି ସମୟରେ ବିଜ୍ଞାନର ସମ୍ମାନ ବିଷୟଗୁଡ଼ିକ କେବଳ ରେଭେନ୍‌ସା ମହାବିଦ୍ୟାଳୟରେ ଥିଲା । ଆମ କୋଠରିର ଆଇ.ଏସ୍‌ସି. ଓ ଆଇ.ଏ. ପଢୁଥିବା ଶ୍ରୀ ଗଗନ ମହାନ୍ତି (ବ୍ୟାଙ୍କର ଉଚ୍ଚପଦବୀରୁ ଅବସର), ସୁରେଶ ମହାପାତ୍ର (ପ୍ରଫେସର ଭାବରେ ଅବସର) ଓ ସମରେନ୍ଦ୍ର ନାରାୟଣ ବୈଜୟେନ୍ଦ୍ର (ଇଂଜିନିୟର ଓ ବର୍ତ୍ତମାନ ସ୍ୱର୍ଗତଃ) ।

ଭାରତର ଏଭଳି ଏକ ମହାବିଦ୍ୟାଳୟରେ ପଢୁଥିବା ଯୋଗୁଁ ମନରେ ଗର୍ବ ଲାଗୁଥାଏ । ସମ୍ମାନ ଶ୍ରେଣୀ ରେଭେନ୍‌ସାର ଖେଳପଡ଼ିଆ ଆଡ଼କୁ ଥିବା ଗୋଟିଏ କକ୍ଷ । ସମ୍ମାନ (Honours) ପାଇଁ ଚାରୋଟି ବିଷୟ ଯଥା: ଜୈବ (Organic), ଅଜୈବ୍ୟ (Inorganic), ଭୌତିକ (Physical), ଶିଳ୍ପିକ (Industrial) ରସାୟନ ପଢ଼ାଯାଉଥିଲା ଅନେକ ପ୍ରବୀଣ ଶିକ୍ଷକଙ୍କ ଦ୍ୱାରା । ବିଭିନ୍ନ ବିଷୟରେ ଅନେକ ଗୁଣୀ ଓ ପାରଦର୍ଶୀ ଶିକ୍ଷକ ଥାଆନ୍ତି ।

ଜୈବରସାୟନର ବରିଷ୍ଠ ଶିକ୍ଷକ ଥିଲେ ମହେନ୍ଦ୍ର କୁମାର ରାଉତ । ସେ ସେତେବେଳେ ଆମେରିକା ଯାଇଥିଲେ ଉଚ୍ଚତର ଗବେଷଣା ପାଇଁ । ଜୈବବିଜ୍ଞାନ ପଢ଼ାଇବାକୁ ପ୍ରଥମ କରି ଆସିଲେ ସୁଟ, ଟାଇ ପରିହିତ ମଧ୍ୟମ ଉଚ୍ଚତା ବିଶିଷ୍ଟ ଜଣେ ମଣିଷ । ପରିଚୟ ମିଳିଲା ଯେ, ସେ ହେଉଛନ୍ତି ଗୋକୁଳାନନ୍ଦ ମହାପାତ୍ର । ମନରେ ଚାଇଁକରି କେତେକ ପ୍ରଶ୍ନ ଉଠିଲା 'ପୃଥିବୀ ବାହାରେ ମଣିଷ' ସେତେବେଳେ ପ୍ରକାଶିତ ହୋଇଥାଏ ଓ ମୁଁ ତାକୁ ପଢ଼ିଥାଏ ମଧ୍ୟ । ୧୯୫୨ ମସିହାରେ ପ୍ରଥମ ପ୍ରକାଶନ । ଏହି ଅଧ୍ୟାପକ ସେ ନୁହଁନ୍ତି ତ ? ଏହି ପ୍ରଶ୍ନର ସମାଧାନ ମିଳିଗଲା ଅଳ୍ପସମୟ ମଧ୍ୟରେ । ମନଟି ଆନନ୍ଦରେ ଭରିଗଲା । ଏ ଭଳି ଏକ ସ୍ୱପ୍ନ ଦେଖାଉଥିବା ବୈଜ୍ଞାନିକଙ୍କ ସଂପର୍କରେ ଆସୁଥିବା ଯୋଗୁଁ ।

ମଣିଷ ସଦାବେଳେ ସ୍ୱପ୍ନ ଦେଖେ । ଛୁଆ ଥିଲା ବେଳେ ଆଇମାଁଙ୍କଠୁଁ କାହାଣୀ ଶୁଣି, ସ୍କୁଲରେ ରବୀନ-ରତନ, ମୀରା ଇତ୍ୟାଦି ଉପନ୍ୟାସ ପଢ଼ି ମହାବିଦ୍ୟାଳୟରେ 'ପୃଥିବୀ ବାହାରେ ମଣିଷ' ଭଳି ଉପନ୍ୟାସ ଯଦି ଅନେକ ସ୍ୱପ୍ନ ମନକୁ ଚହଲାଇ ଦେଉଥାଏ । ମହାକାଶ କ'ଣ ? ସେଠିକି ଯାତ୍ରା କେମିତି କରିହେବ ? ପୃଥିବୀ ତା'ର ମାଧ୍ୟକର୍ଷଣ ବଳ ପ୍ରୟୋଗ କରି ଟାଣି ଆଣି କଚାଡ଼ି ଦେବ ନାହିଁ କି ? ଏଭଳି ଅନେକ ପ୍ରଶ୍ନ ଓ ସ୍ୱପ୍ନ ଏହି ପୁସ୍ତକରେ ମଙ୍ଗଳଯାତ୍ରାର ବିବରଣୀ ଓ ମଙ୍ଗଳ ଗ୍ରହରେ ବୈଜ୍ଞାନିକ ପଦ୍ଧତି ବ୍ୟବହାର କରି କୃଷିକାର୍ଯ୍ୟ ଅବତାରଣା କରି ଅନେକ ସ୍ୱପ୍ନ ଭରି ଦେଇଛନ୍ତି ଯୁବକ-ଯୁବତୀମାନଙ୍କ ମନରେ ।

ସେ ୧୯୨୨ ମସିହାରେ ଭଦ୍ରକରେ ଜନ୍ମଗ୍ରହଣ କରି କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ଆରମ୍ଭ କରିଥିଲେ । ଅଧ୍ୟାପନା ସହିତ ଡକ୍ଟର ରାଉତଙ୍କ ତତ୍ତ୍ୱାବଧାନରେ ଗବେଷଣା କରି ପି.ଏଚ୍.ଡି. ପାଇଛନ୍ତି । ସ୍ୱାଧୀନ ଭାବରେ ଗବେଷଣା କରି କୁପର ସ୍ୱର୍ଣ୍ଣ ମେଡ଼ାଲ ମଧ୍ୟ ପାଇଛନ୍ତି । ଅନେକ ଯୁବକ ତାଙ୍କ ସହିତ ଗବେଷଣା କରି ପି.ଏଚ୍.ଡି. ପାଇଛନ୍ତି ।

ସେ ଥିଲେ ଜଣେ ଶୃଙ୍ଖଳାପ୍ରିୟ ଶିକ୍ଷକ । ତାଙ୍କର ପଢ଼େଇବାର ଶୈଳୀ ମୋତେ ଜୈବ ରସାୟନ ପଢ଼ିବା ପାଇଁ ଆକୃଷ୍ଟ କରୁଥାଏ । ଶ୍ରେଣୀଗୃହରେ ସେ ରାଗିବା ମୁଁ ଦେଖିନାହିଁ । ଭୁଲ୍ ଉତ୍ତର ଦେଲେ ସେ କେବଳ କହୁଥିଲେ "ଦଣ୍ଡିକିରୀ ମାଛ ଖାଅ, ବୁଦ୍ଧି ବଢ଼ିବ ।" ଅନ୍ଧବିଶ୍ୱାସର ଦୂରରେ ରହି ଯୁକ୍ତିର ପ୍ରୟୋଜନୀୟତା ଉପରେ ସେ ଜୋର ଦେଉଥିଲେ । ଅନେକ ମହାବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟ ଯାଇ ବୈଜ୍ଞାନିକ ଚିନ୍ତାଧାରାରେ ସେ ଜନସାଧାରଣ ଓ ଯୁବକ-ଯୁବତୀଙ୍କୁ କରିଛନ୍ତି ଉଦ୍‌ବୁଦ୍ଧ ।

ଓଡ଼ିଶା ପ୍ରତି ତାଙ୍କର ବିଶେଷ ଅବଦାନ ହେଉଛି 'ବିଜ୍ଞାନ ପ୍ରଚାର ସମିତି' । ଏହି ସମିତି ମାଧ୍ୟମରେ ବିଜ୍ଞାନର ଜଟିଳ ତଥ୍ୟଗୁଡ଼ିକୁ ଓଡ଼ିଆ ଭାଷାରେ ଆଲୋଚନା କରିବା, ଲେଖା ମାଧ୍ୟମରେ ପ୍ରସାର ପ୍ରଚାର କରିବା ଏହାର ଉଦ୍ଦେଶ୍ୟ । ଏହି ସମିତିର ସେ ପ୍ରତିଷ୍ଠାତା ସଦସ୍ୟ । ତାଙ୍କ ସହିତ ଥିଲେ ପ୍ରାଣୀବିଜ୍ଞାନର ପ୍ରଫେସର ବସନ୍ତ କୁମାର ବେହୁରା, ଉଦ୍ଭିଦ ବିଜ୍ଞାନର ପ୍ରଫେସର ଗଦାଧର ମିଶ୍ର, ପଦାର୍ଥ ବିଜ୍ଞାନର ଡକ୍ଟର କୁଳମଣି ସାମଲ, ଭେଷଜ ମହାବିଦ୍ୟାଳୟର ଜୈବିକ ବିଜ୍ଞାନ (Biochemestry)ର ପ୍ରଫେସର ନିମାଇଁ ଚରଣ ପଣ୍ଡା ଓ ଆଉ କେତେଜଣ, ଯେଉଁମାନଙ୍କ ନାମ ମନେ ପଡୁନାହିଁ । ପ୍ରତି ସପ୍ତାହରେ ବୈଜ୍ଞାନିକ ତଥ୍ୟଗୁଡ଼ିକୁ ଓଡ଼ିଆରେ ଜଣେ ସଦସ୍ୟ ଉପସ୍ଥାପନ କରନ୍ତି ଓ ତା'ଉପରେ ଆଲୋଚନା ହେଲାପରେ ତାହା ପ୍ରକାଶିତ ହେଉଥିଲା । କାଳକ୍ରମେ ଅନେକ ଯୁବ ବୈଜ୍ଞାନିକ ଓଡ଼ିଆରେ ଲେଖିବା ଆରମ୍ଭ କଲେ । ତନ୍ମଧ୍ୟରୁ ଡକ୍ଟର ଦେବକାନ୍ତ ମିଶ୍ର, ଡ. ନିତ୍ୟାନନ୍ଦ ସ୍ୱାଇଁ, ରମେଶଚନ୍ଦ୍ର ପରିଡ଼ା, ସୂର୍ଯ୍ୟମଣି ନାଏକ, ପ୍ରଫେସର ବିପିନ ବିହାରି ସ୍ୱାଇଁ ମୋର ହଠାତ୍ ମନକୁ ଆସୁଛନ୍ତି । ମନର ଗଭୀରତାକୁ ଖୋଜିଲେ ଅନେକ ଯୁବ ବୈଜ୍ଞାନିକଙ୍କ ନାମ ଆସିବ । ଏହି ଧାରା ପ୍ରବାହିତ ହୋଇ ଓଡ଼ିଆରେ ପ୍ରତିଷ୍ଠିତ ହେଲା ବିଜ୍ଞାନ ଏକାଡ଼େମୀ ଓ ପ୍ରକାଶିତ ହୋଇ ଚାଲିଛି ମାସିକ ପତ୍ରିକା 'ବିଜ୍ଞାନ ଦିଗନ୍ତ' । ଏହି ପତ୍ରିକା ମାଧ୍ୟମରେ ସ୍କୁଲ, କଲେଜର ଛାତ୍ର-ଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ବିଜ୍ଞାନଧର୍ମୀ ଲେଖା ପ୍ରକାଶ କରି ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରୁଛନ୍ତି ।

ଏହି ଆନ୍ଦୋଳନରେ ଉଦ୍‌ବୁଦ୍ଧ ହୋଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜ୍ୟୋତିବିହାର ପରିସରରେ ଲେଖକ, ଜୀବବିଜ୍ଞାନର ପ୍ରଫେସର ମାଧବଚନ୍ଦ୍ର ଦାଶ, ଡ. ପ୍ରମୋଦଚନ୍ଦ୍ର ମିଶ୍ର, ବିଜୟକୁମାର ସିଂହ୍ନା, ଡ. କାମପାଳ ମିଶ୍ର ଓ ସର୍ବୋପରି ଆର୍ତ୍ତତ୍ରାଣ ମିଶ୍ର ଓ ଅନ୍ୟ କେତେଜଣ ମିଶି ଏହି ସମିତିର ଏକ ଶାଖା ପ୍ରତିଷ୍ଠା କରିଥିଲୁଁ । ଆର୍ତ୍ତତ୍ରାଣ ମିଶ୍ର ଜଣେ ପରିବେଶ ବିଜ୍ଞାନୀ, ସମାଜସେବୀ ଓ ଓଡ଼ିଶା ଭାଷାପ୍ରେମୀ, ପ୍ରତିବର୍ଷ ଗୋଟିଏ ବହି ମଧ୍ୟ ପ୍ରକାଶିତ ହେଉଥିଲା । ଏହି ଆନ୍ଦୋଳନର ପ୍ରଭାବରେ ଲେଖକ ମଧ୍ୟ ଓଡ଼ିଆ ଭାଷାରେ ବିଜ୍ଞାନ ଓ ମୂଲ୍ୟବୋଧ ଶୀର୍ଷକ ଏକ ପୁସ୍ତକ ପ୍ରକାଶ କରିପାରିଥିଲେ । ବହୁତ ଆଦୃତ ହୋଇଥିଲା ଏହି ପୁସ୍ତକ । ଏହା ସମ୍ଭବ ହୋଇଥିଲା ଦୂରଦ୍ରଷ୍ଟା ଗୋକୁଳାନନ୍ଦ ମହାପାତ୍ରଙ୍କ ଯୋଗୁଁ ।

ବ୍ୟକ୍ତିଗତ ଭାବରେ ସେ ଜଣେ ସ୍ନେହୀ ମଣିଷ ଥିଲେ । ତୃତୀୟ ବର୍ଷ ପଢ଼ିବା ସମୟରେ ଆମେ ମୁମ୍ବାଇ, ପୁନା ଇତ୍ୟାଦି ସ୍ଥାନକୁ ତାଙ୍କର ନେତୃତ୍ୱରେ ଯାଇଥିଲୁଁ । ସେହି ସମୟରେ – ପ୍ରାୟ ପନ୍ଦରଦିନ ଆସି ତାଙ୍କ ଭିତରେ ଥିବା କୋମଳତା ଅନୁଭବ କରି ପାରିଥିଲା ଲେଖକ । ଟି.ଆଇ.ଅଫ୍.ଆର୍.ରେ ପ୍ରଥମ କରି କଂପ୍ୟୁଟର ଦେଖିଲୁଁ କାଚ ମାଧ୍ୟମରେ । ବିରାଟ କୋଠରିରେ ଏକ ବିରାଟ ଯନ୍ତ୍ର । କେତେଯେ ଟେପ୍, କେତେପ୍ରକାର ଚକ ଦେଖି ସ୍ତମ୍ଭିଭୂତ ହେଲୁଁ । ସେଠି ମଧ୍ୟାହ୍ନଭୋଜନ ମଧ୍ୟ କରିଥିଲୁ ।

ମଣିଷ ନିଜ କର୍ମବଳରେ ଅନେକ ପଦଚିହ୍ନ ଛାଡ଼ିଯାଏ । ସମୁଦ୍ର ବାଲିରେ ଚାଲିଲା ବେଳେ ଯେପରି ଅନେକ ପଦଚିହ୍ନ ଢେଉ ଦ୍ୱାରା ଲିଭିଯାଏ, ସେହିପରି ସମୟର ଢେଉରେ ଅନେକ ପଦଚିହ୍ନ ଲିଭିଯାଇଛି ଓ ଯାଉଥିବ ମଧ୍ୟ । କେତେକ ପଦଚିହ୍ନ ପଥରର ଗାର ଭଳି ଲିଭେ ନାହିଁ ତ ବହୁ ଦିନ ଧରି ଜନମାନସରେ ରହେ ଓ ସମାଜକୁ ପ୍ରଭାବିତ କରେ । ସାରଙ୍କ ପଦଚିହ୍ନ ଠିକ୍ ସେହିପରି । ବିଜ୍ଞାନଧର୍ମୀ ଲେଖାଟିଏ ଯିଏ ମଧ୍ୟ ଓଡ଼ିଆରେ ଲେଖିବ, ସେ ନିଶ୍ଚୟ ସାର୍‌ଙ୍କୁ ପ୍ରଣାମ କରିବ ପ୍ରଥମେ, ଏଥିରେ ସନ୍ଦେହ ନାହିଁ ।

ରେଭେନ୍‌ସା ମହାବିଦ୍ୟାଳୟର ରସାୟନ ବିଭାଗର ପ୍ରଫେସର ମହେନ୍ଦ୍ର କୁମାର ରାଉତ ଓ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଓଡ଼ିଶାବାସୀଙ୍କ ନମସ୍ୟ । ଜଣେ ଗବେଷଣାର ବାତାବରଣ ମାଧ୍ୟମରେ ଓଡ଼ିଶାକୁ ଭାରତର ପ୍ରତିଷ୍ଠିତ କଲେ ଓ ଅନ୍ୟଜଣେ ବୈଜ୍ଞାନିକ ତଥ୍ୟଗୁଡ଼ିକ ମାଧ୍ୟମରେ ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କଲେ । ତେଣୁ ସେ ସାହିତ୍ୟ ଏକାଡ଼େମୀ ଦ୍ୱାର ପୁରସ୍କୃତ ହୋଇଛନ୍ତି । ପ୍ରାୟ ୯୫ ଖଣ୍ଡ ପୁସ୍ତକ ରଚନା କରି ସାର୍ ଇହଧାମ ତ୍ୟାଗ କଲେ ୨୦୧୩ ମସିହାରେ । ତାଙ୍କର ସୁପୁତ୍ରୀ 'ପୃଥିବୀ ବାହାରେ ମଣିଷ'ର ଇଂରାଜୀ ଅନୁବାଦ କରି ସମସ୍ତଙ୍କର ଧନ୍ୟବାଦର ପାତ୍ରୀ ହୋଇଛନ୍ତି ।

ସାରଙ୍କ ଅମର ଆତ୍ମା ପରମେଶ୍ୱରଙ୍କ କରୁଣା ଲାଭ କରିଥିବ ନିଶ୍ଚୟ । ଶତବାର୍ଷିକୀ ଉତ୍ସବ ପାଳନ ଅବସ୍ଥାରେ ସୁଦୂର ଯୁକ୍ତରାଷ୍ଟ୍ର ଆମେରିକାରେ ଥାଇ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

**ହରି ଓଁ ତତ୍ ସତ୍** ■■■

କାଲିଫର୍ଣ୍ଣିଆ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍- ୯୪୩୭୨୨୪୫୭୦



# ଜ୍ଞାନ ବିଜ୍ଞାନ ଓ ସ୍ୱାଧ୍ୟାୟର ମଣିଷ: ଗୋକୁଳାନନ୍ଦ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**

ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ର କେବଳ ଜଣେ କବି ପ୍ରଫେସର, ବୈଜ୍ଞାନିକ ବା ବୃତ୍ତିଭୋଗୀ ମଣିଷ ନ ଥିଲେ; ଯଥାର୍ଥରେ ଜଣେ ଜ୍ଞାନ, ବିଜ୍ଞାନ ଓ ସ୍ୱାଧ୍ୟାୟର ମନସ୍ୱୀ ଋଷିପ୍ରତିମ ମଣିଷ, ଯିଏ ନିରନ୍ତର ଚିନ୍ତା କରୁଥିଲେ ମଣିଷ ଭିତରେ ଥିବା ତା'ର ଚିତ୍ ଶକ୍ତିର ଜାଗରଣ, ମଣିଷପଣିଆର ଉତ୍ତରଣ ଓ ଜିଜ୍ଞାସାର ଶାଣିତ ପରିପ୍ରକାଶ, ମଣିଷପଣିଆର ଉତ୍ତରଣ ଓ ଜିଜ୍ଞାସାର ଶାଣିତ ପରିପ୍ରକାଶ। ମଣିଷର ଜୀବନରେ ସଂକଟ ଅଛି। ସଂକଟ ସତ୍ୟ। ଯାହାଙ୍କର ସଂକଟବୋଧ ଘନୀଭୂତ ହୋଇଥାଏ, ତାଙ୍କର ଆସେ ଜିଜ୍ଞାସା ଓ ଜିଜ୍ଞାସା ଘନୀଭୂତ ହୋଇଗଲେ ଆସେ ସତ୍ୟର ପରିଚୟ। ସେହି ସତ୍ୟକୁ ଉପଲବ୍ଧି କଲେ ଭିତରୁ ସକଳ କ୍ଷୁଦ୍ରତା, ତୁଚ୍ଛତା, ଅହଂକାର ଲୋପ ପାଇଥାଏ ଓ ହୃଦୟ ପ୍ରସାରିତ ହୋଇଯାଏ ଅଣୁରୁ ଅନ୍ତରୀକ୍ଷ ଯାଏ। ଏହିପରି ଜଣେ ମଣିଷ ପରି ମଣିଷ ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ର। ସେ ବିଜ୍ଞାନୀ - ରସାୟନ ବିଦ୍ୟାର ସମର୍ଥ ଗବେଷକ। ସ୍ୱଧର୍ମର ସେ ମୁଗ୍ଧ ଉପାସନା । ସେ ବିଭିନ୍ନ ଦେଶକୁ ଯାଇଛନ୍ତି। ଗବେଷଣା କରିଛନ୍ତି। ବିଜ୍ଞାନର ମୂଳ ତତ୍ତ୍ୱ ଅନୁସଂଧାନ କରିଛନ୍ତି। କେଉଁଠି ନିଜର ସ୍ୱଧର୍ମକୁ ଭୁଲି ନାହାନ୍ତି। ସ୍ୱାଧ୍ୟାୟ ଜ୍ଞାନ ଯଜ୍ଞ। ନିଜ ଜୀବନର ବ୍ରତ। ସେ ଜାଣନ୍ତି ଜ୍ଞାନାଗ୍ନି ପ୍ରଜ୍ୱଳିତ ହେଲେ ସକଳ ଅକର୍ମକୁ ଭସ୍ମୀଭୂତ କରିଦିଏ। ଶ୍ରଦ୍ଧାଶୀଳ ବ୍ୟକ୍ତି ହିଁ ଜ୍ଞାନବନ୍ତ ହୁଏ। ତେଣୁ ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି।

ଶ୍ରଦ୍ଧାବାନ ଲଭତେ ଜ୍ଞାନମଂ ତତ୍ପରଃ ସଂଯତେନ୍ଦ୍ରିୟଃ
ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତି ମଚିରେଣାଧିଗଚ୍ଛତି। -୪-

ଗୋକୁଳାନନ୍ଦ ଶ୍ରଦ୍ଧାବାନ୍। ନିରଂହକାର ଓ ନିରଭିମାନ ମଣିଷ। ତାଙ୍କର ଜିଜ୍ଞାଷା ପ୍ରବଳ। ସେହି ଜିଜ୍ଞାସାର ଉତ୍ତର ପାଇବା ପାଇଁ ସେ ସାରା ପୃଥିବୀ ଘୂରିଛନ୍ତି। ପରୀକ୍ଷାଗାର ଭିତରୁ ବାହାର ଜଗତ ସଂପର୍କରେ ଆସିଛନ୍ତି। ତାଙ୍କ ପାଖରେ ଜ୍ଞାନ ଓ ବିଜ୍ଞାନ ଏକ ଭାବ ବିନ୍ଦୁରେ ମିଳିଯାଇଛି। ଗୀତାରେ ଉଲ୍ଲେଖ ଅଛି - 'ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକ ଭକ୍ତି ବିଶେଷ୍ୟତେ।' ଗୋକୁଳାନନ୍ଦ ଜ୍ଞାନ ଆହରଣ ପାଇଁ ନିଜକୁ ନିତ୍ୟମୁକ୍ତ କରି ରଖିଥିଲେ। ଜ୍ଞାନରୁ ବିଜ୍ଞାନ ଦେଇ ନିଜ ଭିତରେ ସେ ଆଧ୍ୟାତ୍ମ ବିଦ୍ୟାର ମାହାତ୍ମ୍ୟକୁ ଉପଲବ୍ଧି କରିଥିଲେ। ତେଣୁ ଜ୍ଞାନ, ବିଜ୍ଞାନ ଓ ଆଧ୍ୟାତ୍ମ - ଏହି ତ୍ରୟୀର ସମାହାର ହିଁ "ତାଙ୍କର ବ୍ୟକ୍ତିତ୍ୱ। ତେଣୁ ସେ ଥିଲେ ପ୍ରକୃତରେ ଯୋଗନିଷ୍ଠ ବିଜ୍ଞାନୀ। ନିଜର ଅନ୍ତର୍ନିହିତ ଅଶରୀରୀ ସତ୍ତା ସଂପର୍କରେ ସଚେତନ ଥିଲେ। ଶୁଦ୍ଧଚିତ୍ତ ଏହି ମଣିଷଟି ଜ୍ଞାନଯୋଗକୁ ଶ୍ରେୟ ଦେଉଥିଲେ। ସେ ମୁକ୍ତସଂଗ ଅନହଂବାଦୀ ଓ ଉତ୍ସାହୀ କାର୍ଯ୍ୟ କରିଯାଆନ୍ତି। ତାହା କିନ୍ତୁ ଯଥେଚ୍ଛାଚାର କର୍ମ ନୁହେଁ। କାର୍ଯ୍ୟ କରୁ କରୁ ହୁଏତ ସେଥିରେ ସିଦ୍ଧି ଆସିପାରେ, ଅସିଦ୍ଧି ଆସିପାରେ; ମାତ୍ର ସେ ଅବିଚଳିତ ଭାବରେ କାର୍ଯ୍ୟ କରିଯାଆନ୍ତି। ତେଣୁ ପ୍ରକୃତରେ ସେ ଥିଲେ ଜଣେ ସାତ୍ତ୍ୱିକ କର୍ତ୍ତା। ସେ ଶ୍ରଦ୍ଧାବାନ, ଅନସୂୟ, ମାନବ କଲ୍ୟାଣକାରୀ ବିଜ୍ଞାନୀ।

ଏହି ତପଃ ସ୍ନିଗ୍ଧ ବିଜ୍ଞାନୀ ଗୋକୁଳାନନ୍ଦଙ୍କର ଜନ୍ମ ହୁଏ ୧୯୨୨ ମସିହା ନଭେମ୍ବର ମାସ ୧୩ ତାରିଖ ଦିନ ଭଦ୍ରକ ଜିଲ୍ଲାସ୍ଥ କୁଆଁସ ଗ୍ରାମରେ। ପିତା: ବିଜୟଗୋବିନ୍ଦ ମହାପାତ୍ର, ମାତା: ଫୁଲ ଦେବୀ। ପିଲାଦିନରୁ ସେ ଥିଲେ ପିତାମାତାଙ୍କ ପ୍ରତି ନିତାନ୍ତ ଭକ୍ତିଶୀଳ। ମା'ଙ୍କ କୋଳରେ ସେ ବାଲ୍ୟଜୀବନ କଟାଇଛନ୍ତି। ମା' ମୁହଁରୁ ଶୁଣିଛନ୍ତି କେତେ ଗପ। ତେଣୁ ମା'ଙ୍କ ମୃତ୍ୟୁ ପରେ ସେ ମା'ଙ୍କ ନାମରେ ବିଜ୍ଞାନ ପ୍ରଚାର ସମିତି ଅନୁଷ୍ଠାନ ମାଧ୍ୟମରେ ପ୍ରତିବର୍ଷ ପ୍ରଦାନ କରିଛନ୍ତି ଫୁଲଦେବୀ ପୁରସ୍କାର। ଏହା ଥିଲା ମାତୃଭକ୍ତ ଗୋକୁଳାନନ୍ଦଙ୍କର ଋଣମୁକ୍ତିର ନିଦର୍ଶନ। ଗୋକୁଳାନନ୍ଦ ଭଦ୍ରକରୁ ମାଟ୍ରିକ ପର୍ଯ୍ୟନ୍ତ ଶିକ୍ଷା ଶେଷ କରି ରେଭେନ୍ସା କଲେଜରେ ବିଜ୍ଞାନ ବିଷୟରେ ଅଧ୍ୟୟନ କରିଛନ୍ତି। ରେଭେନସାରୁ ସେ ପୁଣି କଲିକତା ବିଶ୍ୱବିଦ୍ୟାଳୟରେ ରସାୟନ ବିଦ୍ୟାରେ ସ୍ନାତକୋତ୍ତର ଉପାଧି ଲାଭ କରିଛନ୍ତି। ସେହି ସମୟରେ ସେ ବଂଗଳା ଭାଷା ଶିଖି ଅଧ୍ୟୟନ କରିଛନ୍ତି। ବଂଗଳା ଭାଷାରେ ପ୍ରକାଶିତ ବିଭିନ୍ନ ବିଜ୍ଞାନ ସଂପର୍କିତ ଲେଖା ତାଙ୍କ ଭିତରେ ବିଜ୍ଞାନ ବିଷୟରେ ଓଡ଼ିଆ ଭାଷାରେ ଲେଖିବା ପାଇଁ ଆଗ୍ରହ ସୃଷ୍ଟି ହୋଇଛି ଓ 'ପରମାଣୁ ବୋମା' ଶୀର୍ଷକ ଲେଖାଟିଏ ଲେଖି ୧୯୪୫ ମସିହାରେ ଡକ୍ଟର ମାୟାଧର ମାନସିଂହଙ୍କ ପାଖକୁ ପଠାନ୍ତି ତାଙ୍କ ସଂପାଦିତ 'ଶଙ୍ଖ' ପତ୍ରିକାରେ ପ୍ରକାଶ ପାଇଁ। ଏହି ଲେଖା ସେହି ପତ୍ରିକାରେ ପ୍ରକାଶ ପାଇଲା ଓ ଓଡ଼ିଆ ଭାଷାରେ ଏହାହିଁ ହେଲା ପ୍ରଥମ ଜନପ୍ରିୟ ବିଜ୍ଞାନ ରଚନା। ସେ ଉତ୍ସାହ ପାଇଛନ୍ତି ସେକାଳରେ 'ସହକାର' ପତ୍ରିକାର ସଂପାଦକ ବାଳକୃଷ୍ଣ କର ଓ ଡକ୍ଟର ମାୟାଧର ମାନସିଂଙ୍କଠାରୁ।

କଲିକତାରେ ଥିବା ସମୟରେ ସେ କଲିକତା ଆକାଶବାଣୀ କେନ୍ଦ୍ରରୁ ଓଡ଼ିଆ କାର୍ଯ୍ୟକ୍ରମରେ ଭାଗନେଇ ଲୋକପ୍ରିୟ ବିଜ୍ଞାନ ସଂପର୍କରେ ନାନା ଲେଖା ପରିବେଷଣ କରିଛନ୍ତି ।

କଲିକତାରୁ ରସାୟନ ବିଦ୍ୟାରେ କୃତିତ୍ୱ ସହିତ ଉତ୍ତୀର୍ଣ୍ଣ ହୋଇ ରେଭେନ୍ସା କଲେଜରେ ଡେମନଷ୍ଟ୍ରେଟର ଭାବରେ କାର୍ଯ୍ୟ ଆରମ୍ଭ କରି ପରେ ଅଧ୍ୟାପକ ହୋଇଛନ୍ତି । ରେଭେନ୍ସା କଲେଜକୁ, ଛାତ୍ରଛାତ୍ରୀମାନଙ୍କୁ ଓ ସହକର୍ମୀମାନଙ୍କୁ ଭଲପାଇଛନ୍ତି, ପରୀକ୍ଷାଗାରରେ ଗବେଷଣା କରିଛନ୍ତି ଓ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ୧୯୪୯ ମସିହାରେ ଗଠନ କରିଛନ୍ତି ବିଜ୍ଞାନ ପ୍ରଚାର ସମିତି । ଏହି ସମିତିରେ ସମଗ୍ର ଓଡ଼ିଶାରେ ବିଜ୍ଞାନ ଅଧ୍ୟାପକ / ଅଧ୍ୟାପିକା / ଗବେଷକ / ଗବେଷିକାମାନଙ୍କୁ ସାମିଲ କରି ଦେଇଛନ୍ତି । ପ୍ରଥମେ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ଉପରେ ଗୁରୁତ୍ୱ ଥିଲେ ହିଁ ପରେ ଉଦ୍ଭିଦ ବିଜ୍ଞାନ, ପ୍ରାଣୀବିଜ୍ଞାନ, ଡାକ୍ତରୀ ବିଜ୍ଞାନ, ଇଂଜିନିୟରିଂ ବିଦ୍ୟା, କମ୍ପ୍ୟୁଟର ବିଦ୍ୟା, ମନୋବିଜ୍ଞାନ, ସମାଜ ବିଜ୍ଞାନ ଆଦି ସମସ୍ତ ବିଭାଗର ଗୁଣୀଜ୍ଞାନୀ ବ୍ୟକ୍ତିମାନଙ୍କୁ ମିଶାଇ ଏକ ବୃହତ୍ତର ବିଜ୍ଞାନ ସମାଜ ଗଢ଼ି ଦେଇଛନ୍ତି । ଏହି ସମିତିର ବାର୍ଷିକୋତ୍ସବକୁ ସେତେବେଳେ ମୁଁ କେତେ ଥର ଯାଇଛି ଓ ଦେଖିଛି ଗୋକୁଳାନନ୍ଦବାବୁଙ୍କ ନିଷ୍ଠା ଓ ସାଧାନାକୁ । ୧୯୪୯ ମସିହାରୁ ସେ ବିଜ୍ଞାନ ବିଷୟକୁ ନେଇ ରଚନା ଆରମ୍ଭ କଲେ ନାନା ପୁସ୍ତକ । ସେହି ମସିହାରେ ତାଙ୍କର ପ୍ରକାଶ ପାଇଲା 'ବିଜ୍ଞାନ ବିସ୍ମୟ' ପୁସ୍ତକ । ଏଥିରେ ସର୍ବମୋଟ ୪୮ଟି ପ୍ରବନ୍ଧ ସଂକଳିତ । ଦୂରବୀକ୍ଷଣ, ମହାଜାଗତିକ ରଶ୍ମି, ପେନ୍‌ସିଲନ୍, କୃତ୍ରିମ ହୀରା, ଡି.ଡି.ଟି ଆଦି ବିଷୟରେ ସାଧାରଣ ଲୋକେ ପଢ଼ି ବୁଝିପାରିବା ଭଳି ଭାଷାରେ ରଚିତ ହୋଇଛି । ଏହାହିଁ ତାଙ୍କୁ ଜଣେ ଲୋକପ୍ରିୟ ବିଜ୍ଞାନ ଲେଖକର ମର୍ଯ୍ୟାଦା ଦେଇଥିଲା । ପରେ ପରେ ସେ ରଚନା କଲେ 'କୃତ୍ରିମ ଉପଗ୍ରହ', 'ବିଜ୍ଞାନ କୃତିତ୍ୱ', 'ପରମାଣୁ ବୋମାର ଆବିଷ୍କାର', 'ସୁନାର ଓଡ଼ିଶା', 'ନିଶ୍ଚଳ ପୃଥିବୀ', 'ଚନ୍ଦ୍ରର ମୃତ୍ୟୁ', 'ମଧ୍ୟାହ୍ନର ଅନ୍ଧକାର', 'ନିସ୍ତବ୍ଧ ଗୋଧୂଳି', 'ଉଡନ୍ତା ଥାଳିଆ', 'ସମୟର ଫାଟ', 'ମୃତ୍ୟୁ ଏକ ମାତୃତ୍ୱର' ଆଦି ନାନା ପୁସ୍ତକ । ସେ ହିଁ ହେଲେ ଓଡ଼ିଆ ସାହିତ୍ୟର ପ୍ରଥମ ବୈଜ୍ଞାନିକ ଉପନ୍ୟାସର ସ୍ରଷ୍ଟା । 'ପୃଥିବୀ ବାହାରେ ମଣିଷ' ହିଁ ତାଙ୍କର ତଥା ଓଡ଼ିଆ ଭାଷଶର ପ୍ରଥମ ବୈଜ୍ଞାନିକ ଉପନ୍ୟାସ । ଏହା ବ୍ୟତୀତ 'ଉଡ଼ନ୍ତା ଥାଳିଆ', 'କୃତ୍ରିମ ଉପଗ୍ରହ', 'ଚନ୍ଦ୍ରର ମୃତ୍ୟୁ' ଆଦି ଉପନ୍ୟାସ ରଚନା କରି ଓଡ଼ିଆ ପାଠକମାନଙ୍କ ପାଖରେ ବିସ୍ମୟ ସୃଷ୍ଟି କରିଥିଲେ । ଶୂନ୍ୟ ମଣ୍ଡଳରେ କୃତ୍ରିମ ଯାନରେ ଯାତ୍ରା, ଚନ୍ଦ୍ର, ମଙ୍ଗଳ ଗ୍ରହ ଇତ୍ୟାଦି ସଂପର୍କରେ କଳ୍ପନାକାନ୍ତ ବର୍ଣ୍ଣନା, ଯାହା ପରେ ବାସ୍ତବ ସତ୍ୟର ପରିଣତ ହୋଇଛି, ପୃଥିବୀ ବାହାରେ ଥିବା ଗ୍ରହ ଉପରକୁ ଯାଇଥିବା ଯୁବକ ଯୁବତୀଙ୍କ ଦୁଃସାହସିକ ଅନୁଭୂତି, ମଙ୍ଗଳ ଗ୍ରହରୁ ଆସିଥିବା ଉଡ଼ନ୍ତା ଥାଳିଆର ରୋମାଞ୍ଚକର ବର୍ଣ୍ଣନା ଇତ୍ୟାଦି ପାଠକମାନଙ୍କୁ କେବଳ ଉତ୍କଣ୍ଠିତ ଓ ବିସ୍ମିତ କରେନାହିଁ, ଯାହା ସେ ସେକାଳରେ ଲେଖିଥିଲେ, ପରେ ଗ୍ରହ ଓ ମଙ୍ଗଳ ଗ୍ରହକୁ କୃତ୍ରିମ ଯାନ ପଠାଇ ଓ ଚନ୍ଦ୍ରଗ୍ରହକୁ ମଣିଷ ଯାଇ ଯାହା ବିବରଣୀ ଦେଇଛନ୍ତି; ତାହାର ନିଚ୍ଛକ ଚିତ୍ର ଗୋକୁଳାନନ୍ଦଙ୍କ ଉପନ୍ୟାସରୁ ସୂଚିତ ହୋଇଥାଏ । ଏ ଧରଣର ଉପନ୍ୟାସରେ ତାଙ୍କର ବିଜ୍ଞାନମନସ୍କ ଅନୁସନ୍ଧିତ୍ସା ଓ ଜିଜ୍ଞାସାର ପରିଚୟ ମିଳେ ।

ଗୋକୁଳାନନ୍ଦ ମଧ୍ୟ ସି.ଭି. ରମଣଙ୍କ ପୁସ୍ତକର ଅନୁବାଦ କରିଛନ୍ତି ଓଡ଼ିଆ ଭାଷାରେ । ସେ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ରଚନା କରିଛନ୍ତି ପ୍ରାୟ ୨୦ ଖଣ୍ଡ ପୁସ୍ତକ । ସାଧାରଣ ଲୋକଙ୍କ ଜାଣିବାପାଇଁ ପ୍ରାୟ ୮୦ ଖଣ୍ଡ ସୁଖପାଠ୍ୟ ବିଜ୍ଞାନ ପୁସ୍ତକ ଲେଖିଛନ୍ତି । 'ନୀଳଚକ୍ରକାଳ ସେପାରେ' ଓ 'ପାଶ୍ଚାତ୍ୟ ସ୍ମୃତି' ଶୀର୍ଷକ ତାଙ୍କର ଦୁଇଟି ଭ୍ରମଣ କାହାଣୀ । ପିଲାମାନଙ୍କ ପାଇଁ ସେ ଲେଖିଛନ୍ତି 'କିଏ ବେଶୀ ଭାରି', 'ଛବି କେମିତି କଥା କହେ' ଓ 'ଚିନି କିପରି' ହୁଏ ଆଦି ସରଳ ବିଜ୍ଞାନ କାହାଣୀ । ବିଜ୍ଞାନ ପ୍ରଚାର ସମିତିର ମୁଖପତ୍ର 'ବିଜ୍ଞାନଲୋକ' ପତ୍ରିକା (୧୯୭୬)ର ସେ ଥିଲେ ସଂପାଦକ । ସେ ମଧ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥାର ଥିଲେ ପ୍ରଥମ ନିର୍ଦ୍ଦେଶକ । 'ବୈଜ୍ଞାନିକ ଜ୍ଞାନକୋଷ' ତାଙ୍କର ଏକ ବିଶିଷ୍ଟ କୃତି । ଏହାହିଁ ବିଜ୍ଞାନ ସଂପର୍କିତ ଏକ ପ୍ରାମାଣିକ ଅଭିଧାନ । ସେ ୧୯୮୬ ମସିହାରେ ବୈଜ୍ଞାନିକ ରଚନା ପାଇଁ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ଓ ୨୦୧୦ ମସିହାରେ କଳିଙ୍ଗ ପୁରସ୍କାର ପାଇଥିଲେ । ସେ ବଂଚିଥିଲା ପର୍ଯ୍ୟନ୍ତ 'ବିଜ୍ଞାନ ପ୍ରଚର ସମିତି'ର ସଭାପତି ଓ 'ବିଜ୍ଞାନାଲୋକ' ପତ୍ରିକାର ସଂପାଦକ ଥିଲେ । ଏହି ମହାନ ବୈଜ୍ଞାନିକ ଓ ବିଜ୍ଞାନ ଲେଖକଙ୍କର ଦେହାନ୍ତ ହେଲା ୨୦୧୩ ମସିହା ଜୁଲାଇ ୧୦ ତାରିଖରେ ।

ଗୋକୁଳାନନ୍ଦବାବୁ ଦୀର୍ଘ ୮୯ ବର୍ଷ ଅତିକ୍ରମ କରି ମର୍ତ୍ତ୍ୟଲୀଳା ଶେଷ କରିଦେଲେ ମଧ୍ୟ ତାଙ୍କର ଅସ୍ମିତା ମଧୁର ବ୍ୟକ୍ତିତ୍ୱ ଏବେ ମଧ୍ୟ ଭାସ୍ୱର । ଏହି ମହାନ୍ ବ୍ୟକ୍ତିଙ୍କ ସହିତ ବ୍ୟକ୍ତିଗତ ଭାବରେ ମୋର ସଂପର୍କ ଥିଲା ନିବିଡ଼ । ଦୋଳମୁଣ୍ଡାଇସ୍ଥିତ ତାଙ୍କ ବାସଭବନକୁ ମୁଁ ଯାଇଛି କେତେଥର । ଅନୁଭବ କରିଛି ତାଙ୍କର ଉଦାର ମାନବିକ ବ୍ୟକ୍ତିତ୍ୱକୁ । ତାଙ୍କ ସଂପର୍କରେ ମୁଁ ଶୁଣିଛି ଅନେକ କଥା ଡକ୍ଟର ବୈଷ୍ଣବ ସିଂହ, ଡକ୍ଟର ବସନ୍ତ ପରିଡ଼ା (ମୋର ସଂପର୍କୀୟ ଭାଇ), ଡକ୍ଟର ସୁବାସିନୀ ଲେଙ୍କା ପ୍ରମୁଖଙ୍କଠାରୁ, ସେ ଯେଉଁ ଲୋକପ୍ରିୟ ବିଜ୍ଞାନ ପୁସ୍ତକ ଓ ଉପନ୍ୟାସ ରଚନା କରି ଓଡ଼ିଆ ସାହିତ୍ୟରେ ନୂତନ ଭିତ୍ତିସ୍ଥାପନ କରିଦେଇଗଲେ ତାହାରି ଉପରେ ବହୁ ବିଦ୍ୱାନ ବ୍ୟକ୍ତି ରଚନା କରିଛନ୍ତି ଲୋକପ୍ରିୟ ବିଜ୍ଞାନ ପୁସ୍ତକ । ସେ କିନ୍ତୁ ଯେଉଁ କେତେଖଣ୍ଡ ବୈଜ୍ଞାନିକ ଉପନ୍ୟାସ ରଚନା କରିଦେଇଗଲେ, ସେ ଦିଗରେ ହୁଏତ ଅଳ୍ପ କେତେଜଣ ଉଦ୍ୟମ କରିଛନ୍ତି; ମାତ୍ର ତାଙ୍କୁ ସ୍ପର୍ଶ କରିପାରିନାହାନ୍ତି । ଗୋକୁଳାନନ୍ଦବାବୁ ବିଭିନ୍ନ ପ୍ରବନ୍ଧରେ ବିଜ୍ଞାନର ଉପକାରିତା କଥା କହିଛନ୍ତି; କହିଛନ୍ତି ମଧ୍ୟ ବିଜ୍ଞାନ-ଗବେଷଣା ନାମରେ ବିଶ୍ୱଧ୍ୱଂସ ଓ ମାନବ-ସଂହାର ପ୍ରକୃତ ବିଜ୍ଞାନର ବିରୋଧୀ । ଯେଉଁମାନେ ଏପରି ବିଜ୍ଞାନୀ, ସେମାନଙ୍କୁ ସେ ଭୃତ୍ୟ-ବିକାଶ କହିଛନ୍ତି । ତାଙ୍କ ଦୃଷ୍ଟିରେ ଜ୍ଞାନ-ବିଜ୍ଞାନ ଓ ଆଧ୍ୟାତ୍ମ ତିନୋଟିର ସମନ୍ୱୟ ହେଲେ ବିଜ୍ଞାନ ହେବ ଯଥାର୍ଥ ଆଶୀର୍ବାଦ । ଗୋକୁଳାନନ୍ଦବାବୁ ଜଣେ ମହାନ୍ ଜ୍ଞାନୀ, ବିଜ୍ଞାନୀ ଓ ସାରସ୍ୱତ ସାଧକ ଭାବରେ ଓଡ଼ିଆ ସାହିତ୍ୟରେ ଚିର ଭାସ୍ୱର ହୋଇ ରହିବେ – ଏହା ମୋର ଦୃଢ଼ ବିଶ୍ୱାସ । ■■■

ଫୋନ୍- ୯୯୩୮୩୯୨୬୮୭

# ଅଭୁଲା ସ୍ମୃତିରେ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର



**ପ୍ରଫେସର ସୂର୍ଯ୍ୟମଣି ବେହେରା**

ଅତୀତ, ମାତ୍ର ସ୍ମରଣୀୟ । ସମୟ ଯେତେବେଳେ ଆଗେ ଚାଲିଛି, ମନରେ କିନ୍ତୁ ଉଙ୍କି ମାରୁଛି ସେ ଅତୀତର କଥା ଏବଂ ଗାଥା । ମନେ ପଡୁଛି ମୋର ସେଦିନର କଥା । କଥାଟି ଥିଲା ଏପରି - ସ୍ୱର୍ଗତଃ ପଣ୍ଡିତ ରାମକୃଷ୍ଣ ନନ୍ଦ, ୧୯୫୬ ମସିହାରେ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ସବ୍‌ଡ଼ିଭିଜନ ଅନ୍ତର୍ଗତ ଉଦଳା ହାଇସ୍କୁଲକୁ ଯାଇଥିଲେ । ସେହି ନମସ୍ୟ ମହାତ୍ମା 'ସଂସାର' ପତ୍ରିକାଟିର ଆଦି ସ୍ରଷ୍ଟା ପ୍ରଚାର ଏବଂ ପ୍ରସାର ପାଇଁ ସ୍କୁଲରୁ ସ୍କୁଲ ବୁଲି ବୁଝାଉଥିଲେ - କିପରି ଏହି ପତ୍ରିକା ସାଧାରଣ ଜ୍ଞାନ ବ୍ୟତୀତ ଦେଶ ବିଦେଶରେ କଥା ତଥା ସୃଜନାତ୍ମକ ରଚନା ପାଇଁ ପ୍ରେରଣାଦାୟୀ; ସେଇ କଥା କହି 'ସଂସାର' ପତ୍ରିକାର ଗ୍ରାହକ ହେବା ପାଇଁ ପିଲାମାନଙ୍କୁ ପ୍ରବର୍ତ୍ତାଇଥିଲେ । ଆହୁରି ମଧ୍ୟ ତା ସହିତ ଏକ ପୁରସ୍କାର ଯୋଜନା ରଖିଥିଲେ । ଏଥିରେ ନିୟମ ଥିଲା ନୂତନ ପ୍ରତିଭା ପାଇଁ ଏକ ପରୀକ୍ଷା ହେବ, ଯିଏ ସଫଳ ହେବେ, ତାଙ୍କୁ ଏକ ବର୍ଷର ମାଗଣା ପତ୍ରିକା ପ୍ରଦାନ କରାଯିବ ।

ଉଦଳା ହାଇସ୍କୁଲରେ ସେଦିନ କର୍ତ୍ତବ୍ୟନିଷ୍ଠ ପ୍ରଧାନ ଶିକ୍ଷକ ମହୋଦୟ ସ୍ୱର୍ଗତଃ ଜଗନ୍ନାଥ ପାଣିଗ୍ରାହୀଙ୍କ ଅନୁମତି ନେଇ ନନ୍ଦ ମହାଶୟ ପିଲାମାନଙ୍କୁ ବସାଇ ଏକ ପ୍ରତିଯୋଗିତା କଲେ । ଚାରିଗୋଟି ଗାରଟାଣି ଶେଷ ଗାର ଉପରେ ଲେଖିଲେ ।

ଏତେ କାନ୍ଦଗୋଳ ଏଇଥିପାଇଁ ?

ତା'ପରେ କହିଲେ - ପିଲାମାନେ ଉପର ତିନିଗୋଟି ଶୂନ୍ୟଗାର ଉପରେ ତଳବାକ୍ୟକୁ ଲକ୍ଷ୍ୟରେ ଦେଖି ଏକ କବିତା ଲେଖ । ଅନେକ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ମୁଁ ମଧ୍ୟ ଭାଗ ନେଇଥିଲି ଏବଂ ଲେଖିଥିଲି -

**ମନୁଆ ଭାଇରେ ମନୁଆ ଭାଇ**
**କାହିଁ ପାଇଁ ଗୋଳ କରୁଛୁ ତୁହି**
**ଆଣିଦେବି କୋରା ଆଦି ତୋ ପାଇଁ**
**ଏତେ କାନ୍ଦଗୋଳ ଏଇଥିପାଇଁ ?**

ଆନନ୍ଦର ବିଷୟ ଏହି ଲେଖାଟିକୁ ପଣ୍ଡିତ ନନ୍ଦ ମହାଶୟ ମନୋନୀତ କଲେ ଏବଂ ପ୍ରତିଶୃତି ଅନୁଯାୟୀ ଏକ ବର୍ଷ ମାଗଣାରେ 'ସଂସାର' ପତ୍ରିକା ପ୍ରତିମାସ ଡାକରେ ପଠାଇ ମୋତେ ଉତ୍ସାହିତ କରିଥିଲେ ।

କିଛିଦିନ ପରେ ମୋର ନମସ୍ୟ ପୂଜ୍ୟ ଗୋକୁଳାନନ୍ଦ ସାରଙ୍କ ନଜରରେ ଏହି ପତ୍ରିକାଟି ଆସିଥିଲା । ସେ ମହାଶୟ ପତ୍ରିକାଟିକୁ ପାଠ କରି ସାରିବା ପରେ ମୋର ଠିକଣାରେ ପ୍ରଧାନ ଶିକ୍ଷକଙ୍କୁ ଚିଠି ଲେଖି ନିଜର ଭାବନା ଜଣାଇଥିଲେ । ଆର୍ଶୀବାଦ କରି ଲେଖିଥିଲେ ପିଲାଟିର ଲେଖିବାର ଆଗ୍ରହ ରହିଛି । ତାକୁ ଉତ୍ସାହିତ କରିବା ଦରକାର । ପ୍ରଧାନ ଶିକ୍ଷକ ମହାଶୟ ମୋତେ ନେଇ ବାର୍ତ୍ତାଟି ଦେଇଥିଲେ ।

କାହିଁକି କେଜାଣି ସେହି ଦିନଠାରୁ ମୋର ଲେଖାଲେଖି ପ୍ରତି ଆଗ୍ରହ ବଢ଼ିଥିଲା । ଧାରାବାହିକ ଭାବରେ ପ୍ରଥମେ ପ୍ରଜାତନ୍ତ୍ରର 'ମୀନାବଜାର'ରେ ଲେଖି ଚାଲିଲି । ଅନେକ ଲେଖା ପ୍ରକାଶିତ ହେଲା ଏବଂ ମୀନାବଜାର ପୁରସ୍କାର ମଧ୍ୟ ପାଇଲି । ଏହାଥିଲା ୧୯୭୧ ମସିହାର କଥା ।

ସମୟ ଗଡ଼ି ଚାଲିଲା । ଲେଖାଲେଖି ଦୃଷ୍ଟିରୁ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ସହିତ ସଂପର୍କ ବୃଦ୍ଧି ହେଲା । ତାଙ୍କର ଆର୍ଶୀବାଦ ଏବଂ ଅନୁମୋଦନ ହେତୁ ଗ୍ରନ୍ଥ ମନ୍ଦିର, କଟକ ମୋର ପ୍ରଥମ ପୁସ୍ତକ 'ବିଜ୍ଞାନ ମେଳା' ପ୍ରକାଶ କରିଥିଲେ ।

ଗ୍ରନ୍ଥ ମନ୍ଦିରର ମୁଖ୍ୟ ସ୍ୱର୍ଗତଃ ଅଭିରାମ ମହାପାତ୍ରଙ୍କ ଦ୍ୱାରା ପ୍ରକାଶିତ ହୋଇଥିବାରୁ ମୁଁ ତାଙ୍କୁ ମୋର କୃତଜ୍ଞତା ସଦାସର୍ବଦା ଅର୍ପଣ କରୁଛି ।

ଉଲ୍ଲେଖନୀୟ ବିଷୟ ଯେ, ଅଦ୍ୟାବଧି ଏହି ପୁସ୍ତକର ସଂସ୍କରଣ ୧୫ ଥର ହୋଇଯାଇଛି, ଏବେ ବି ଜନାଦୃତ ରହିଛି। ଅଦ୍ୟାବଧି ପଚାଶଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକ ମୋର ପ୍ରକାଶିତ ହୋଇସାରିଛି। ପ୍ରତ୍ୟେକ ପୁସ୍ତକରେ ମୁଁ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କୁ ସ୍ମରଣ କରି ତାଙ୍କୁ ମୋର ବିନମ୍ର ପ୍ରଣତି ଜଣାଇ ଚାଲିଛି।

ଆଉ ଏକ ଉଲ୍ଲେଖନୀୟ ବିଷୟ ହେଉଛି – ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଦ୍ୱାରା କଟକରେ ବିଜ୍ଞାନ ପ୍ରଚାର ସମିତି ଆରମ୍ଭ ହେଲା। ମୁଁ ମଧ୍ୟ ସେଥିରେ ସାମିଲ ହେଲି। ତାଙ୍କରି ପ୍ରେରଣା ପାଇଁ ଭୁବନେଶ୍ୱରରେ ମଧ୍ୟ ବିଜ୍ଞାନ ପ୍ରଚାର ସମିତିର ଏକ ଶାଖା ପ୍ରତିଷ୍ଠିତ ହେଲା। ମୁଁ ହେଲି ତା'ର ପ୍ରଥମ ସଂପାଦକ। ଏବେବି ଡ. ଚିତ୍ତରଞ୍ଜନ ମିଶ୍ର ନୂତନ ସଂପାଦକଙ୍କ ସମୟରେ ତାହା ଚାଲୁରହିଛି।

ଗୋକୁଳାନନ୍ଦ ସାର୍ ଥିଲେ ପ୍ରେରଣାର ଉତ୍ସ। ଓଡ଼ିଶାରେ ଜନପ୍ରିୟ ସାହିତ୍ୟ ରଚନା ପାଇଁ ଅନେକ ଦିଗ୍‌ଦର୍ଶନ ସଦାସର୍ବଦା ନୂତନ ପିଢ଼ିର ଲେଖକମାନଙ୍କୁ ଦେଉଥିଲେ। ଗର୍ବର ସହିତ କହିବି – ତାଙ୍କରି ପ୍ରେରଣାରେ ମୁଁ 'ଜନପ୍ରିୟ ବିଜ୍ଞାନ ମଞ୍ଚ' ଭୁବନେଶ୍ୱରଠାରେ ପ୍ରତିଷ୍ଠା କଲି।

ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗର ରାଷ୍ଟ୍ରୀୟ ବିଜ୍ଞାନ ଏବଂ ପ୍ରୋଦ୍ୟୋଗିକୀ ସଂଚାର ପରିଷଦ (NCSTC) ମାଧ୍ୟମରେ ଆର୍ଥିକ ଅନୁଦାନ ପାଇ ନୂତନ ବିଜ୍ଞାନ ଲେଖକ/ଲେଖିକା ସୃଷ୍ଟି ପାଇଁ କର୍ମଶାଳା ଆୟୋଜନ କରିଥିଲି। ପ୍ରତ୍ୟେକ ଥର ପ୍ରଫେସର ମହାପାତ୍ରଙ୍କୁ ମୁଁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରୁଥିଲି। ସେ ମହାଶୟ ମଧ୍ୟ ସଦୟ ସ୍ୱୀକୃତି ପ୍ରଦାନ କରି ପ୍ରତ୍ୟେକ ଲେଖକ କର୍ମଶାଳାକୁ ଆସି ବହୁ ମୂଲ୍ୟବାନ ଦିଗ୍‌ଦର୍ଶନ ଦେଉଥିଲେ।

ତାଙ୍କରି ପ୍ରେରଣା ଏବଂ ଉତ୍ସାହ ହେତୁ ଏବେ ଅନେକ ନୂତନ ଲେଖକ, ଲେଖିକା ସୃଷ୍ଟି ହୋଇପାରିଛନ୍ତି। ଓଡ଼ିଶା ବିଜ୍ଞାନ ଏକାଡେମୀ ଭୁବନେଶ୍ୱର ଦ୍ୱାରା ପ୍ରକାଶିତ 'ବିଜ୍ଞାନ ଦିଗନ୍ତ' ପତ୍ରିକାର ସଂପାଦକ ଭାବେ କାର୍ଯ୍ୟକରି ମୁଁ ଦେଖିଛି ବହୁ ପ୍ରତିଭାବାନ ଲେଖକ  ଲେଖିକା ସେମାନଙ୍କର ଲେଖନୀ ଚାଳନା ଦ୍ୱାରା ଓଡ଼ିଆ ଭାଷାରେ ଜନପ୍ରିୟ ବିଜ୍ଞାନ ରଚନା କରି ପ୍ରତିଷ୍ଠା ଲାଭ କରିଛନ୍ତି।

୨୦୨୦ ମସିହା ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ନୂଆଦିଲ୍ଲୀଠାରେ ମୋତେ ଜନପ୍ରିୟ ବିଜ୍ଞାନ ସାହିତ୍ୟ ରଚନା ପାଇଁ ଭାରତ ସରକାର ପୁରସ୍କୃତ କଲେ। ସେଦିନ ମଧ୍ୟ ମୁଁ ଉତ୍ସାହର ସହିତ ସଗର୍ବେ ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ନାମ ସ୍ମରଣ କରିଛି।

ଓଡ଼ିଆ ଭାଷାରେ ଜନପ୍ରିୟ ବିଜ୍ଞାନ ସାହିତ୍ୟ ରଚନା ପାଇଁ ସଦାସର୍ବଦା ସେ ମହାଶୟ ଆମ ସମସ୍ତଙ୍କର ଚିରସ୍ମରଣୀୟ ହୋଇ ରହିଥିବେ।

ପରିଶେଷରେ ମୁଁ ତାଙ୍କୁ ମୋର ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଏହି ପୁଣ୍ୟ ଅବସରରେ ଅର୍ପଣ କରୁଛି। ■■■

---

ପ୍ରାକ୍ତନ ସମ୍ପାଦକ ବିଜ୍ଞାନ ଦିଗନ୍ତ
ଏବଂ ସଭାପତି ଜନପ୍ରିୟ ବିଜ୍ଞାନ ମଞ୍ଚ
ଭୁବନେଶ୍ୱର, ମୋ-୯୪୩୭୬୯୬୧୪୦
E-mail: 73smbehera@gmail.com




Sri Ajit Tripathy, IAS, Former Chief Secretary, Odisha being felicitated by GNM Foundation



# ସ୍ମୃତିରେ ଗୋକୁଳାନନ୍ଦ

**ପ୍ର. (ଡଃ) ସୁଦର୍ଶନ ପଟ୍ଟନାୟକ**

'ଗୋକୁଳାନନ୍ଦ' ନାମଟି ଅଧରରେ ଉଚ୍ଚାରିତ ହେଲା ମାତ୍ରେ ରସାୟନ ବିଜ୍ଞାନ ଓ ଓଡ଼ିଆ ଜନପ୍ରିୟ ବିଜ୍ଞାନର ପ୍ରଥିତଯଶା ଜନକଙ୍କର ମୂର୍ତ୍ତି ମାନସପଟରେ ଭାସି ଆସେ। ଅଧ୍ୟାପନାରେ ସେ ଆର୍ଚ୍ଚର୍ଯ୍ୟ ପ୍ରବର ତ ଥିଲେ, ମାତ୍ର ମାତୃଭାଷାରେ ବିଜ୍ଞାନକୁ ଜନପ୍ରିୟ କରି ସରଳ ଓ ସାବଲୀଳ ଭାବେ ଜନ ସମୂହରେ ପରିବେଷଣ କରିବାରେ ସେ ଥିଲେ ଜଣେ ଅଦ୍ଭୁତ କାଣ୍ଡାରୀ।

କଲିକତାରେ ଅଧ୍ୟୟନ କଲାବେଳେ ବଙ୍ଗୀୟ ଭାଷାରେ ଜଟିଳ ବିଜ୍ଞାନକୁ ସରଳିକରଣ କରି ପତ୍ରିକା ପ୍ରକାଶନ ହେଉଥିବାର ଦେଖି ସେ ଯଥେଷ୍ଟ ପ୍ରଭାବିତ ହୋଇଥିଲେ ଓ ଅଧ୍ୟାପକ ଭାବେ ରେଭେନ୍ସାରେ ଯୋଗଦେବା ପରେ ସେ କଟକକୁ ନିଜର କର୍ମଭୂମି ଭାବେ ଗ୍ରହଣ କରି ନେଇଥିଲେ ଓ ଆରମ୍ଭ କରିଦେଇଥିଲେ ତାଙ୍କର କଲିକତାରେ ଦେଖିଥିବା ସ୍ୱପ୍ନର ବାସ୍ତବରୂପ ଚିତ୍ରଣ। ଓଡ଼ିଆ ଭାଷାରେ ବିଜ୍ଞାନ ଓଡ଼ିଆ ପିଲାମାନଙ୍କ ନିକଟରେ ପ୍ରତିବେଶିତ ହେଉ ଓ ପିଲା ବିଜ୍ଞାନ ପ୍ରତି ଆଗ୍ରହାନ୍ୱିତ ହେଉ, ଏହା ହିଁ ଥିଲା ତାଙ୍କର ପ୍ରାଥମିକ ଲକ୍ଷ୍ୟ। ସେ ଦିଗରେ ସେ କାର୍ଯ୍ୟ କରିବାରେ ସେ ତିନୋଟି ମୂଳ ଲକ୍ଷ୍ୟକୁ ସାଂଧନ କରିବାକୁ ପ୍ରତିବଦ୍ଧ ହୋଇଥିଲେ। ସେଗୁଡ଼ିକ ହେଲା: (୧) ବିଜ୍ଞାନ ଏତେ ଜଟିଳ ନୁହେଁ ଯାହା ନିଜ ମାତୃଭାଷାରେ ପରିବେଶିତ ହୋଇ ନ ପାରିବ। ସେଥିପାଇଁ ସେଇ ସୃଜନତା ପାଇଁ ଆବଶ୍ୟକ କେତକ ଗଭୀର ଅଧ୍ୟୟନ ଓ ତଥ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଜ୍ଞାନ ଓ ଭାଷା ପ୍ରୀତି । (୨) ସରଳ, ସାବଲୀଳ ଭାବରେ ସହଜରେ ବୋଧଗମ୍ୟ ହେଲା ଭଳି ସଂନ୍ଦର୍ଭ ରଚନା । ତାହାକୁ ବାସ୍ତବ ରୂପ ଦେବା ପାଇଁ ଏକ ସମିତି ଗଠନ, ଯେଉଁଥିରେ ସମମନ, ବିଜ୍ଞାନ ଛାତ୍ର ତଥା ବିଜ୍ଞାନ ପ୍ରେମୀ ସଭ୍ୟ ରହି ତାହାକୁ ରୂପାୟିତ କରିବାରେ ମାତୃଭାଷାରେ ଜନପ୍ରିୟ ବିଜ୍ଞାନ ଲେଖକ ସୃଷ୍ଟି କରିବା।

ଏହିସବୁ ଉଦ୍ଦେଶ୍ୟକୁ ପରିପୂରଣ ପାଇଁ କେତେଜଣ ସମଧର୍ମୀ ବିଜ୍ଞାନୀମାନଙ୍କୁ ନେଇ ସେ ୧୯୪୯ ମସିହାରେ ଗଠନ କରିଥିଲେ ଓଡ଼ିଶା ବିଜ୍ଞାନ ପ୍ରଚାର ସମିତି। ସେ ସମିତିର ମାସିକ ଅଧିବେଶନ ପ୍ରତିଷ୍ଠାତା ବନ୍ଧୁମାନଙ୍କ ନାମରେ ବସୁଥିଲା ଓ ଜନପ୍ରିୟ ବିଜ୍ଞାନ ପ୍ରବନ୍ଧମାନ ପଠନ କରାଯାଉଥିଲା। ଡଃ ମହାପାତ୍ର ଥିଲେ ସେଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ଆୟାସପୂର୍ଣ୍ଣ – କୁଶଳୀ କର୍ଣ୍ଣଧାର। ସେତେବେଳେ ତାଙ୍କ ଲେଖନୀ ନିସୃତ ବିଜ୍ଞାନ ପ୍ରବନ୍ଧ, ବିଜ୍ଞାନ ଗଳ୍ପ, ବିଜ୍ଞାନ ଆଲୋଚନା ଏପରିକି ବୈଜ୍ଞାନିକ ଉପନ୍ୟାସ ରାଜ୍ୟରେ ଚହଳ ପକାଇଥିଲା। ଯାହାର ପ୍ରଭାବ ପରବର୍ତ୍ତୀ ଅବସ୍ଥାରେ ବହୁଜ୍ଞାନୀ ଲେଖକ ରାଜ୍ୟରେ ସୃଷ୍ଟି କରିବାରେ ସହାୟକ ହେଲା।

ମୁଁ ତାଙ୍କର ଜଣେ ଛାତ୍ର ନ ଥିଲି। ମୁଁ ରେଭେନ୍ସାରେ ପଢୁଥିଲା ବେଳେ ସେ ତାଙ୍କର ଉଚ୍ଚତର ଗବେଷଣା ପାଇଁ ବାହାରେ ଥିଲେ। ତାଙ୍କ ସହ ମୋର ସାକ୍ଷାତ ହୁଏ ଜଣେ ଚିକିତ୍ସକ ଭୂମିକାରେ। ତାଙ୍କର ଦୁର୍ଘଟଣାଗତ ଛୋଟ ଏକ ଅସ୍ତ୍ରୋପ୍ରଚାର ସମୟରେ ସହଯୋଗ କରି ତାଙ୍କର ସଂସ୍ପର୍ଶରେ ଆସିଥିଲି। ତାଙ୍କର ବ୍ୟକ୍ତିତ୍ୱ ମୋତେ କେବଳ ପ୍ରଭାବିତ କରି ନଥିଲା, ଅଭିଭୂତ କରିଥିଲା। ସେତେବେଳେ ତାଙ୍କ ପରାମର୍ଶ ଗ୍ରହଣ କରି ମୁଁ ବିଜ୍ଞାନ ପ୍ରଚାର ସମିତିରେ ଜଣେ ଆଜୀବନ ସଭ୍ୟ ହେଲି, କିଛି ଲେଖିବାକୁ ଚେଷ୍ଟାକଲି। ତାଙ୍କର ବଳିଷ୍ଠ ପରାମର୍ଶ ଓ ଉପଦେଶ ମୋତେ ଯଥେଷ୍ଟ ଆକୃଷ୍ଟ କଲା। ମାତ୍ର ମୋ' ବୁଝିଥିବା ବୈଜ୍ଞାନିକ ତଥ୍ୟକୁ ମାତୃଭାଷାରେ ପ୍ରକାଶ କରିବା ପାଇଁ ସନ୍ଦର୍ଭର ଦୀର୍ଘତା ସହ ଆତ୍ମପ୍ରକାଶ ତ କଲା, ମାତ୍ର ତାହା ତାଙ୍କ ନିର୍ଦ୍ଦେଶିତ ଆଦର୍ଶ ଅନୁଯାୟୀ ହୋଇପାଇଲା ନାହିଁ। ସେ କହିଲେ, ଲେଖିଚଲ ଚେଷ୍ଟାକର ସମଗ୍ର ପ୍ରବନ୍ଧ ଯେଭଳି ଦୁଇ ପୃଷ୍ଠା ମଧ୍ୟରେ ସୀମିତ ରହେ।' ସେ ଚେଷ୍ଟାରେ ବ୍ରତୀ ହେଲି। କ୍ଷୁଦ୍ର ପ୍ରବନ୍ଧ ମଧ୍ୟ ଲେଖିଲେ ଓ ଗୋଟିଏ ପୃଷ୍ଠା ମଧ୍ୟରେ ସୀମିତ ବି କଲି। ହେଲେ ପରବର୍ତ୍ତୀ ପରାମର୍ଶ

ଓ ଦିଗ୍‌ଦର୍ଶନ ପାଇଁ ସାର୍ ଆଉ ଆମ ଗହଣରେ ରହିଲେ ନାହିଁ। ଶିକ୍ଷା ଅସମାପ୍ତ ରହିଗଲା।

କାଳ ସତରେ ବଡ ନିର୍ମମ। ବୁଝେନାହିଁ ବ୍ୟକ୍ତିର ମହନୀୟତା, ସମାଜରେ ତାହାର ଆବଶ୍ୟକତା, ନିଜ ଉଦ୍ଦେଶ୍ୟ ପରିପୂର୍ତ୍ତି ପାଇଁ ପ୍ରତିବଦ୍ଧତା। ବାଛି ବାଛି ଆପଣେଇ କିଏ ସଦାଚାରୀ, ସମାଜ ପ୍ରତି ପ୍ରତିବଦ୍ଧ ପୂଜାରୀ ଓ ଉତ୍କଳ ବାକ୍‌ଦେବୀଙ୍କ ପ୍ରତି ସମର୍ପିତ ମାତୃଭାଷୀ ବିଜ୍ଞାନୀ ଭାଷ୍ୟକାରର କାଣ୍ଡାରୀ, ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଭଳି ସଦାଚାରୀମାନଙ୍କୁ। ଏଭଳି ନଜିର ସମାଜରେ ଅଭାବ ନାହିଁ।

ଚାହୁଁ ଚାହୁଁ 'ସାର୍' ଆମଠାରୁ ଅନ୍ତର୍ହିତ ହୋଇଗଲେ। ନିସ୍ତବ୍ଧ ହୋଇଗଲା ଆମ୍ରପଲ୍ଲି। ସ୍ତବ୍ଧ ହୋଇଗଲା ସମଗ୍ର ବିଜ୍ଞାନ ସମାଜ। ଗୁରୁବିହୀନ ଓ ଛାତ୍ର ବିହୀନ ହୋଇଗଲା ତାଙ୍କରି ସୃଷ୍ଟ ବିଜ୍ଞାନ ପ୍ରଚାର ସମିତି। ଏକନିଷ୍ଠ ଆନ୍ତରିକତା ସହ ଭଲ ପାଇ ସର୍ବତୋ କଲ୍ୟାଣ ପାଇଁ 'ସାର୍' ଯେଉଁ ସମିତି ଗଠନ କରିଥିଲେ, ସେ ସମିତି ବିଳପି ଉଠିଲା। ତାଙ୍କ ପରାମର୍ଶରେ ମାତୃଭାଷାରେ – ଅପରିପକ୍ୱ କିନ୍ତୁ ଆଶାୟୀ ବିଜ୍ଞାନ ଲେଖକଗଣ ହତୋତ୍ସାହ ଓ ଭଗ୍ନହୃଦୟ – ଆବର୍ତ୍ତନରେ ଅପାଙ୍ଗ ହେଇଗଲୁଁ।

ପରମକାରୁଣିକ ପରମ ଶକ୍ତିମାନ ପ୍ରଭୁଙ୍କ ଠାରେ ଏତିକି ପ୍ରାର୍ଥନା ଓ ନିବେଦନ, ତାଙ୍କର ଅବର୍ତ୍ତମାନରେ ଉତ୍କଳ ଭାରତୀଙ୍କର ବିଜ୍ଞାନାକାଶରେ ଥିବା ଉକ୍ତ ସ୍ଥାନ ଅତିଶୀଘ୍ର ପୂର୍ଣ୍ଣହେଉ ଓ ମାତୃଭାଷାରେ ବିଜ୍ଞାନ ଲେଖକ ଲେଖିକାମାନେ ପୁନର୍ବାର ତାଙ୍କର ମହନୀୟ ଦୂରଦୃଷ୍ଟିର ପୂର୍ଣ୍ଣ ଉପଯୋଗର ଭରସା ପାଆନ୍ତୁ !

ଶେଷରେ ସେହି ମହାନ୍ ଆତ୍ମାଙ୍କର ଚରଣକମଳରେ ମୁଁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ କୋଟି ପ୍ରଣତି ଜଣାଉଛି।

ଓଁ ଶାନ୍ତିଃ, ଶାନ୍ତିଃ ଶାନ୍ତିଃ

ଫୋନ୍- ୯୪୩୭୦୨୦୬୪୨




Prof. Somnath Mishra, Former Principal, REC, Rourkela being felicitated by GNM Foundation

# ଓଡ଼ିଆରେ ବିଜ୍ଞାନ ସାହିତ୍ୟର ଜନକ
# ଗୋକୁଳାନନ୍ଦ



**ଡକ୍ଟର ନିମାଇଁ ଚରଣ ପରିଜା**

ଡକ୍ଟର ଗୋକୁଳାନନ୍ଦ ମହାପାତ୍ର ଜଣେ ଦିବ୍ୟଦ୍ରଷ୍ଟା ଓ କାଳଜୟୀ ବୈଜ୍ଞାନିକ ଓ ବିଜ୍ଞାନ ଲେଖକ । ସେ ହେଉଛନ୍ତି ଓଡ଼ିଶାର ଗର୍ବ ଓ ଗୌରବ । ଓଡ଼ିଶାରେ ପ୍ରଥମ ବିଜ୍ଞାନ ଉପନ୍ୟାସ ଓ ଫିକ୍‌ସନ ଲେଖକ ଭାବେ କୃତିତ୍ୱ ଅର୍ଜନ କରିଛନ୍ତି । ତାଙ୍କ ପୂର୍ବରୁ ବିଜ୍ଞାନ ଉପନ୍ୟାସ କେହି ଲେଖୁ ନଥିଲେ । କାହିଁକି ଓ କିପରି କିଏ ବିଜ୍ଞାନ ଉପନ୍ୟାସ ଲେଖିବାରେ ପ୍ରେରଣା ପାଇଲେ, ତାହା ସେଇ କେବଳ କହିପାରିଥାନ୍ତେ । ତାଙ୍କର ପ୍ରଥମ ବିଜ୍ଞାନ ଭିତ୍ତିକ ଉପନ୍ୟାସ 'ପୃଥିବୀ ବାହାରେ ମଣିଷ' ୧୯୫୨ରେ ପ୍ରକାଶିତ ହୋଇ ସାହିତ୍ୟିକମାନଙ୍କ ଭିତରେ ହଳଚଳ ସୃଷ୍ଟି କରିଥିଲା । ପାଠକମାନେ ଉତ୍ସାହିତ ହୋଇ ଏହା ପାଠ କରୁଥିଲେ । ମୋର ମନେ ଅଛି, ମୁଁ ମାଟ୍ରିକ କ୍ଲାସରେ ମୋ ସ୍କୁଲ ଲାଇବ୍ରେରିରୁ ଏଇ ଲେଖକଙ୍କ ବହି ପଢ଼ିଲା ପରେ ଅତ୍ୟନ୍ତ ଆବେଗ ଓ ଉତ୍ସାହରେ ମଜ୍ଜି ଯାଇଥିଲି । ଉପନ୍ୟାସର ନାୟକ ନାୟିକା କଥୋପକଥନ ଭିତରେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି, ମଙ୍ଗଳ ଗ୍ରହକୁ ଯାତ୍ରାରେ ଯାହାସବୁ ବିଘ୍ନ, ନୂଆନୂଆ ସମସ୍ୟା ଓ ଏହି ସମସ୍ୟା ଉପରେ ସମାଧାନର ଯେଉଁ ଆଲୋକପାତ ହୋଇଛି, ଏହା ପାଠକକୁ ଆକୃଷ୍ଟ କରିଥାଏ । ଏହି ପୁସ୍ତକ ପରେ ମୁଁ ପଢ଼ିଥିଲି ତାଙ୍କର ପୁସ୍ତକ 'ଚନ୍ଦ୍ରର ମୃତ୍ୟୁ', 'କୃତ୍ରିମ ଉପଗ୍ରହ' ଓ ଅନ୍ୟାନ୍ୟ ଯାହା ଥରେ ପଢ଼ିବା ଆରମ୍ଭ କରେ, ଛାଡ଼ିବାକୁ ଇଚ୍ଛା ହୁଏନି । ଜଣେ ଧୀଶକ୍ତି ସଂପନ୍ନ, ଦୂରଦ୍ରଷ୍ଟା ବିଜ୍ଞାନ ଉପରେ ସବିଶେଷ ଜ୍ଞାନ ନଥିଲେ, ଏପରି ଲେଖା କେବେ ସମ୍ଭବ ହୋଇପାରେ ନାହିଁ । ଏଥିରୁ ଅନୁମିତ ହେଉଛି ପ୍ରଫେସର ମହାପାତ୍ର ରସାୟନ ବିଜ୍ଞାନର ଅଧ୍ୟାପକ ଥିଲେ କି ତାଙ୍କର ଫିଜିକ୍ସ, ଜିଓଲୋଜି. ଭୂଗୋଳ ପ୍ରଭୃତିରେ ଅଗାଧ ଜ୍ଞାନ ଥିଲା । ତା' ନହୋଇଥିଲେ ଏପରି ଉପନ୍ୟାସ ଲେଖିବାକୁ ସିଏ ସମର୍ଥ ହୋଇପାରି ନଥାନ୍ତେ ।

ପ୍ରଫେସର ମହାପାତ୍ର ଥିଲେ ଜଣେ ଉଚ୍ଚକୋଟୀର ଅଧ୍ୟାପକ, ଶିକ୍ଷକ, ସଫଳ ବୈଜ୍ଞାନିକ, କୃତିବିଦ ବିଜ୍ଞାନ ଲେଖକ ଓ ଲୋକପ୍ରିୟ ସାହିତ୍ୟିକ । ଜଣେ ଶ୍ରେଷ୍ଠ ବୈଜ୍ଞାନିକ ହିସାବରେ ସିଏ ୟୁନେସ୍କୋ ତରଫରୁ ପ୍ରଥମ ଏକମାତ୍ର ଓଡ଼ିଆ, ଯିଏ ୨୦୧୦ ମସିହାରେ 'କଳିଙ୍ଗ ପ୍ରାଇଜ'ରେ ସମ୍ମାନିତ ହୋଇଥିଲେ । ଏହି ପୁରସ୍କାର ପ୍ରାୟ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବୈଜ୍ଞାନିକମାନେ ପାଇଥାନ୍ତି । ଏହା ବ୍ୟତିତ ସିଏ ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ପୁରସ୍କୃତ ହୋଇଥିଲେ ୧୯୮୬ରେ ଓ ବିଜ୍ଞାନ ସାହିତ୍ୟ ପାଇଁ ଆର୍.ଏନ୍ ପରିଜା ସମ୍ମାନରେ ମଧ୍ୟ ସମ୍ମାନିତ ହୋଇଥିଲେ ।

ବିଜ୍ଞାନ ଲେଖକ ଓ ବୈଜ୍ଞାନିକ ଭାବରେ କୃତି ହାସଲ ପରେ ତାଙ୍କ ମନରେ ମାତୃଭାଷାର ଉନ୍ନତି ମମତା ଉଦ୍ରେକ ହୋଇଥିଲା ଓ ସିଏ ଚାହିଁଥିଲେ ବିଜ୍ଞାନବାର୍ତ୍ତାକୁ ଓଡ଼ିଆ ଭାଷାରେ ପ୍ରକାଶକରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ । ଫଳରେ ସିଏ ଗଠନ କରିଥିଲେ 'ବିଜ୍ଞାନ ପ୍ରାଚୀର ସମିତି' ମାତ୍ର ୯ ଜଣକୁ ସଂଗରେ ନେଇ ସିଏ ଏହି ଅନୁଷ୍ଠାନ ଗଠନ କରିଥିଲେ । ଏହି ଅନୁଷ୍ଠାନ ଜରିଆରେ ସିଏ ଆରମ୍ଭ କରିଥିଲେ ବିଜ୍ଞାନବାର୍ତ୍ତାକୁ ସାଧାରଣ ଲୋକ ପାଖରେ ପହଞ୍ଚାଇବାକୁ । ବିଜ୍ଞାନ ପ୍ରଚାର ସମିତି ଆନୁକୂଲ୍ୟରେ ଏହାର ସଭ୍ୟମାନେ ରସାୟନ ବିଜ୍ଞାନ, ପଦାର୍ଥବିଜ୍ଞାନ, କୃତିତ୍ୱ ବିଜ୍ଞାନ, ଭୂଗୋଳବିଜ୍ଞାନ, ଉଦ୍ଭିଦ ଓ ପ୍ରାଣୀବିଜ୍ଞାନ ସମ୍ବନ୍ଧୀୟ ଅନେକ ଜାଣିବା କଥା ପ୍ରବନ୍ଧମାନଙ୍କରେ ଉଲ୍ଲେଖକରି ବିଜ୍ଞାନର ପ୍ରସାରକୁ ଲୋକାଭିମୁଖୀ କରିପାରିଛନ୍ତି । ଖାଲି ପ୍ରବନ୍ଧ ପାଠ ନୁହେଁ, ବରଂ ଏହାକୁ ବହି ଆକାରରେ ଛାପି ଅଗଣିତ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି । ସେଇଦିନଠାରୁ 'ବିଜ୍ଞାନ ପ୍ରଚାର ସମିତି' ବିଜ୍ଞାନ ଓ ବୈଜ୍ଞାନିକ ଆବିଷ୍କାର ସମ୍ବନ୍ଧୀୟ ଲୋକମାନେ ସେହି ପୁସ୍ତକମାନ ପ୍ରକାଶ କରିଆସୁଛି ଓ ଏହା ଲୋକପ୍ରିୟ ହୋଇପାରିଛି । ପ୍ରଫେସର ମହାପାତ୍ର କେବଳ ଯେ 'ବିଜ୍ଞାନ ପ୍ରଚାର ସମିତି' ପ୍ରତିଷ୍ଠାତା କରିଥିଲେ ତାହା ନୁହେଁ, ବରଂ ସିଏ ନିଜ ବାସଭବନରୁ ସମିତି କାର୍ଯ୍ୟ କରିବାକୁ ଏକ ପ୍ରକୋଷ୍ଠ ମଧ୍ୟ ଦାନ କରିଦେଇଛନ୍ତି । ଆଜିପର୍ଯ୍ୟନ୍ତ ବିଜ୍ଞାନ ପ୍ରଚାର ସମିତି ତାଙ୍କରି ବାସଭବନରେ କାର୍ଯ୍ୟ କରିଆସୁଛି । ଏହା ତାଙ୍କର ଉଦାର ମନୋଭାବ, ନିଜ ମାତୃଭାଷା ପ୍ରତି ମମତା ଓ ବିଜ୍ଞାନ ପ୍ରତି

ଆନ୍ତରିକତାର ପରିଚୟ ଦେଇଥାଏ। ବିଜ୍ଞାନ ପ୍ରଚାର ସମିତି କେବଳ କଟକରେ ନୁହେଁ, ଏହା ବୁର୍ଲାରେ ଓ ଭୁବନେଶ୍ୱରରେ ମଧ୍ୟ ଶାଖା ପ୍ରତିଷ୍ଠା କରି କାର୍ଯ୍ୟ କରୁଥିଲା।

ପ୍ରଫେସର ମହାପାତ୍ର ଜଣେ ଯୁଗସ୍ରଷ୍ଟା, ବୈଜ୍ଞାନିକ, ବିଜ୍ଞାନ ଲେଖକ ଓ ଉଚ୍ଚକୋଟୀର ସାହିତ୍ୟିକ ଭାବେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ସିଏ ହେଉଛନ୍ତି ଓଡ଼ିଶାର ବିଜ୍ଞାନ ସାହିତ୍ୟର ଜନକ ଓ ପ୍ରଥମ ସ୍ରଷ୍ଟା। ଆମ ଭାଷାରେ ବିଜ୍ଞାନ ସାହିତ୍ୟର ଲେଖା ଖୁବ୍ କମ୍ ଅଛି। ଏହି ପରିପ୍ରେକ୍ଷୀରେ ମୁଁ ଏକ ଉଦାହରଣ ଦେବାକୁ ଚାହେଁ। ଦୀର୍ଘ ୨୫ ବର୍ଷ ତଳେ ମୋର ଖଣ୍ଡିଏ ଡାକ୍ତରି ଲେଖା ପୁସ୍ତକ 'କ୍ୟାନସର' ପ୍ରକାଶ ହୋଇଥାଏ। ଏହାର ଉନ୍ମୋଚନ ପାଇଁ ଝଙ୍କଡର ଶାରଳା ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜନ କରାଯାଇଥାଏ। ସଭାର ଉଦ୍ଦେଶ୍ୟ ଥିଲା ସାହିତ୍ୟ ସଭା ଓ ପୁସ୍ତକ ଉନ୍ମୋଚନ। କଟକ, ଭୁବନେଶ୍ୱର, ଶାରଳା ଅଞ୍ଚଳର ଅନେକ ସାହିତିକ ବଂଧୁ ଏଥିରେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଥିଲେ ପ୍ରଫେସର ମହାପାତ୍ର ନୀଳମଣି ସାହୁ, ମୁଖ୍ୟବକ୍ତା ଥିଲେ ପଶୁଚିକିତ୍ସା ବିଭାଗର ନିର୍ଦ୍ଦେଶକ ସାହିତ୍ୟିକ ଗୁରୁପ୍ରସାଦ ମହାନ୍ତି ଓ ଅନ୍ୟତମ ବକ୍ତା ବରିଷ୍ଠ ସାମ୍ବାଦିକ ଓ ପୂର୍ବତନ ସମାଜର ସଂପାଦକ ଓ ବିଜ୍ଞାନ ଲେଖକ ଡକ୍ଟର ପ୍ରମୋଦ କୁମାର ମହାପାତ୍ର। ମୋର ପୁସ୍ତକଟି ପ୍ରକାଶ କରିଥିଲେ ଦିବ୍ୟବ୍ରତ ପ୍ରକାଶନୀର ସୁନାମଧନ୍ୟା ପ୍ରକାଶିକା ଶଶିପ୍ରଭା ସାମନ୍ତରାୟ। ସଭା କାର୍ଯ୍ୟ ଆରମ୍ଭ ହେଲା କେତେକ ସାହିତ୍ୟିକ ନିଜ ନିଜର ପ୍ରବନ୍ଧ ପାଠକଲେ ଓ ମନ୍ତବ୍ୟ ରଖିଲେ। କିଛି ସମୟପରେ ମୋର ପୁସ୍ତକଟି ଉନ୍ମୋଚନ ହେବାକୁ ଘୋଷଣା କରାଗଲା ବେଳେ ହଠାତ୍ ଜନୈକ ଓଡ଼ିଆ ଅଧ୍ୟାପକ ସାହିତ୍ୟ ସଭାରେ ମେଡିକାଲ ବିଜ୍ଞାନ ଲେଖା କାହିଁକି ଉନ୍ମୋଚିତ ହେବ ବୋଲି ପ୍ରଶ୍ନ ଉଠାଇଲେ ଓ ଏହା ସାହିତ୍ୟ ସଭାର ଉଦ୍ଦେଶ୍ୟ ନୁହେଁ। ତାଙ୍କର ବକ୍ତବ୍ୟରେ ସମସ୍ତେ ଅପ୍ରତିଭ ହୋଇଥିଲେ। ମୋତେ ବି ବହୁତ ଖରାପ ଲାଗିଲା। ପରେ ପରେ ପ୍ରଫେସର ମହାପାତ୍ର ନୀଳମଣି ସାହୁ ମହୋଦୟ କହିଲେ, "ଏହା ମଧ୍ୟ ସାହିତ୍ୟ ଓ ଏହା ହେଉଛି ବିଜ୍ଞାନ ସାହିତ୍ୟ। ଆମ ରାଜ୍ୟରେ ବିଜ୍ଞାନ ସାହିତ୍ୟର ଲେଖା ଖୁବ୍ କମ୍। ବରଂ ଆପଣମାନେ ବିଜ୍ଞାନ ସାହିତ୍ୟକୁ ଉତ୍ସାହିତ କରିବା ଉଚିତ୍। ପାଶ୍ଚାତ୍ୟ ଜଗତରେ ବିଜ୍ଞାନ ସାହିତ୍ୟର ଆଦର ଖୁବ ବେଶି ଓ ଚିଲ୍‌ଡ୍ରେନ୍ ଲିଟ୍ରେଚରରେ ଅନେକ ବିଜ୍ଞାନ ସମ୍ବନ୍ଧୀୟ ଲେଖା ପ୍ରକାଶ ପାଇଥାଏ। ଏହା ସାହିତ୍ୟର ଏକ ଅନ୍ୟ ବିଭାଗ ଓ ଏହାର ଉତ୍ତରୋତ୍ତର ଉନ୍ନତି ଆବଶ୍ୟକ, ଯାହା ଆମ ସାହିତ୍ୟରେ ଏ ପର୍ଯ୍ୟନ୍ତ ହୋଇନାହିଁ।" କହିବା ଭିତରେ ସିଏ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କର ବିଜ୍ଞାନ ସାହିତ୍ୟର ଉଦାହରଣ ଦେଇ ସମସ୍ତଙ୍କୁ ଚମତ୍କୃତ କରିଥିଲେ। ପରେ ପରେ ମୋର 'କ୍ୟାନସର' ବହି ଖଣ୍ଡିକ ଅତ୍ୟନ୍ତ ଉତ୍ସାହ ଓ କରତାଳି ଭିତରେ ଉନ୍ମୋଚିତ ହୋଇଥିଲା। ତରୁଣ ବୈଜ୍ଞାନିକ ଡ଼କ୍ଟର ପ୍ରମୋଦ କୁମାର ମହାପାତ୍ର ମୋର ବହିର ସମୀକ୍ଷା କରିଥିଲେ। ଏହାର କିଛି ଦିନ ପରେ ମୁଁ ଦୁଇଖଣ୍ଡ ବିଜ୍ଞାନ ସାହିତ୍ୟ ପାଶ୍ଚାତ୍ୟ ଲେଖକଙ୍କର ପଢିବାକୁ ପାଇଥିଲି। ଗୋଟିଏ ହେଲା The plaque (ଦି ପ୍ଲେଗ) ଏହା ଥିଲା। ପ୍ଲେଗ୍ ରୋଗ ଉପରେ ଏକ ଫିକସନ ଉପନ୍ୟାସ। ଏହାର ଲେଖକ ଥିଲେ ଆଲବର୍ଟ କାମସ, ଯିଏ ୧୯୭୫ରେ ନୋବେଲ ପୁରସ୍କାର ପାଇଥିଲେ। ସେହିପରି ଆଉ ଖଣ୍ଡିଏ ବିଜ୍ଞାନ ଉପନ୍ୟାସ ଥିଲା 'ସ୍ୱାଇନ୍ ଫ୍ଲୁ' (Swineflue) ଉପରେ। ତା'ର ଲେଖକ ଥିଲେ ଏମିଲ ଷ୍ଟେ ଜନ ମେଣ୍ଡେଲ। ପାଶ୍ଚାତ୍ୟ ସାହିତ୍ୟରେ ଏହିପରି ବିଜ୍ଞାନଭିତ୍ତିକ ଉପନ୍ୟାସ ଅଛି, ଯାହା ଆମ ସାହିତ୍ୟରେ ଦେଖାଯାଏ ନାହିଁ। ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଆମ ଓଡ଼ିଆ ସାହିତ୍ୟରେ ବିଜ୍ଞାନ ଭିତ୍ତିକ ଉପନ୍ୟାସ ଲେଖାର ଭାଗିରଥି କହିଲେ ଅତ୍ୟୁକ୍ତି ହେବନି। କିଛି ବର୍ଷ ତଳେ ମୁଁ ଯେବେ ଆମେରିକା ଯାଇଥିଲି, ସାନଫ୍ରାନସିକୋର ଫ୍ରିମଣ୍ଟଠାରେ ଥିବା ଲାଇବ୍ରେରୀରେ ଦେଖିଲି ଅଜସ୍ର ବୈଜ୍ଞାନିକ ଉପନ୍ୟାସ ଓ ପିଲାଙ୍କ ପୁସ୍ତକ। ତେଣୁ ବିଜ୍ଞାନ ସାହିତ୍ୟ, ସାହିତ୍ୟର ଏକ ବଳିଷ୍ଠ ବିଭାଗ। ଓଡ଼ିଆରେ ଏହାର ଆଦ୍ୟଦ୍ରଷ୍ଟା ହେଉଛନ୍ତି ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର। ତାଙ୍କୁ ଆନ୍ତରିକ କୃତଜ୍ଞତା ଓ ପ୍ରଣାମ ଜଣାଉଛି। ମହାଶୟ ୯୫ଖଣ୍ଡ ବୈଜ୍ଞାନିକ ଉପନ୍ୟାସ ଓ ଶିଶୁ ବିଜ୍ଞାନ ପୁସ୍ତକ ରଚନା କରି ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ପ୍ରଫେସର ମହାପାତ୍ର ୧୯୨୨ରେ ଭଦ୍ରକଠାରେ ଜନ୍ମଗ୍ରହଣ କରିଥିଲେ। କଲିକତା ୟୁନିଭରସିଟିରୁ M.Sc., ଉତ୍କଳ ୟୁନିଭରସିଟିରୁ Ph.D ଓ ପରେ ବୋଷ୍ଟନ ୟୁନିଭରସିଟିରୁ ଫେଲୋ ଭାବରେ ସ୍ୱକୃତି ହାସଲ କରି ଭାରତର ପୁରାତନ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ରସାୟନ ବିଭାଗର ପ୍ରଫେସର ଭାବେ ଅବସ୍ଥାପିତ ହୋଇ ଅଗଣିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ଜଣେ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ଖ୍ୟାତି ଅର୍ଜନ କରି, ଓଡ଼ିଆ ଭାଷାରେ ବିଜ୍ଞାନକୁ ଲୋକପ୍ରିୟ କରି ୧୯୧୩ ଜୁଲାଇ ୧୦ ତାରିଖରେ ଇହଧାନ ପରିତ୍ୟାଗ କରିଥିଲେ।

ଏହି ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ କରାଯାଇଅଛି। ଏହି ଅବସରରେ ତାଙ୍କ ପୁତ୍ର, କନ୍ୟା ଓ ପରିବାରର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଉଛି। ତାଙ୍କର ପିଲାମାନେ ପିତାଙ୍କର ପ୍ରତିଷ୍ଠାର ଉଜ୍ଜଳ ଆଲୋକରେ ଉଦ୍‌ଭାସିତ ଓ ଗର୍ବିତ। ଆମେ ଓଡ଼ିଆବାସୀ ଓ ବିଜ୍ଞାନ ପ୍ରସାର ସମିତିର ସଭ୍ୟମାନେ ତାଙ୍କର ଅମ୍ଳାନ କୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛୁ। ■■■

ଫୋନ୍- ୯୪୩୭୦୨୨୪୦୧



# ଗୋକୁଳାନନ୍ଦ ଓ ବିଜ୍ଞାନ ପ୍ରଚାର ସମିତି

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ବିଶିଷ୍ଟ ଭାରତୀୟ ପଦାର୍ଥବିଜ୍ଞାନୀ କେ.ଏସ୍. ଜୟରମନ୍‌ଙ୍କ ଭାଷାରେ, "ଅଧୁନା ବିଜ୍ଞାନ ସଂପର୍କିତ ଜ୍ଞାନ ଏକ ସାଂସ୍କୃତିକ ଆବଶ୍ୟକତା।" ଏହି ଜ୍ଞାନପ୍ରାପ୍ତିଦ୍ୱାରା ମଣିଷର ଚିନ୍ତା ଅନୁକୂଳ ଭାବରେ ପରିବର୍ତ୍ତିତ ହୋଇଯାଏ। ସୁତରାଂ ବିଜ୍ଞାନ ଜ୍ଞାନର ସାମାଜିକୀକରଣ ସାମାଜ ପାଇଁ ଅପରିହାର୍ଯ୍ୟ।

**ଅତୀତର ଦୃଶ୍ୟପଟ** - ଆଗେ ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ଇଂରାଜୀଭାଷା ଥିଲା ଶିକ୍ଷାଦାନର ମାଧ୍ୟମ। ଚାଳିଶ ଦଶକର ଶେଷଭାଗଠାରୁ ଶିକ୍ଷାଦାନର ମାଧ୍ୟମଭାବେ ପ୍ରଚଳିତ ହେଲା ଓଡ଼ିଆଭାଷା। ପାଖାପାଖି ସେହି ସମୟରେ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସାଧାରଣ ବିଜ୍ଞାନକୁ ଏକ ବିଷୟ ଭାବେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ଦିଆଯାଇଥିଲେ ମଧ୍ଯ ଛାତ୍ରଛାତ୍ରୀମାନଙ୍କ ପଢ଼ିବା ନିମନ୍ତେ, ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଣୀତ ହୋଇନଥିଲା। ତେଣୁ ସେମାନଙ୍କ ସମସ୍ୟା ସହଜରେ ଅନୁମାନ କରାଯାଇପାରେ। ଏହି କାରଣରୁ ଓଡ଼ିଆ ଭାଷାରେ ଲିଖିତ ଯେକୌଣସି ବିଜ୍ଞାନ ବିଷୟ ସେମାନଙ୍କ ଆଖିରେ ପଡ଼ିଗଲେ, ସେମାନେ ତା'କୁ ହାତଛଡ଼ା କରୁନଥିଲେ। ସେମାନେ ଧରିନେଇଥିଲେ ଯେ ବିଜ୍ଞାନ ଏକ କ୍ଲିଷ୍ଟ ବିଷୟ ଓ ତାହା ବୁଝିବା କଷ୍ଟ। ଏହି କାରଣରୁ ପିଲାମାନଙ୍କର ମଧ୍ୟ ବିଜ୍ଞାନ ପଢିବା ପାଇଁ ବିଶେଷ ଆଗ୍ରହ ନ ଥିଲା। ବିଜ୍ଞାନରେ ଫେଲ୍ ହୋଇଯିବା ଓ ଫେଲ୍ ହୋଇଗଲେ ଚାକିରିଟିଏ ମିଳିବାରେ ମୁସ୍କିଲ ହୋଇପଡ଼ିବା ପ୍ରତି ସେମାନଙ୍କର ଥିଲା ବଡ଼ ଭୟ। ସେମାନଙ୍କ ସମସ୍ୟାର ସମାଧାନ କରିବା ନିମନ୍ତେ କଲେଜର ଅଧ୍ୟାପକଗୋଷ୍ଠୀ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। ବରଂ କଲେଜର ଅଧ୍ୟାପକମାନେ ଭାବୁଥିଲେ ଯେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ପାଇଁ ଓଡ଼ିଆଭାଷାରେ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଣୟନ କରିବା ସେମାନଙ୍କ ନିମନ୍ତେ ଅତି ଅମର୍ଯ୍ୟାଦାଜନକ! ଫଳରେ ରସାୟନ ବିଜ୍ଞାନ ଅଧ୍ୟାପକ ଡକ୍ଟର ଗୋକୁଳାନନ୍ଦ ମହାପାତ୍ର ଓ ଉଦ୍ଭିଦବିଜ୍ଞାନର ଅଧ୍ୟାପକ ଡକ୍ଟର ହରିହର ପଟ୍ଟନାୟକ ଯୁଗ୍ମଲେଖକ ଭାବେ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ଯେତେବେଳେ ବିଜ୍ଞାନ ପାଠ୍ୟପୁସ୍ତକ ଲେଖିଲେ, 'କଲେଜ ଅଧ୍ୟାପକମାନଙ୍କ ମାନସମ୍ମାନ ତଳକୁ ପକେଇଦେଲେ' ବୋଲି ଅଭିଯୋଗ ଆଣି ସେ ଦୁହିଁଙ୍କୁ ଖୁବ୍ ସମାଲୋଚିତ ତଥା ଉପହସିତ ହେବାକୁ ପଡ଼ିଥିଲା! ଏଭଳି ଅସଙ୍ଗତ ସମାଲୋଚନାରେ ବ୍ୟଥିତ ହୋଇ ଡକ୍ଟର ମହାପାତ୍ର ଓଡ଼ିଶାରେ ବିଜ୍ଞାନକୁ ଜନପ୍ରିୟ କରିବା ନିମନ୍ତେ ଆରମ୍ଭ କରିଦେଲେ ଏକନିଷ୍ଠ ଉଦ୍ୟମ।

ଭାରତରେ ବିଜ୍ଞାନକୁ ଶିକ୍ଷାଗ୍ରହଣର ଏକ ଅଂଶ ରୂପେ କାର୍ଯ୍ୟକାରୀ କରିବାପାଇଁ ୧୮୧୩ ମସିହାରେ ଇଂରେଜ ସରକାରଙ୍କ ତରଫରୁ ଆରମ୍ଭ ହୋଇଥିଲା କାର୍ଯ୍ୟାନୁଷ୍ଠାନ। ସେହିବର୍ଷ ବ୍ରିଟିଶ ପାର୍ଲିଆମେଣ୍ଟଙ୍କ ନିଷ୍ପତ୍ତିକ୍ରମେ ଭାରତରେ ଶିକ୍ଷାର ପ୍ରସାରପାଇଁ ବାର୍ଷିକ ଏକଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ଏ ସଂପର୍କରେ ଉଲ୍ଲେଖ ଥିଲା-

"One lac of rupees in each year shall be set apart and applied to the revival and improvement of interature and encouragement of the learned natives of India and for the introduction and promotion of a knowledge of Science among inhabitants of the British territories India."

ଏଠାରେ ଲକ୍ଷ୍ୟ କରିବାର କଥା ଯେ, ଦୁଇଶହରୁ ଅଧିକ ବର୍ଷତଳେ ମଧ୍ୟ ଇଂରେଜ ସରକାର ଆମ ଦେଶରେ ବିଜ୍ଞାନ ଶିକ୍ଷାକୁ ପ୍ରୋତ୍ସାହନ ଦେବାପାଇଁ ଅର୍ଥର ବ୍ୟବସ୍ଥା କରିଥିଲେ। ତେବେ ବିଜ୍ଞାନ ଲେଖକମାନେ ବିଜ୍ଞାନକୁ ଲୋକାଭିମୁଖୀ କରିବା ନିମନ୍ତେ ଲେଖନୀ ଚାଳନା କରିବାର ଯଥେଷ୍ଟ ପୂର୍ବରୁ ପାଠ୍ୟପୁସ୍ତକ ମାଧ୍ୟମରେ ବିଜ୍ଞାନ ଶିକ୍ଷା ପ୍ରଦାନ କରି ଜନସାଧାରଣଙ୍କୁ ବିଜ୍ଞାନ ସହ ପରିଚିତ କରାଇବାର ଭିତ୍ତି ସ୍ଥାପିତ ହୋଇସାରିଥିଲା। ପାଠ୍ୟପୁସ୍ତକଗୁଡ଼ିକରେ ସ୍ଥାନିତ ବିଜ୍ଞାନ ବିଷୟକ ଆଲୋଚନା ଥିଲା ଜନପ୍ରିୟ ବିଜ୍ଞାନ ସାହିତ୍ୟର ଉଦ୍‌ଯୋଗ ପର୍ବ।

ଜାଣି ରଖିବା ଦରକାର ଯେ, ଡକ୍ଟର ଗୋକୁଳାନନ୍ଦ ମହାପାତ୍ର ଓଡ଼ିଆ ଭାଷାରେ ଓଡ଼ିଶାର ପ୍ରଥମ ବିଜ୍ଞାନ ଲେଖକ ନୁହନ୍ତି । ତାଙ୍କ ପୂର୍ବରୁ ବିଜ୍ଞାନ ଡିଗ୍ରୀ ନ ଥିବା ଓଡ଼ିଶାର କେତେକ ସାହିତ୍ୟିକ ବିଜ୍ଞାନ ଆଧାରିତ ବିଷୟଗୁଡ଼ିକ ସମ୍ବନ୍ଧରେ ଲେଖାଲେଖି କରିଥିଲେ । ଏପରିକି 'ପ୍ରଭାତ' (୧୯୦୯), 'ପଞ୍ଚାମୃତ' (୧୯୨୦) ଓ 'ଜହ୍ନମାମୁ' (୧୯୩୨) ଭଳି ଶିଶୁପତ୍ରିକାରେ ମଧ୍ୟ ପ୍ରକାଶ ପାଇଥିଲା ବିଜ୍ଞାନ ଲେଖା । ତେବେ ଓଡ଼ିଶାରେ ବିଜ୍ଞାନକୁ ଜନପ୍ରିୟ କରାଇବାରେ ଡକ୍ଟର ମହାପାତ୍ରଙ୍କର ଅବିସ୍ମରଣୀୟ ଅବଦାନ କ'ଣ ? ତାଙ୍କର ଅବିସ୍ମରଣୀୟ ଅବଦାନ ହେଉଛି, ସେଥିଲେ ବିଜ୍ଞାନକୁ ଓଡ଼ିଆ ଭାଷାରେ ଜନାଭିମୁଖୀ କରାଇବାରେ ପ୍ରଧାନ ବିନ୍ଧାଣୀ । ସେ ହିଁ ଏହି ପ୍ରୟାସକୁ ଏକ ଆନ୍ଦୋଳନର ରୂପ ଦେଇଥିଲେ । ତାଙ୍କର ନିରବଚ୍ଛିନ୍ନ ଏକନିଷ୍ଠ ଉଦ୍ୟମ ବଳରେ ଏବଂ ଅନ୍ୟକେତେଜଣ ଉତ୍ସାହୀ ବିଜ୍ଞାନୀଙ୍କ ସହଯୋଗରେ ଗଠିତ ହୋଇଥିଲା 'ବିଜ୍ଞାନ ପ୍ରଚାର ସମିତି' ନାମକ ଏକ ଅନୁଷ୍ଠାନ । ବିଜ୍ଞାନର ପ୍ରଚାର ଓ ପ୍ରସାର କରାଇବାରେ ଏହି ସମିତି ହିଁ ଥିଲା ଏକମାତ୍ର ଆନୁଷ୍ଠାନିକ ମାଧ୍ୟମ ତଥା ଜନପ୍ରିୟ ବିଜ୍ଞାନ ଲେଖାଲେଖି ଶିଖିବାର ପ୍ରଥମ ପାଠଶାଳା ।

ଗୋକୁଳାନନ୍ଦ ମହାପାତ୍ର ରସାୟନ ବିଜ୍ଞାନରେ ଏମ.ଏସ୍‌ସି, ପଢୁଥିଲେ କୋଲକତାର ପ୍ରେସିଡେନସୀ କଲେଜରେ । ସେଠାରେ ସେ 'ବଙ୍ଗୀୟ ବିଜ୍ଞାନ ପରିଷଦ' ନାମକ ଏକ ସଂସ୍ଥାର ସଂସ୍ପର୍ଶରେ ଆସିଥିଲେ । ପରିଷଦର ପ୍ରତିଷ୍ଠାତା ଥିଲେ ସତ୍ୟେନ୍ଦ୍ର ନାଥ ବୋଷ । ବିଜ୍ଞାନ ଜ୍ଞାନକୁ ବଙ୍ଗଳାଭାଷାରେ ଜନସାଧାରଣଙ୍କ ମଧ୍ୟରେ ପ୍ରସାର କରେଇବା ଥିଲା ପରିଷଦଟିର ଲକ୍ଷ୍ୟ । ଆମ ଓଡ଼ିଶାରେ ଅନୁରୂପ ଏକ ସଂସ୍ଥା ଗଠନ କରିବା ନିମନ୍ତେ ଗୋକୁଳାନନ୍ଦ ମହାପାତ୍ର ହୁଏତ ମନସ୍ଥ କରିଥିବେ ।

କୋଲକାତାର ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଜଣେ ଅଧ୍ୟାପକ ଭାବରେ ରେଭେନ୍‌ସା କଲେଜର ରାସାୟନ ବିଭାଗରେ ଯୋଗଦେଲେ ସେ । ଏହି ଅବସରରେ ତାଙ୍କର ପରିଚୟ ହେଲା ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟରେ କାର୍ଯ୍ୟରତ ଡାକ୍ତର ଗୋପାଳଚନ୍ଦ୍ର ପଟ୍ଟନାୟକଙ୍କ ସହ ବଙ୍ଗୀୟ ବିଜ୍ଞାନ ପରିଷଦ ଭଳି ଏକ ସଂସ୍ଥା କଟକଠାରେ ଗଠନ କରିବା ବିଷୟରେ ସେ ଡାକ୍ତର ପଟ୍ଟନାୟକଙ୍କ ସହିତ ଆଲୋଚନା କଲେ । ପ୍ରସ୍ତାବିତ ଖୁବ୍ ଉତ୍ତମ ତଥା ଉପଯୋଗ କହି ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏ'ପ୍ରକାରର ଏକ ସାରସ୍ୱତ ପ୍ରୟାସରେ ନିଜର ସମସ୍ତ ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଲେ ଡାକ୍ତର ପଟ୍ଟନାୟକ । ସହଯୋଗ ମଧ୍ୟ ମିଳିଗଲା ସଦ୍ୟ ବିଲାତରୁ ଫେରିଥିବା ଡକ୍ଟର ସଦାଶିବ ମିଶ୍ର ଓ ଡକ୍ଟର ରାଧାନାଥ ରଥଙ୍କ ନିକଟରୁ । ଗୋକୁଳାନନ୍ଦଙ୍କ ଉଦ୍ୟମକୁ ଦୃଢ଼ ସମର୍ଥନ ଦେଲେ ଶ୍ୟାମାନନ୍ଦ ପଟ୍ଟନାୟକ, ସୁକୁମାର ଆଦିତ୍ୟ ଓ କୃଷ୍ଣଚରଣଦାସ ।

**ସ୍ୱନକ୍ଷତ୍ର** - ୧୯୪୯ ମସିହା ଅଗଷ୍ଟ ୭ ତାରିଖଟି ଥିଲା ଓଡିଶାର ସାରସ୍ୱତ କ୍ଷେତ୍ରରେ ଏକ ଶୁଭ ଦିବସ । ସେହିଦିନ ଅପରାହ୍ନରେ ବସିଲା ଏକ ଆଲୋଚନା ସଭା । ସଭାଟିର ଆବାହକ ଥିଲେ ନିଜେ ଅଧ୍ୟାପକ ମହାପାତ୍ର । ଏହା ଅନୁଷ୍ଠିତ ହୋଇଥିଲା ଶ୍ରୀରାମଚନ୍ଦ୍ରଭଞ୍ଜ ଚିକିତ୍ସା ମହାବିଦ୍ୟାଳୟ ପରିସରସ୍ଥିତ ଡାକ୍ତର ଗୋପାଳଚନ୍ଦ୍ର ପଟ୍ଟନାୟକଙ୍କ ସରକାରୀ ବାସଭବନରେ । ସଭାପତି ଆସନ ଅଳଙ୍କୃତ କରିଥିଲେ ଡକ୍ଟର ସଦାଶିବ ମିଶ୍ର । ଉକ୍ତ ସଭାରେ ଯେଉଁ ନଅଜଣ ଉତ୍ସାହୀ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ, ସେମାନେ ହେଲେ :

୧. ଡାକ୍ତର ଗୋପାଳ ଚନ୍ଦ୍ର ପଟ୍ଟନାୟକ
୨. ଡକ୍ଟର ରାଧାନାଥ ରଥ (ମନସ୍ତତ୍ତ୍ୱ)
୩. ଅଧ୍ୟାପକ ସୁକୁମାର ଆଦିତ୍ୟ (ରସାୟନ ବିଜ୍ଞାନ)
୪. ଅଧ୍ୟାପକ କୃଷ୍ଣଚରଣ ଦାସ (ରସାୟନ ବିଜ୍ଞାନ)
୫. ଅଧ୍ୟାପକ ଶ୍ୟାମାନନ୍ଦ ପଟ୍ଟନାୟକ (ଉଦ୍ଭିଦ ବିଜ୍ଞାନ)
୬. ଡାକ୍ତର ମହେନ୍ଦ୍ର ଚନ୍ଦ୍ର ମିଶ୍ର
୭. ଡାକ୍ତର ରାଇକୃଷ୍ଣ ମହାନ୍ତି
୮. ଡକ୍ଟର ସଦାଶିବ ମିଶ୍ର (ଅର୍ଥନୀତି)
୯. ଅଧ୍ୟାପକ ଗୋକୁଳାନନ୍ଦ ମହାପାତ୍ର (ରସାୟନ ବିଜ୍ଞାନ)

(ଏହି ପ୍ରତିଷ୍ଠାତା ସଦସ୍ୟ ସଂପ୍ରତି ଦିବଂଗତ ।)

ଉକ୍ତ ସଭାରେ ଉପସ୍ଥିତ ବ୍ୟକ୍ତିମାନେ ବିଜ୍ଞାନକୁ ଓଡ଼ିଆ ଭାଷାରେ ଲୋକପ୍ରିୟ କରାଇବାର ଆବଶ୍ୟକତା ସଂପର୍କରେ ସହମତ ହେଲେ । ଏହାକୁ ସାକାର କରିବା ନିମନ୍ତେ ଏକ ସଂସ୍ଥା ଗଠନ କରିବାର ଗୁରୁତ୍ୱ ବିଷୟରେ ସହମତି ପ୍ରକାଶ ପାଇଲା । ଏହି ନବଜାତ ସଂସ୍ଥାଟିର ନାମକରଣ କରାଗଲା 'ବିଜ୍ଞାନ ସମିତି' ।

ବିଜ୍ଞାନ ପ୍ରଚାର ସମିତିରେ କୌଣସି ସଭାପତି ନ ରଖିବାପାଇଁ ସ୍ଥିର ହେଲା । ସମିତିର ପ୍ରତିଷ୍ଠାତା ସଂପାଦକ ରହିଲେ ଡକ୍ଟର ରାଧାନାଥ ରଥ ଏବଂ ଅଧ୍ୟାପକ ଗୋକୁଳାନନ୍ଦ ମହାପାତ୍ର । ପ୍ରତି ପନ୍ଦର ଦିନରେ ରବିବାର ଅପରାହ୍ନରେ ସମିତିର ଅଧିବେଶନ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା । ଏହା ମଧ୍ୟ ଠିକ୍ ହେଲା ଯେ, ସମିତିର ଅଧିବେଶନ ପର୍ଯ୍ୟାୟକ୍ରମେ ସଭ୍ୟମାନଙ୍କ ବାସଭବନରେ ଅନୁଷ୍ଠିତ ହେବ ।

୧୯୪୯ ମସିହା ଅଗଷ୍ଟ ୨୧ ତାରିଖରେ ଅନୁଷ୍ଠିତ ହେଲା ସମିତିର ଦ୍ୱିତୀୟ ଅଧିବେଶନ। ଉକ୍ତ ଅଧିବେଶନରେ ଓଡ଼ିଆ ଭାଷାରେ ରଚିତ 'ପୁଅ ନା ଝିଅ' ଶୀର୍ଷକ ନିଜ ଜନପ୍ରିୟ ବିଜ୍ଞାନ ପ୍ରବନ୍ଧଟିକୁ ପାଠ କରିଥିଲେ ଶ୍ୟାମାନନ୍ଦ ପଟ୍ଟନାୟକ। ଏହି ପ୍ରବନ୍ଧଟି ଥିଲା ବିଜ୍ଞାନ ପ୍ରଚାର ସମିତିର ଅଧିବେଶନରେ ପଠିତ ପ୍ରଥମ ପ୍ରବନ୍ଧ।

**ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ସମିତିଟି ଗଠିତ ହେଲା, ତାହା ହେଉଛି,

୧. ବିଜ୍ଞାନ ଆଧାରିତ ଲୋକପ୍ରିୟ ପ୍ରବନ୍ଧପାଠ ଓ ପୁସ୍ତକ ପ୍ରଣୟନ

୨. ବିଜ୍ଞାନ ପତ୍ରିକା ପ୍ରକାଶନ

୩. ବିଜ୍ଞାନ ବିଷୟକ ବକ୍ତୃତା ପ୍ରଦାନ ଓ ସମ୍ମାନର ଆୟୋଜନ

୪. ଅନ୍ୟ ଯେକୌଣସି ମାଧ୍ୟମର ସାହାଯ୍ୟ ନେଇ ବିଜ୍ଞାନ ତଥ୍ୟର ପ୍ରସାର ତଥା

୫. ସଭ୍ୟମାନଙ୍କ ମଧ୍ୟରେ ପାରସ୍ପରିକ ସାମାଜିକ ସଂପର୍କ ଓ ସୌହାର୍ଦ୍ଦ୍ୟ ସ୍ଥାପନ

ସମିତିର ସମସ୍ତ କାର୍ଯ୍ୟକ୍ରମ କେବଳ ଓଡ଼ିଆ ଭାଷାରେ ସଂପାଦିତ ହେବବୋଲି ସ୍ଥିରୀକୃତ ହେଲା। ୧୯୪୯ ମସିହାଠାରୁ ଏ'ଯାବତ୍ ବିଜ୍ଞାନ ପ୍ରଚାର ସମିତି ତା'ର ଉପରୋକ୍ତ ମୌଳିକ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପାଳନ କରି ଚାଲିଛି।

ତେବେ ସମିତି ଗଠିତ ହେବାବେଳେ ବାର୍ଷିକ ସଭ୍ୟ ଓ ଆଜୀବନ ସଭ୍ୟଗ୍ରହଣର ବ୍ୟବସ୍ଥା ଥିଲା। ଏବେ କିନ୍ତୁ କେବଳ ଆଜୀବନ ସଭ୍ୟଙ୍କୁ ଗ୍ରହଣ କରାଯାଉଛି। ବିଜ୍ଞାନ ବିଷୟକ ଯେକୌଣସି ଶାଖାରେ ଅନ୍ୟ ସ୍ନାତକ ଡିଗ୍ରୀ ଲାଭ କରିଥିବା ବ୍ୟକ୍ତି ସମିତିର ସଭ୍ୟଶ୍ରେଣୀଭୁକ୍ତ ହୋଇପାରିବେ। ଡିଗ୍ରୀଧାରୀ ନ ହୋଇ ମଧ୍ୟ ବିଜ୍ଞାନ ଅନୁରାଗୀ ବ୍ୟକ୍ତିଙ୍କୁ ସଭ୍ୟଭାବେ ଗ୍ରହଣ କରାଯାଇପାରିବ। ସଭ୍ୟମାନଙ୍କ ସମ୍ମତିକ୍ରମେ ବିଜ୍ଞାନପ୍ରେମୀ ଯେକୌଣସି ବ୍ୟକ୍ତି ମଧ୍ୟ ହୋଇପାରିବେ ସମିତିର ପୃଷ୍ଠପୋଷକ।

ପୂର୍ବରୁ ସମିତିରେ କୌଣସି ସଭାପତି ପଦବୀ ରହି ନ ଥିଲା। ଅଧିବେଶନରେ ଉପସ୍ଥିତ ଯେକୌଣସି ସଭ୍ୟଙ୍କୁ ବରିଷ୍ଠତାର ନିର୍ବିଚାରରେ ସଭାପତି ମନୋନୟନ କରାଯିବା ପରେ ସେ ସେହି ଅଧିବେଶନଟିର କାର୍ଯ୍ୟ ପରିଚାଳନା କରିଥିଲେ। ଏବେ ସମିତିରେ ସଭାପତି ଓ ଉପସଭାପତି ପଦ ସୃଷ୍ଟି କରାଯାଇଛି। ବାର୍ଷିକ ନିର୍ବାଚନ ମାଧ୍ୟମରେ ସମିତିର କର୍ମକର୍ତ୍ତା ସ୍ଥିର କରିବାର ନିୟମ ଥିଲେ ମଧ୍ୟ ୧୯୪୯ ମସିହାଠାରୁ ଏ'ଯାବତ୍ କର୍ମକର୍ତ୍ତାମାନେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇ ଆସୁଛନ୍ତି। ଏଥିରୁ ସମିତିର ନିର୍ବିବାଦୀୟ ସ୍ୱରୂପ ସ୍ପଷ୍ଟ ପ୍ରତିଭାତ।

ଆଗେ ସମିତିର ନିୟମମାନ ବେଶ୍ କଡ଼ାକଡ଼ି ଥିଲା। ଅସୁସ୍ଥତା କାରଣ ବ୍ୟତୀତ ଅନ୍ୟ ଯେକୌଣସି କାରଣରୁ ଜଣେ ସଭ୍ୟ କ୍ରମାଗତ ଭାବରେ ଚାରଟି ଅଧିବେଶନରେ ଅନୁପସ୍ଥିତ ରହିଲେ ରଦ୍ଦ କରି ଦିଆଯାଉଥିଲା ତାଙ୍କର ସଭ୍ୟପଦ। ସେହିପରି ପ୍ରତ୍ୟେକ ସଭ୍ୟ ବର୍ଷକୁ ଅନ୍ତତଃ ଥରଟିଏ ନିଜଦ୍ୱାରା ପ୍ରସ୍ତୁତ ପ୍ରବନ୍ଧପାଠ କରିବା ଥିଲା ବାଧ୍ୟତାମୂଳକ। ଅଧୁନା ଏହି ନିୟମ ଦୁଇଟିକୁ କୋହଳ କରାଯାଇଛି।

ସମିତିର ସଭ୍ୟସଂଖ୍ୟା କ୍ରମାଗତ ବୃଦ୍ଧିପାଇବା ସଙ୍ଗେସଙ୍ଗେ ସମିତିର ଜନପ୍ରିୟତା ଓ ପ୍ରାସଙ୍ଗିକତାକୁ ଉପଲବ୍ଧି କରି ବୁର୍ଲା, ବ୍ରହ୍ମପୁର, ଭୁବନେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର ଓ ସାଲେପୁର ଇତ୍ୟାଦି ସ୍ଥାନରେ ସମିତିର ଶାଖାମାନ ଗଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ଶାଖାଗୁଡ଼ିକ ଆଉ ପୂର୍ବବତ୍ ସକ୍ରିୟ ରହିପାରିନି।

**ସଫଳତାର ଫର୍ଦ୍ଦ**

ଆଉ ଗୋଟିଏ ବର୍ଷପରେ ସମିତି ତା'ର ୭୫ତମ ଜନ୍ମଦିବସ ପାଳନ କରିବ। ପାଳନ କରିବ ପ୍ଲାଟିନମ୍ ଜୁବ୍‌ଲି। ଏହା ପୂର୍ବରୁ ସେ ତା'ର ରୌପ୍ୟ, ସୁବର୍ଣ୍ଣ ଜୟନ୍ତୀ ପାଳନ କରିସାରିଛି। କୌଣସି ଏକ ସମିତି ନିରବଚ୍ଛିନ୍ନ ତଥା ସୁଶୃଙ୍ଖଳିତ ଭାବରେ ବିଗତ ସାତଦଶାଧିକ ସକ୍ରିୟ ଭାବରେ କାର୍ଯ୍ୟରତ ରହିବା ନିଶ୍ଚିତ ଭାବରେ ଏକ ଅସାଧାରଣ କୃତିତ୍ୱ।

ସମିତିର ଆଜୀବନ ସଦସ୍ୟାମାନଙ୍କ ସଂଖ୍ୟା ତ୍ରିଶତାଧିକ। ସେମାନଙ୍କ ମଧ୍ୟରେ ଅଛନ୍ତି ଡାକ୍ତର, ଇଞ୍ଜିନିୟର, ପଦାର୍ଥବିଜ୍ଞାନୀ, ରସାୟନବିଜ୍ଞାନୀ, ଉଦ୍ଭିଦବିଜ୍ଞାନୀ, ପ୍ରାଣୀବିଜ୍ଞାନୀ, ଭୂଗୋଳବିଜ୍ଞାନୀ, ଭୂତତ୍ତ୍ୱବିଜ୍ଞାନୀ, କୃଷିବିଜ୍ଞାନୀ, ପଶୁପକ୍ଷୀଚିକିତ୍ସକ, ବିଜ୍ଞାନ ଶିକ୍ଷକ ଶିକ୍ଷିକା ଇତ୍ୟାଦି। ପ୍ରତିମାସରେ ପନ୍ଦରଦିନ ଅନ୍ତରରେ ସମିତିର ଅଧିବେଶନ ହୋଇଥାଏ। ଅଧିବେଶନ ଅନୁଷ୍ଠିତ ହୋଇଥାଏ ରବିବାର ଅପରାହ୍ଣରେ। ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ କେତେଜଣ ନିଜ ରଚିତ ବିଜ୍ଞାନପ୍ରବନ୍ଧ ପାଠ କରନ୍ତି। ପ୍ରବନ୍ଧଗୁଡ଼ିକ ଉପରେ ସଭ୍ୟମାନେ ଭିନ୍ନଭିନ୍ନ ଦୃଷ୍ଟିରୁ ଆଲୋଚନା କରି ସୁଚିନ୍ତିତ ପରାମର୍ଶ ଦେଇଥାନ୍ତି। ସମୟେ ସମୟେ ଆୟୋଜିତ ହୋଇଥାଏ ବିଜ୍ଞାନ ବିଷୟକ ବକ୍ତୃତା। ପ୍ରତିବର୍ଷ ପାଳିତ ହୋଇଥାଏ ସମିତିର ପ୍ରତିଷ୍ଠା ଦିବସ ଏବଂ ସାମ୍ବତ୍ସରିକ ଉତ୍ସବ। ସାମ୍ବତ୍ସରିକ ଉତ୍ସବରେ ଅନୁଷ୍ଠିତ ହୁଏ ଏକ ସମ୍ମାନ ଓ ସମ୍ମାନରେ ପଠିତ ବିଷୟଗୁଡ଼ିକୁ ନେଇ ପ୍ରକାଶିତ ହୁଏ ପୁସ୍ତକ।

### (କ) ପ୍ରବନ୍ଧ ଓ ପୁସ୍ତକ ପ୍ରକାଶନ

ଅଦ୍ୟାବଧି ଅନୁଷ୍ଠିତ ହୋଇଥିବା ଅଧିବେଶନର ସଂଖ୍ୟା ୧୨୦୦ରୁ ବେଶୀ, ସେହିସବୁ ଅଧିବେଶନରେ ପଠିତ ଓ ଆଲୋଚିତ ପ୍ରବନ୍ଧଗୁଡିକରେ ମୋଟ ସଂଖ୍ୟା ଚାରିସହସ୍ରରୁ ଅଧିକ ହୋଇଥିବ ବୋଲି ଅନୁମାନ। ସେହି ପ୍ରବନ୍ଧଗୁଡିକ ମଧ୍ୟରୁ ଅଧିକାଂଶ ବିଭିନ୍ନ ପୁସ୍ତକ, ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ପ୍ରକାଶିତ।

ସମିତି ଆନୁକୂଲ୍ୟରେ ପ୍ରକାଶିତ ପୁସ୍ତକର ସଂଖ୍ୟା ୬୦ରୁ ବେଶୀ। ଏହି ପୁସ୍ତକ ଓ ସଂକଳନଗୁଡ଼ିକ ମଧ୍ୟରେ ରୋପ୍ୟ ଜୁବ୍‌ଲି ପାଳନ ଉପଲକ୍ଷେ ପ୍ରକାଶିତ ସଂକଳନ 'ଜୟନ୍ତିକା', 'ଓଡ଼ିଶାର ଜନପ୍ରିୟ ବିଜ୍ଞାନ ଲେଖକମାନଙ୍କ ନାମ ଓ ସାରସ୍ୱତ କୃତି ଉଲ୍ଲେଖଥିବା ସଂକଳନ' 'ଓଡ଼ିଶାର ବିଜ୍ଞାନ ଲେଖକ', 'ଭାରତୀୟ ବୈଜ୍ଞାନିକ', 'ପ୍ରାଚୀନ ଭାରତର ବିଜ୍ଞାନ', 'ବୈଜ୍ଞାନିକ ପାରିଭାଷିକ ଶବ୍ଦାବଳୀ', 'ଭାରତର ବିଖ୍ୟାତ ବୈଜ୍ଞାନିକ', 'ପ୍ରାଚୀନ ଭାରତର ବିଜ୍ଞାନ ବିଭବ', 'ମହାନ ଭାରତୀୟ ଗଣିତଜ୍ଞ', 'ଅତି ମାରାତ୍ମକ କର୍କଟ ରୋଗ', 'ଯେଉଁମାନେ ବିଜ୍ଞାନକୁ ରୂପ ଦେଲେ', 'ଶିଶୁର ଯତ୍ନ', 'ଶିଶୁର ରୋଗ', 'ବିଜ୍ଞାନର ଅପବ୍ୟବହାର', 'ଦୈନନ୍ଦିନ ଜୀବନରେ ପଲିମର୍' ଇତ୍ୟାଦି ଉଲ୍ଲେଖଯୋଗ୍ୟ।

'ପ୍ରଯୁକ୍ତିର ଭଲମନ୍ଦ' ଶୀର୍ଷକ ପୁସ୍ତକଟି ସଂପ୍ରତି ପ୍ରକାଶନ ଅପେକ୍ଷାରେ। ଏହାଛଡ଼ା ସମିତିର ବୁର୍ଲାଶାଖା ଦ୍ୱାରା ପ୍ରକାଶିତ ହୋଇଛି ୫ଖଣ୍ଡ ପୁସ୍ତକ। ସମିତିର ବିଭିନ୍ନ ସଭ୍ୟଙ୍କ ଦ୍ୱାରା ପ୍ରଣୀତ ପୁସ୍ତକଗୁଡ଼ିକର ମୋଟ ସଂଖ୍ୟା ପାଞ୍ଚଶହରୁ ଅଧିକ ହେବ।

### (ଖ) ବିଜ୍ଞାନ ପତ୍ରିକା

କଟକ ସହରର ଏକ ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥାର ଆନୁକୂଲ୍ୟରେ ସମିତି ୧୯୭୦ ଦଶକରେ ପ୍ରକାଶ କରିଥିଲା, 'ବିଜ୍ଞାନ ପ୍ରଭା' ନାମକ ଏକ ମାସିକ ବିଜ୍ଞାନ ପତ୍ରିକା। ୧୯୭୭ ମସିହାଠାରୁ 'ବିଜ୍ଞାନାଲୋକ' ନାମରେ ତାହା ଆତ୍ମପ୍ରକାଶ କଲା। ଏହାର ସଂପାଦକ ଥିଲେ ଡକ୍ଟର ଗୋକୁଳାନନ୍ଦ ମହାପାତ୍ର। କେତେକ ଅନିବାର୍ଯ୍ୟ କାରଣବଶତଃ ପତ୍ରିକାଟିକୁ ପ୍ରକାଶ କରିବା ସଂପ୍ରତି ସମ୍ଭବ ହୋଇପାରୁନାହିଁ।

### (ଗ) ବିଦ୍ୟାଳୟ ବିଜ୍ଞାନ ବକ୍ତୃତା କାର୍ଯ୍ୟକ୍ରମ

ବିଗତ ବହୁବର୍ଷଧରି ସମିତି 'ବିଦ୍ୟାଳୟ ବିଜ୍ଞାନ ବକ୍ତୃତା' କାର୍ଯ୍ୟକ୍ରମକୁ ବଡ଼ ନିଷ୍ଠାର ସହ କାର୍ଯ୍ୟକାରୀ କରିଆସୁଛି। ସମିତିର ସଭ୍ୟମାନେ ବିଭିନ୍ନ ବିଦ୍ୟାଳୟକୁ ଯାଇ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନର ନାନା ବିଷୟରେ ବକ୍ତୃତାମାନ ଦେଇଥାନ୍ତି। ସେମାନଙ୍କ ସମ୍ମୁଖରେ ବିଭିନ୍ନ ବୈଜ୍ଞାନିକ ପରୀକ୍ଷା ମଧ୍ୟ ପ୍ରଦର୍ଶନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ପାଠ୍ୟପୁସ୍ତକରେ ସ୍ଥାନିତ ଜଟିଳ ବିଷୟଗୁଡ଼ିକର ସରଳ ବ୍ୟାଖ୍ୟା ଉପରେ ଦିଆଯାଇଥାଏ ସର୍ବାଧିକ ଗୁରୁତ୍ୱ। ସମିତିର ଆଜୀବନ ସଭ୍ୟ ରହି ଆସିଥିଲେ ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ପ୍ରଫେସର ହରିହର ପଟ୍ଟନାୟକ। ତାଙ୍କ ସ୍ମୃତିରେ ତାଙ୍କ ସୁପୁତ୍ର ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ବିଦ୍ୟାଳୟ କାର୍ଯ୍ୟକ୍ରମ ପାଇଁ ଏକ ସ୍ଥାୟୀଜମାର ବ୍ୟବସ୍ଥା କରିଛନ୍ତି। ଏହି ଜମାର ସୁଧରୁ କାର୍ଯ୍ୟକ୍ରମଟିର ବ୍ୟୟଭାର ବହନ କରିବା ସଙ୍ଗେ ସଙ୍ଗେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥାଏ।

### (ଘ) ଲୋକପ୍ରିୟ ବିଜ୍ଞାନ ଲିଖନ ଓ ବିଜ୍ଞାନ ପଠନ କର୍ମଶାଳା

ସମିତିର ପାଣ୍ଠି ସୀମିତ। ଏହା ସତ୍ତ୍ୱେ ଯୁବ ବିଜ୍ଞାନ ଲେଖକ ଓ ବିଜ୍ଞାନ ଶିକ୍ଷକମାନଙ୍କୁ ମାର୍ଗଦର୍ଶନ କରିବା ନିମିତ୍ତ ସମିତି ଆନୁକୂଲ୍ୟରେ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଛି।

### (ଙ) ପୁରସ୍କାର ଓ ସମ୍ବର୍ଦ୍ଧନା

ବିଜ୍ଞାନ ପ୍ରଚାର ସମିତିର ନିରବଚ୍ଛିନ୍ନ ତଥା ନିଷ୍ଠାପର କାର୍ଯ୍ୟାକାରିତାରେ ଅନୁପ୍ରାଣିତ ହୋଇ କତିପୟ ବିଜ୍ଞାନପ୍ରେମୀ ବଦାନ୍ୟ ବ୍ୟକ୍ତି ଓ ସମିତି ସଦସ୍ୟ ସମିତିକୁ ଅର୍ଥଦାନ କରିଛନ୍ତି। ସେହି ଗଚ୍ଛିତ ଅର୍ଥର ସୁଧରୁ ପ୍ରତିବର୍ଷ ଛାତ୍ରଛାତ୍ରୀ ଓ ବିଜ୍ଞାନ ଲେଖକ ମାନଙ୍କୁ ପ୍ରଦତ୍ତ ହୋଇଆସୁଛି ପୁରସ୍କାର। କେତେକ ପୁରସ୍କାରର ବ୍ୟୟଭାର ମଧ୍ୟ ସମିତି ବହନ କରିଥାଏ। ବିଜ୍ଞାନ ବିଷୟକ କୁଇଜ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମିତିର ପ୍ରତିଷ୍ଠା ଦିବସରେ ପୁରସ୍କାର ପ୍ରଦାନପୂର୍ବକ ଉତ୍ସାହିତ କରାଯାଇଥାଏ। କୃତୀ ବିଜ୍ଞାନ ଲେଖକ, ବିଜ୍ଞାନ ଗବେଷକ, ବିଜ୍ଞାନ ଶିକ୍ଷକ, ବିଜ୍ଞାନ ବାଗ୍ମୀ, ପରିବେଶବିତ୍, ଗୃହବିଜ୍ଞାନ ଗବେଷକ, ବିଜ୍ଞାନ ଗବେଷକ, ବିଜ୍ଞାନ ଶିକ୍ଷକ, ବିଜ୍ଞାନ ବାଗ୍ମୀ, ପରିବେଶବିଦ୍, ଗୃହବିଜ୍ଞାନ ଗବେଷକ, ବିଜ୍ଞାନ ଶିଶୁସାହିତ୍ୟ ଲେଖକ, ଆୟୁର୍ବେଦ ଚିକିତ୍ସକ, ବିଜ୍ଞାନ ପୁସ୍ତକ ପ୍ରକାଶକ ଇତ୍ୟାଦିଙ୍କୁ ବାର୍ଷିକ ଉତ୍ସବରେ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ, ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥାଏ। ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଓ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ପରୀକ୍ଷାର ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଓ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପରୀକ୍ଷାର କୃତୀ ଛାତ୍ରଛାତ୍ରୀ, ଏମ୍. ବି. ବି. ଏସ୍ ଓ ବି.ଡି. ଏସ୍. ପରୀକ୍ଷାରେ ପ୍ରଥମ ହୋଇଥିବା ଛାତଛାତ୍ରୀ, ଏମ.ବି.ବି.ଏସ୍. ପରୀକ୍ଷାରେ ଚକ୍ଷୁବିଜ୍ଞାନ ବିଷୟରେ

ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଏବଂ ଏମ୍.ଏସ୍.ସି (ରସାୟନ ବିଜ୍ଞାନ)ର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦତ୍ତ ହୋଇ ଆସୁଛି ମଧ୍ୟ।

ସମିତିର ସବୁଠାରୁ ବୟସ୍କ ସଦସ୍ୟ ବି ସମିତିର ବାର୍ଷିକ ଉତ୍ସବରେ ସମ୍ମାନିତ ହୋଇଥାନ୍ତି। ପୁରସ୍କୃତ ହୋଇଥାନ୍ତି କୃତୀ ବିଜ୍ଞାନ ଗବେଷିକା।

ଆମ୍ଭମାନଙ୍କ ପାଇଁ ବଡ଼ ଗୌରବର ବିଷୟ ଯେ, ସମିତିର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ପ୍ରଫେସର ଡକ୍ଟର ସୁକୁମାର ଆଦିତ୍ୟ (ସଂପ୍ରତି ସ୍ୱର୍ଗତ) ଜଣେ ବଙ୍ଗବାସୀ ହୋଇ ମଧ୍ୟ ତାଙ୍କ ପ୍ରଦତ୍ତ ଅର୍ଥରେ ପ୍ରତିବର୍ଷ ଦିଆହୋଇ ଆସୁଛି 'ସୁକୁମାର-ସୁନନ୍ଦା ଲୋକପ୍ରିୟ ବିଜ୍ଞାନ ପୁରସ୍କାର'। ସ୍ୱର୍ଗୀୟ ସୁନନ୍ଦା ହେଉଛନ୍ତି ପ୍ରଫେସର ଆଦିତ୍ୟଙ୍କ ସୁଯୋଗ୍ୟ ଧର୍ମପତ୍ନୀ। କୋଲକାତାରେ ରହୁଥିଲେ ମଧ୍ୟ ପ୍ରଫେସର ଆଦିତ୍ୟ ମଝିରେ ମଝିରେ କଟକ ଆସି ସମିତି କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ।

ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଓ ପ୍ରଫେସର ସୁକୁମାର ଆଦିତ୍ୟଙ୍କ ଦ୍ୱାରା, ସମିତିକୁ ପ୍ରଦତ୍ତ ଅର୍ଥର ସୁଧରୁ ପ୍ରତି ଦୁଇବର୍ଷରେ ଥରେ ଦିଆଯାଇଛି। ବିଜ୍ଞାନ ରତ୍ନ ପୁରସ୍କାର , ଏହି ପୁରସ୍କାର ବିଜ୍ଞାନ ଗବେଷଣାରେ ଅସାଧାରଣ କୃତିତ୍ୱ ଅର୍ଜନ କରିଥିବା ଗବେଷକଙ୍କ ପାଇଁ ଉଦ୍ଦିଷ୍ଟ।

## (ଚ) ଏକ ଅସାଧାରଣ ପ୍ରଶିକ୍ଷଣ ପ୍ରତିଷ୍ଠାନ

ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କୁ ଛାଡ଼ିଦେଲେ ଓଡ଼ିଶାର ବହୁ ଲବ୍ଧପ୍ରତିଷ୍ଠ ଜନପ୍ରିୟ ବିଜ୍ଞାନ ଲେଖକ ଓ ବକ୍ତା ବିଜ୍ଞାନ ପ୍ରଚାର ସମିତିର ଆଜୀବନ ସଭ୍ୟ। ସେମାନଙ୍କୁ ଲେଖାଲେଖି କରିବାପାଇଁ ପ୍ରେରଣା ଯୋଗାଇବାରେ ଓ ସେମାନଙ୍କ ଲେଖାକୁ ସମୃଦ୍ଧ କରିବାରେ ସମିତିର ଅବଦାନ ଅନସ୍ୱୀକାର୍ଯ୍ୟ। ସୁତରାଂ ସମିତି ନିର୍ବାହ କରିଚାଲିଛି ଜନପ୍ରିୟ ବିଜ୍ଞାନ ରଚନାପାଇଁ ଏକ ପଶିକ୍ଷଣ ପ୍ରତିଷ୍ଠାନର ଭୂମିକା। ପ୍ରଖ୍ୟାତ ଆମେରିକୀୟ ଔପନ୍ୟାସିକ ଅର୍ନେଷ୍ଟ ହେମିଙ୍ଗ୍ୱେ କହିଥିଲେ, "ଲେଖାଲେଖି କରିପାରିବା କଳାରେ କେହି ଶିକ୍ଷକ ପଦବାଚ୍ୟ ନୁହନ୍ତି, ସମସ୍ତେ ହେଉଛନ୍ତି ଶିକ୍ଷାନବିଷ।" ସମିତି ଇତିହାସରେ ଏହି ଉକ୍ତିଟିର ସାର୍ଥକତା ପ୍ରତିପାଦିତ। ସମିତିର ଅଧିବେଶନରେ ପ୍ରବନ୍ଧ ଉପସ୍ଥାପନ କରୁଥିବା ବରିଷ୍ଠ ଓ ଅଭିଜ୍ଞ ଲେଖକମାନେ ମଧ୍ୟ କନିଷ୍ଠ ସଭ୍ୟମାନଙ୍କ ଯଥୋଚିତ ମତାମତ ଓ ପରାମର୍ଶକୁ ଉଦାରତାର ସହ ଗ୍ରହଣ କରିନେଉଥିବା ଏହାର ପରଂପରା ରହିଆସିଛି। ଜନପ୍ରିୟ ବିଜ୍ଞାନ ରଚନାପାଇଁ ସମିତି ରହିଆସିଛି ଏକ ପରୋକ୍ଷ ଓ ପ୍ରତ୍ୟକ୍ଷ ମାର୍ଗଦର୍ଶକ।

## (ଛ) ଓଡ଼ିଶା ବିଜ୍ଞାନ ଏକାଡେମୀର ପୂର୍ବସ୍ୱରୀ

ଏଠାରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବନାହିଁ ଯେ, ଓଡ଼ିଶା ବିଜ୍ଞାନ ଏକାଡେମୀର ଗଠନରେ ବିଜ୍ଞାନ ପ୍ରଚାର ସମିତିର ରହିଥିଲା ଗୁରୁତ୍ୱପୂର୍ଣ୍ଣ ଅବଦାନ। ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ସମେତ ସମିତିର ଅଧିକାଂଶ ବହିଷ୍ଠସଦସ୍ୟଙ୍କ ଉଦ୍ୟମରେ ସମିତିର ଆଜୀବନ ସଦସ୍ୟ ପ୍ରଫେସର ଡାକ୍ତର କେଶବ ଚନ୍ଦ୍ର ସାହୁଙ୍କ କଟକ ସହରସ୍ଥିତ ପ୍ରଫେସରପଡ଼ା ବାସଭାବନରେ ଏକ ବେସରକାରୀ ସଂସ୍ଥାରୂପେ ଜନ୍ମ ନେଇଥିଲା ଓଡ଼ିଶା ବିଜ୍ଞାନ ଏକାଡେମୀ। ପ୍ରଫେସର ସାହୁ-ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟର ଚର୍ମ ଓ ଯୌନରୋଗ ବିଭାଗର ମୁଖ୍ୟ ଏବଂ ଏକାଡେମୀର ପ୍ରତିଷ୍ଠାତା ସଭାପତି। ଏକାଡେମୀର କାର୍ଯ୍ୟାଳୟ ତାଙ୍କ ବାସଭବନରେ କାର୍ଯ୍ୟ କରୁଥିଲା ଓ ସେଇଠାରେ ହିଁ ଅନୁଷ୍ଠିତ ହେଉଥିଲା ଏହାର ଅଧିବେଶନମାନ। ପରବର୍ତ୍ତୀ ସମୟରେ ଏକାଡେମୀ ଓଡ଼ିଶା ସରକାରଙ୍କୁ ହସ୍ତାନ୍ତରିତ ହୋଇଗଲା।

## (ଜ) କ୍ଷୋଭ ଓ କୃତଜ୍ଞତା

ବଡ଼ କ୍ଷୋଭର ବିଷୟ ଯେ ସମିତିର ବୟସ ସାତଟି ଦଶକ ଅତିକ୍ରମ କରି ସାରିଥିଲେ ମଧ୍ୟ ସମିତିର ନିଜସ୍ୱ ଜମି ଖଣ୍ଡେ ନାହିଁକି ନିଜର ବୋଲି ଦାବି କରିବା ନିମନ୍ତେ ଘର ଖଣ୍ଡିଏ ମଧ୍ୟ ନାହିଁ। ତେବେ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ବଦାନ୍ୟତା ଯୋଗୁ ସେ ନିଜ ବାସଭବନ ପରିସରରେ ଯୋଗାଇ ଦେଉଥିବା ଏକ ସ୍ୱତନ୍ତ୍ର କୋଠରିରେ ନିୟମିତ ଅନୁଷ୍ଠିତ ହୋଇଚାଲିଛି ସମିତିର ପାକ୍ଷିକ ଅଧିବେଶନମାନ। ଏଥିପାଇଁ ସ୍ୱର୍ଗତ ପ୍ରଫେସର ମହାପାତ୍ର ଓ ତାଙ୍କ ପୁତ୍ରକନ୍ୟାମାନଙ୍କ ନିକଟରେ ସମିତି କୃତଜ୍ଞ।

ପ୍ରଫେସର ମହାପାତ୍ରଙ୍କ ବିନମ୍ର କୃତଜ୍ଞତା-ସ୍ୱୀକାରକ ସ୍ୱରୂପ, ସମ୍ପ୍ରତିର ପ୍ରତିଷ୍ଠା ଦିବସ ଉତ୍ସବକୁ ପ୍ରଧାନ ଅତିଥିରୂପେ ନିମନ୍ତ୍ରିତ ବିଜ୍ଞାନୀଙ୍କୁ ପ୍ରଦତ୍ତ ହେଉଛି 'ଡକ୍ଟର ଗୋକୁଳାନନ୍ଦ ମହାପାତ୍ର ସ୍ମାରକୀ ସମ୍ମାନ' ଏବଂ ପ୍ରଧାନ ବକ୍ତାଙ୍କୁ 'ଡକ୍ଟର କୁଳମଣି ସାମଲ ସ୍ମାରକୀ ସମ୍ମାନ'।

'ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ସମ୍ମାନ' ଓ 'ଡାକ୍ତର ଗୋପାଳଚନ୍ଦ୍ର ପଟ୍ଟନାୟକ ସ୍ମାରକୀ ବକ୍ତୃତା ସମ୍ମାନ'ରେ ସମ୍ମାନିତ ହୋଇଥାନ୍ତି ସମିତିର ବାର୍ଷିକ ଅଧିବେଶନର ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା।

**ଉତ୍ତରାଶା**

ବିଜ୍ଞାନ ପ୍ରଚାର ସମିତିର ଇତିହାସ ହେଉଛି ଅସାଧାରଣ ସାଫଲ୍ୟ ତଥା କୃତିତ୍ୱର ଇତିହାସ । ଏହି ଧାରାକୁ ଅବ୍ୟାହତ ରଖିବାପାଇଁ ସମିତିର ସଦସ୍ୟ-ସଦସ୍ୟାମାନେ ପ୍ରତିଶ୍ରୁତିବଦ୍ଧ । ସମୟାନୁକ୍ରମିକ ବୟସ ପରିପ୍ରେକ୍ଷୀରେ ବିଚାରକଲେ ସମିତି ତାର ତ୍ରିସପ୍ତତି ସମ୍ବତ୍ସର ଅତିକ୍ରମ କରିସାରିଲାଣି । କିନ୍ତୁ ଓଡ଼ିଶାରେ ବିଜ୍ଞାନକୁ ଜନପ୍ରିୟ କରାଇବାର ଏହାର ଅବଦାନ ଅପରିମେୟ ।

ବିଜ୍ଞାନ ପ୍ରଚାର ସମିତିର ପ୍ରତିଷ୍ଠା ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଦୂରଦର୍ଶିତା ତଥା ନବ୍ୟଚିନ୍ତନର ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ । ବିଜ୍ଞାନ-ଜ୍ଞାନକୁ ଗଣଧର୍ମୀ କରାଇବାରେ ବାଗ୍‌ଦେବୀଙ୍କ ବରପୁତ୍ର ପ୍ରଫେସର ମହାପାତ୍ରଙ୍କ ଅବଦାନ ଅମୂଲ୍ୟ ।

ଭାରତୀୟ ପ୍ରଖ୍ୟାତ ରସାୟନବିଦ୍ ଆତ୍ମାରାମ କହିଥିଲେ, "କଳକାରଖାନାର ଶ୍ରମିକ, କୃଷିକ୍ଷେତ୍ରରେ କୃଷକ ଏବଂ ପ୍ରତ୍ୟେକ ପରିବାରର ପ୍ରତ୍ୟେକ ସଦସ୍ୟ – ଏହି ସମସ୍ତଙ୍କ ହିତପାଇଁ ବିଜ୍ଞାନ ଜ୍ଞାନର ବିକଳ୍ପ ନାହିଁ ।"

ଆତ୍ମାରାମଙ୍କ ଉକ୍ତି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ବିଜ୍ଞାନ କ'ଣ ଜନପ୍ରିୟ ହୋଇସାରିଲାଣି ? ଓଡ଼ିଶାର ଜନସାଧାରଣ କ'ଣ ବିଜ୍ଞାନ-ସାକ୍ଷର ହୋଇସାରିଲେଣି ? କାରଖାନାଗୁଡ଼ିକର ଶ୍ରମିକ, କୃଷିକ୍ଷେତ୍ରଗୁଡ଼ିକର କୃଷକ ଏବଂ ପରିବାରଗୁଡ଼ିକର ପ୍ରତ୍ୟେକ ସଦସ୍ୟଙ୍କ ନିକଟରେ କ'ଣ ବିଜ୍ଞାନ-ଜ୍ଞାନ ପହଞ୍ଚିସାରିଲାଣି ? ଏସବୁ ପ୍ରଶ୍ନର ଉତ୍ତର ଯଦି ନା', ତେବେ ୭୫ ବର୍ଷୀୟା ଏହି ସମିତି ତାର ଉପଯୋଗିତା ହରେଇନାହିଁ । ମାତ୍ର ପାରଂପରିକ କାର୍ଯ୍ୟପଦ୍ଧତି ତଥା କାର୍ଯ୍ୟକ୍ରମ ହୁଏତ ଆବଶ୍ୟକ କରୁଥିବ କିଛିଟା ପରିବର୍ତ୍ତନ । ବର୍ତ୍ତମାନର ସମୟ, ପ୍ରୟୋଜନୀୟତା ଓ ବିଜ୍ଞାନ-ଜ୍ଞାନର ଉପଭୋକ୍ତାମାନଙ୍କ ମାନସିକତାକୁ ବିଚାରକୁ ନେଇ ସମିତି ତା'ର କାର୍ଯ୍ୟକ୍ରମରେ ଅଧିକ ଅଭିନବତ୍ୱ ଆଣିପାରିଲେ ସମିତି ସମ୍ଭବତଃ ଅଧିକତର ସକ୍ରିୟ ହୋଇପାରେ ।

ବିଜ୍ଞାନ ପ୍ରଚାର ସମିତି ସ୍ୱାସ୍ଥ୍ୟବତୀ ରହୁ, ଆୟୁଷ୍ମତୀ ହେଉ । ■■■

"ଅଭୀପ୍ସା"
ସେକ୍ଟର-୬, ପ୍ଲଟ ନଂ-୧୧୩୧,
ଅଭିନବ ବିଡ଼ାନାସୀ, କଟକ - ୭୫୩୦୧୪
ଫୋନ୍- ୯୪୩୭୭୬୬୧୧୭



Distinguished Audience in the GNM Foundation Annual Function

# ଯଶୋଦେହେ ଗୋକୁଳାନନ୍ଦ



ଡକ୍ଟର ଇଂ ପ୍ରଭାକର ସ୍ୱାଇଁ

ଭାଗବତର ଏକ ମହାନ ବାଣୀ: ମର୍ତ୍ତ୍ୟ ମଣ୍ଡଳେ ଦେହବହି, ଦେବତା ହୋଇଲେ ମରଇ। ଏଇ ପୃଥିବୀରେ ଦେବାଦେବୀ ମାନବ ଅବତାର ଗ୍ରହଣ କରି ଶେଷରେ ଦେହତ୍ୟାଗ କରିଛନ୍ତି। ଭଗବାନ ଶ୍ରୀକୃଷ୍ଣ, ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ବୁଦ୍ଧ, ଖ୍ରୀଷ୍ଟ ପ୍ରଭୃତି ଏଥିରୁ ବ୍ୟତିକ୍ରମ ଯାଇନାହାନ୍ତି। ଜନ୍ମ ଥିଲେ, ମୃତ୍ୟୁ ଅଛି - ଏହା ଧ୍ରୁବସତ୍ୟ। କିନ୍ତୁ ଯେଉଁ ମଣିଷ ତା'ର ଜୀବଦ୍ଦଶାରେ ସୁକର୍ମ କରି କିୟତ ପଦଚିହ୍ନ ଛାଡ଼ି ଯାଇଥାଏ, ସେହି ମଣିଷ ଅମର ହୋଇରହେ। ଏ ଦୁନିଆରେ ସେଭଳି ମଣିଷ ଆଙ୍ଗୁଠି ଗଣତି। ମଣିଷ ବିଭିନ୍ନ କ୍ଷେତ୍ରରେ ତାର କୃତି ଓ କୀର୍ତ୍ତି ପାଇଁ ଯଶ ଅର୍ଜନ କରିଥାଏ। ସେହିଭଳି ଜଣେ ଯଶସ୍ୱୀ ମଣିଷ ହେଉଛନ୍ତି ବୈଜ୍ଞାନିକ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର।

ଓଡ଼ିଶାର ଶିକ୍ଷା, ସାହିତ୍ୟ ଓ ବିଜ୍ଞାନ ଜଗତରେ ପ୍ରଫେସର ଡା. ଗୋକୁଳାନନ୍ଦ ମହାପାତ୍ର ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ସେ ଏକାଧାରାରେ ଜଣେ ପ୍ରବୀଣ ଶିକ୍ଷାବିତ, ଖ୍ୟାତନାମା ବିଜ୍ଞାନ ଲେଖକ ଓ ଯଶସ୍ୱୀ ବୈଜ୍ଞାନିକ ଥିଲେ। ଯଥାର୍ଥରେ ଜନପ୍ରିୟ ବିଜ୍ଞାନ ସାହିତ୍ୟ ସାମ୍ରାଜ୍ୟରେ ସେ ଥିଲେ ମୁକୁଟବିହୀନ ସମ୍ରାଟ। ଜଣେ ରସାୟନ ବିଜ୍ଞାନୀ ଭାବରେ ତାଙ୍କ ଖ୍ୟାତିର ଦୀପ୍ତି ଆକୁମାରୀ ହିମାଚଳ ପରିବ୍ୟାପ୍ତ ଥିଲା। ସେ ଓଡ଼ିଶାରେ ବିଜ୍ଞାନର ପ୍ରଚାର ପାଇଁ ୧୯୪୯ରେ ବିଜ୍ଞାନ ପ୍ରଚାର ସମିତି ପ୍ରତିଷ୍ଠା କରିଥିଲେ। ବିଜ୍ଞାନକୁ ଓଡ଼ିଆ ଭାଷାରେ ଜନପ୍ରିୟ କରିବାରେ ତାଙ୍କର ଭୂମିକା ପ୍ରାତଃ ସ୍ମରଣୀୟ। ଓଡ଼ିଆ ସାହିତ୍ୟର ଜନକ ଭାବେ ତାଙ୍କୁ ବିବେଚନା କରାଯାଏ। ତାଙ୍କ ପ୍ରେରଣାରେ ଓଡ଼ିଶାରେ ବହୁ ବିଜ୍ଞାନ ଲେଖକ ଲେଖିକା ସୃଷ୍ଟି ହୋଇପାରିଛନ୍ତି। ବିଜ୍ଞାନ ଲେଖକମାନେ ସରଳ, ସାବଲୀଳ ଭାଷା ପ୍ରୟୋଗ କରି ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟରଚନା ଇତ୍ୟାଦି ମାଧ୍ୟମରେ ବିଜ୍ଞାନକୁ ପରିବେଷଣ କରିବା ପାଇଁ ସେ ଦିଗ୍‌ଦର୍ଶନ ଦେଉଥିଲେ। ତାଙ୍କର ଅଜସ୍ର ବିଜ୍ଞାନ ରଚନା ଓଡ଼ିଶାର ପାଠକମାନଙ୍କ ମଧ୍ୟରେ ଆଦୃତି ଲାଭ କରି ଚମକ ସୃଷ୍ଟି କରିଥିଲା। ବିଜ୍ଞାନକୁ ଜନପ୍ରିୟ କରିବା ପାଇଁ ସେ ତାଙ୍କର ବୈଜ୍ଞାନିକ ଉପନ୍ୟାସକୁ ରୋମାଣ୍ଟିକ ଶୈଳୀରେ ପରିବେଷଣ କରିଥିଲେ। ବିଜ୍ଞାନର ଶବ୍ଦକୁ ବୋଧଗମ୍ୟ କରିବା ପାଇଁ ସେ ବିଜ୍ଞାନ ଜ୍ଞାନକୋଷ ଓ ବିଜ୍ଞାନ ଅଭିଧାନ ପ୍ରଣୟନ କରିଥିଲେ। ସାଧାରଣ ପାଠକ ସେଗୁଡ଼ିକୁ ଅଧ୍ୟୟନ କରି ବିଜ୍ଞାନ ଜଗତ ସଂପର୍କରେ ଜ୍ଞାନ ଅର୍ଜନ କରୁଥିଲା।

ଗୋକୁଳାନନ୍ଦଙ୍କ ଜୀବନ ଥିଲା ଅଧ୍ୟୟନ, ଅଧ୍ୟାପନା, ଗବେଷଣା ଓ ସର୍ଜନାରେ ପରିପୂର୍ଣ୍ଣ। ସେ ଜଣେ ଉଚ୍ଚକୋଟୀର ଅଧ୍ୟାପକ ଓ ପ୍ରଫେସର ଥିଲେ। ତାଙ୍କର ଶିକ୍ଷାଦାନ ପ୍ରଣାଳୀ ଛାତ୍ରଛାତ୍ରୀଙ୍କ ହୃଦୟଗ୍ରାହୀ ହୋଇପାରିଥିଲା। ତାଙ୍କର ଉଚ୍ଚାଙ୍ଗ ଗବେଷଣାମାନ ସମଗ୍ର ବିଶ୍ୱର ରସାୟନ ବିଜ୍ଞାନୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲା। ତାଙ୍କର ଉଚ୍ଚମାନର ଗବେଷଣାତ୍ମକ ନିବନ୍ଧ ପାଇଁ ସେ 'କୁପର ସ୍ମାରକୀ ସ୍ୱର୍ଣ୍ଣପଦକ' ଲାଭ କରିଥିଲେ। ସେ ମଧ୍ୟ ବିଜ୍ଞାନ କ୍ଷେତ୍ରରେ ଅମୂଲ୍ୟ ଅବଦାନ ପାଇଁ ମର୍ଯ୍ୟାଦାଜନକ 'କଳିଙ୍ଗ ପୁରସ୍କାର' ଲାଭ କରିଥିଲେ। ତାଙ୍କର କୃତି ଓ କୀର୍ତ୍ତିକୁ ସ୍ୱୀକୃତି ଜଣାଇ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ତାଙ୍କୁ ଡ଼ି.ଏସସି. ପ୍ରଦାନ କରିଥିଲେ।

ଗୋକୁଳାନନ୍ଦ ସାରଙ୍କ ତତ୍ତ୍ୱାବଧାନରେ ବହୁ ରସାୟନବିତ ଗବେଷଣା କରି ଡକ୍ଟରେଟ ହାସ କରିଛନ୍ତି। ସେ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଉନ୍ନତମାନର ବିଜ୍ଞାନଗାର ପ୍ରତିଷ୍ଠା ପାଇଁ ସତତ ଉଦ୍ୟମ କରିଥିଲେ। ସେ ଗୋକୁଳାନନ୍ଦ- ନିତ୍ୟାନନ୍ଦ ମହାପାତ୍ର (GNM) ଫାଉଣ୍ଡେସନ ପ୍ରତିଷ୍ଠା କରି ଏହା ମାଧ୍ୟମରେ ବିଜ୍ଞାନର ଗବେଷଣା, ପ୍ରଚାର, ପ୍ରସାର ଦିଗରେ ବହୁ ପଦକ୍ଷେପ ଗ୍ରହଣ କରିଥିଲେ। ସେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ବିଜ୍ଞାନାଗାରର ନବୀକରଣ ସହିତ ଏକ ଉନ୍ନତମାନର ପାଠାଗାର ପ୍ରତିଷ୍ଠା କରିଥିଲେ। ସେହିଭଳି ସେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟରେ Advanced Bio-chemistry Laboratory ପ୍ରତିଷ୍ଠା କରିବା ସହିତ Biochemistryରେ ଉଚ୍ଚାଙ୍ଗ ଗବେଷଣା ପାଇଁ Endowment chair ପ୍ରତିଷ୍ଠା କରିଛନ୍ତି।

ମୁଁ ସାରଙ୍କୁ ହାଇସ୍କୁଲ ଛାତ୍ରାବସ୍ଥାରେ ତାଙ୍କର ବିଜ୍ଞାନ ବହି ପଢ଼ି ଜାଣିଥିଲି। ପରେ ତାଙ୍କୁ ସ୍ୱ ଚକ୍ଷୁରେ ଦେଖିଲି। ସେ ଛାତ୍ରବତ୍ସଳ ଅଧ୍ୟାପକ ଥିଲେ। ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ଉଚ୍ଚମାନର ଶିକ୍ଷାଦାନ ତାଙ୍କୁ ଛାତ୍ରଛାତ୍ରୀମାନଙ୍କ ଶ୍ରଦ୍ଧାଭାଜନ କରିପାରିଥିଲା। ତାଙ୍କର ପିତୃସୁଲଭ ବ୍ୟବହାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଲୋଚ୍ୟ ବିଷୟବସ୍ତୁ ହେଉଥିଲା। ତାଙ୍କର ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ ଥିଲା। ସେ କର୍ତ୍ତବ୍ୟ ପରାୟଣତା ଓ ସମୟାନୁବର୍ତ୍ତିତାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ସେ ଥିଲେ ନିରହଂକାରୀ ଓ ବିନୟୀ। ସେଇଥିପାଇଁ ତାଙ୍କୁ ସମସ୍ତେ ଅଜାତଶତ୍ରୁ ମଣୁଥିଲେ।

ମୋର ସୌଭାଗ୍ୟ ଯେ, ମୁଁ ତାଙ୍କର ପ୍ରତ୍ୟକ୍ଷ ସଂପର୍କରେ ଆସିଥିଲି। ମୋର ନିମନ୍ତ୍ରଣକ୍ରମେ ସେ ମୋ ପ୍ରତିଷ୍ଠିତ ସାରଳା ସାହିତ୍ୟ ସଂସଦ ଓ ତାର ସାରଳା ଭବନରେ ବହୁବାର ମଞ୍ଚ ମଣ୍ଡନ କରିଥିଲେ। ସାରଳା ଭବନରେ ଆମେ ତାଙ୍କୁ ବିଜ୍ଞାନ ଜଗତକୁ ତାଙ୍କର ମହାର୍ଘ ଅବଦାନର ସ୍ୱୀକୃତି ସ୍ୱରୂପ ସମ୍ମାନିତ କରି ଧନ୍ୟ ହୋଇଛୁ। ତାଙ୍କର ସମଗ୍ର ଜୀବନକୁ ଅନୁଧ୍ୟାନ ଓ ଅନୁଶୀଳନ କଲେ ସେ ଶିକ୍ଷା-ସାହିତ୍ୟ-ବିଜ୍ଞାନର ତ୍ରିବେଣୀ ସଂଗମ ରୂପେ ପ୍ରତୀୟମାନ ହୁଅନ୍ତି। ଆଜି ସେହି ମନୀଷୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ମୁଁ ତାଙ୍କ ପଦପଙ୍କଜରେ ଏତିକି କହି କୁସୁମାଞ୍ଜଳି ଅର୍ପଣ କରୁଛି-

"ମାଟି ଦେହ ତୁମ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ"। ■■■

ପ୍ରତିଷ୍ଠାତା ଓ ସଭାପତି
ସାରଳା ସାହିତ୍ୟ ସଂସଦ, ସାରଳା ଭବନ
କଟକ - ୭୫୩୦୦୮, ଓଡ଼ିଶା
ଫୋନ୍- ୯୪୩୭୦୬୬୯୭୪



Sri Ajit Tripathy, IAS, Former Chief Secretary, Odisha Lighting the Lamp in the Inaugural Function

# ପ୍ରଫେସର ମହାପାତ୍ରଙ୍କ ଅମରକୃତି: କିଞ୍ଚିତ ଆଭାସ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ତାଙ୍କୁ ଦେଖିବା ଆଗରୁ ମୋ'ର ତାଙ୍କ ସହିତ ପରିଚୟ ହୋଇ ସାରିଥିଲା-

ମୁଁ ସ୍କୁଲ ଛାତ୍ର ଥିବା ଅବସରରେ ତାଙ୍କ ରଚିତ ଓଡ଼ିଆ ବିଜ୍ଞାନ ସାହିତ୍ୟ କ୍ଷେତ୍ରରେ ଅନବଦ୍ୟ ସୃଷ୍ଟି ରୂପେ ପରିଗଣିତ "ପୃଥିବୀ ବାହାରେ ମଣିଷ" ଉପନ୍ୟାସ ପାଠକରିବା ମାଧ୍ୟମରେ, ସେଥିରୁ ମୋ'ର ପ୍ରତ୍ୟେୟ ଜନ୍ମିଥିଲା ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ହେଉଛନ୍ତି ଜଣେ ମହାନ୍ ବୈଜ୍ଞାନିକ ଏବଂ ପୁସ୍ତକଟିରେ ସେ ସୂଚୀତ କରିଥିବା ପ୍ରତ୍ୟେକଟି ଘଟଣା ବିଜ୍ଞାନ ଭିତ୍ତିକ ସତ୍ୟ ଆଧାରିତ। ଅବଶ୍ୟ ସେ ସମୟରୁ ଆଜି ମଧ୍ୟରେ ପ୍ରାୟ ୬ଟି ଦଶକ ଅତିକ୍ରାନ୍ତ ହୋଇ ସାରିଲାଣି ଏବଂ ମଣିଷ ଚନ୍ଦ୍ରକୁ ଯାତ୍ରାକରିବା ସହିତ ଗ୍ରହଗ୍ରହାନ୍ତରକୁ ମହାକାଶଯାନ ପ୍ରେରଣ ସମ୍ଭବ ହେଲାଣି, ତେବେ, ତହିଁରୁ କୌଣସିଟିରେ ପୃଥିବୀତୁଲ୍ୟ ଜୀବଜଗତର ସଂଧାନ ମିଳିପାରିନାହିଁ"। ତଥାପି ମହାକାଶ ବିଜ୍ଞାନୀମାନଙ୍କ ଆଶା ଉଜ୍ଜୀବିତ ରହିଛି ଏବଂ ସେମାନେ ଏ ଅନୁସଂଧାନ ଅବ୍ୟାହତ ରଖିଛନ୍ତି। ଏଣୁ ଦିନେ ହୁଏତ ତାହା ସଫଳ ହୋଇପାରେ। ଅତଏବ ପ୍ରଥମେ ଏ ସ୍ୱପ୍ନଦେଖାଇଥିବା ବିଶ୍ୱର ଅନ୍ୟତମ ଦିବ୍ୟଦ୍ରଷ୍ଟା ବିଜ୍ଞାନ ଲେଖକ ରୂପେ ପରିଗଣିତ ହେବେ ପ୍ରଫେସର ମହାପାତ୍ର।

ଏହି ପୁସ୍ତକ ରଚନାକଲା ସମୟରେ ତାଙ୍କ ବୟସଥିଲା ମାତ୍ର ୨୬ ବର୍ଷ ଏବଂ ସମ୍ଭବତଃ ସେ ଥିଲେ କଲିକତାରେ। ମାତୃଭାଷାରେ ବିଜ୍ଞାନ ଶିକ୍ଷା ଦିଗରେ ବ୍ୟାପକ ପଦକ୍ଷେପ ଆରମ୍ଭ କରିଥାନ୍ତି - ସତ୍ୟେନ୍ ବୋଷଙ୍କ ନେତୃତ୍ୱରେ ବହୁ ବରିଷ୍ଠ ବୈଜ୍ଞାନିକ ଏବଂ ଡ. ମହାପାତ୍ର ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏ କାର୍ଯ୍ୟ ଆରମ୍ଭ କରିଥିଲେ ବୋଲି ମନେକରାଯାଏ।

ମୋର ସ୍କୁଲ ତଥା କଲେଜ ଜୀବନର ଆଦ୍ୟକାଳରେ, ଅର୍ଥାତ୍ ୧୯୬୦- ଦଶକ ମଧ୍ୟରେ ମୁଁ ପାଠ କରିଥିବା ତାଙ୍କର ଅନ୍ୟଏକ ସର୍ବକାଳୀନ ଶ୍ରେଷ୍ଠ ବିଜ୍ଞାନ ଉପନ୍ୟାସ ହେଲା "ଚଂଦ୍ରର ମୃତ୍ୟୁ", ସର୍ବକାଳିନ ଏହି ଉପଗ୍ରହରେ ଏକଦା ସୁସଭ୍ୟ ଜୀବଜଗତଟିଏ ଥିବାର ଏବଂ କାଳକ୍ରମେ ପରିବେଶ ପରିବର୍ତ୍ତନ ହେତୁ ତାହାର ବିଲୋପ ସାଧନ ହେବା ସଂପର୍କୀୟ ଏକ ବୈଜ୍ଞାନିକ ଆଲେଖ୍ୟ ପ୍ରଦାନ କରାଯାଇଛି। ଏଥିରେ ସେ ସମୟରେ ପରିବେଶ ପ୍ରଦୂଷଣ ଏକ ସମସ୍ୟା ରୂପେ ମୁଣ୍ଡ ଟେକି ନଥିଲା କି' ଏହାକୁ କେହି ଗୁରୁତ୍ୱ ଦେଉନଥିଲେ। ତେଣୁ 'ଚନ୍ଦ୍ରର ମୃତ୍ୟୁ'ରେ ସେ ଏହାର ଯେଉଁ ନିଖୁଣ ଚିତ୍ର ପ୍ରଦାନ କରିଛନ୍ତି ତାହା ପ୍ରକୃତରେ ଜଣେ ଭବିଷ୍ୟ ଦ୍ରଷ୍ଟା ବୈଜ୍ଞାନିକଙ୍କ ପକ୍ଷେହିଁ ସମ୍ଭବ। ମୋ' ମାନସ ପଟରେ ଏବେ ମଧ୍ୟ ପ୍ରକଟିତ ହୋଇଥାଏ ସେଥିରେ ଉପସ୍ଥାପିତ କେତେକ ଘଟଣାର ପ୍ରତିଛବି ଏବଂ ପୃଥିବୀରେ ତାହାର ପୁନରାବୃତ୍ତି ନେଇ ତାହା ମନରେ ମୋର ଘୋର ଆଶଂକା ସୃଷ୍ଟିକରେ। ଏବେ ସେ ଆଶଂକା କ୍ରମଶଃ ବଳବତ୍ତର ହେବାରେ ଲାଗିଛି - ଆଗାମୀ ୬ଷ୍ଠ ମହାବିଲୁପ୍ତିର ଆଗମନ ସୂଚନା ସଂଗେ ସଂଗେ।

ପ୍ରଫେସର ମହାପାତ୍ର ଏହି ବିଜ୍ଞାନ ଭିତ୍ତିକ ଉପନ୍ୟାସ ଗୁଡ଼ିକପାଇଁ ଘରେଘରେ ପରିଚିତ ହେଲେ ହେଁ ଜନପ୍ରିୟ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଆହୁରି ବ୍ୟାପକ। ଆଜିଯାଏ କେହି ତାଙ୍କର ସମକକ୍ଷ ହୋଇପାରି ନାହାନ୍ତି ଏଥିରେ। ଏଣୁ ତାଙ୍କୁ ଓଡ଼ିଆ ବିଜ୍ଞାନ ସାହିତ୍ୟର ପ୍ରାଣପ୍ରତିଷ୍ଠାତା ବୋଲି କୁହାଯାଇପାରିବ। ସେ ଯେଉଁ ଶତାଧିକ ପୁସ୍ତକ ଏବଂ ଓଡ଼ିଆ ଓ ଇଂରାଜୀଭାଷାରେ ସହସ୍ରାଧିକ ଜନପ୍ରିୟ ବିଜ୍ଞାନ ଲେଖା ମାଧ୍ୟମରେ ଏହାକୁ ଋଦ୍ଧିମନ୍ତ କରିଛନ୍ତି ତନ୍ମଧ୍ୟରୁ କେତୋଟି ହେଲା : ସୁନାର ଓଡ଼ିଶା, ମୃତ୍ୟୁ ଏକ ମାତୃତ୍ୱର, ନିଷ୍ଫଳ ପୃଥିବୀ, ମୃତ୍ୟୁରଶ୍ମି, ଉଡନ୍ତା ଥାଳିଆ, ଚତୁର୍ଥପରିସର, ବିଜ୍ଞାନ ବିଚିତ୍ରା, ଏଯୁଗର ଶ୍ରେଷ୍ଠ ଆବିଷ୍କାର ଆଧୁନିକ ଚଳଚିତ୍ର, ଅତିମାରାତ୍ମକ କର୍କଟରୋଗ, ବିଜ୍ଞାନ ଜଗତର ନୂଆ ନୂଆ ଆବିଷ୍କାର, ବିଜ୍ଞାନର କରାମତି, ବିଶ୍ୱବିଖ୍ୟାତ ବୈଜ୍ଞାନିକ, ଚନ୍ଦ୍ରାଲୋକରେ ମଣିଷ, କଂପ୍ୟୁଟର, ପଲିମର, ଡାଇନୋସରର ହସ ପରମାଣୁବୋମା, ଚନ୍ଦ୍ର ଅଭିମୁଖେ ଅଭିଯାନ, ଏକଭ୍ରମଣ କାହାଣୀ ଇତ୍ୟାଦି। ଏସବୁଗୁଡ଼ିକ ପାଠକରିବାର ସୁଯୋଗ ମୁଁ ପାଇପାରିନାହିଁ ତେବେ, ଯେତିକି ପଢ଼ିଛି, ତହିଁରୁ କେତୋଟି ସଂପର୍କରେ ଏଠାରେ ସମ୍ୟକ ସୂଚନା ପ୍ରଦାନ କରୁଛି।

"ମୃତ୍ୟୁରଶ୍ମି" ପୁସ୍ତକଟିର ସେ କଳ୍ପନା କରିଛନ୍ତି ଏକ ଭୟଙ୍କର ଧ୍ୱଂସଖଣ୍ଡସଂପନ୍ନ ଘାତକ ରଶ୍ମି ସଂପର୍କରେ, ଏହାକୁ ପାଠକଲେ ଲେଜର୍ ରଶ୍ମିକଥା ମନକୁ ଆସିଥାଏ। ଏହାର ରଚନାକାଳରେ ଏରଶ୍ମି ସଂପର୍କରେ ଖୁବ୍ କମ୍ ଜଣାଥିଲା। କିନ୍ତୁ ତାଙ୍କ କଳ୍ପନାର "ମୃତ୍ୟୁରଶ୍ମି" ର କେତେକ ଗୁଣର ଏଥି ସହିତ ସାମଞ୍ଜସ୍ୟ ଥିବାରୁ ତାଙ୍କର ଉଚ୍ଚକୋଟୀର ବିଜ୍ଞାନ ଭିତ୍ତିକ ପରିକଳ୍ପନା ଯେ କେତେ ସୁଦୂରପ୍ରସାରୀ ତାହା ସ୍ପଷ୍ଟ ଅନୁମିତ ହୋଇଥାଏ।

ସେହିପରି "ଉଡନ୍ତା ଥାଳିଆ" କଥା ବିଚାରକୁ ନିଆଯାଉ। ଏହା ମଧ୍ୟ ଅନେକ ବିଶ୍ୱାସ କରନ୍ତି ଯେ କୌଣସି ଗ୍ରହମାନଙ୍କ - ଅଧିବାସୀମାନେ ଅଜଣା ଯାନରେ ସମୟ ସମୟରେ ପୃଥିବୀକୁ ପରିଦର୍ଶନ କରିବାକୁ ଆସୁଛନ୍ତି। ଏପରିକି ଆମେରିକାର ପୂର୍ବତନ ରାଷ୍ଟ୍ରପତି ରେଗାନ ସମେତ ବହୁଲୋକ ଏହା ସ୍ୱଚକ୍ଷୁରେ ଦେଖିଥିବାର ଦାବିକରନ୍ତି। ତେବେ, ଆଜି ଠାରୁ ବହୁ ବର୍ଷ ପୂର୍ବେ ଏହାର ପରିକଳ୍ପନା କରିଥିଲେ ପ୍ରଫେସର ମହାପାତ୍ର - ତାଙ୍କର ଏହି ପୁସ୍ତକର ବିଷୟବସ୍ତୁ, ଏହାର ବାସ୍ତବତା ଏବେ ମଧ୍ୟ ସଂପୂର୍ଣ୍ଣ ବାୟୁମଣ୍ଡଳରେ କେତେକ ବିଶେଷ ଅବସ୍ଥାରେ ସୃଷ୍ଟିହେବା କିଛି ପରିଘଟଣା ଏହି ଚକ୍ଷୁଭ୍ରମ ସୃଷ୍ଟି କରୁଥିବାର କହୁଛନ୍ତି।

ଏହିପରି ଗୋଟିଗୋଟିକରି ବିଶ୍ଳେଷଣ କରି କହିଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଭବିଷ୍ୟଦ୍ରଷ୍ଟା ପ୍ରଫେସର ମହାପାତ୍ରଙ୍କର ସମସ୍ତ ବିଜ୍ଞାନଭିତ୍ତିକ ଉପନ୍ୟାସଗୁଡ଼ିକରେ କଥାବସ୍ତୁ ସୁକୃତ ତଥା ସୁପ୍ରତିଷ୍ଠିତ ବୈଜ୍ଞାନିକ ଚିନ୍ତାଧାରା ଉପରେ କଳ୍ପନାର ରଂଗ ଦେଇ ପ୍ରସ୍ତୁତ କରାଯାଇଛି - ତାହା "ଚତୁର୍ଥ ପରିସର" ହେଉ "ଚନ୍ଦ୍ରାଲୋକରେ ମଣିଷ" ହେଉ ନତୁବା "ନିଷ୍ଫଳ ପୃଥିବୀ" କିମ୍ବା "ଡାଇନୋସରର ହସ" ହେଉ କେତେକଙ୍କ ମତରେ ଉପନ୍ୟାସ ବା fiction ହେଉଛି factory fibricate କରିବାର କଳା, ତେବେ, ପ୍ରଫେସର ମହାପାତ୍ରଙ୍କର ସେଗୁଡ଼ିକ ଓ ସଂଖ୍ୟା ସହିତ ଖାପଖାଏ ନାହିଁ। କାରଣ, ତାଙ୍କର ଏ କଳାରେ ଅନ୍ତର୍ନିହିତ ଥାଏ ବିଜ୍ଞାନ, ଯାହାକି ହେତୁବାଦ (Logic) ଉପରେ ପ୍ରତିଷ୍ଠିତ।

ଅନ୍ୟପକ୍ଷରେ, ତାଙ୍କ ରଚିତ ଅନ୍ୟାନ୍ୟ ବିଜ୍ଞାନ ପୁସ୍ତକ ଗୁଡ଼ିକରେ ବ୍ୟାଖ୍ୟା କରାଯାଇଛି। ଅତ୍ୟାଧୁନିକ ବିଜ୍ଞାନତତ୍ତ୍ୱ "କଂପ୍ୟୁଟର୍", "ପରମାଣୁ ବୋମା", "ପଲିମର୍" "ଆଧୁନିକ ଚଳଚିତ୍ର", "ବିଜ୍ଞାନ-ଜଗତର ନୂଆ ନୂଆ ଆବିଷ୍କାର" ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଓଡ଼ିଆ ବିଜ୍ଞାନ ସାହିତ୍ୟକୁ ତାଙ୍କର ଅନ୍ୟତମ ଅନବଦ୍ୟ ଅବଦାନ "ବିଜ୍ଞାନ ଭାଷାକୋଷ"। ଏଥିରେ ରହିଛି ଇଂରାଜୀ ଭାଷାର ବିବିଧ ବୈଜ୍ଞାନିକ ଶବ୍ଦଗୁଡିକର ଓଡିଆ ଭାଷାନ୍ତର। ଏହା ବ୍ୟତୀତ ସେ ଓଡ଼ିଶା ପାଠ୍ୟପୁସ୍ତକ ବ୍ୟୁରୋର ନିର୍ଦ୍ଦେଶକ ଥିଲାବେଳେ ଆରମ୍ଭ କରାଇଥିଲେ ବିଜ୍ଞାନର ବିଭିନ୍ନ ବିଷୟରେ ପରିଭାଷା ଲିଖନ। ଏହାଫଳରେ ଓଡ଼ିଆ ଭାଷାରେ ବିଜ୍ଞାନଲେଖା ଉର୍ଦ୍ଧ୍ୱଗାମୀ ହୋଇପାରିଲା।

ଓଡ଼ିଆ ଭାଷାରେ ପ୍ରଥମ ବିଜ୍ଞାନ ପତ୍ରିକାରୂପେ ତାଙ୍କରି ସହଯୋଗରେ ଛାତ୍ରସାଥୀ ପ୍ରକାଶନ ଦ୍ୱାରା ପ୍ରକାଶ ପାଇଥିଲା "ବିଜ୍ଞାନପ୍ରଭା"। ତପ୍ପରେ ବିଦ୍ୟାପୁରୀ ପ୍ରକାଶନ ଏବଂ "ବିଜ୍ଞାନ ପ୍ରଚାର ସମିତି" ଦ୍ୱାରା ମିଳିତଭାବେ ପ୍ରକାଶିତ "ବିଜ୍ଞାନାଲୋକ"ର ସଂପାଦନା ଭାର ତାଙ୍କରି ଉପରେ ନ୍ୟସ୍ତ କରାଯାଇଥିଲା।

ଜାତୀୟ ସ୍ତରରେ ସୁପ୍ରସିଦ୍ଧ ଜନପ୍ରିୟ ବିଜ୍ଞାନ ପତ୍ରିକା Science Reporter ସମ୍ଭବତଃ ଓଡ଼ିଶାର ପ୍ରଥମ ଲେଖକରୂପେ ୧୯୬୦-ଦଶକର ତାଙ୍କର ଲେଖା ପ୍ରକାଶ ପାଇଥିଲା। ବିଷୟବସ୍ତୁ ଥିଲା- Matter and Anti-Matter। ଏହା ଓଡ଼ିଶାର ବହୁତ ଲେଖକମାନଙ୍କୁ ଇଂରାଜୀ ଭାଷାରେ ମଧ୍ୟ ଲେଖିବାକୁ ପ୍ରେରଣା ଯୋଗାଇଥିଲେ।

ଶ୍ରେଣୀଗୃହରେ ତାଙ୍କର ଶିକ୍ଷାଦାନ ପଦ୍ଧତି ଥିଲା ଅତି ସରଳ ଏବଂ ସାବଲୀଳ। ତାହା ଛାତ୍ରଛାତ୍ରୀମାନଙ୍କୁ ସଫଳ ଶିକ୍ଷକ-ଶିକ୍ଷିକା ଲେଖା ଲେଖିବାକୁ ପ୍ରଥମେ ଉଦ୍‌ପ୍ରେରିତ କରିଥିଲେ। ସେତେବେଳେ ମୁଁ ଥିଲି ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ର। ଥରେ ସେ ପଢ଼ାଉଥିଲେ ଡି.ଏନ୍.ଏ. ଓ ଆର.ଏନ୍.ଏ. ବିଷୟରେ। ସେ ତାକୁ ଏପରି ଉପସ୍ଥାପିତ କରିଥିଲେ ଯେ ତାହାରି ଉପରେ ଭିତ୍ତିକରି ମୁଁ ଲେଖିଥିଲି ମୋର ପ୍ରଥମ ବିଜ୍ଞାନ ଲେଖା ଜିନ୍ ଉପରେ ହସ୍ତକ୍ଷେପକରି କିପରି "ଗାନ୍ଧୀ ଓ ଆଇନ୍‌ଷ୍ଟାଇନ୍" ସୃଷ୍ଟି କରାଯାଇପାରିବ।

ଓଡ଼ିଆ ବିଜ୍ଞାନ ସାହିତ୍ୟିକୁ ସମୃଦ୍ଧ କରିବା କ୍ଷେତ୍ରରେ ତାଙ୍କର ଲେଖାଗୁଡ଼ିକ କେବଳ ପୁସ୍ତକ ବା ପତ୍ରପତ୍ରିକାର ମଧ୍ୟରେ ସୀମିତ ନଥିଲା। ସେ ଏବଂ ତାଙ୍କର ସୁଯୋଗ୍ୟ ସହଯୋଗୀ ପ୍ରଫେସର କୁଳମଣି ସାମଲ, ପ୍ରଫେସର ବସନ୍ତ କୁମାର ବେହୁରା, ପ୍ରଫେସର ଗଦାଧର ମିଶ୍ର ଇତ୍ୟାଦିଙ୍କ ସହଯୋଗରେ ପ୍ରତିଷ୍ଠା କରିଥିଲେ ଓଡ଼ିଶାରେ ବିଜ୍ଞାନକୁ ଜନପ୍ରିୟ କରିବାଲାଗି ଅଭିପ୍ରେତ ଅନୁଷ୍ଠାନ "ବିଜ୍ଞାନ ପ୍ରଚାର ସମିତି", ଏହା ସାରାରାଜ୍ୟରେ ଲେଖକମାନଙ୍କୁ ବିଜ୍ଞାନ ଲେଖା ଲେଖିବାକୁ ପ୍ରେରଣା ଯୋଗାଇଥିଲା। ଏହି ଅନୁଷ୍ଠାନଟି ବିନା ସରକାରୀ ସହାୟତାରେ ଏବେ ମଧ୍ୟ କାର୍ଯ୍ୟ କରିଚାଲିଛି, ସେ ସୃଷ୍ଟିକରି ଯାଇଥିବା ପରବର୍ତ୍ତୀ ପିଢ଼ିର ବିଜ୍ଞାନପ୍ରେମୀ ଏବଂ ବିଜ୍ଞାନ ଲେଖକମାନଙ୍କ ଦ୍ୱାରା।

ଭଦ୍ରକଠାରେ ୧୯୨୨ ମସିହା ମେ ମାସ ୨୪ ତାରିଖଦିନ ଶ୍ରୀମତୀ ଫୁଲଦେବୀ ଏବଂ ଶ୍ରୀଯୁକ୍ତ ବିଜୟ ଗୋବିନ୍ଦ ମହାପାତ୍ରଙ୍କ କୋଳମଣ୍ଡନକରି ଜନ୍ମ ହୋଇଥିବା ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କର କର୍ମମୟ ଜୀବନର ସମାପ୍ତି ଘଟିଥିଲା ୨୦୧୩ ମସିହା ଜୁଲାଇ ୧୦ ତାରିଖରେ। ଏହାଫଳରେ ଓଡ଼ିଶାର୍ ରସାୟନ ବିଜ୍ଞାନ ଗବେଷଣା ଓ ଶିକ୍ଷା ଏକ ସର୍ବୋପରି ବିଜ୍ଞାନକୁ ଜନପ୍ରିୟ କରିବା କ୍ଷେତ୍ରରେ ଏକ ମହାନ୍ ଯୁଗର ଅବସାନ ଘଟିଲା। ବିଶ୍ୱାସ ହୁଏ ନି ଯେ ଏହା ଫଳରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ କେବେ ପୂରଣ ହୋପାରିବ ବୋଲି। ତେବେ, ତାଙ୍କର ଅମରକୃତି ବଂଚିରହିବ ଯୁଗଯୁଗଧରି ଏବଂ ରାଜ୍ୟର ଯୁବବୈଜ୍ଞାନିକ ତଥା ଲେଖକମାନଙ୍କ ପ୍ରେରଣାର ଉତ୍ସ ରୂପେ କାର୍ଯ୍ୟ କରିବ। ■■■

ପ୍ରାକ୍ତନ ପ୍ରଫେସର, ମୌଳିକ ବିଜ୍ଞାନ ଓ କଳା ମହାବିଦ୍ୟାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ଫୋନ୍- ୯୯୩୭୯୮୫୭୬୭



# ଗୋକୁଳାନନ୍ଦ ପାଠ୍ୟପୁସ୍ତକ

ଇଂ ମାୟାଧର ସ୍ୱାଇଁ

ଓଡ଼ିଆ ବିଜ୍ଞାନ ସାହିତ୍ୟ କ୍ଷେତ୍ରରେ ଗୋକୁଳାନନ୍ଦ ମହାପାତ୍ର ହେଉଛନ୍ତି ଅଦ୍ୱିତୀୟ । ସେ ଶତାଧିକ ଜନପ୍ରିୟ ବିଜ୍ଞାନ ପୁସ୍ତକ ରଚନା କରିବା ସହିତ ପତ୍ରପତ୍ରିକାରେ ଅନେକ ନିବନ୍ଧ ପ୍ରକାଶ କରି ଓଡ଼ିଆ ବିଜ୍ଞାନ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି । ତାଙ୍କ ରଚନା ମଧ୍ୟରେ ବିଜ୍ଞାନ ଗଳ୍ପ, ଉପନ୍ୟାସ, ନାଟକ, କବିତା ଓ ନିବନ୍ଧ ରହିଛି । କିନ୍ତୁ ଛାତ୍ରଛାତ୍ରୀମାନଙ୍କ ପାଇଁ ସେ ମଧ୍ୟ କୋଡ଼ିଏରୁ ଅଧିକ ବିଜ୍ଞାନ ପାଠ୍ୟପୁସ୍ତକ ରଚନା କରିଛନ୍ତି । ଏହି ପ୍ରବନ୍ଧରେ ତାଙ୍କର ପାଠ୍ୟପୁସ୍ତକ ସମ୍ବନ୍ଧରେ ଆଲୋଚନା କରାଯାଇଛି ।

ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୮ ମସିହାରେ ସ୍ଥାପିତ ହେବା ପୂର୍ବରୁ ଓଡ଼ିଶାର ସ୍କୁଲଗୁଡ଼ିକର ପାଠ୍ୟକ୍ରମ ଓ ପରୀକ୍ଷା ପାଟନା ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଥିଲା ଏବଂ ସମସ୍ତ ବିଷୟ ଇଂରାଜୀରେ ପଢା ଯାଉଥିଲା । ୧୯୪୪ ମସିହାରେ ଓଡ଼ିଆ ସ୍କୁଲଗୁଡ଼ିକରେ ପର୍ଯ୍ୟାୟକ୍ରମେ ବିଷୟଗୁଡ଼ିକ ଓଡ଼ିଆ ମାଧ୍ୟମରେ ପଢ଼ାଯିବାର ସ୍ଥିର କରାଗଲା । ଏଣୁ ଓଡ଼ିଆ ଭାଷାରେ ପୁସ୍ତକ ପ୍ରକାଶ ପାଇଲା । କିନ୍ତୁ ଅସୁବିଧା ହେଲା ବିଜ୍ଞାନ ବହି ପାଇଁ । ସୂଚନାଯୋଗ୍ୟ ଯେ, ୧୯୪୪ ମସିହାରେ ହାଇସ୍କୁଲ ପାଠ୍ୟକ୍ରମରେ ବିଜ୍ଞାନ ଏକ ବିଷୟ ଭାବେ ସାମିଲ ହେଲା । ଏହା ପୂର୍ବରୁ ବିଜ୍ଞାନ ଓ ଭୂଗୋଳ ମିଶି କରି ଗୋଟିଏ ବିଷୟ ଥିଲା । ୧୯୪୭ ମସିହା ସୁଦ୍ଧା ବିଜ୍ଞାନକୁ ଛାଡ଼ି ଅନ୍ୟ ସମସ୍ତ ବିଷୟ ଓଡ଼ିଆରେ ପଢ଼ାଗଲା । ଓଡ଼ିଆରେ ବିଜ୍ଞାନ ପୁସ୍ତକ ଲେଖିବା ପାଇଁ କେହି ଆଗ୍ରହୀ ହେଲେ ନାହିଁ । କେତେଜଣ ଓଡ଼ିଆରେ ବିଜ୍ଞାନ ଲେଖିବା କଷ୍ଟକର ମନେ କରୁଥିବା ବେଳେ ଅନ୍ୟ କେତେଜଣ କଲେଜ ଅଧ୍ୟାପକ ସ୍କୁଲ ପାଇଁ ବହି ଲେଖିବାକୁ ନିଜର ଅସମ୍ମାନ ମନେ କରୁଥିଲେ ।

ଏପରିସ୍ଥଳେ ରେଭେନ୍ସା କଲେଜରେ ରସାୟନ ବିଜ୍ଞାନ ଅଧ୍ୟାପକ ଥିବା ଗୋକୁଳାନନ୍ଦବାବୁ ବିଜ୍ଞାନ ପାଠ୍ୟପୁସ୍ତକ ଲେଖିବା ପାଇଁ ଆଗେଇ ଆସିଲେ । ଓଡ଼ିଆ ଭାଷାରେ ବିଜ୍ଞାନ ପାଠ୍ୟପୁସ୍ତକର ଅଭାବ ଦୂର କରିବା ପାଇଁ ସେ ସ୍ଥିର କଲେ । ଅବଶ୍ୟ ତାଙ୍କ ପୂର୍ବରୁ ୧୯୪୮ ମସିହାରେ ଖଲିକୋଟ ହାଇସ୍କୁଲର ଶିକ୍ଷକ ରଘୁନାଥ ପାଢୀ 'ବିଜ୍ଞାନୀକା' ନାମରେ ଗୋଟିଏ ବିଜ୍ଞାନ ପାଠ୍ୟପୁସ୍ତକ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ଲେଖିଥିଲେ । ମାତ୍ର ତାହା ଉନ୍ନତମାନର ନ ଥିଲା କିମ୍ବା ପାଠ୍ୟକ୍ରମ ଅନୁସାରେ ନଥିଲା । ଗୋକୁଳାନନ୍ଦବାବୁ ସେତେବେଳକୁ ବିଜ୍ଞାନରେ କେତୋଟି ନିବନ୍ଧ ପତ୍ରିକାରେ ପ୍ରକାଶ କରି ଜଣାଶୁଣା ହୋଇଯାଇଥିଲେ । ଏଣୁ ପ୍ରକାଶକମାନେ ବିଜ୍ଞାନ ପାଠ୍ୟପୁସ୍ତକ ଲେଖିବା ପାଇଁ ତାଙ୍କୁ ଅନୁରୋଧ କଲେ ।

ଗୋକୁଳାନନ୍ଦବାବୁ ରେଭେନ୍ସା କଲେଜର ବିଭିନ୍ନ ବିଜ୍ଞାନର ଅଧ୍ୟାପକ ଡ. ହରିହର ପଟ୍ଟନାୟକଙ୍କ ସହିତ ମିଶି ୧୯୪୮ ମସିହାରେ ଷଷ୍ଠ ଶ୍ରେଣୀ ପାଇଁ 'ସହଜ ସାଧାରଣ ବିଜ୍ଞାନ' (ପ୍ରଥମ ଭାଗ) ଏବଂ ତା'ପର ବର୍ଷ ସପ୍ତମ ଶ୍ରେଣୀ ପାଇଁ ଏହାର ଦ୍ୱିତୀୟ ଭାଗ ଲେଖିଲେ । ବହି ଦୁଇଟି ପ୍ରାୟ ସମସ୍ତ ସ୍କୁଲରେ ପାଠ୍ୟପୁସ୍ତକ ଭାବେ ଗୃହୀତ ହେଲା । ତାଙ୍କୁ ଅନେକ ଆଡୁ ପ୍ରଶଂସା ମିଳିବା ବେଳେ ରେଭେନ୍ସା କଲେଜର କେତେଜଣ ବରିଷ୍ଠ ଅଧ୍ୟାପକ ତାଙ୍କୁ ସମାଲୋଚନା କରିବା ପାଇଁ ପଛାଇ ନଥିଲେ । ରେଭେନ୍ସା କଲେଜ ଭଳି କଲେଜରେ ଅଧ୍ୟାପକ ହୋଇ ସ୍କୁଲ ପିଲାଙ୍କ ପାଇଁ ପାଠ୍ୟପୁସ୍ତକ ଲେଖି ସେ ନିଜର ଓ ଅନ୍ୟ ବିଜ୍ଞାନ ଅଧ୍ୟାପକମାନଙ୍କର ସମ୍ମାନ ହାନି କରିଛନ୍ତି ବୋଲି ତାଙ୍କୁ ଥଟ୍ଟା କରାଗଲା । କିନ୍ତୁ ସେ ଏହାକୁ ଖାତିର କଲେନାହିଁ । ବିଜ୍ଞାନ ପ୍ରଚାର ପ୍ରସାର ଯାହାଙ୍କର ମନରେ ବସା ବାନ୍ଧିଛି, ସେ କାହିଁକି ସମାଲୋଚନାକୁ ଡରିବେ ? ସେ ଏଥିରେ ଆଦୌ ବିଚଳିତ ନ ହୋଇ ଅଷ୍ଟମ ଓ ନବମ ଶ୍ରେଣୀ ପାଇଁ 'ପ୍ରବେଶିକା ସାଧାରଣ ବିଜ୍ଞାନ' ପ୍ରଥମ ଭାଗ ପୁସ୍ତକ ଏବଂ ଦଶମ ଓ ଏକାଦଶ ଶ୍ରେଣୀ ପାଇଁ ଏହାର ଦ୍ୱିତୀୟ ଭାଗ ପୁସ୍ତକ ରଚନା କଲେ । ସରଳ ଭାଷାରେ ପ୍ରାଞ୍ଜଳ ଭାବରେ ରଚିତ ଏହି ପୁସ୍ତକଗୁଡ଼ିକ ପିଲାମାନଙ୍କର ଆଦର ଲାଭ କରିଥିଲା । ତାଙ୍କୁ ସମାଲୋଚନା କରିବା ମଧ୍ୟ କ୍ରମେ ହ୍ରାସ ପାଇଲା ।

ଗୋକୁଳାନନ୍ଦବାବୁଙ୍କୁ ଦେଖି ଅନ୍ୟ କେତେଜଣ ଲେଖକ ମଧ୍ୟ ବିଜ୍ଞାନ ପାଠ୍ୟପୁସ୍ତକ ଲେଖିଲେ । ସେ ନିଜେ ମଧ୍ୟ ଏଥିପାଇଁ କେତେଜଣଙ୍କୁ ଉତ୍ସାହିତ କରିଥିଲେ । ଫଳରେ ସେତେବେଳେ ଓଡ଼ିଶାରେ ସାତ

ପ୍ରକାରର ଓଡ଼ିଆ ବିଜ୍ଞାନ ପାଠ୍ୟପୁସ୍ତକକୁ ସରକାର ଅନୁମୋଦନ କରିଥିଲେ। ଗୋକୁଳାନନ୍ଦବାବୁ ତାଙ୍କ ସହଯୋଗୀ ଡ. ହରିହର ପଟ୍ଟନାୟକ ଓ ବିଶିଷ୍ଟ ଚିକିତ୍ସକ ଡା. ବନବିହାରୀ ପଟ୍ଟନାୟକଙ୍କ ସହ ମିଶି 'ମାଧ୍ୟମିକ ସାଧାରଣ ବିଜ୍ଞାନ' ପୁସ୍ତକ ହାଇସ୍କୁଲ ପିଲାଙ୍କ ପାଇଁ ଲେଖିଥିଲେ। ଉଲ୍ଲେଖନୀୟ ଯେ, ଏହିସବୁ ପୁସ୍ତକ ରଚନା ପାଇଁ ସେ ପ୍ରକାଶକମାନଙ୍କଠାରୁ ଭଲ ରୟାଲ୍ଟି ମଧ୍ୟ ପାଉଥିଲେ, ଯାହାର ଏକ ବିଶେଷ ଭାଗ ସେ 'ବିଜ୍ଞାନ ପ୍ରଚାର ସମିତି'କୁ ଦେଉଥିଲେ। ତାଙ୍କ ରଚିତ ପୁସ୍ତକର ଲୋକପ୍ରିୟତା ସେ ପାଉଥିବା ରୟାଲ୍ଟିକୁ ଜଣାପଡ଼େ। ସେତେବେଳେ ଓଡ଼ିଆ ପାଠ୍ୟପୁସ୍ତକ ଲେଖୁଥିବା ଲେଖକମାନଙ୍କଠାରୁ ସେ ଅଧିକ ରୟାଲ୍ଟି ପାଉଥିଲେ। କେବଳ ବିଭିନ୍ନ ଶ୍ରେଣୀ ପାଇଁ ଗଣିତ ପାଠ୍ୟପୁସ୍ତକ 'ଗଣିତ ସୋପାନ'ର ଲେଖକ ଦୁଇଭ୍ରାତା ମୌଲବୀ ରହେମତ ଅଲ୍ଲି ଓ କୟାମତ ଅଲ୍ଲି ତାଙ୍କଠାରୁ ଅଧିକ ରୟାଲ୍ଟି ପାଉଥିଲେ।

ସେତେବେଳେ କଲେଜରେ ବିଜ୍ଞାନ ଇଂରାଜୀରେ ପଢ଼ା ଯାଉଥିଲା ଏବଂ ପାଠ୍ୟପୁସ୍ତକଗୁଡ଼ିକ ଓଡ଼ିଶା ବାହାରର ଲୋକମାନଙ୍କ ଦ୍ୱାରା ରଚିତ ହୋଇଥିଲା। ଗୋକୁଳାନନ୍ଦବାବୁ ହେଉଛନ୍ତି ପ୍ରଥମ ଓଡ଼ିଆ, ଯିଏ ଓଡ଼ିଶାର କଲେଜ ଛାତ୍ରମାନଙ୍କ ପାଇଁ ଇଂରାଜୀରେ ପାଠ୍ୟପୁସ୍ତକ ରଚନା କଲେ। ଅତି ସରଳ ଓ ବୋଧଗମ୍ୟ ଭାଷାରେ ତାଙ୍କ ପୁସ୍ତକ ରଚିତ ହୋଇଥିବାରୁ ଏହା ବହୁଳଭାବେ ଓଡ଼ିଶାର କଲେଜଗୁଡ଼ିକରେ ପ୍ରଚଳିତ ଥିଲା। ୧୯୫୭ ମସିହାରେ ଆଇ.ଏସସି. ପାଠ୍ୟକ୍ରମରେ ପ୍ରଥମେ ଜୈବିକ ରସାୟନ ବିଜ୍ଞାନ ପ୍ରଚଳନ କରାଗଲା। ଗୋକୁଳାନନ୍ଦବାବୁ ଏଥିପାଇଁ International Organic Chemistry ପୁସ୍ତକ ରଚନା କଲେ, ଯାହା କଲିକତାରୁ ପ୍ରକାଶ ପାଇଥିଲା। ୧୯୬୫ ମସିହାରେ ଆଇ.ଏସ୍‌ସି. ପାଇଁ ତାଙ୍କ ପୁସ୍ତକ A Text Book of General Chemistry ପ୍ରକାଶ ପାଇଲା। ସେ ମଧ୍ୟ ଆଇ.ଏସ୍‌ସି ଓ ବି.ଏସ୍‌ସି ପାଇଁ Practical Chemistry ପୁସ୍ତକ ଲେଖିଥିଲେ।

ଗଲା ଶତାବ୍ଦୀର ସତୁରି ଦଶକରେ କଲେଜ ଛାତ୍ରଛାତ୍ରୀମାନେ ମାତୃଭାଷାରେ ପରୀକ୍ଷା ଦେଇ ପାରିବାର ସିଦ୍ଧାନ୍ତ ନିଆଗଲା। ଏଥିପାଇଁ ଗୋକୁଳାନନ୍ଦବାବୁ ଓଡ଼ିଆରେ ଦୁଇ ଭାଗରେ 'ମହାବିଦ୍ୟାଳୟ ସାଧାରଣ ବିଜ୍ଞାନ' ପୁସ୍ତକ ଲେଖିଥିଲେ। ଓଡ଼ିଆରେ କଲେଜ ବିଜ୍ଞାନ ପୁସ୍ତକ ଲେଖିବା ପରେ ତାଙ୍କୁ ପୁଣି କେତେଜଣ ଅଧ୍ୟାପକ ସମାଲୋଚନା କରିଥିଲେ। ଦୁଃଖର ବିଷୟ ଯେ, ଆଜିପର୍ଯ୍ୟନ୍ତ କଲେଜରେ ଓଡ଼ିଆ ମାଧ୍ୟମରେ ବିଜ୍ଞାନ ପଢ଼ା ହୋଇ ପାରିଲା ନାହିଁ।

ପାଠ୍ୟପୁସ୍ତକ ସାଙ୍ଗକୁ ଛାତ୍ରଛାତ୍ରୀମାନଙ୍କ ସହାୟତା ପାଇଁ ଗୋକୁଳାନନ୍ଦ ବାବୁ ବିଜ୍ଞାନରେ ଜ୍ଞାନକୋଷ, ଶବ୍ଦକୋଷ ଓ ପରିଭାଷା ପ୍ରସ୍ତୁତ କରିଥିଲେ। ସେ ଥିଲେ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ପ୍ରଥମ ନିର୍ଦ୍ଦେଶକ। ତାଙ୍କ ସମୟରେ ଏହି ସଂସ୍ଥା ମହାବିଦ୍ୟାଳୟ ପାଇଁ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ପ୍ରକାଶ କରିଥିଲା। ଏହା ସାଙ୍ଗକୁ ସେ ବିଜ୍ଞାନ ଓ ଇଂଜିନିୟରିଙ୍ଗ୍‌ର ବିଭିନ୍ନ ଶାଖାର ଇଂରାଜୀ-ଓଡ଼ିଆ ପରିଭାଷା ପ୍ରସ୍ତୁତି ପାଇଁ ପଦକ୍ଷେପ ନେଇଥିଲେ। ୧୯୮୦ ମସିହାରେ ପ୍ରକାଶିତ 'ରସାୟନଶାସ୍ତ୍ର ପରିଭାଷା'ର ଲେଖକ ମଣ୍ଡଳୀର ସେ ମୁଖ୍ୟ ଥିଲେ। ବିଜ୍ଞାନ ପ୍ରଚାର ସମିତି ୧୯୮୬ ମସିହାରେ 'ବୈଜ୍ଞାନିକ ପାରିଭାଷିକ ଶବ୍ଦାବଳୀ' ନାମରେ ଗୋଟିଏ ବିଜ୍ଞାନ ପରିଭାଷା ପୁସ୍ତକ ପ୍ରକାଶ କରିଥିଲା, ଯାହାକୁ ଗୋକୁଳାନନ୍ଦବାବୁ ରଚନା କରିଥିଲେ। ତାଙ୍କ ଲିଖିତ 'ରସାୟନ ବିଜ୍ଞାନ ଶବ୍ଦକୋଷ' ପୁସ୍ତକକୁ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ୧୯୮୭ ମସିହାରେ ପ୍ରକାଶ କରିଥିଲା। ଏହି ସଂସ୍ଥା ମଧ୍ୟ ୨୦୦୩ ମସିହାରେ 'ମୌଳିକ ବିଜ୍ଞାନ ପରିଭାଷା' ପ୍ରକାଶ କରିଥିଲେ ଏବଂ ଏହାର ଲେଖକମଣ୍ଡଳୀଙ୍କ ମଧ୍ୟରେ ଗୋକୁଳାନନ୍ଦବାବୁ ଥିଲେ ଅନ୍ୟତମ।

ଭାରତର ଅନେକ ଭାଷାରେ ବିଜ୍ଞାନ ଭାଷାକୋଷ ଥିଲେ ମଧ୍ୟ ଓଡ଼ିଆରେ ନ ଥିଲା। ଗୋକୁଳାନନ୍ଦବାବୁ ଅନେକ ପରିଶ୍ରମ କରି ଦୁଇଖଣ୍ଡରେ ୧୭୦୦ ପୃଷ୍ଠାରେ ବୃହତ୍ 'ବୈଜ୍ଞାନିକ ଭାଷାକୋଷ' ରଚନା କରିଥିଲେ। ଏହା ୨୦୦୫ ମସିହାରେ ପ୍ରଥମେ ବିଦ୍ୟାପୁରୀ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଥିଲା ଏବଂ ତାଙ୍କ ମୃତ୍ୟୁ ପରେ ୨୦୧୭ ମସିହାରେ ଏହାର ପୁନଃମୁଦ୍ରଣ ହୋଇଛି। ତାଙ୍କର 'ସଚିତ୍ର ବୈଜ୍ଞାନିକ ଶବ୍ଦକୋଷ' ପୁସ୍ତକ ୨୦୧୦ ମସିହାରେ ପ୍ରଥମେ ପ୍ରକାଶ ପାଇଥିଲା ଏବଂ ଏହା ମଧ୍ୟ ୨୦୧୮ ମସିହାରେ ପୁନଃମୁଦ୍ରିତ ହୋଇଛି। ଉଲ୍ଲେଖନୀୟ ଯେ, ବୈଜ୍ଞାନିକ ଭାଷାକୋଷ ଓ ଶବ୍ଦକୋଷକୁ ଅନ୍ୟ ଭାଷାରେ ଏକାଧିକ ବ୍ୟକ୍ତି ଏକାଠି ଲେଖିଥିଲେ ସୁଦ୍ଧା ଗୋକୁଳାନନ୍ଦବାବୁ ତାକୁ ଏକୁଟିଆ ଲେଖିଥିଲେ। ଏଥିପାଇଁ ତାଙ୍କୁ କେତେ ଯେ ପରିଶ୍ରମ କରିବାକୁ ପଡ଼ିଥିବ, ତାହା ଅନୁମେୟ।

ଗୋକୁଳାନନ୍ଦବାବୁ ଷଷ୍ଠ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ଉପରେ ୫ଟି ବିଜ୍ଞାନ ପାଠ୍ୟପୁସ୍ତକ ଏବଂ ଆଇ.ଏସ୍‌ସି.ଠାରୁ ଏମ୍.ଏସ୍‌ସି ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୦ଟି ରସାୟନ ବିଜ୍ଞାନ ପାଠ୍ୟପୁସ୍ତକ ରଚନା କରିଛନ୍ତି। ଏହା ବ୍ୟତୀତ ସେ ୭ଟି ବିଜ୍ଞାନ ପାଠ୍ୟପୁସ୍ତକ ରଚନା କରିଛନ୍ତି। ତାଙ୍କର ପାଠ୍ୟପୁସ୍ତକ, ଶବ୍ଦକୋଷ, ଭାଷାକୋଷ ଆଦି ରଚନା ଯୋଗୁଁ ବର୍ତ୍ତମାନ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ଲେଖିବା ଅତି ସହଜ ହୋଇପାରିଛି। ■■■

ସମ୍ପାଦକ, ସାଇନ୍‌ସ ହୋରିଜନ୍
୭୦, ଲକ୍ଷ୍ମୀବିହାର, ଫେଜ୍ ୧, ଭୁବନେଶ୍ୱର -୭୫୧୦୧୮
ଫୋନ୍- ୯୪୩୮୬୯୩୭୪୨



# ସଂସ୍କୃତି-ପୁରୁଷ ଗୋକୁଳାନନ୍ଦ

**ଡକ୍ଟର ହୃଷୀକେଶ ମଲ୍ଲିକ**

ବିଶିଷ୍ଟ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ଡ. ଗୋକୁଳାନନ୍ଦ ମହାପାତ୍ର ଗୋଟିଏ ଅସରା-ଗ୍ରନ୍ଥ, ଯାହାକୁ ପଢ଼ି ଶେଷ କରିବା ପ୍ରାୟତଃ ସମ୍ଭବପର ନୁହେଁ। ସେ ରସାୟନ ବିଜ୍ଞାନରେ ଦୀର୍ଘକାଳ ଅଧ୍ୟାପନା କରିଛନ୍ତି, ଦେଶ ଓ ବିଦେଶର ଖ୍ୟାତନାମା ବିଶ୍ୱବିଦ୍ୟାଳୟରେ ଗବେଷଣା କରି ଫଳପ୍ରସୂ ସଫଳତା ଅର୍ଜନ କରିଛନ୍ତି, ଉଭୟ ବିଜ୍ଞାନ ଓ ସାହିତ୍ୟକୁ ନିଜର ସମସ୍ତ ଅଧିତ ଜ୍ଞାନ ଦାନକରି ଖାଲି ହାତରେ ଏ ପୃଥିବୀରୁ ବିଦାୟ ନେଇଯାଇଛନ୍ତି। ଆବାଲ୍ୟରୁ ତାଙ୍କୁ ମଣିଷ କରି ଗଢ଼ିବାରେ ଈଶ୍ୱର ଅନୁକୂଳ ପରିବେଶ ଯୋଗାଇ ଦେଇଛନ୍ତି। ତାଙ୍କୁ ସେ ଦାରିଦ୍ର୍ୟ ଦେଇଛନ୍ତି, ଜ୍ଞାନତୃଷ୍ଣା ଦେଇଛନ୍ତି ଓ ମଣିଷପଣିଆର ବୀଜଟିଏ ତାଙ୍କ ଅନ୍ତର୍ଲୋକରେ ବପନ କରି ମଣିଷ ପରି ମଣିଷଟିଏ ହେବାକୁ ଛତ୍ର ଆଡୁଆଳ କରିଛନ୍ତି। ସେ ବି ନିଜର ହେତୁ ପାଇବାଠାରୁ ବିଜ୍ଞାନମନସ୍କ ଏକ କଠିନ ସାଧନାସାପେକ୍ଷ ରାସ୍ତାରେ ଗତିକରି ବିଜ୍ଞାନ ଓ ସାହିତ୍ୟ ସେବାରେ ସମଗ୍ର ଜୀବନକୁ ନିଃସର୍ତ୍ତରେ ବିନିଯୋଗ କରିଯାଇଛନ୍ତି। ସମାଜ, ସଂସ୍କୃତି, ବିଜ୍ଞାନ ଓ ସାହିତ୍ୟର ମଧୁର ସମନ୍ୱୟରେ ତାଙ୍କର ଜୀବନ ହୋଇଉଠିଛି ପ୍ରଜ୍ଞାମୟ ଏକ ଆଲୋକବର୍ତ୍ତିକା, ଯେଉଁ ବର୍ତ୍ତିକାରୁ ଉତ୍ସରିତ ଆଲୋକରେ ସମଗ୍ର ବିଶ୍ୱ ଆଲୋକିତ ହୋଇଛି। ଗୋଟିଏ ବାକ୍ୟରେ କହିଲେ ଗୋକୁଳାନନ୍ଦଙ୍କ ବିଜ୍ଞାନ ଓ ମାନବ-ସମର୍ପିତ ଜୀବନକାଳ ହୋଇଛି ଏକ ସମନ୍ୱିତ-ସଂସ୍କୃତିର ମେଟାଫର୍ ଓ ସେ ଆମ ସମକାଳର ଜ୍ଞାନବେତ୍ତା ସର୍ବମାନ୍ୟ, ଉଦାର, କର୍ମଯୋଗୀ ମହାନ୍ 'ସଂସ୍କୃତି-ପୁରୁଷ'। 'ସଂସ୍କୃତି' ଯେ ବହୁମୁଖୀ ହୋଇପାରେ ଏବଂ ଘର ଏରୁଣ୍ଡିରୁ ଗ୍ରହନକ୍ଷତ୍ରଯାଏଁ ତା'ର ବ୍ୟାପ୍ତିର ଔଜ୍ଜ୍ୱଲ୍ୟରେ ବିଶ୍ୱ-ବ୍ରହ୍ମାଣ୍ଡକୁ ଚମତ୍କୃତ କରାଇପାରେ, ଗୋକୁଳାନନ୍ଦଙ୍କ ଜୀବନୀ ଓ କୃତି ଅନୁଧ୍ୟାନ ନ କଲେ ସହଜରେ ବୁଝିହୁଏ ନାହିଁ।

୯୧ ବର୍ଷର ବହୁ ଶାଖାବିଶିଷ୍ଟ ଏକ ବଟବୃକ୍ଷ ଥିଲେ ଗୋକୁଳାନନ୍ଦ, ଯାହାଙ୍କର ସ୍ନିଗ୍ଧ, ଶୀତଳ ଛାୟାତଳେ ଆଶ୍ରୟ ନେଇ ନିଜ ନିଜର ଜୀବନକୁ ନାନା ବୈଜ୍ଞାନିକ-ଉପଲବ୍ଧିରେ ଧନ୍ୟ କରିଥିଲେ କେତେ ଜ୍ଞାନ-ପିପାସୁ ଛାତ୍ରୀଛାତ୍ର। ଶାଖାଶାଖାରେ ତାଙ୍କର ଖଣ୍ଡମଣ୍ଡଳର କେତେ ଜଣା ଅଜଣା ପକ୍ଷୀ ସ୍ୱସ୍ୱ କୂଜନରେ ଦେଶ ତଥା ବିଶ୍ୱର ଜ୍ଞାନବିଜ୍ଞାନ-ଭଣ୍ଡାରକୁ ତେଜୋଦୀପ୍ତ କରି ଗଢ଼ିଥିଲେ। ଏହି ପ୍ରଜ୍ଞାମୟ ଜ୍ଞାନତପସ୍ୱୀଙ୍କର ଆବିର୍ଭାବ ଘଟିଥିଲା ଭଦ୍ରକ ମାଟିରେ, କଳନାଦିନୀ ସାଳନ୍ଦୀ ତଟରେ, ୨୪ ମେ ୧୯୨୨ ମସିହାରେ, ପିତା ବିଜୟଗୋବିନ୍ଦ ଓ ମାତା ଫୁଲଦେବୀଙ୍କ ସ୍ନେହମୟ କୋଳରେ। ଭଦ୍ରକର କୁଆଁସ ପ୍ରାଇମେରୀ ସ୍କୁଲ୍‌ରୁ ସ୍କୁଲ୍ ଶିକ୍ଷା ଓ ସର୍ବୋପରି ସ୍ୱ-ପରିବାର ତାଙ୍କୁ ଶିଖାଇଥିଲା ଉତ୍କଳୀୟ ସଂସ୍କୃତିର ପ୍ରୟୋଜନୀୟ ସବୁତକ ସଞ୍ଚାଣୀ। ରେଭେନ୍ସା କଲେଜରୁ ବି.ଏସ୍‌ସି ଓ ୧୯୪୮ରେ କଲିକତା ପ୍ରେସିଡେନ୍ସି କଲେଜରୁ ଏମ୍.ଏସ୍‌ସି ପାସ୍ ପରେ ସେହି ବର୍ଷଠୁଁ ରେଭେନ୍ସା କଲେଜରେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ ସେ ଯୋଗଦେଇଥିଲେ। ୧୯୫୩ରୁ ୧୯୫୮ ଯାଏ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିଲେ। ୧୯୬୧ରେ ଆମେରିକାର ବୋଷ୍ଟନ୍‌ସ୍ଥିତ ବ୍ରାଣ୍ଡିସ ବିଶ୍ୱବିଦ୍ୟାଳୟରୁ ଉପାଧ୍ୟୁତ୍ତର ଗବେଷଣା ଶେଷ କରିଥିଲେ। ତାଙ୍କ ଗବେଷଣାର ବିଷୟ ଥିଲା– "DNA Structure Elucidation"। ୧୯୬୭ ନଭେମ୍ବରରେ ଦେଶକୁ ଫେରି ସେ ପୁନଶ୍ଚ ସେଇ ଅଧ୍ୟାପନାକୁ କରିଥିଲେ ଜୀବନର ଏକାନ୍ତ ବ୍ରତ। ରେଭେନ୍ସା କଲେଜ ମୋଟାମୋଟି ଭାବେ ଥିଲା ତାଙ୍କ ସାଧନାର ତପୋବନ। ତାଙ୍କ ତତ୍ତ୍ୱାବଧାନରେ ଗବେଷଣା କରି ୧୦ ଜଣ ଯୁବ ବୈଜ୍ଞାନିକ ପିଏଚ୍.ଡି. ଡିଗ୍ରୀ ଲାଭ କରିଥିଲେ ଓ ପରବର୍ତ୍ତୀ ଜୀବନରେ ଜଣେ

ଜଣେ ଜାତୀୟ ଖ୍ୟାତିସମ୍ପନ୍ନ ରସାୟନବିତ୍ ଭାବେ ନିଜକୁ ପ୍ରତିଷ୍ଠିତ କରାଇପାରିଥିଲେ। ୧୯୭୦ରେ ସେ 'ଓଡ଼ିଶା ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା'ର ନିର୍ଦ୍ଦେଶକ ଭାବେ କିଛିକାଳ ଦାୟିତ୍ୱ ତୁଲାଇଥିଲେ। ରେଭେନ୍ସାରେ ଅଧ୍ୟାପନା କାଳରେ ତାଙ୍କ ଶିକ୍ଷାଦାନର ବିଷୟ ମୁଖ୍ୟତଃ ଥିଲା ଜୈବ ରସାୟନ (Organic Chemistry)। ଶ୍ରେଣୀ ଗୃହରେ ସେ ପ୍ରବେଶ କରୁଥିଲେ ଏକ ଜ୍ଞାନଦୀପ୍ତ, ବୃତ୍ତିସମ୍ମତ ଏକ ଉଜ୍ଜ୍ୱଳ ହସହସ ମୁଖଧରି। ହାତରେ ଚକ୍, ଡଷ୍ଟର ଓ ଉପସ୍ଥାନ ଖାତା। ବିଷୟ ଯାହା ହେଉ, ହେଉ କ୍ଲୋରୋଫର୍ମ କି 'Terpene', କି ହେଉ 'Bardhan Synthesis of Balbiano's Acid'- ତାଙ୍କ ଅଧ୍ୟାପନାର ସମାନ୍ତରାଳ ତରିକା କେବଳ ରେଭେନ୍ସା କି ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ବିରଳ ଥିଲା। ପଢ଼ାଉଥିବା ପାଠକୁ ଜଣେ ଶିକ୍ଷକ ଯଦି ବାଟି ପିଇଯାଇଥାଏ, ତେବେ ତା'ର ଅଧ୍ୟାପନା ଯେ ଭୟ ଓ ସଂଶୟ ଶୂନ୍ୟ, ଆତ୍ମପ୍ରତ୍ୟୟଯୁକ୍ତ ଏକ ମାର୍ଗଦର୍ଶନ ହୋଇପାରିବ- ଏହାର ନିର୍ଭରଯୋଗ୍ୟ ଦୃଷ୍ଟାନ୍ତ ଥିଲେ ପ୍ରଫେସର ଗୋକୁଳାନନ୍ଦ। ଏଥି ସହିତ ତାଙ୍କ ଶିକ୍ଷକ-ବ୍ୟକ୍ତିତ୍ୱର ଅନ୍ୟ ଏକ ବୈଶିଷ୍ଟ୍ୟ ଥିଲା ତାଙ୍କର ଅଫୁରନ୍ତ 'ଛାତ୍ର-ବତ୍ସଳତା'। 'ବିଜ୍ଞାନ ଶିକ୍ଷା'ର କ୍ଲିଷ୍ଟ, ଆପାତତଃ ରସହୀନ ପ୍ରକୋଷ୍ଠକୁ ସେ ଏକ ରସାଳ ସାହିତ୍ୟର ମଧୁର ପ୍ରବାହରେ ପରିଣତ କରିଦେବାର କ୍ଷମତା ରଖୁଥିଲେ।

ଶୟନେ, ସ୍ୱପନେ, ଜାଗରଣେ ପ୍ରଫେସର ମହାପାତ୍ରଙ୍କର ଗୋଟିଏ ମାତ୍ର ସ୍ୱପ୍ନ ଥିଲା ଲୋକଚେତନାରେ ବିଜ୍ଞାନର ଜ୍ଞାନରଶ୍ମି ସ୍ଫୁରଣ। ଯେଉଁସବୁ ଅନ୍ଧବିଶ୍ୱାସ ଜନସମାଜରେ ଆପାତତଃ ଦୃଶ୍ୟମାନ ଥିଲା, ସେସବୁକୁ ଦୂରକରି ବ୍ୟକ୍ତି ଓ ସମାଜକୁ ବିଜ୍ଞାନମନା କରି ଗଢ଼ିତୋଳିବାରେ ସେ ଥିଲେ ବିଜ୍ଞାନ-ସାହିତ୍ୟର ସାନ୍ଦୀପନ। 'ବିଜ୍ଞାନ ସାହିତ୍ୟ'ର ଲୋକକଲ୍ୟାଣକାମୀ ଚରିତ୍ରକୁ ଜଗତବିଦିତ କରାଇବା ଲକ୍ଷ୍ୟରେ ସେ ତାଙ୍କ ବ୍ୟକ୍ତିଗତ ଉଦ୍ୟମରେ 'ବିଜ୍ଞାନ ପ୍ରଚାର ସମିତି' ପ୍ରତିଷ୍ଠା କରିଥିଲେ ୧୯୪୯ ମସିହାରେ, ଯାହାର ପ୍ରଥମ ଅଧିବେଶନ ସେହିବର୍ଷ ୭ ଅଗଷ୍ଟରେ କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ ପରିସରସ୍ଥ ଡାକ୍ତର ଗୋପାଳଚନ୍ଦ୍ର ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ଡକ୍ଟର ସଦାଶିବ ମିଶ୍ର। ସମିତିର ପ୍ରଥମ ଯୁଗ୍ମ ସମ୍ପାଦକ ଥିଲେ ଡକ୍ଟର ରାଧାନାଥ ରଥ ଓ ସେ ନିଜେ। ଯେଉଁ ପ୍ରତିଷ୍ଠାତା ସଭ୍ୟମାନେ ଏହି ବୈଠକରେ ଯୋଗଦେଇଥିଲେ, ସେମାନେ ହେଲେ- ଡାକ୍ତର ଗୋପାଳ ଚନ୍ଦ୍ର ପଟ୍ଟନାୟକ, ଡାକ୍ତର ସୁକୁମାର ଆଦିତ୍ୟ, ଡାକ୍ତର ମହେନ୍ଦ୍ର ଚନ୍ଦ୍ର ମିଶ୍ର, ଡାକ୍ତର ରାଇକୃଷ୍ଣ ମହାନ୍ତି, ଡାକ୍ତର ଶ୍ୟାମାନନ୍ଦ ପଟ୍ଟନାୟକ ଓ ଅଧ୍ୟାପକ କୃଷ୍ଣଚରଣ ଦାସ। ୧୯୬୯ ମସିହାରେ ସମିତି ପକ୍ଷରୁ ପ୍ରକାଶ ପାଇଥିଲା 'ବିଜ୍ଞାନ ପ୍ରଭା' ପତ୍ରିକା ଏବଂ ୧୯୭୭ରୁ 'ବିଜ୍ଞାନାଲୋକ'। 'ବିଜ୍ଞାନ ପ୍ରଚାର ସମିତି' ପ୍ରତିଷ୍ଠା ଆରମ୍ଭରୁ ତାଙ୍କ ପରଲୋକ ଅବଧି ପର୍ଯ୍ୟନ୍ତ ଗୋକୁଳାନନ୍ଦ ଏହାର କର୍ମକର୍ତ୍ତାଭାବେ ଖୁବ୍ କମ୍ ସମୟ ବିଦ୍ୟମାନ ଥିଲେ, ଅଥଚ ଘରର ମୁରବୀ ପରି ତାଙ୍କୁ ନ ପଚାରି 'ସମିତି'ର କୌଣସି କାର୍ଯ୍ୟ ସମ୍ପନ୍ନ ହେଉ ନ ଥିଲା। ସତେ ଯେମିତି ସେ ଥିଲେ ପଦବୀହୀନ 'ବିଜ୍ଞାନ-ଗାନ୍ଧୀ', ଯାହାଙ୍କ ନିର୍ଦ୍ଦେଶରେ ସବୁ କାର୍ଯ୍ୟ ସମ୍ପନ୍ନ ହେଉଥିଲେ ବି ପ୍ରତିଷ୍ଠାନରେ ସେ କ୍ୱଚିତ୍ ଜାହିର କରୁଥିଲେ ତାଙ୍କର କର୍ତ୍ତାପଣ।

ବିଜ୍ଞାନକୁ ଲୋକପ୍ରିୟ କରାଇବା ପାଇଁ ଗୋକୁଳାନନ୍ଦ ଶତାଧିକ ପୁସ୍ତକ ରଚନା କରିଛନ୍ତି, ଯାହାକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ। ୧. ବିଜ୍ଞାନର ନବସୂଚନା, ୨. ବିଜ୍ଞାନ ସାହିତ୍ୟ ଓ ୩. ବିଜ୍ଞାନ-ପାଠ୍ୟପୁସ୍ତକ ପ୍ରଣୟନ। ତାଙ୍କ ଜୀବଦ୍ଦଶାରେ ମୋଟ ୮୦ ଖଣ୍ଡ ଲୋକମୁଖୀ ବିଜ୍ଞାନ ପୁସ୍ତକ ଓ ୧୨ ଖଣ୍ଡ ବୈଜ୍ଞାନିକ ଗଳ୍ପ ଉପନ୍ୟାସ ଗ୍ରନ୍ଥ ପ୍ରକାଶ ପାଇଛି। ଏତଦ୍‌ବ୍ୟତୀତ ସେ କିଶୋରୀ-କିଶୋରଙ୍କୁ ବିଜ୍ଞାନମୁଖୀ କରାଇବା ଲକ୍ଷ୍ୟରେ ପ୍ରାୟ ୧୦ ଖଣ୍ଡ କିଶୋର ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି। 'ବିଜ୍ଞାନ ଜ୍ଞାନକୋଷ' ଓ 'ବିଜ୍ଞାନ ଅଭିଧାନ' ପ୍ରଣୟନ କରି ବିଜ୍ଞାନର ପରିଭାଷା ସୃଷ୍ଟିରେ ଏକ ଅଭିନବ ଇତିହାସ ସୃଷ୍ଟି କରିଯାଇଛନ୍ତି। ଏତଦ୍‌ଭିନ୍ନ ବିଭିନ୍ନ ଓଡ଼ିଆ ଓ ଇଂଲିଶ୍ ପତ୍ରପତ୍ରିକାରେ ସେ ଲେଖିଥିବା ଅଜସ୍ର ବିଜ୍ଞାନ-ରଚନା ଉତ୍ତର-ସ୍ୱାଧୀନ ଓଡ଼ିଶା ତଥା ଭାରତରେ ବିଜ୍ଞାନର ଯେଉଁ ଦିଶା ବିଧାନ କରିଛି, ତାହା ତାଙ୍କ ରଚନା ପାଠ କରିଥିବା ପ୍ରତ୍ୟେକଙ୍କୁ ବିଦିତ। ଗୋକୁଳାନନ୍ଦଙ୍କ ଉପନ୍ୟାସ ବିଜ୍ଞାନର ଯେଉଁ ସ୍ୱପ୍ନକୁ ଜନବିଦିତ କରାଇବାକୁ ମନ କରିଛି, ତାହା ପରେ ବାସ୍ତବ ସତ୍ୟ ସାବ୍ୟସ୍ତ ହୋଇଛି। କେବଳ ଏହି ଲେଖକ ନୁହେଁ, ଗୋକୁଳାନନ୍ଦ ଲେଖିଥିବା ତାଙ୍କର ଯୋଡ଼ିଏ ପୁସ୍ତକ 'ପୃଥିବୀ ବାହାରେ ମଣିଷ' (୧୯୫୨) ଓ 'ଉଡ଼ନ୍ତା ଥାଳିଆ' (୧୯୬୮) ଯେଉଁମାନେ ପଢ଼ିଛନ୍ତି, ସେମାନେ ଗୋକୁଳାନନ୍ଦଙ୍କ ଅଭିବ୍ୟକ୍ତିରେ ଯେ କୁହୁକ ସଂଧାନ କରିଛନ୍ତି- ଏହା ଅତିରଞ୍ଜନ ନୁହେଁ। ୧୯୫୨ରେ ପ୍ରକାଶିତ 'ପୃଥିବୀ ବାହାରେ ମଣିଷ'ରେ ସେ ଜଣେ ବିଜ୍ଞାନ ପ୍ରଫେସର ଓ ତାଙ୍କ ଛାତ୍ରୀଙ୍କର ଯେଉଁ ମଙ୍ଗଳ ଗ୍ରହ ପରିଭ୍ରମଣର ଚିତ୍ର ଦେଇଛନ୍ତି, ତାହା ଯେତିକି ବିସ୍ମୟକର, ସେତିକି ଆନନ୍ଦଦାୟୀ। ବୈଜ୍ଞାନିକ ଗବେଷଣାରୁ ଆଜି ପ୍ରତୀତ ହେଲାଣି ଯେ 'ମଙ୍ଗଳ ଗ୍ରହ'ରେ

ଜୀବଜଗତର କଳ୍ପନା କେବଳ କଳ୍ପନା ମାତ୍ର ନୁହେଁ। ଏହି ଗ୍ରହର ଜଳବାୟୁ ଜୀବଜଗତ ସୃଷ୍ଟିର ଅନୁକୂଳ। 'ମଙ୍ଗଳ ଗ୍ରହ'ରେ ବସତି ସ୍ଥାପନ ପାଇଁ ମଧ୍ୟ ଉଦ୍ୟମ ହେଲାଣି। ଏହାର ବହୁ ପୂର୍ବରୁ ଗୋକୁଳାନନ୍ଦ ମଙ୍ଗଳ ଗ୍ରହରେ ଯେଉଁ ସୁନ୍ଦର ବାତାବରଣ, ବିଶାଳ ଉଡ଼ାଜାହାଜ, ଭବ୍ୟ ରାଜଧାନୀ ଓ ଚଳନ୍ତା-ରାସ୍ତାର ଚିତ୍ର ଦେଇଛନ୍ତି- ତାହର ସତ୍ୟ କେତେକାଂଶରେ ଉପଲବ୍ଧ ହେଲାଣି। 'ପୃଥିବୀ ବାହାରେ ମଣିଷ' ଉପନ୍ୟାସର 'ମୁଖବନ୍ଧ'ରେ ଗୋକୁଳାନନ୍ଦ ଲେଖିଛନ୍ତି ଯେ "ବୈଜ୍ଞାନିକ ଉପନ୍ୟାସକୁ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପଥପ୍ରଦର୍ଶକ କୁହାଯାଏ। ସେମାନଙ୍କ କଳ୍ପନା ବେଳେବେଳେ ବୈଜ୍ଞାନିକମାନଙ୍କୁ ଗବେଷଣାର ପ୍ରକୃତ ପଥ ଦେଖାଏ। ଏହାର ଜ୍ୱଳନ୍ତ ନିଦର୍ଶନ ହେଉଛି ବର୍ତ୍ତମାନର ମହାକାଶ ଅଭିଯାନ।" 'ଚନ୍ଦ୍ର ଅଭିଯାନ'ର ବହୁପୂର୍ବରୁ ସେ ତାଙ୍କ ରଚନାରେ ଯେଉଁସବୁ ତଥ୍ୟର ଉପସ୍ଥାପନା କରିଛନ୍ତି, ତାହା ପରବର୍ତ୍ତୀ ସମୟରେ ନାନା ଦୃଷ୍ଟିରୁ ସତ୍ୟ ସାବ୍ୟସ୍ତ ହୋଇଛି। 'ଉଡ଼ନ୍ତା ଥାଳିଆ'ରେ ଯେଉଁ ପୃଥିବୀ ବାହାରର ମଣିଷଙ୍କ କଥା କୁହାଯାଇଛି, ତାହା ଆଜି ମଧ୍ୟ ଏକ ଉଲ୍ଲେଖନୀୟ ଘଟଣା ଭାବେ ପୃଥିବୀର ନାନା ରାଷ୍ଟ୍ରରେ ପରିଦୃଷ୍ଟ ହୋଇଛି। ଖୁବ୍ ନିକଟ ଅତୀତରେ ଆମେରିକାରେ 'ଏଲିୟନ' ଅବତରଣ ସମ୍ପର୍କରେ ରୁଚିକର ତଥ୍ୟମାନ ସମ୍ବାଦପତ୍ର ଓ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏପରିକି 'ଏଲିୟନ'ମାନଙ୍କ ସହ ଆମେରିକୀୟ କର୍ତ୍ତୃପକ୍ଷଙ୍କ ଭେଟ ଓ କଥୋପକଥନ ସମ୍ପର୍କରେ ମଧ୍ୟ ତଥ୍ୟ ପ୍ରଦାନ କରାଯାଇଛି। ତେଣୁ ପୃଥିବୀ ବାହାରେ ଯେ ଜୀବଜଗତ ଅନ୍ୟ କୌଣସି ନା କୌଣସି ଗ୍ରହରେ ତିଷ୍ଠି ଥାଇପାରେ- ଏହା ଆଜି ଆଉ ସ୍ୱପ୍ନର ବିଷୟ ହୋଇ ରହି ନାହିଁ। ଏସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ବିଜ୍ଞାନର ସମ୍ଭାବନାମୟ ନାନା ଭବିଷ୍ୟକୁ ସାହିତ୍ୟରେ, ଅତି ଚମକପ୍ରଦ ଭାଷାରେ ଉପସ୍ଥାପନ କରିବାରେ ଗୋକୁଳାନନ୍ଦ ଯେଉଁ ସାର୍ଥକତାର ନିଦର୍ଶନ ଥୋଇଯାଇଛନ୍ତି- ତା'ର ପଟାନ୍ତର କେବଳ ଓଡ଼ିଶାରେ ନୁହେଁ, ଭାରତବର୍ଷରେ ବିରଳ। ନୂଆନୂଆ ସ୍କୁଲ ଓ କଲେଜରେ ପଢୁଥିବା ବିଦ୍ୟାର୍ଥୀମାନେ ଗୋକୁଳାନନ୍ଦଙ୍କୁ ପଢ଼ିବାର ସୁଯୋଗ ଯଦି ଥରେ ଲାଭ କରନ୍ତି, ସେମାନଙ୍କର ଭବିଷ୍ୟତ ଶିକ୍ଷା-ଜୀବନର ପଥ ଯେ ଅବଧାରିତ ଭାବେ ବିଜ୍ଞାନ ହିଁ ହେବ- ଏଥିରେ ଏ ଲେଖକଙ୍କର ତିଳେମାତ୍ର ସନ୍ଦେହ ନାହିଁ। ଏହି କାରଣରୁ ବିଜ୍ଞାନ ପଚାର ସମିତି ମାଧ୍ୟମରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ କୈଶୋରରୁ ବିଜ୍ଞାନ-ଦୀକ୍ଷିତ କରାଇବାକୁ ଗୋକୁଳାନନ୍ଦ ଅଭିଳାଷୀ ଥିଲେ ଓ ଆଜୀବନ ଏଥିରୁ ସେ ବିରତ ହୋଇ ନାହାନ୍ତି।

ଗୋକୁଳାନନ୍ଦ କେବଳ ବିଜ୍ଞାନ ଶିକ୍ଷକ ବା ଗବେଷକ ନ ଥିଲେ କି ନିଜର ପ୍ରତିଭାଦୀପ୍ତ କର୍ମଜୀବନକୁ କେବଳ ବିଜ୍ଞାନ ପ୍ରଚାରରେ ସୀମିତ ରଖି ନ ଥିଲେ। ନିଜର ପାରିବାରିକ ସମ୍ପତ୍ତି ବ୍ୟୟ କରି ସେ ନିଜ ପିତାମାତା, ପତ୍ନୀ ଓ ଭାଇଙ୍କ ନାମରେ ଏକାଧିକ ଟ୍ରଷ୍ଟ ଗଠନକରି ସମାଜରେ ପ୍ରୟୋଜନୀୟ ନାନା ସେବାକୁ ବ୍ରତ ଭାବେ ଗ୍ରହଣ କରିଥିଲେ। ୨୦୨୧ରେ ଗଠିତ 'ଗୋକୁଳାନନ୍ଦ ନିତ୍ୟାନନ୍ଦ ମହାପାତ୍ର ଫାଉଣ୍ଡେସନ୍' (ଜି.ଏନ୍.ଏମ୍.ଏଫ୍), 'ବିଜୟ ଗୋବିନ୍ଦ ଟ୍ରଷ୍ଟ', 'ଫୁଲଦେବୀ ଟ୍ରଷ୍ଟ' ଓ 'କୁମୁଦିନୀ ଟ୍ରଷ୍ଟ' ଗଠନ ଏହାର ପ୍ରମାଣ। ଏହି ସବୁ ଟ୍ରଷ୍ଟ ସେ ନିଜର ସ୍ୱ-ଅର୍ଜିତ ଓ ପିତୃଗଚ୍ଛିତ ଧନରେ କରିଥିଲେ ଓ ବିଜ୍ଞାନ ମନୋଭାବର ପ୍ରଚାର ପ୍ରସାର ଦିଗରେ ଏସବୁ ଟ୍ରଷ୍ଟର ଆଭିମୁଖ୍ୟକୁ ନିୟୋଜିତ କରିଥିଲେ। ବହୁ ଅର୍ଥ ବ୍ୟୟ କରି ସେ 'ବାବା ସାଗର ଦାସ ବିଦ୍ୟାପୀଠ'ରେ 'ଗୋକୁଳାନନ୍ଦ କନ୍‌ଭେସନ୍ ହଲ୍', ଭଦ୍ରକ ହାଇସ୍କୁଲରେ 'ଗୋକୁଳାନନ୍ଦ ସାଇନ୍ସ କ୍ଲବ୍', ରେଭେନ୍ସା ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗରେ 'ବାତାନୁକୂଳିତ ପାଠାଗାର' ଓ 'ସମ୍ମାନ ଗୃହ', ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଆଡ୍‌ଭାନ୍ସଡ ଅର୍ଗାନିକ୍ କେମିଷ୍ଟ୍ରୀ ଲାବୋରେଟରୀ' ନିର୍ମାଣ କରିଥିଲେ। ପରହାତକୁ ନ ଅନାଇ, ପର ଦୟାର ପାତ୍ର ନ ହୋଇ କିପରି ନିଜ ସମାଜ, ସଂସ୍କୃତି ଓ ବିଜ୍ଞାନମୂଳ ସାହିତ୍ୟର ସମୃଦ୍ଧି ସାଧନ କରିହେବ, ଏ ଦିଗରେ ସେ ଆଜୀବନ ନିରଳସ ଉଦ୍ୟମ କରିଯାଇଛନ୍ତି। ତାଙ୍କର 'ଆମ୍ରପଲ୍ଲୀ' ନିବାସ ଆଜି ବିଜ୍ଞାନର 'ସାବରମତୀ' ଭାବେ ଜଗତବ୍ୟାପୀ ମାନ୍ୟତା ପାଇଛି।

ଓଡ଼ିଶାର ବିଜ୍ଞାନ-ସାହିତ୍ୟ, ବିଜ୍ଞାନ ଗବେଷଣା ଓ ଚେତନା-ରୂପାନ୍ତର ଅଭିଯାନକୁ ତାଙ୍କର ଆଜୀବନ ଅବଦାନ ପାଇଁ ଏ ଦେଶ ଓ ଜାତି ମଧ୍ୟ ତାଙ୍କୁ ସମ୍ୟକ୍‌ଭାବେ ସମ୍ବର୍ଦ୍ଧିତ ଓ ସମ୍ମାନିତ କରିଛି। ବିଜ୍ଞାନ-ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ, ବିଜ୍ଞାନ ଏକାଡ଼େମୀ, କଳିଙ୍ଗ ଫାଉଣ୍ଡେସନ୍, ରେଭେନ୍ସା ମହାବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେ ସମ୍ମାନିତ ହୋଇଛନ୍ତି। 'ବିଜ୍ଞାନ ଏକାଡେମୀ' ତାଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ସମ୍ମାନ' ଓ କଳିଙ୍ଗ ଫାଉଣ୍ଡେସନ୍ ତାଙ୍କୁ ବିଜ୍ଞାନବନ୍ଧୁ ସମ୍ମାନରେ ସମ୍ମାନିତ କରିଛି, ଯଦିଓ ସମାଜ, ସାହିତ୍ୟ ଓ ବିଜ୍ଞାନ ପାଇଁ ବେସରକାରୀ ଉଦ୍ୟମରେ ସେ କରିଯାଇଥିବା କାର୍ଯ୍ୟାବଳୀ ତୁଳନାରେ ଏସବୁ ସମ୍ମାନ ଆଦୌ ଯଥେଷ୍ଟ ନୁହେଁ। ଜଣେ ଦିବ୍ୟଜୀବନଧାରୀ ମଣିଷଭାବେ ଗୋକୁଳାନନ୍ଦଙ୍କ ଚାରିତ୍ରିକ

ବୈଶିଷ୍ଟ୍ୟରୁ କେତୋଟିର ଉଲ୍ଲେଖ ଏଠାରେ କରାଯାଇପାରେ । ଯଥା: ୧. ସାମର୍ଥ୍ୟ ଅନୁସାରେ ଅନ୍ୟକୁ ସାହାଯ୍ୟ, ୨. ନିଜଠାରେ କୌଣସି କାର୍ଯ୍ୟର ଦାୟିତ୍ୱକୁ ଠୁଳ ନ କରି ଏହାର ସୁଚାରୁ ନିର୍ବହନ ନିମିତ୍ତ ଅନ୍ୟ ଯୋଗ୍ୟ ବ୍ୟକ୍ତିଙ୍କଠାରେ ଦାୟିତ୍ୱ ନ୍ୟସ୍ତ, ୩- ସମାଜରେ ଦୃଶ୍ୟମାନ ଅନ୍ଧବିଶ୍ୱାସ (ଯଥା: ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟ ପରାଗରେ ହାଣ୍ଡିଛାଡ଼, ପୂଜାପର୍ବରେ ପଶୁବଳି, ବିପଦ ଆପଦରେ ଡେଉଁରିଆ ଓ ତାବିଜ ଧାରଣ, ପାଠ ନ ପଢ଼ି ପରୀକ୍ଷା ପୂର୍ବରୁ ଦେବଦେବୀଙ୍କୁ ନଡ଼ିଆ ସିନ୍ଦୂର ମନାସ ଇତ୍ୟାଦି) ବିରୁଦ୍ଧରେ ଜନସଚେତନତା ସୃଷ୍ଟି, ୪. କୌଣସି ବଡ଼ କାମ ପାଇଁ ନିଜକୁ ଦାୟବାହୀ ଭାବେ ନିଯୁକ୍ତି, ୫. ଜନମଙ୍ଗଳକାରୀ କାର୍ଯ୍ୟରେ ପାରୁପର୍ଯ୍ୟନ୍ତ ନିଜକୁ ବାହିଲ, ୬. ଜାଗତିକ ମୋହ ପ୍ରତି ନିରାସକ୍ତି, ୭. ସୁଖ ଓ ଦୁଃଖରେ ସମଭାବ ପୋଷଣ ବା 'ସ୍ଥିତପ୍ରଜ୍ଞତା', ୮. ଲକ୍ଷ ସମନ୍ୱୟର ସୁପରିଚାଳନା କରି ଗୋଟିଏ ଦିନରେ ବିବିଧ ଦାୟିତ୍ୱର ନିଷ୍ପାପର ନିର୍ବାହ, ୯. ଜୋତାସିଲେଇଠାରୁ ଚଣ୍ଡୀପାଠ ଯାଏଁ ପ୍ରତ୍ୟେକ କାର୍ଯ୍ୟକୁ ସମଶ୍ରଦ୍ଧାରେ ସମ୍ପନ୍ନ ଓ ୧୦. ସବୁ କରି ମଧ୍ୟ ସବୁ କର୍ମରେ ନିଜକୁ କେବଳ ନିମିତ୍ତ ଭାବେ ପ୍ରତିପାଦନ ।

ପ୍ରଫେସର ଗୋକୁଳାନନ୍ଦ, ଜୀବନରେ ଯେଉଁଠି ତାଙ୍କର ଅବସ୍ଥାନ ହୋଇଥାଉ ପଛେ ନୀଳାଚଳ ହିଁ ତାଙ୍କର ଧ୍ୟେୟ– ଗୋପବନ୍ଧୁଙ୍କ ପରି ଏହି ମହତ୍‌ଜ୍ଞାନକୁ ହୃଦୟରେ ଧାରଣ କରିବା ଥିଲା ତାଙ୍କ ମହାନୁଭବତା ଓ ଋଷିପ୍ରତିମ ବ୍ୟକ୍ତିତ୍ୱର ନଜିର । ଆମେରିକାରେ ଥିବାବେଳେ, ଗବେଷଣାର ଜଞ୍ଜାଳରୁ ଫେର୍ କାଢ଼ି ସେ ଓଡ଼ିଶାର ବିଭିନ୍ନ ଖବରକାଗଜରେ 'ନୀଳଚକ୍ର ବାନାର ସେପାରିରୁ' ଶୀର୍ଷକରେ ନାନା ପ୍ରବନ୍ଧ ପ୍ରକାଶ କରୁଥିଲେ । ଶ୍ରୀଜଗନ୍ନାଥଙ୍କର ବିଧାନ ବି ଦେଖନ୍ତୁ, ଜଗନ୍ନାଥପ୍ରାଣ ଏହି ବ୍ୟକ୍ତିଟିର ପ୍ରୟାଣ ଦିବସଟି ମଧ୍ୟ ଧାର୍ଯ୍ୟ ହେଲା ୧୦ ଜୁଲାଇ ୨୦୧୩, ଶ୍ରୀଗୁଣ୍ଡିଚା ଦିନକୁ । ଗୋକୁଳାନନ୍ଦ ଥିଲେ ଓଡ଼ିଶାର ଏଚ୍.ଜି.ୱେଲ୍‌ସ ନତୁବା ସାର୍ ଜେମ୍‌ସ ଜିନ୍ । ନାନା କ୍ଷୁଦ୍ରତାରେ ଭରା ଆମର ସଂକୀର୍ଣ୍ଣ ଦୃଷ୍ଟି ତାଙ୍କ ପ୍ରତିଭାଦୀପ୍ତ ଉପସ୍ଥିତିକୁ ଠିକ୍‌ଭାବେ ଆକଳିତ କରି ନ ପାରିବା ଆମର ହିଁ ଅସମାର୍ଥ୍ୟ । ସେ ଥିଲେ ଏକ ପରିପୂର୍ଣ୍ଣ ଜୀବନର ଅଧିକାରୀ ପୂର୍ଣ୍ଣପୁରୁଷ । ଓଡ଼ିଆ ଭାଷା ଓ ସଂସ୍କୃତିକୁ ବିଜ୍ଞାନମନସ୍କ କରି ଗଢ଼ିତୋଳିବାର ଏକ ନିରନ୍ତର ତପସ୍ୟା । ତାଙ୍କର ଜନ୍ମ ଶତବାର୍ଷିକୀରେ 'ସଂସ୍କୃତି-ପୁରୁଷ'ଙ୍କୁ ଏହି ଦେଶ ଓ ଜାତିର କୋଟି ପ୍ରଣାମ ! ■■■

– ସଭାପତି,
ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
ମୋ: ୯୮୫୩୨୮୭୭୫୫



Inauguration of Bijay Gobind Bhavan at Cuttack



# ପୃଥିବୀ ବାହାରର ମଣିଷ

ଡକ୍ଟର ଦୀପ୍ତି ପଟନାୟକ

ଯେଉଁସବୁ ସଦ୍‌ଗୁଣର ସମାହାର ସାଧାରଣ ମଣିଷ ପାଖରେ ଦେଖାଯାଏ ନାହିଁ, ସେହିପରି ସବୁ ଗୁଣ ଯଦି ଜଣଙ୍କ ପାଖରେ ଦେଖାଯାଏ, ତେବେ ତାଙ୍କୁ କୁହାଯାଏ- ସେ ଜଣେ ଦୁନିଆ ବାହାରର ମଣିଷ। ସେ ମଣିଷ ନୁହନ୍ତି, ଦେବତୁଲ୍ୟ। ଏହି ପ୍ରବନ୍ଧରେ ସେହିପରି ଜଣେ ବ୍ୟକ୍ତିତ୍ୱଙ୍କ ବିଷୟରେ କିଛି କହିବାର ପ୍ରୟାସ କରାଯାଇଛି। ତାଙ୍କର ବିଦ୍ୟା-ବୁଦ୍ଧି, ତାଙ୍କର କାର୍ଯ୍ୟକଳାପ, ତାଙ୍କର ଦାନପରାୟଣତା, ତାଙ୍କର ବିଦ୍ୟାନୁରାଗ, ତାଙ୍କର ନିଜ ଭାଷା ଓଡ଼ିଆ ଓ ନିଜ ମାଟି ଓଡ଼ିଶା ପାଇଁ ଥିବା ନିଃସ୍ୱାର୍ଥପର ଅତୁଳନୀୟ ଶ୍ରଦ୍ଧା ଇତ୍ୟାଦି ସଚରାଚର ଏହି ହିଂସା-ଦ୍ୱେଷ ସ୍ୱାର୍ଥପରତା ଓ କ୍ଷୁଦ୍ରତାରେ ଭରା ଦୁନିଆର ଅଧିକାଂଶ ଅଧିବାସୀଙ୍କଠାରେ ପରିଲକ୍ଷିତ ହୁଏ ନାହିଁ। ତେଣୁ ସେ ଥିଲେ ଜଣେ 'ପୃଥିବୀ ବାହାରର ମଣିଷ'; ଅନ୍ତତଃ ମୋ ଦୃଷ୍ଟିରେ।

ଏମିତି କେତେଜଣ ମଣିଷ ଥାଆନ୍ତି, ଯେଉଁମାନଙ୍କ ଉପରେ ସ୍ୱତଃ ଈଶ୍ୱରଙ୍କ କରୁଣାବାରି ଅବାରିତ ଭାବରେ ଝରିପଡ଼େ। ସେହିପରି ଜଣେ ଥିଲେ ଲକ୍ଷ୍ମୀ-ସରସ୍ୱତୀଙ୍କ ବରପୁତ୍ର, ମୋର ପରମ ପୂଜନୀୟ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର। ସେ ଥିଲେ ଉଚ୍ଚଶିକ୍ଷିତ, ପରୋପକାରୀ, ପ୍ରଚୁର ପୈତୃକ ଓ ସ୍ୱଅର୍ଜିତ ଧନର ଅଧିକାରୀ ଗୋଟିଏ ସୁଖୀ ପରିବାରର ମୁଖ୍ୟ- ଜରେ ପତିପ୍ରାଣା ସାଧ୍ୱୀ ମହିଳାଙ୍କ ସ୍ୱାମୀ ଓ ଅନୁଗତ କୃତି-ସନ୍ତାନମାନଙ୍କର ସ୍ନେହମୟ ପିତା, ଜଣେ ମନୁଷ୍ୟ ଦେହଧାରୀର ଯାହାସବୁ ରହିଲେ ତାକୁ ଅତ୍ୟନ୍ତ ସୌଭାଗ୍ୟବାନ ବୋଲି କୁହାଯାଏ, ସେସବୁ ଥିଲା ତାଙ୍କ ନିକଟରେ ଭରପୂର ମାତ୍ରାରେ; କିନ୍ତୁ ତାଙ୍କ ପାଖରେ ଅଭାବ ଥିଲା ଅହଂର, କୃପଣତାର ଓ କ୍ଷୁଦ୍ରତାର, ଯାହା ପ୍ରାୟ ଆମେ ତାଙ୍କପରି ମଣିଷମାନଙ୍କ ପାଖରେ ଦେଖିବାକୁ ପାଇଥାଉ। ମନେ ହୋଇଥାଏ, ସେମାନେ ଯେପରି ଧନ, ବିଦ୍ୟା ଓ ପ୍ରତିପତ୍ତିର ମୋହରେ ଧରାକୁ ସରା ଜ୍ଞାନ କରୁଛନ୍ତି ଯେପରି! କିନ୍ତୁ ସାର୍ ଥିଲେ ଉଦାର, ହୁଏତ ସେ ଇଚ୍ଛା କରିବା ପୂର୍ବରୁ ବିଧାତା ତାଙ୍କୁ ଅକୃପଣ ଭାବରେ ବିଦ୍ୟା, ବୁଦ୍ଧି, ଧନ-ସଂପତ୍ତି, ସୁଖୀ ପରିବାର, ସୁନ୍ଦର ମନ ଆଦି ବହୁମୂଲ୍ୟ ଆଭୂଷଣରେ ସଜ୍ଜିତ କରିଦେଇଥିଲେ। କିନ୍ତୁ ସେଥିପ୍ରତି ସେ ଥିଲେ ଉଦାସୀନ। ବିଜ୍ଞାନକୁ ଲୋକପ୍ରିୟ କରାଇବା, ତାଙ୍କ ମାଟିର, ତାଙ୍କ ଗାଆଁର ପିଲାମାନେ ଯେଉଁମାନେ ସଠିକ୍ ଶିକ୍ଷାର ଆଲୋକକୁ ବଞ୍ଚିତ, ଉନ୍ନତ ଧରଣର ଶିକ୍ଷା ସେମାନଙ୍କ ପାଇଁ ବହୁ ଦୂରର ପଦାର୍ଥ, ସେମାନଙ୍କ ପାଇଁ ସ୍କୁଲ କଲେଜ ଖୋଲିବା, ବିଜ୍ଞାନର କଠିନ ତଥ୍ୟଗୁଡ଼ିକ ସରଳ ଭାବରେ ସେମାନଙ୍କ ପାଖରେ ପହଞ୍ଚାଇ ସେମାନଙ୍କୁ ବିଜ୍ଞାନ ପ୍ରତି ଆଗ୍ରହୀ କରାଇ ଦୁନିଆର ମୁଖ୍ୟସ୍ରୋତରେ ସାମିଲ କରାଇବା ଥିଲା ତାଙ୍କ ଜୀବନର ମୁଖ୍ୟ ଉଦ୍ଦେଶ୍ୟ। ପୁସ୍ତକ ମାଧ୍ୟମରେ ହେଉ ବା ବିଜ୍ଞାନ ପ୍ରଚାର ସମିତିର ଉତ୍ସର୍ଗୀକୃତ ସଦସ୍ୟମାନଙ୍କ ମାଧ୍ୟମରେ ହେଉ, ସେ ତାଙ୍କର ଏହି ଉଦ୍ୟମରେ ଜୀବନର ଶେଷ ପର୍ଯ୍ୟନ୍ତ ଲାଗିରହିଥିଲେ। ସେ ଓ ତାଙ୍କରି ପରି କେତେଜଣ ସମର୍ପିତ ପ୍ରାଣ ବିଜ୍ଞାନ-ପ୍ରେମୀ ବନ୍ଧୁଙ୍କୁ ନେଇ ପ୍ରତିଷ୍ଠା ହୋଇଥିଲା 'ବିଜ୍ଞାନ ପ୍ରଚାର ସମିତି'। ଆଜି ମଧ୍ୟ ସେହି ସମିତି ତାଙ୍କର ବାସଭବନ 'ଆମ୍ରପଲ୍ଲୀ'ରେ କାର୍ଯ୍ୟରତ ଓ ତାଙ୍କର ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ପୁରପଲ୍ଲୀରେ ମଧ୍ୟ ବିଜ୍ଞାନ-ପ୍ରଚାର କାର୍ଯ୍ୟରେ ଅବିରତ ବ୍ୟସ୍ତ।

ଉଚ୍ଚାକାଂକ୍ଷା, ଉଦ୍ୟୋଗ ଓ ଅନୁକୂଳ ପରିସ୍ଥିତି ଅନେକ ଭାଗ୍ୟବାନ୍ ମଣିଷଙ୍କୁ ବିଦ୍ୱାନ୍, ଧନଶାଳୀ ଓ ପ୍ରତିପତ୍ତିବାନ୍ କରାଇଥାଏ; କିନ୍ତୁ କେତେଜଣ ତାଙ୍କର ଜନ୍ମମାଟିର ପିଲାମାନଙ୍କ ପାଇଁ, ନିଜ ବିଦ୍ୟାଳୟର ଉନ୍ନତି ପାଇଁ, ନିଜେ କାମ କରିଥିବା ଗବେଷଣାଗାରର ଉନ୍ନତି ପାଇଁ, ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ସାରଙ୍କ ପରି ଅକାତରେ ଧନ ଓ ଶ୍ରମ ଦାନ କରିଥାଆନ୍ତି ବିଶେଷତଃ ଆମ ପରି ପରିବାରବାଦର ସମାଜରେ! କେତେଜଣ ଏମିତି ଅଛନ୍ତି, ଯେଉଁମାନେ ଜୀବନବ୍ୟାପୀ ବିଜ୍ଞାନ ସହିତ ସାହିତ୍ୟର ସାଧନା ମଧ୍ୟ କରିଚାଲିଛନ୍ତି ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ପରି! ତାଙ୍କର କଳ୍ପବିଜ୍ଞାନ ଓ ବିଜ୍ଞାନ-ଭିତ୍ତିକ ଉପନ୍ୟାସ ଓ ଗଳ୍ପଗୁଡ଼ିକ କେବଳ ବିଜ୍ଞାନ-ଭଣ୍ଡାର କାହିଁକି, ଓଡ଼ିଆ ସାହିତ୍ୟ ଜଗତର ମଧ୍ୟ ଗୋଟିଏ ଗୋଟିଏ ସମୁଜ୍ଜ୍ୱଳ ରତ୍ନ। ଯେଉଁମାନେ ତାଙ୍କର ବହିଗୁଡ଼ିକ ପଢ଼ିଥିବେ, ସେମାନେ ବୋଧ କରିଥିବେ ଯେ, ତାଙ୍କର

ବୈଜ୍ଞାନିକ ମନୋଭାବ ସହିତ ତାଙ୍କର ସାହିତ୍ୟ ଓ ଆଧ୍ୟାତ୍ମିକ ସତ୍ତା କେତେ ଉଚ୍ଚଦରର ଥିଲା ।

ସେ ଜଣେ ବିଖ୍ୟାତ ବ୍ୟକ୍ତି, ତାଙ୍କର ମହନୀୟତା ଓ କୃତି ସର୍ବଜନ-ବିଦିତ । ସେ ବିଷୟରେ ଅଧିକ ଲେଖିବା ମୋ' ପକ୍ଷରେ ଧୃଷ୍ଟତା ହେବ । କିନ୍ତୁ ତାଙ୍କ ଚରିତ୍ରର ଯେଉଁ ବିଶେଷ ଦିଗଟି ମୋତେ ମୁଗ୍ଧ ଓ ଚକିତ କରିଦେଇଥିଲା ଓ ତାଙ୍କ ପ୍ରତି ଆକର୍ଷିତ କରିଥିଲା, ତା' ଥିଲା ତାଙ୍କର ମଣିଷପଣିଆ । ଏପରି ସ୍ନେହଶୀଳ ମଣିଷ ପୃଥିବୀରେ ଖୁବ୍ କମ୍ ଥିବେ । ଏଠି ମୋର ଗୋଟିଏ ଅନୁଭୂତି ବର୍ଣ୍ଣନା କରୁଛି- ଥରେ ତାଙ୍କ ଘରେ ପହଞ୍ଚି ମହାପାତ୍ର ଦମ୍ପତିଙ୍କ ସହିତ ବାର୍ତ୍ତାଳାପ ସାରି ଫେରୁଥିବା ସମୟରେ ଶ୍ରୀମତୀ ମହାପାତ୍ର କହିଲେ- "ମୁଁ ତ ଚାଲିପାରୁନାହିଁ, ନଚେତ୍ ତୁମକୁ ଜଳଖିଆ କରି ଖୁଆଇଥାଆନ୍ତି । ହେଲେ ମୁଁ ତୁମକୁ କିଛି ନଖୁଆଇ ଛାଡ଼ିବି ନାହିଁ ।" ସାର୍ ପାଖରୁ ଯାଇ ଜଳଖିଆ ନେଇ ଆସିଲେ । କହିବା ବାହୁଲ୍ୟ, ସେତେବେଳେ ତାଙ୍କ ଘରେ କୌଣସି ପରିଚାରକ ନଥିଲେ । ମୁଁ ଆତଙ୍କିତ ହୋଇ ବାରଂବାର କହିବା ସତ୍ତ୍ୱେ ସାର୍ ନିଜେ ଧୀରେ ଧୀରେ ପାହାଚ ଓହ୍ଲାଇ ନିକଟସ୍ଥ ଦୋକାନକୁ ଗଲେ । ମୋର ଡ୍ରାଇଭରକୁ ମଧ୍ୟ ସାହାଯ୍ୟ କରିବାକୁ ଦେଲେନାହିଁ । କହିଲେ, "ତୁମ ପରି ସେ ମଧ୍ୟ ଆମର ଅତିଥି" । ମୁଁ ସ୍ତବ୍ଧ ହୋଇଯାଇଥିଲି ଓ ମୋର ଆଖି ଲୁହରେ ପୂରିଯାଇଥିଲା । ସେତେବେଳେ ସାର୍‌ଙ୍କୁ ପଞ୍ଚାଅଶୀ ବର୍ଷ ବୟସ ତ ଅତିକମ୍‌ରେ ହୋଇଥିବ । ସେଦିନ ମୋତେ ଏହି ଦୁଇଜଣ ଉଚ୍ଚଦରର ମଣିଷଙ୍କ ଆଗରେ ନିଜକୁ କ୍ଷୁଦ୍ର ମନେହୋଇଥିଲା । ଯେ ସେହି ସ୍ନେହୀ, ଅମାୟିକ ଦଂପତିଙ୍କ ସଂସ୍ପର୍ଶରେ ଆସିଛି, ସେ କଥା ସେ କେବେହେଲେ ଭୁଲିବ ନାହିଁ । ମାଉସୀ (କୁମୁଦିନୀ ଦେବୀ) ତାଙ୍କର ଶେଷ ମୁହୂର୍ତ୍ତରେ ମଧ୍ୟ ମୋତେ ସ୍ମରଣ କରିଥିଲେ । ଦୁର୍ଭାଗ୍ୟ, ମୁଁ ପରିସ୍ଥିତି ଅନୁକୂଳ ନଥିବାରୁ ତାଙ୍କ ପାଖରେ ଉପସ୍ଥିତ ରହିପାରିନଥିଲି । ସେ ଅବସୋସ ଚିରଦିନ ରହିଗଲା ।

ସାର୍‌ଙ୍କର 'ପୃଥିବୀ ବାହାରେ ମଣିଷ' ପଢ଼ିବା ପୂର୍ବରୁ ମୁଁ ରହସ୍ୟ ଉପନ୍ୟାସ, କଳ୍ପବିଜ୍ଞାନ-ଭିତ୍ତିକ ଉପନ୍ୟାସ ଓ ରୋମାଞ୍ଚକାରୀ ଅଭିଯାନ ଭିତ୍ତିକ ଗଳ୍ପଗୁଡ଼ିକର କୀଟ ସଦୃଶ ଥିଲି । Arther C Clarkeଙ୍କର 'A Space Odyssey', 'Rendzevous with Rama', ଜୁଲସ୍‌ଭାର୍ଣ୍ଣଙ୍କର 'Journey to the Center of the Earth', 'Twenty Thousand Leagues Under the Sea' ଆଦି କ୍ଲାସିକ କଳ୍ପବିଜ୍ଞାନର ଉପନ୍ୟାସ ସହିତ ଅପେକ୍ଷାକୃତ ନୂତନ ଲେଖକ Isaac Aslimovଙ୍କର 'The Eye of The World', 'Wings of Fire', 'The Girl Who Fell Beneath the Sea' ଆଦି ମୋର ମୁଖସ୍ଥ ଥିଲା କହିଲେ ଚଳେ । ମୋର ଏହି ଗୁଣ ଯୋଗୁଁ ମୋତେ ଅନେକ ସମୟରେ ମୃଦୁ ତିରସ୍କାର ମଧ୍ୟ ସହ୍ୟ କରିବାକୁ ପଡୁଥିଲା । କାରଣ ପାଠରେ ହେଳା ହୋଇଯାଉଥିଲା ।

ଠିକ୍ ଏଇ ସମୟରେ ଆସି ପହଞ୍ଚିଗଲା ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କର 'ପୃଥିବୀ ବାହାରେ ମଣିଷ' । ପରେ ପରେ 'କୃତ୍ରିମ ଉପଗ୍ରହ', 'ଚନ୍ଦ୍ରର ମୃତ୍ୟୁ' ଇତ୍ୟାଦି ଉପନ୍ୟାସଗୁଡ଼ିକର ଧାରା ଶ୍ରାବଣ ମୋତେ ମୁଗ୍ଧ ଓ ଉଲ୍ଲସିତ କରିଦେଲା । ଯେତେ ଇଂରେଜୀ ବା ଫରାସୀ ଓ ରୁଷୀ ଭାଷାରୁ ଇଂରେଜୀ ଅନୂଦିତ ଉପନ୍ୟାସ ପଢ଼ିଥିଲେ ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ପରେ ଗୋଟାଏ ମଳୟପବନ ପରି ମନ ଭିତରକୁ ପଶି ଆସିଲା ମୋ ମାତୃଭାଷାରେ ସୁନ୍ଦର ଭାବରେ ଲିଖିତ ପ୍ରଫେସର ମହାପାତ୍ରଙ୍କର ଗଳ୍ପ ଉପନ୍ୟାସଗୁଡ଼ିକ । କୈଶୋରର ସେହି ଅଭୁଲା ଅନୁଭବ ଲେଖି ବୁଝାଇହେବ ନାହିଁ । ପ୍ରଫେସର ମହାପାତ୍ରଙ୍କର ଲେଖାର ବେଶ୍ କିଛି ସମୟ ପରେ ପ୍ରକାଶିତ ହେଲା ବିଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ସାହିତ୍ୟିକ ସତ୍ୟଜିତ୍ ରାୟଙ୍କର କଳ୍ପ-ବିଜ୍ଞାନ ସିରିଜ୍ ଓ ଗଳ୍ପ 'ବଙ୍କୁବାବୁଙ୍କ ବନ୍ଧୁ' । ବହି ଦୁଇଟି ବଙ୍ଗଳାରେ ଚହଳ ପକାଇଲା ।

ଗୋକୁଳାନନ୍ଦଙ୍କର କଳ୍ପବିଜ୍ଞାନର ଗଳ୍ପଗୁଡ଼ିକ ଯେମିତି କ୍ଷଣକ ମଧ୍ୟରେ ଓଡ଼ିଶାର କିଶୋର-କିଶୋରୀମାନଙ୍କ ସହିତ ସବୁ ବୟସର ମଣିଷମାନଙ୍କୁ ବିଜ୍ଞାନ-ମନସ୍କ କରାଇଦେଲା; ବିଜ୍ଞାନ ପରି କଷ୍ଟସାଧ୍ୟ ବିଷୟ ମଧ୍ୟରେ ଯେ ରୋମାନ୍ସ ଥାଇପାରେ, ସେ କଥା ବୁଝାଇଦେଲା । ଅନ୍ୟ ଭାବରେ କହିଲେ କଳ୍ପବିଜ୍ଞାନ କ୍ଷେତ୍ରରେ ଗୋଟାଏ ଆନ୍ଦୋଳନର ଆରମ୍ଭ କଲା ଓ ପ୍ରଫେସର ଗୋକୁଳାନନ୍ଦ ଓଡ଼ିଆ ଜାତିର ଚିର-ନମସ୍ୟ ହୋଇ ରହିଗଲେ ।

ତାଙ୍କ ସହିତ ମୋର ବ୍ୟକ୍ତିଗତ ସଂପର୍କ ବିଷୟରେ କହିବାକୁ ଗଲେ କଲମ ଥମିବ ନାହିଁ । କେବଳ ଏତିକି କହିପାରେ ଗର୍ବର ସହିତ ଯେ, ତାଙ୍କ ପରି ଜଣେ ବିରାଟ ବ୍ୟକ୍ତିତ୍ୱ ମୋତେ ତାଙ୍କର ସନ୍ତାନମାନଙ୍କ ମଧ୍ୟରୁ ଜଣେ ବୋଲି ଗଣୁଥିଲେ । ତାଙ୍କର ସେହି ଭାବନାର ଅର୍ଦ୍ଧେକରୁ ଅଧିକ ଭାଗର ଅଂଶୀଦାର ଥିଲେ ତାଙ୍କ ସ୍ନେହମୟୀ ପତ୍ନୀ ମାଉସୀ (କୁମୁଦିନୀ ଦେବୀ) । ସାର୍‌ଙ୍କ ପ୍ରେରଣା ମୋତେ କଲମ ଧରାଇଲା, ମୋ ମନରେ ବିଶ୍ୱାସ ଜନ୍ମାଇଲା ଓ ମୁଁ ଲେଖିବା ଆରମ୍ଭ କଲି ।

ସାର୍ ଓ ମାଉସୀ ପରିଣତ ବୟସରେ ଇହସଂସାରରୁ ବିଦାୟ ନେଇଛନ୍ତି । କିନ୍ତୁ କାହିଁକି କେଜାଣି ମୋତେ ଲାଗେ, ସେମାନେ ଅସମୟରେ ବିଦାୟ ନେଇ ଚାଲିଗଲେ । ମୋତେ ସେମାନଙ୍କଠାରୁ ସରଳତା ଓ ନିଷ୍କପଟତାର ଶିକ୍ଷା ଲାଭ କରିବାର ଥିଲା ଓ ଆହୁରି ଅନେକ ବିଷୟ ଜାଣିବାର ଥିଲା, ଆହୁରି ଅଧିକ ସମୟ ବିତାଇବାର ଥିଲା । ସେହି ଅମାୟିକ ଦମ୍ପତିଙ୍କ ସହିତ- ମୋର ସଂପର୍କ ଅସମାପ୍ତ ରହିଗଲା ।

ସେହି ଅତ୍ୟନ୍ତ ସ୍ନେହୀ, ଗୁଣଗ୍ରାହୀ ଓ ଉଦାର ମଣିଷ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କର ଶତବର୍ଷ ପୂର୍ତ୍ତି ଅବସରରେ ତାଙ୍କର ଓ ତାଙ୍କର ସୁଯୋଗ୍ୟା ସହଧର୍ମିଣୀଙ୍କର ଶ୍ରୀଚରଣରେ ମୋର ଭକ୍ତିପୂତ ପ୍ରଣାମ । ■■

ଶ୍ୟାମଚନ୍ଦ୍ରିକା, ଦାସ ସାହି, ଜୋବ୍ରା, କଟକ-୩
ଫୋନ୍- ୭୦୦୮୪୧୩୭୦୭

# ବିଜ୍ଞାନକୁ ଓଡ଼ିଶାରେ ଲୋକପ୍ରିୟ କରିବାରେ ପ୍ରଫେସର ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ଅବଦାନ



**ଡକ୍ଟର ହରି ପ୍ରସାଦ ଦାସ**

ସମୟର ସ୍ରୋତ କାହାକୁ ଅପେକ୍ଷା କରେନା । ଜନପ୍ରିୟ ବିଜ୍ଞାନ ସାହିତ୍ୟ ସାମ୍ରାଜ୍ୟର ଅଦ୍ୱିତୀୟ ସମ୍ରାଟ, ଯୋଗଜନ୍ମା ଅବତାର ପୁରୁଷ, ବିଜ୍ଞାନ ପ୍ରଚାର ସମିତିର ପ୍ରାଣପ୍ରତିଷ୍ଠାତା, ବର୍ଷୀୟାନ୍ ରସାୟନବିତ୍, ମୋ ପରି ଅନେକଙ୍କର ଗୁରୁଦେବ ପୂଜ୍ୟ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କର ଜନ୍ମଦିବସ ଥିଲା ମଇ ମାସ ୨୪ ତାରିଖ, ୧୯୨୨ ମସିହାରେ ଓ ତାଙ୍କର ଦେହାବସାନ ଘଟିଥିଲା ୨୦୧୩ ମସିହା ଜୁଲାଇ ୧୦ତାରିଖରେ । ତାଙ୍କର ମହାପ୍ରୟାଣ ହେବାର ୯ ବର୍ଷ ବିତିଥିଲେ ମଧ୍ୟ ପୁନଃ ଜନ୍ମ ଶତବାର୍ଷିକୀ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଆନୁକୂଲ୍ୟ ମାଧ୍ୟମରେ ପାଳନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ତାଙ୍କର ପୁତ୍ର ଓ କନ୍ୟାମାନେ । ପ୍ରଫେସର ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀରେ ଏକ ସ୍ମରଣିକା ପ୍ରକାଶ ପାଇବ । ସେଥିରେ ଏକ ଲେଖା ପଠାଇବା ପାଇଁ ତାଙ୍କର ବଡ଼ ପୁଅ ବଙ୍କୁ, ବଡ଼ ଝିଅ ଜୋସ୍ନା ଓ ସାନ ପୁଅ ବାବୁଲି ଅନୁରୋଧ କରିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି ।

ମୋର ପୂଜ୍ୟ ଗୁରୁଦେବ ପ୍ରଫେସର ମହାପାତ୍ର, ଯାହାଙ୍କ ପାଇଁ ସମାଜରେ ପ୍ରତିଷ୍ଠିତ, ତାଙ୍କ ବିଷୟରେ ମୁଁ ବା କ'ଣ ଲେଖିବି, ଯାହା ବି ଲେଖିବି, ତାହା ହିଁ ହେବ ମୋର ଧୃଷ୍ଟତା ମାତ୍ର । ତାଙ୍କ ନିଜର ଶିକ୍ଷା ଦୀକ୍ଷା ହିଁ ତାଙ୍କର ପ୍ରତିଭା ଓ ବ୍ୟକ୍ତିତ୍ୱ । ସାର୍ ଓ ତାଙ୍କ ପରିବାର ସହିତ ମୋ ସମ୍ପର୍କ ଦୀର୍ଘ ଚାରି ଦଶନ୍ଧି ଧରି । ସେଥିପାଇଁ ମୁଁ ନିଜକୁ ଭାଗ୍ୟବାନ ଓ ଧନ୍ୟ ମନେକରେ । ମୋ ପାଇଁ ପ୍ରଫେସର ମହାପାତ୍ର ଶୁଭଚିନ୍ତକ ଥିଲେ ।

ପ୍ରଫେସର ଡ. ମହାପାତ୍ର ଥିଲେ ରସାୟନ ବିଭାଗର ପ୍ରଫେସର । ରସାୟନ ବିଜ୍ଞାନରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ସେ ଜଣେ ଉଚ୍ଚକୋଟିର ଛାତ୍ରବତ୍ସଳ ଦକ୍ଷ ଶିକ୍ଷକ ଥିଲେ । ସାରଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଉଚ୍ଚମାନର ଶିକ୍ଷାଦାନ, ରସାୟନ ବିଜ୍ଞାନକୁ ସରଳ ଓ ସାବଲୀଳ ଭାଷାରେ ବୁଝାଇବାର ଅନନ୍ୟ ଶୈଳୀ, ରେଭେନ୍ସା ମହାବିଦ୍ୟାଳୟ ରସାୟନ ବିଭାଗ ପାଇଁ ସୁନାମ ଆଣିଥିଲା । ଜଣେ ମହାନ୍ ଶିକ୍ଷକର ବ୍ୟବହାର, ଆଚାର, ଆଚରଣ, କଥାବାର୍ତ୍ତା ଓ ଚାଲିଚଳଣି କିପରି ହେବା ଉଚିତ; ତାହା ହିଁ ତାଙ୍କଠାରେ ସବୁ ସ୍ତରରେ ପରିଲକ୍ଷିତ ହେଉଥିଲା ।

ସାର୍ (ଡ. ମହାପାତ୍ର) ଥିଲେ କର୍ମଯୋଗୀ । ଜୀବନସାରା ତାଙ୍କର କେବଳ ଲେଖାଲେଖି, ଗବେଷଣା ଓ ପାଠପଢ଼ାରେ ସମୟ ବିତିଛି । ତାଙ୍କ ତତ୍ତ୍ୱାବଧାନରେ ଗବେଷଣା କରିବା ଏକ ନିଆରା ଓ ଆନନ୍ଦଦାୟକ ଅନୁଭୂତି । ତାଙ୍କ ଗବେଷଣା କେବଳ ଆନ୍ତର୍ଜାତିକ ସ୍ତରରେ ସ୍ଥାନ ପାଇ ନ ଥିଲା, ତାଙ୍କ ପାଇଁ ସୁନାମ ମଧ୍ୟ ଆଣିଥିଲା । ସେଥିପାଇଁ ତାଙ୍କୁ ମିଳିଥିଲା 'କୁପର ସ୍ମାରକୀ ସ୍ୱର୍ଣ୍ଣପଦକ' ତାଙ୍କର ଗବେଷଣାମୂଳକ ପ୍ରବନ୍ଧ ଶ୍ରେଷ୍ଠ ବିବେଚିତ ହୋଇଥିବାରୁ । ଗବେଷଣାକୁ ଯେତିକି ଗୁରୁତ୍ୱ ଦେଉଥିଲେ, ତା'ଠାରୁ ଅଧିକ ଗୁରୁତ୍ୱ ଦେଉଥିଲେ ଲେଖାଲେଖିରେ । ତେଣୁ ଲେଖକ ଜୀବନରେ ସେ ବେଶୀ ଆତ୍ମସନ୍ତୋଷ ଲାଭ କରିଥିଲେ । ବିଜ୍ଞାନ କୃତି ପାଇଁ ସାର୍ ପାଇଥିଲେ ସମ୍ମାନଜନକ କଳିଙ୍ଗ ପୁରସ୍କାର, ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ (Doctorate in Science) । ଏପରି ଜଣେ ସ୍ୱନାମ ବିଶିଷ୍ଟ ରସାୟନବିତ୍‌ଙ୍କ ତତ୍ତ୍ୱାବଧାନରେ ଗବେଷଣା କରି Ph.D ପାଇ ମୁଁ ନିଜକୁ ଗୌରବାନ୍ୱିତ ମନେ କରିବା ସଙ୍ଗେ ସଙ୍ଗେ ସୌଭାଗ୍ୟ ମଣୁଛି ।

ବିଜ୍ଞାନର ବିକାଶ ପ୍ରଫେସର ମହାପାତ୍ରଙ୍କ ପ୍ରଧାନ ଉଦ୍ଦେଶ୍ୟ ଥିଲେ ମଧ୍ୟ ସେ ବିଜ୍ଞାନକୁ ମାନବିକତାଠାରୁ ଦୂରେଇ ରଖି ନ ଥିଲେ । ବିଜ୍ଞାନର ବିକାଶ ହେବା ସହିତ ମାନବିକତା ପ୍ରତିଷ୍ଠା ଦିଗରେ ସେ ଗୁରୁତ୍ୱ ଆରୋପ କରିଥାନ୍ତି; ଯାହାକି ତାଙ୍କର ବିଭିନ୍ନ ଉପନ୍ୟାସରେ ଦେଖିବାକୁ ମିଳିଥାଏ । ମାନବ ସଭ୍ୟତାର କଲ୍ୟାଣ ଓ ଉନ୍ନତି ଦିଗରେ ବିଜ୍ଞାନକୁ ବିନିଯୋଗ କରିବା ତାଙ୍କର ଦୃଢ଼ ମତ ଥିଲା ।

ସାର୍ (ଡ. ମହାପାତ୍ର) ଜନପ୍ରିୟ ବିଜ୍ଞାନ ଲେଖକ ଭାବେ ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେହି ପରିଚୟ କେବଳ ତାଙ୍କ ପାଇଁ ନ ଥିଲା, ସମଗ୍ର ଓଡ଼ିଆ ଜାତିକୁ ଏକ ନିଆରା ସଂଜ୍ଞା ପ୍ରଦାନ କରିଥିଲା। ତାଙ୍କ ଦ୍ୱାରା ରଚିତ ସେହି ଲୋକପ୍ରିୟ ବିଜ୍ଞାନ ଉପନ୍ୟାସ 'ପୃଥିବୀ ବାହାରେ ମଣିଷ' ପାଠକ ମହଲରେ ସେତେବେଳେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା।

ପ୍ରଫେସର ମହାପାତ୍ର ମଣିଷ ପରି ମଣିଷଟିଏ, ଲେଖକ ପରି ଲେଖକଟିଏ ଏବଂ ବୈଜ୍ଞାନିକ ପରି ବୈଜ୍ଞାନିକଟିଏ ଥିଲେ। ସ୍ୱାଧୀନତା ପରଠାରୁ ଓଡ଼ିଶାରେ ବିଜ୍ଞାନର ଉନ୍ନତି ଦିଗରେ ତାଙ୍କର ଅବଦାନ ଅତୁଳନୀୟ। ସେ ଅତ୍ୟନ୍ତ ଧୀର ଓ ଶାନ୍ତ ସ୍ୱଭାବର ମଣିଷ ଥିଲେ। ଲୋକଙ୍କ ସମାଲୋଚନାକୁ ସେ ଆଦୌ ଖାତିର କରୁ ନ ଥିଲେ। ଆଜି ମଙ୍ଗଳ ଗ୍ରହ ଅଭିମୁଖେ ଯାତ୍ରା କରିଥିବା ମଙ୍ଗଳଯାନ– ତାଙ୍କର ବୈଜ୍ଞାନିକ କଳ୍ପନା ଚିନ୍ତାଧାରା ବାସ୍ତବ ସଫଳାୟନ ରୂପ ନେଇ ପାରିଲା– ଏହା କମ୍ ଗର୍ବ ଓ ଗୌରବ କଥା ନୁହେଁ।

ପ୍ରଫେସର ମହାପାତ୍ର ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ଅନୁଷ୍ଠାନ। ବିଜ୍ଞାନ ପ୍ରଚାର ସମିତି କେବଳ ନୁହେଁ, Odisha Association for Advancement of Scienceଠାରୁ ଧରି ଗଢ଼ି ତୋଳିଛନ୍ତି Revenshaw College Chemistry Alumni Association ଓ ପରିଶେଷରେ GNM Foundation ଅନୁଷ୍ଠାନ।

ତାଙ୍କର ଜନ୍ମ ଶତବାର୍ଷିକୀ ପୁଣ୍ୟତିଥିରେ ତାଙ୍କୁ ଓ ତାଙ୍କ ବିଷୟରେ ମନେ ପକାଇ ମୁଁ ନିଜକୁ କୃତାର୍ଥ ମନେ କରିବା ସଙ୍ଗେ ସଙ୍ଗେ ମୋର ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ■■■

ଲିଙ୍ଗରାଜ ସୁଲକ୍ଷଣାୟନ
ପ୍ଲଟ ନମ୍ବର - ୩୬୭, ଜାଗମରା
ଭୁବନେଶ୍ୱର-୭୫୧୦୩୦
ଫୋନ୍- ୯୪୩୭୬୨୭୨୯୮




Eye Check-up Camp



# ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କର ବିଜ୍ଞାନ ଓ ଶିକ୍ଷା ପାଇଁ ଅତୁଳନୀୟ ଅବଦାନ

**ଡାକ୍ତର ଅଶୋକ କୁମାର ମହାପାତ୍ର**

ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ମହାପ୍ରଭୁ ଜଗନ୍ନାଥଙ୍କର ଓଡ଼ିଶାବାସୀଙ୍କ ପାଇଁ ଏକ ବଡ଼ ଆଶୀର୍ବାଦ ଥିଲା। ପ୍ରଫେସର ମହାପାତ୍ର ଜଣେ ଯୋଗଜନ୍ମା ମହାପୁରୁଷ ଏବଂ ତାଙ୍କର ବହୁମୁଖି ପ୍ରତିଭା ଲାଗି ସେ ଓଡ଼ିଶାର ଘରେ ଘରେ ସୁପରିଚିତ। ତାଙ୍କର ଜନ୍ମ ଶତବାର୍ଷିକ ପରିପ୍ରେକ୍ଷୀରେ ପ୍ରକାଶ ପାଇବାକୁ ଯାଉଥିବା ପୁସ୍ତକରେ ଲେଖିବାର ସୌଭାଗ୍ୟ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି ଓ ଗର୍ବିତ ମଧ୍ୟ।

ପ୍ରଫେସର ମହାପାତ୍ର ୧୯୨୨ ମସିହା ମଇ ମାସ ୨୪ ତାରିଖରେ ଭଦ୍ରକରେ ଜନ୍ମଗ୍ରହଣ କରିଥିଲେ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ସେ ତାଙ୍କର ବାଲ୍ୟକାଳରୁ ବିଦ୍ୟାଳୟ ସମୟରୁ ଜଣେ ମେଧାବୀ ଛାତ୍ରର ପରିଚୟ ଦେଇ ସମସ୍ତଙ୍କର ପ୍ରିୟ ହୋଇପାରିଥିଲେ। ଭଦ୍ରକ ବିଦ୍ୟାଳୟରେ ହାଇସ୍କୁଲ ପାଶ୍ କରି ରେଭେନ୍ସା ମହାବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକ ପରୀକ୍ଷାରେ ପ୍ରଥମ ହୋଇ ପାଶ୍ କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ।

ଉତ୍କୃଷ୍ଟ ଶିକ୍ଷାର ଲାଳସା ତାଙ୍କର ସବୁ କାର୍ଯ୍ୟରେ ଭରପୂର ପରିପୃଷ୍ଟ ହେଉଥିଲା। ଏଣୁ ସ୍ନାତକୋତର ଶିକ୍ଷା ପ୍ରାପ୍ତି ପାଇଁ ସେ ସୁପ୍ରସିଦ୍ଧ ପ୍ରେସିଡେନ୍ସି କଲେଜ, କଲିକତାରେ ପଢ଼ିଥିଲେ ଓ କଲିକତା ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହିତ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଶେଷ କରିଥିଲେ। ତା'ପରେ ପ୍ରଫେସର ମହାପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟରୁ ଗବେଷଣା କରି ଡକ୍ଟରେଟ ଡିଗ୍ରୀ ହାସଲ କଲେ। ପରବର୍ତ୍ତୀ ସମୟରେ ବ୍ରାଣ୍ଡିସ୍ ବିଶ୍ୱବିଦ୍ୟାଳୟ, ସଂଯୁକ୍ତ ଆମେରିକାର ପ୍ରସିଦ୍ଧ ବୋଷ୍ଟନ୍ ସହରରୁ ରସାୟନ ବିଜ୍ଞାନରେ ଫେଲୋସିପ୍ କରିଥିଲେ (FIC)। ଇଚ୍ଛା କରିଥିଲେ ସେ ଆମେରିକାରେ ଅବସ୍ଥାପିତ ହୋଇ ବହୁ ଅର୍ଥ ଅର୍ଜନ କରି ଆନନ୍ଦମୟ ଜୀବନଯାପନ କରିପାରିଥାନ୍ତେ। ହେଲେ ଦେଶପ୍ରେମ, ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଓ ଗରିବ ଲୋକଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତିର ଇଚ୍ଛା ତାଙ୍କୁ ଓଡ଼ିଶାକୁ ଟାଣି ଆଣିଥିଲା ଏବଂ ତାଙ୍କର ଶିକ୍ଷକତାର ଯାତ୍ରା ରେଭେନ୍ସା ମହାବିଦ୍ୟାଳୟରୁ ୧୯୫୦ରେ ଆରମ୍ଭ ହୋଇ ନିରବଚ୍ଛିନ୍ନ ଭାବରେ ୧୯୮୨ ମସିହା ଯାଏ ଲାଗି ରହିଥିଲା। ଏକମାତ୍ର ଉଦ୍ଦେଶ୍ୟ ଥିଲା, ଲୋକଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ଓ ଛୋଟ ପିଲାଙ୍କର ବିଜ୍ଞାନ ପ୍ରତି ରୁଚିର ଅଭିବୃଦ୍ଧି; ଯାହାକି ତାଙ୍କୁ ନିଜ ଜୀବନକାଳରେ ଏକ ସାଧାରଣ ବାଳକରୁ ଯୋଗଜନ୍ମା, ବିଜ୍ଞାନପ୍ରେମୀ, ସୁଶିକ୍ଷକ, ସୁଲେଖକ, ସୁବକ୍ତା ଓ ଉତ୍କୃଷ୍ଟ ସମାଜସେବୀ ସ୍ତରରେ ଅବସ୍ଥାପିତ କରି ମର ମଣିଷକୁ ଅମରତ୍ୱ ପ୍ରାପ୍ତ କଲା। ଆଜି ତାଙ୍କର ଅବଦାନ ଲାଗି ସେ ଆମର ଓ ଚିରସ୍ମରଣୀୟ ।

### ପ୍ରଫେସର ଗୋକୁଳାନନ୍ଦଙ୍କର ବିଜ୍ଞାନ ଲାଗି ଅବଦାନ

ପ୍ରଫେସର ମହାପାତ୍ର ପ୍ରଥମ ବ୍ୟକ୍ତିତ୍ୱ, ଯେ କି ଓଡ଼ିଆ ଭାଷାରେ ବିଜ୍ଞାନ ଉପରେ ଅନେକ ପୁସ୍ତକ ରଚନା କରି ଏକ ଇତିହାସ ସୃଷ୍ଟି କରିଛନ୍ତି। କାରଣ ସେ ଯେତେବେଳେ ଉଚ୍ଚ ବିଦ୍ୟାଳୟ ଓ କଲିକତାରେ ମହାବିଦ୍ୟାଳୟର ଛାତ୍ର ଥିଲେ; ସେତେବେଳେ ତାଙ୍କର ଅନୁଭୂତି ହେଲା ଯେ, ଓଡ଼ିଶାରେ ବିଜ୍ଞାନକୁ ବେଙ୍ଗଲି ଭାଷାରେ ପଢ଼ାଯାଉଛି। ଏଣୁ ଛାତ୍ର ଅବସ୍ଥାରୁ ଓଡ଼ିଆ ଭାଷାରେ କାଳ୍ପନିକ ଗଳ୍ପ ଲେଖିବାକୁ ଆରମ୍ଭ କଲେ।

ପ୍ରଥମ ଲେଖାଟି 'ଶଂଖ' ପତ୍ରିକାରେ, ୧୯୪୬ ମସିହାରେ ପ୍ରକାଶ ପାଇଲା। ତା ପରବର୍ତ୍ତୀ ସମୟରେ କେତୋଟି ଗଳ୍ପ 'ଶଂଖ' ପତ୍ରିକାରେ ପ୍ରକାଶିତ ହେଲା। ୧୯୪୯ ବେଳକୁ ତାଙ୍କର ଖ୍ୟାତି ଓଡ଼ିଶା ଓ ବେଙ୍ଗଲରେ ବୈଜ୍ଞାନିକ ଭାବେ ପରିଚିତ ହେଲା। ସେ କଲିକତା ସ୍ଥିତ ଅଲ୍ ଇଣ୍ଡିଆ ରେଡିଓରୁ ପ୍ରସାର ଆରମ୍ଭ କଲେ। ପ୍ରତି ମାସରେ ବିଜ୍ଞାନ ଉପରେ ୩୦ ମିନିଟର ଏକ କାର୍ଯ୍ୟକ୍ରମ ଆରମ୍ଭ କଲେ। ଏହା ଏକ ବଡ଼ ଲୋକପ୍ରିୟ କାର୍ଯ୍ୟକ୍ରମ ଭାବେ ପରିଚିତ ହେଲା।




(a) (b) (c)

**Fig. 1**

୧୯୪୯ ମସିହାରେ ପ୍ରଫେସର ମହାପାତ୍ର ତତ୍କାଳୀନ ରେଭେନ୍ସା ମହାବିଦ୍ୟାଳୟର ପ୍ରଫେସର, ପ୍ରାଣକୃଷ୍ଣ ପରିଜା, ପ୍ରଫେସର ସଦାଶିବ ମିଶ୍ର, ପ୍ରଫେସର ବାଳକୃଷ୍ଣ କର, ମାୟାଧର ମାନସିଂ ପ୍ରଭୃତି କେତେ ଜଣ ବରିଷ୍ଠ ପ୍ରଫେସରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବିଜ୍ଞାନ ପ୍ରଚାର ସମିତିର ଆରମ୍ଭ କଲେ। ବିଜ୍ଞାନର ପ୍ରସାର ପାଇଁ ଆପ୍ରାଣ ପ୍ରଚେଷ୍ଟା ଓ ପ୍ରଚାରର ପରିଧିକୁ ବ୍ୟାପକ କରିବାର ଇଚ୍ଛାରେ (ବିପିଏସ୍) ନାନା ପ୍ରକାରର ଫିକ୍ସନ୍ ବୁକ୍ (କାଳ୍ପନିକ ପୁସ୍ତକ) ରଚନା କରିଥିଲେ (ଟେବୁଲ୍ ୧)। ୧୯୪୯ ମସିହାରୁ ୨୦୦୭ ମଧ୍ୟରେ, ୯୦ରୁ ଊର୍ଦ୍ଧ୍ୱ ପୁସ୍ତକ, ଗଳ୍ପ, ଉପନ୍ୟାସ, କାଳ୍ପନିକ ପୁସ୍ତକ ରଚନା କରି ଓଡ଼ିଆ ଭାଷାର, ବିଜ୍ଞାନର ଓ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି କରିବାରେ ସଫଳ ହେଲେ। କାଳ୍ପନିକ ଗଳ୍ପ ଓ ପୁସ୍ତକ ଲେଖି ସେ ତାଙ୍କର ଦୂରଦର୍ଶିତା, ଚତୁରତା, ରଚନା ଶୈଳୀ ଓ ପାରଦର୍ଶିତା ଯୋଗୁଁ ଅନନ୍ୟ ସ୍ଥାନରେ ସ୍ଥାପିତ ହୋଇ ଓଡ଼ିଶାର ପୁରପଲ୍ଲୀ ଓ ଭାରତବର୍ଷରେ ଜଣେ ପ୍ରଖ୍ୟାତ ବୈଜ୍ଞାନିକ, ଲେଖକ, ସାହିତ୍ୟିକ ଓ ଉପନ୍ୟାସକାର ଭାବେ କୀର୍ତ୍ତି ଅର୍ଜନ କଲେ। ଯାହା ଫଳରେ କଳିଙ୍ଗ ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମି ସମ୍ମାନ ଓ ଶାରଳା ପୁରସ୍କାରରେ ସମ୍ମାନିତ ହେବାର ହକଦାର ହେଲେ।

Table 1 : ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ରଚନାବଳୀର ସୂଚି

| କ୍ରମିକ ନଂ | ମସିହା | ପୁସ୍ତକ ନାମ |
|---|---|---|
| ୧ | ୧୯୪୬ | ଓଡ଼ିଆ ବିଭବ |
| ୨ | ୧୯୪୯ | ବିଜ୍ଞାନ ବିସ୍ମୟ |
| ୩ | ୧୯୫୦ | ବିଜ୍ଞାନ କୃତିତ୍ୱ ଭାଗ-୧ |
| ୪ | ୧୯୫୧ | ବିଜ୍ଞାନ କୃତିତ୍ୱ ଭାଗ-୨ |
| ୫ | ୧୯୬୪ | ଅଣୁ ପରମାଣୁ |
| ୬ | ୧୯୬୫ | ବିଜ୍ଞାନର ଦୃଶ୍ୟ |
| ୭ | ୧୯୭୦-୧୯୬୮ | ଉଡ଼ନ୍ତା ଥାଳିଆ ଓ ଏହାର ରହସ୍ୟ |
| ୮ | ୧୯୭୦ | ନୂତନ ଜୀବନ ଓ ନୂତନ ଆଲୋକ |
| ୯ | ୧୯୭୬ | ଦୂରବୀକ୍ଷଣ ଯନ୍ତ୍ର |
| ୧୦ | ୧୯୭୭ | ବିଜ୍ଞାନର ଆଦିପର୍ବ |
| ୧୧ | ୧୯୭୭ | ଅଣୁବିକ୍ଷଣ ଜନ୍ତ୍ର |
| ୧୨ | ୧୯୭୭-୧୯୯୦ | କାଚର କୁହୁକ |

| | | |
|---|---|---|
| ୧୩ | ୧୯୭୮-୧୯୮୫ | ବିଚିତ୍ର ବିଶ୍ୱ |
| ୧୪ | ୧୯୭୭ | ଟେଲିଗ୍ରାଫ୍ ଓ ଟେଲିଫୋନ |
| ୧୫ | ୧୯୮୧-୧୯୯୮ | ଆଂଟିବାୟୋଟିକ୍ସ୍ |
| ୧୬ | ୧୯୯୦ | ରେଡିୟମ୍ ଓ କ୍ୟୁରୀ |
| ୧୭ | ୧୯୮୪ | ପରମାଣୁ ବୋମା |
| ୧୮ | ୧୯୮୪-୧୯୯୦ | ବିଜ୍ଞାନ ଜଗତର ନୂଆ ନୂଆ ଉଦ୍ଭାବନ |
| ୧୯ | ୧୯୮୪-୧୯୯୦ | ଭିଡିଓ ଓ ଟେଲିଫୋନ୍ |
| ୨୦ | ୧୯୮୮-୧୯୯୫ | ଗ୍ରାମଫୋନ୍ |
| ୨୧ | ୧୯୮୮-୧୯୯୫ | ଭିଟାମିନ୍ସ ଏବଂ ହରମୋନ୍ |
| ୨୨ | ୧୯୮୯-୧୯୯୪ | ରେଡିଓ ଓ ଟ୍ରାଞ୍ଜିଷ୍ଟର୍ |
| ୨୩ | ୧୯୮୯ | ସୋଭିଏତ୍ ବିଜ୍ଞାନ ଓ ବୈଜ୍ଞାନିକ |
| ୨୪ | ୧୯୯୦-୧୯୯୪ | ଜଗତରୁ ନୂଆ ଆବିଷ୍କାର |
| ୨୫ | ୧୯୯୮ | ବିଜ୍ଞାନର ଶ୍ରେଷ୍ଠ ଆବିଷ୍କାର |
| ୨୬ | ୧୯୯୦-୧୯୯୫ | ବିଜ୍ଞାନର ଜୟଯାତ୍ରା |

ତାଙ୍କର ସ୍କୁଲ ଓ କଲେଜର ପାଠ୍ୟ ପୁସ୍ତକ ଓ କାଳ୍ପନିକ ଗଳ୍ପର ବହିଗୁଡ଼ିକ ବେଶ୍ ଆଦୃତ। ସେଥିରୁ କିଛିଟା ହେଲା : (୧) 'ଉଡ଼ନ୍ତା ଥାଳିଆ ଓ ଏହାର ରହସ୍ୟ', (୨) 'ପୃଥିବୀ ବାହାରେ ମଣିଷ', (୩) 'ବିଜ୍ଞାନ ବିସ୍ମୟ', (୪) 'ବିଜ୍ଞାନର ଆଦିପର୍ବ', (୫) 'ଆମେ' (ଭାଗ ୧, ଭାଗ ୨), (୬) 'ରେଡିୟମ୍ ଓ କ୍ୟୁରୀ', (୭) 'ଅଣୁବିକ୍ଷଣ ଯନ୍ତ୍ର', (୮) 'ଦୂରବିକ୍ଷଣ ଯନ୍ତ୍ର', (୯) 'ବିଚିତ୍ର ବିଶ୍ୱ', (୧୦) 'ଟେଲିଗ୍ରାଫ୍ ଓ ଟେଲିଗ୍ରାମ' ମାତ୍ର ୫୦ରୁ ଅଧିକ ପୁସ୍ତକରୁ ତାଙ୍କର ମୌଳିକତା ଓ ସୃଜନଶୀଳତାର ଅନନ୍ୟ ଉଦାହରଣର ଝଲକ ଦେଖିବାକୁ ମିଳେ ।

ତାଙ୍କର ଉପନ୍ୟାସ, (୧) 'ନିସ୍ତବ୍ଧ ଗୋଧୂଳି', (୨) 'ସୁନାର ଓଡ଼ିଶା', (୩) 'ନିଶ୍ଚଳ ପୃଥିବୀ', (୪) 'ଚନ୍ଦ୍ରମାର ମୃତ୍ୟୁ', (୫) 'ମଧ୍ୟାହ୍ନର ଅନ୍ଧକାର', (୬) 'ମୃତ୍ୟୁ ଏକ ମାତୃତ୍ୱର' ଇତ୍ୟାଦି। ଏପରି ଅନେକ ରଚନା, ହୃଦୟସ୍ପର୍ଶୀ ଓ ଆଦରଣୀୟ। ତାଙ୍କର ଏକ ବଡ଼ ଅବଦାନ ହେଲା, ଓଡ଼ିଆ ଭାଷାରେ ବୈଜ୍ଞାନିକ ଭାଷାକୋଷ। ଏହାର ପ୍ରଥମ ଭାଗ ଓ ୨ୟ ଭାଗ ସୃଷ୍ଟି କରି, ସେ ଓଡ଼ିଆ ଭାଷା ଓ ବିଜ୍ଞାନର ସମନ୍ୱୟର ଇତିହାସ ରଚନା କଲେ। ଚିନ୍ତା କଲେ ଆମ ଭଳି ସାଧାରଣ ନାଗରିକକୁ ଆଶ୍ଚର୍ଯ୍ୟ ଲାଗେ, ହେଲେ ନିରାଟ ସତ୍ୟ। ବିଜ୍ଞାନ, ଓଡ଼ିଆ ଭାଷା ଓ ଭାଷାକୋଷ ଲାଗି ତାଙ୍କର ଓଡ଼ିଆ ସାହିତ୍ୟକୁ ଅବଦାନ ଅତୁଳନୀୟ।



(a)



(b)



(c)

**Fig. 2**

ଲେଖା ଲାଗି ପ୍ରଫେସର ମହାପାତ୍ରଙ୍କୁ ୧୯୮୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମି ଓ ଆର୍.କେ. ପରିଜା ସମ୍ମାନରେ ଅଳଙ୍କୃତ କରାଯାଇଥିଲା। ପରେ ସେ ଶାରଳା ସମ୍ମାନ ମଧ ପାଇଥିଲେ। ପ୍ରଫେସର ମହାପାତ୍ର ପ୍ରଥମ ଓଡ଼ିଆ, ଯେ କି ୨୦୧୦ ମସିହାରେ କଳିଙ୍ଗ UNESCO ପୁରସ୍କାରର ଗୌରବ ପ୍ରାପ୍ତ କଲେ।

ପ୍ରଫେସର ଗୋକୁଳାନନ୍ଦ ଫାଉଣ୍ଡେସନ୍ ଏବଂ ବିଜ୍ଞାନ ପ୍ରସାର ସମିତି, ଏହି ଦୁଇଟି ସଂସ୍ଥା ଦ୍ୱାରା ସେ ଓଡ଼ିଶାରେ ବିଜ୍ଞାନ ଓ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ବିଜ୍ଞାନ ପ୍ରସାର ସମିତିର ସୃଷ୍ଟି ୧୯୪୯ ମସିହାରେ ଏବଂ ଗୋକୁଳାନନ୍ଦ ଫାଉଣ୍ଡେସନ୍ ସୃଷ୍ଟି ୨୦୧୦ ମସିହାରେ। ଏହି ଫାଉଣ୍ଡେସନ୍ ମାଧ୍ୟମରେ ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ପରୀକ୍ଷା, ବୈଜ୍ଞାନିକ ପ୍ରୟୋଗଶାଳାର ସୃଷ୍ଟି, ଗରିବ ନାଗରିକଙ୍କ ପାଇଁ ମାଗଣରେ ବିଦ୍ୟାଳୟ, ପୁସ୍ତକାଗାର ଇତ୍ୟାଦି ସୃଷ୍ଟି କରି ସେ ଜଣେ ମହାନ୍ ସମାଜସେବୀ ଓ ବହୁମୁଖୀ ପ୍ରତିଭାର ପରିଚୟ ସୃଷ୍ଟି କରି ଆଜି ଘରେ ଘରେ ସୁପରିଚିତ। ତାଙ୍କର ସାମାଜିକ ଓ ସ୍ୱାସ୍ଥ୍ୟ ଜନିତ କାର୍ଯ୍ୟକ୍ରମର ସୂଚୀ :

**ସୂଚୀ ୨**

୧. ଆର୍ଥିକ ସାହାଯ୍ୟ ଆଦୃତା ବାଳ କେନ୍ଦ୍ର
୨. ଜୈବିକ ରସାୟନ ପ୍ରୟୋଗଶାଳା,ଭୁବନେଶ୍ୱର
୩. ଆର୍ଥିକ ସାହାଯ୍ୟ ଅନ୍ଧ ବିଦ୍ୟାଳୟ
୪. ପଲ୍ଲୀଶ୍ରୀ ମହିଳା ସମିତି ପ୍ରତିଷ୍ଠା
୫. ଆଖି ପରୀକ୍ଷା ଶୀବିର
୬. ରକ୍ତ ପରୀକ୍ଷା କାର୍ଯ୍ୟକ୍ରମ
୭. ବିଜୟ ଗୋବିନ୍ଦ ଭବନ, କଟକର ପ୍ରତିଷ୍ଠା
୮. ସଭାଗୃହ ଓ ବୈଜ୍ଞାନିକ ପ୍ରୟୋଗଶାଳା ଭଦ୍ରକ
୯. ପାଠାଗାର କଟକ
୧୦. ଗବେଷଣା କେନ୍ଦ୍ର ପାଇଁ ଅର୍ଥ ଦାନ (Endowment chair at IIT-Bhubaneswar)

ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଥିଲେ ଜଣେ ବିଜ୍ଞାନ ର ସାଧକ। ତାଙ୍କର ବିଜ୍ଞାନ ପାଇଁ ଥିଲା ଅପାର ଶ୍ରଦ୍ଧା ତାର ପରିପୃଷ୍ଟି ପାଇଁ ସେ ଆଜୀବନ ପ୍ରଚେଷ୍ଟା କରିଥିଲେ। ପିଲାବେଳେ ସ୍କୁଲରେ ପଢିବାବେଳେ ଓଡିଆରେ ବିଜ୍ଞାନ ଲେଖା ନଥିଲା। ସେତେବେଳେ ସବୁ ବିଜ୍ଞାନ ବହି ଇଂରାଜୀରୁ ବେଙ୍ଗଲାରେ ଅନୁବାଦ ହେଉଥିଲା। ଏଣୁ ସେ ସମୟର ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପରିବେଶକୁ ଦେଖିଲେ ଓଡିଶାର ସୁଦୂର ପୁରପଲ୍ଲୀରେ ବିଜ୍ଞାନ ପଢିବା ସମ୍ଭବ ନଥିଲା। ବିଶେଷତଃ ଛାତ୍ରମାନେ କଳାର ବିଭିନ୍ନ ବିଭାଗରେ ସ୍ନାତକ ଶିକ୍ଷା ଗ୍ରହଣ କରୁଥିଲେ। ପ୍ରଫେସର ମହାପାତ୍ର କଲିକତାରେ ପଢ଼ିବା ବେଳେ ଏ ବିଷୟରେ ବହୁମାତ୍ରାରେ ଚିନ୍ତିତ ଥିଲେ। ଏବଂ କିପରି ଓଡ଼ିଶାରେ ଓଡ଼ିଆ ଭାଷାରେ ବିଜ୍ଞାନ ପଢ଼ାଯିବ, ସେ ବିଷୟ ଚିନ୍ତା କରୁଥିଲେ। କଲିକତାରେ ପଢ଼ିବାବେଳେ ସେ ଓଡ଼ିଆରେ ବଙ୍କଳ ଓ ମନଗଢ଼ା କଥା ଲେଖିବା ଆରମ୍ଭ କରିଥିଲେ। ତା'ର ମୂଳଲକ୍ଷ୍ୟ ଥିଲା ପରବର୍ତ୍ତୀ କାଳରେ ବହୁତ ବିଜ୍ଞାନରେ ପାଠ୍ୟବହି ଲେଖି ଓଡ଼ିଶାର ଛାତ୍ରସମାଜରେ ବିଜ୍ଞାନ ପ୍ରତି ଶ୍ରଦ୍ଧା ଓ ସ୍ପୃହତା ସୃଷ୍ଟି କରିବା। ତାଙ୍କର ମନର କଥା ଥିଲା ପାଠପଢ଼ା ବହି ସରଳ, ଆକୃଷ୍ଟ କଲା ପରି ଓଡ଼ିଆ ଭାଷାରେ ଲେଖି ସ୍କୁଲ ଓ କଲେଜ ପିଲାଙ୍କୁ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା। ଏ ବିଷୟରେ ମଧ ଆଜି ଚିନ୍ତା ବଢ଼ିଛି, କାରଣ କିଛି ପୂର୍ବେ ରାଷ୍ଟ୍ରୀୟ ବିଜ୍ଞାନ ଓ ଉଦ୍ୟୋଗୀ ବିଭାଗ (DST) ପ୍ରୋତ୍ସାହନ ପ୍ରୋଗାମ ଆରମ୍ଭ କରି ୮ରୁ ୧୨ ପର୍ଯ୍ୟନ୍ତ କକ୍ଷର ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରାଣିତ କରିବାପାଇଁ INSPIRE ପ୍ରୋଗ୍ରାମ୍ ଆରମ୍ଭ କରିଛି, ଯାହାକି ଆମର ପ୍ରିୟ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କର ୧୯୫୦-୧୯୬୦ ମସିହାରେ ଚିନ୍ତାଧାରା ଥିଲା, ଏଥିରୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ, ସେ ସାମ୍ପ୍ରତିକ ସମାଜର କେତେ ଆଗରେ ରହି ତାଙ୍କର ଦୂରଦର୍ଶୀତାର ଉଦାହରଣ ଆମକୁ ଦେଇଛନ୍ତି।

ଓଡ଼ିଆ ଭାଷାରେ, ଛାତ୍ର ସମାଜ ପାଇଁ ଲକ୍ଷ୍ୟ କରି ସେ ଲେଖିଥିଲେ, ଅନେକ ମନଗଢ଼ା କଥା ଉପରେ ପୁସ୍ତକ, ଯାହାକି ବଡ ଉପାଦେୟ ଓ ସମୟାନୁବର୍ତୀତା ଥିଲା। ସେଥିରୁ କେତୋଟି ବହିର ନାମ ଉଲ୍ଲେଖଯୋଗ୍ୟ। ସେଗୁଡିକ ହେଲା: ୧- 'ପୃଥିବୀ ବାହାରେ ମଣିଷ', ୨- 'କୃତ୍ରିମ ଉପଗ୍ରହ', ୩- 'ଯାମାମାର ମୃତ୍ୟୁ', ୪- 'ସୁନାର ଓଡିଶା', ୫- 'ନିଶ୍ଚୁଳ ପୃଥିବୀ', ୬- 'ନିସ୍ତବ୍ଧ ଗୋଧୂଳି', ୭- 'ମୃତ୍ୟୁ ଏକ ମାତୃଦ୍ୱର' ଇତ୍ୟାଦି। ଏଠାରେ ତାଙ୍କର ଦୂରଦର୍ଶିତାର ଉଦାହରଣ ସବୁ କ୍ଷେତ୍ରରେ ପରିପୃଷ୍ଟ। ୧୯୫୦ କିମ୍ବା ତା'ର ସମସାମୟିକ ପରିସ୍ଥିତିରେ ଆମର ଆନ୍ତରିକ ପଛରେ କିଛି ଅନୁମାନ ବା ପରିକଳ୍ପନା ନଥିଲା। ଏହିଭଳି ସମୟରେ ପୃଥିବୀ ବାହାରେ ମଣିଷ ପରି ବହି ଲେଖିବା, କୌଣସି ସମସାମୟିକ ବୈଜ୍ଞାନିକଙ୍କର ଚିନ୍ତାଧାରାର ପରିଧିରୁ ବାହାରେ। କାରଣ ସେତେବେଳେ ସାଟେଲାଇଟ୍ ସ୍ପେସ୍‌କୁ ଯାଇ ନଥିଲା। ଅର୍ନ୍ତରାଷ୍ଟ୍ରୀୟ ଅନ୍ତରୀକ୍ଷ ଅନୁସନ୍ଧାନ କେନ୍ଦ୍ର ନଥିଲା। ତା'ହେଲେ ଏପରି ଏକ ପରିକଳ୍ପିତ ବହି ଲେଖିବାରେ ପ୍ରେରଣା କେଉଁଠୁ ଆସିଲା ? ଏହା ଏକ ଦୂରଦର୍ଶୀତାର ଛୋଟ ଉଦାହରଣ ମାତ୍ର। ଏପରି ଅନେକ ବହି ଯାହା ମୋର ପରିକଳ୍ପନାର ବାହାରେ।

ବିଜ୍ଞାନର ଗନ୍ତାଘର – ବିଜ୍ଞାନ ଓ ରସାୟନ ବିଜ୍ଞାନ ତାଙ୍କର ଏକମାତ୍ର ଚିନ୍ତାର ବିଷୟ ଥିଲା। ତା'ର ମୂଳ ମନ୍ତ୍ର ଥିଲା, ସର୍ବୋତ୍କୃଷ୍ଟ ବିଜ୍ଞାନର ଉପସ୍ଥାପନା। ନିଜକୁ ଅନ୍ୟମାନଙ୍କଠାରୁ ଭିନ୍ନ ବା ନିଆରା ଦେଖିବା ବହୁତ କମ୍ ଲୋକଙ୍କର ଚିନ୍ତାଧାରା। ତାହାହିଁ ସାଧାରଣ ମଣିଷକୁ କରେ ଅସାଧାରଣ। ଏଇଟା ଶହେ ପ୍ରତିଶତ ସତ୍ୟ ପ୍ରଫେସର ମହାପାତ୍ରଙ୍କ ପରିପ୍ରେକ୍ଷୀରେ। ତାଙ୍କର ସରଳ, ସାଧାରଣ ଓ ନିରାଡ଼ମ୍ବର ଜୀବନରେ ମଧ୍ୟ ଯେମିତି ଗୋଟାଏ ଉଦ୍ଦେଶ୍ୟ; ବିଜ୍ଞାନର ପ୍ରଚାର, ପ୍ରସାର ଓ ବିକାଶ । ସେତେବେଳର ଚିନ୍ତାଧାରା ହିମାଳୟର ଏଭରେଷ୍ଟ ପର୍ବତର ଶୀର୍ଷକୁ ଯିବା ଭଳି ମନେହୁଏ। ଅସମ୍ଭବକୁ ସମ୍ଭବ କରିବା ଦ୍ୱାରା ହିଁ ଆଜି ସେ ଅମର ଓ ଆମମାନଙ୍କ ପାଇଁ ଉଦାହରଣ ହୋଇ ରହିଛନ୍ତି।

ଭଦ୍ରକ ମହାବିଦ୍ୟାଳୟରୁ ପଢ଼ା ହେଉ କି କଲିକତାରେ ରସାୟନିକ ପଦାର୍ଥରେ, ପ୍ରେସିଡେନସି କଲେଜରେ ପଢ଼ିବା ବେଳେ ତାଙ୍କର ବିଜ୍ଞାନ ପ୍ରତି ପ୍ରେମ ଓ ଅନୁରକ୍ତି ବଢ଼ିଥିଲା। ପରବର୍ତ୍ତୀ ସମୟରେ ବ୍ରାଣ୍ଡିସ୍ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ କଲେ ଓ ରେଭେନ୍ସା ମହାବିଦ୍ୟାଳୟରେ  ଶିକ୍ଷକତା ଆରମ୍ଭ କଲେ। ଧୀରେ ଧୀରେ ନିଜର ଲକ୍ଷ୍ୟପଥରେ ଆଗେଇ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନରେ ଅଧ୍ୟକ୍ଷ ଭାବେ ୧୯୮୬ ମସିହାରେ ସେବା ନିବୃତ୍ତ ହେଲେ। ତାଙ୍କର ଏହି ଲମ୍ବା ୪୦ ବର୍ଷର ଶିକ୍ଷକତାରେ ଅର୍ଥ ଅର୍ଜନ ନକରି ରସାୟନ ବିଜ୍ଞାନରେ ବୈଜ୍ଞାନିକ ସୃଷ୍ଟି କରିବାର ଏକ କାରଖାନା ପାଲଟି ଯାଇଥିଲେ। ଯାହାଫଳରେ ସେ ହଜାର ହଜାର ଉତ୍କୃଷ୍ଟ ଧରଣର ରସାୟନ ବୈଜ୍ଞାନିକ ସୃଷ୍ଟି କରି ରସାୟନ ବିଜ୍ଞାନରେ ଭୀଷ୍ମ ପିତାମହ ରୂପରେ ପରିଚିତ ହେଲେ। ଓଡିଶାର ୧୦୦ ବର୍ଷ ରସାୟନ ବିଜ୍ଞାନର ଇତିହାସରେ ତାଙ୍କର ନାମ ସ୍ୱର୍ଣ୍ଣ ଅକ୍ଷର କାହିଁକି ପ୍ଲାଟିନମ୍ ଅକ୍ଷରରେ ଲେଖା ହେଲା । ଆଜିର ବୈଜ୍ଞାନିକମାନେ ତାଙ୍କର ବଂଶଧର।

**ପୁରସ୍କାର ଓ ସମ୍ମାନ –**

ମଣିଷ ନିଜର ସମ୍ମାନ ଓ ପୁରସ୍କାର ପାଇଁ ନାନା ପ୍ରକାର ପ୍ରଚେଷ୍ଟା କରେ। ଆଜି ଲୋକେ ପୁରସ୍କାର ପାଇଁ ଦୂର୍ନୀତି କରିବାକୁ ପଛାଉ ନାହାନ୍ତି। ଏପରିକି ଭାରତର ସର୍ବୋପରି ପଦ୍ମ ପୁରସ୍କାର ମଧ୍ୟ ବିଚ୍ୟୁତ ନୁହେଁ। ସେ ତାଙ୍କର ଜୀବନକୁ ବିଜ୍ଞାନର ସମୃଦ୍ଧି ଲାଗି ଉତ୍ସର୍ଗ କରିଥିଲେ। କେବଳ ଗୋଟିଏ ଲକ୍ଷ୍ୟ, ଓଡ଼ିଶାରେ ବିଜ୍ଞାନର ପ୍ରଚାର, ପ୍ରସାର ଓ ସମୃଦ୍ଧି। ପୁରସ୍କାର ତାଙ୍କର ପବିତ୍ର ଆତ୍ମାକୁ କଳୁଷିତ କରିପାରି ନଥିଲା । କାରଣ ସେ ଜଣେ କର୍ମଯୋଗୀ । କର୍ମ ହିଁ ତାଙ୍କର ଜୀବନର ଏକମାତ୍ର ମାନଦଣ୍ଡ । ଉତ୍କୃଷ୍ଟ କାମ ହିଁ ଜୀବନର ମାନଦଣ୍ଡ ହେବା ଦରକାର। ଏହି ପରିଭାଷା ତାଙ୍କର ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପରିପୃଷ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଶାରେ ବିଜ୍ଞାନ ପ୍ରସାର ପରିଷଦ ହେଉ ବା ସ୍କୁଲ କଲେଜରେ ତାଙ୍କର ପ୍ରୋତ୍ସାହନ କରିବା ହେଉ, ସବୁ କାର୍ଯ୍ୟରେ ସେ ନିଜର ନିଷ୍ଠା, ଉଦ୍ୟମ, ଉତ୍ସାହ ଓ ପ୍ରଚେଷ୍ଟାର ଉଦାହରଣ ଦେଇଥିଲେ । ହିନ୍ଦୀରେ କୁହାଯାଏ, "ତମନ୍ନା ସହି ହେ ତୋ ମଂଜିଲ୍ ଦୁର ନହିଁ ହେ" ।

ପୁରସ୍କାର ତ ଗୋଟାଏ ବାହାନା, ଏହା ତାଙ୍କର ନିଷ୍ଠାର ଫଳ। ଯାହାକି ତାଙ୍କ ଜୀବନର ବହୁମୁଖୀ ପ୍ରତିଭାର ମୁଖବନ୍ଧ। ସେ ପ୍ରଥମ ଓଡ଼ିଆ ଯାହାଙ୍କୁ ୨୦୧୦ ମସିହାରେ କଳିଙ୍ଗ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ତା'ଛଡା ତାଙ୍କୁ ୧୯୮୬ ମସିହାରେ ଓଡ଼ିଶାର ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ସମ୍ମାନରେ ଅଳଂକୃତ କରାଯାଇଥିଲା। ସେ ମଧ୍ୟ ପି.କେ. ପରିଜା ସମ୍ମାନରେ ପୁରସ୍କୃତ ହୋଇଥିଲେ।



(a)



(b)

Fig. 3

### ଓଡ଼ିଶା ବିଜ୍ଞାନ ପ୍ରସାର ପରିଷଦ ଓ ଗୋକୁଳାନନ୍ଦ ମହାପାତ୍ର ଫାଉଣ୍ଡେସନ

ଏକ ସ୍ୱେଚ୍ଛାସେବୀ ସଂସ୍ଥା ଯାହାକି ବିଭିନ୍ନ କ୍ଷେତ୍ରରେ ୨୦୧୦ ମସିହାରୁ କାମ କରିଆସୁଛି । ସମାଜର ନିମ୍ନବର୍ଗ ଲୋକଙ୍କର ଅଭିବୃଦ୍ଧି ଓ ତାଙ୍କର ଜୀବନଶୈଳୀର ମାନଦଣ୍ଡ ବଢ଼ାଇବା ଉଦ୍ଦେଶ୍ୟରେ ପ୍ରତିଷ୍ଠା କରାଯାଇଥିଲା । ଗରିବ ଲୋକଙ୍କ ସମସ୍ୟାର କିଛି ସମାଧାନର ସୂତ୍ର ମଧ୍ୟ ଏଇ ଅନୁଷ୍ଠାନର ଲକ୍ଷ୍ୟ ।

ଗରିବ ଲୋକଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ଏହି ସଂସ୍ଥାର ପ୍ରଥମ ଲକ୍ଷ୍ୟ । ଏହି ସଂସ୍ଥା ଉପରେ ଗୁରୁତ୍ୱ ଦେବା ଏହି ଟ୍ରଷ୍ଟର ପ୍ରଥମ ଲକ୍ଷ୍ୟ । ଏହି ସଂସ୍ଥା ମାଧ୍ୟମରେ ଗରିବ ଛାତ୍ରମାନଙ୍କର ଶିକ୍ଷା ଲାଗି ଅର୍ଥ ସମ୍ବଳ ସାଙ୍ଗେ ସାଙ୍ଗେ ବହିପତ୍ର ଏବଂ ସହରରେ ରହି ପାଠ ପଢ଼ିବାର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ତା'ଛଡ଼ା ପାଠାଗାର, ଅଡିସନ୍ ଏବଂ ପାଠପଢ଼ା କେନ୍ଦ୍ର ପ୍ରତିଷ୍ଠାତା କରିବାରେ ଏଇ ସଂସ୍ଥା ଅର୍ଥ ଦାନ ସହିତ ଅନ୍ୟସବୁ ସୁବିଧା କରିବାର ସାହାଯ୍ୟ କରିଥାଏ । ପାଠପଢ଼ା ପାଇଁ ବିଭିନ୍ନ ପଦାର୍ଥ, ସେମିନାର, ବୁକ୍‌ଲେଟ୍‌ର ବଣ୍ଟନ ସହିତ ଶିକ୍ଷାର ପ୍ରଚାର ପ୍ରସାରର କାମ ସଂସ୍ଥାର କାର୍ଯ୍ୟକ୍ରମର ମହତ୍ୱ ଉଦ୍ଦେଶ୍ୟ । ଆଜିଯାଏ ନିରବଚ୍ଛିନ୍ନ ଭାବେ କାର୍ଯ୍ୟକରି ଆସୁଛି । ଏହା ଛଡ଼ା ଗରିବଙ୍କ ଜୀବିକା ଅର୍ଜନ ପନ୍ଥାର ରାସ୍ତା ଦେଖାଇବା ଏକ ଅନ୍ୟତମ ଉଦ୍ଦେଶ୍ୟ (Livelihood Security of Citizen) ।

ନିଷ୍କେଶିତ ମହିଳାଙ୍କ ପାଇଁ ଆଶ୍ରମ, ଖାଦ୍ୟ ବ୍ୟବସ୍ଥା, ତାଙ୍କର ଜୀବିକା ଅର୍ଜନର ପନ୍ଥା ଓ ତାଙ୍କର ଥଇଥାନ୍ କରିବାର ଦାୟିତ୍ୱ ଏହି ସଂସ୍ଥା ଦ୍ୱାରା ପରିଚାଳିତ କରାଯାଇଥାଏ । ବହୁ କ୍ଷେତ୍ରରେ ଗରିବ ସ୍ତ୍ରୀ ଲୋକଙ୍କ ଲାଗି ଶାଢ଼ି ବା କମ୍ବଳ ବାଣ୍ଟିବା, ଖାଦ୍ୟ ପଦାର୍ଥର ସାମଗ୍ରି ପହଂଚାଇବା ମଧ୍ୟ ଟ୍ରଷ୍ଟର ବିଶେଷ କାମ ଭାବେ ପରିଗଣିତ ହୋଇଥାଏ । ସମାଜର ନିମ୍ନ ବର୍ଗର ଉତ୍‌ଥାନ ହିଁ ଟ୍ରଷ୍ଟର ପ୍ରଥମ ଆଭିମୁଖ୍ୟ ।




(a) (b)

**Fig. 4**

ଶିଶୁ ଶିକ୍ଷା, ସାମାଜିକ ଉତ୍‌ଥାନ, ସ୍ୱାସ୍ଥ୍ୟର ଉନ୍ନତି ଏବଂ ଜୀବିକାର୍ଜନ କରିବାର ପନ୍ଥା ଓ ନାରୀ ସଶକ୍ତିକରଣ ପରି ମହତ୍ୱପୂର୍ଣ୍ଣ କାମର ସୂଚାରୁଭାବେ ପରିଚାଳନା କରି ଏହି ସଂସ୍ଥାଟି (ଜିଏନ୍‌ଏମ୍ ଟ୍ରଷ୍ଟ) ଆଜି ଓଡ଼ିଶାରେ କାହିଁକି ପୂରା ଭାରତବର୍ଷରେ ସୁନାମ ଅର୍ଜନ କରିଛି । ଟ୍ରଷ୍ଟର ବିଶିଷ୍ଟ ଅବଦାନ ସମ୍ପର୍କରେ କିଛିଟା ଲେଖିବାର ଧୃଷ୍ଟତା କରୁଛି, କାରଣ ସବୁକିଛି କାମ ଉପରେ ଆଲୋକପାତ କରିବା ମୋ ପାଇଁ ବାସ୍ତବିକ ଅସମ୍ଭବ ।

ଆଦୃତା ଶିଶୁ ସଂସ୍ଥା, ସମ୍ବଳ ପ୍ରଦାନ, ଆମ୍ରପଲ୍ଲୀ ସଂସ୍ଥାର ଗରିବ ଛାତ୍ରଙ୍କ ଶିକ୍ଷା ଲାଗି ଅର୍ଥ ପ୍ରଦାନ, ଜୈବିକ ରସାୟନ କେନ୍ଦ୍ର ଭୁବନେଶ୍ୱରର ପ୍ରତିଷ୍ଠା ଓ ପରିଚାଳନା, ଅନ୍ଧ ବିଦ୍ୟାଳୟର ପିଲାଙ୍କୁ ଛାତ୍ରବୃତ୍ତି, ୧) ପଲ୍ଲିଶ୍ରୀ ମହିଳା ସମିତିକୁ ଯଥାଯୋଗ୍ୟ ଅର୍ଥ ସାହାଯ୍ୟ ଇତ୍ୟାଦି ଇତ୍ୟାଦି । ୨) ଦୃଷ୍ଟିହୀନ ମାନଙ୍କ ପାଇଁ ଚକ୍ଷୁ ଶିବିର, ୩) ବିଜୟ ଗୋବିନ୍ଦ ସଭାଗୃହର ଲୋକାର୍ପଣ (କଟକସ୍ଥିତ), ୪) ଭଦ୍ରକରେ ଗୋକୁଳାନନ୍ଦ ମହାପାତ୍ର ଅତ୍ୟାଧୁନିକ ବୈଜ୍ଞାନିକ ପ୍ରୟୋଗଶାଳାର ନିର୍ମାଣ ଏବଂ ଆହୁରି ବହୁତ କିଛି ଏଇ ଟ୍ରଷ୍ଟର ଆମ ପ୍ରଦେଶ ଓ ନାଗରିକଙ୍କ ପାଇଁ ଅବଦାନ । ଏଇ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ବଡ଼ବଡ଼ ସମସ୍ୟାର ସମାଧାନ କରିବାରେ ଯୋଗଦାନ ଉଲ୍ଲେଖନୀୟ । ସେଥିପାଇଁ ଆଜି ଗୋକୁଳାନନ୍ଦ ଟ୍ରଷ୍ଟ ଘରେ ଘରେ ପରିଚିତ । ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କର ଦୂରଦର୍ଶିତା ଓ ଅବଦାନ ଲାଗି ଆଜି ଓଡ଼ିଶାରେ ବିଜ୍ଞାନ କ୍ଷେତ୍ରରେ ସଚେତନତା ଓ ଅଭିବୃଦ୍ଧି ଘଟିଛି ।




(a) (b)

**Fig. 5**



(a) (b)

**Fig. 6**

ଗୋକୁଳାନନ୍ଦ ମହାପାତ୍ର ଜଣେ ଯୋଗଜନ୍ମା ଓ ତାଙ୍କର ସରଳ ଜୀବନଯାପନ ସଙ୍ଗେ ସଙ୍ଗେ ଉଚ୍ଚକୋଟୀର ଚିନ୍ତାଧାରା ଲାଗି ଆଜି ସେ ଚିରନମସ୍ୟ। ବହୁତ କମ୍ ଲୋକ ପିଲାଙ୍କର ବିଜ୍ଞାନ, ସମାଜର ନିଷ୍ପେସିତ ଲୋକ ଓ ଅବହେଳିତ ନାରୀ ସମାଜର ଉତ୍ଥାନ ପାଇଁ ନିଜର ସମୟ ଓ ଅର୍ଥଦାନ କରିଥାନ୍ତି। ତାଙ୍କର କାଞ୍ଚନିକ ଲେଖା, ସମାଜସେବାର ପ୍ରକୃତି ଓ ସର୍ବୋପରି ଓଡ଼ିଶାର ବିଜ୍ଞାନର ଅଭିବୃଦ୍ଧି ପାଇଁ ନିରବଚ୍ଛିନ୍ନ ଭାବେ କାମକରି ସେ ଅମରତ୍ୱ ପ୍ରାପ୍ତିର ଅଧିକାର ପ୍ରାପ୍ତ କରିଛନ୍ତି। ତାଙ୍କର ଅବଦାନ ଅତୁଳନୀୟ। ଯାହାକି ଓଡ଼ିଶର ବିଜ୍ଞାନ କ୍ଷେତ୍ରରେ ଆନ୍ଦୋଳନ ସୃଷ୍ଟି କରି ଆଜି ସମୃଦ୍ଧ ବିଜ୍ଞାନର ସ୍ତରରେ ପହଞ୍ଚାଇଛନ୍ତି। ଏଥିଲାଗି ଆମେ ସମସ୍ତେ ଓଡ଼ିଶାବାସୀ ଚିରଋଣୀ।

## ସୂଚୀପତ୍ର (Reference)

1. Wiki pedia – m.wikipedia-org.wiki
2. Radha gobinda.jpg
3. Abrahabn priya. Dec 4- 2010
4. Odisha Sahitya Academy Article 10th April 2012
5. www.Odisha estore .com
6. https:// people.pill.com
7. en. Bharatpedia.org.in.wiki
8. Odisha . org, late dr. gokulananda
9. Kavishalla.i
10. ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଜୀବନୀ (ହିନ୍ଦି)

**ଡାକ୍ତର ଅଶୋକ କୁମାର ମହାପାତ୍ର**
କୁଳପତି, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା
ଏବଂ ପୂର୍ବତନ ପ୍ରତିଷ୍ଠାତା ନିର୍ଦ୍ଦେଶକ, ଏମ୍ସ୍-ଭୁବନେଶ୍ୱର
ଫୋନ୍- ୮୩୩୮୦୦୪୪୪

# ବିଜ୍ଞାନର ଅନିର୍ବାଣ ଆଲୋକ ବର୍ତ୍ତିକା, ବୈଜ୍ଞାନିକ ପ୍ରଫେସର ଗୋକୁଳାନନ୍ଦ



**ଡା. ବରଦାଚରଣ ମହାନ୍ତି**

ସ୍ୱର୍ଗତ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଥିଲେ ପ୍ରଖ୍ୟାତ ଜନପ୍ରିୟ ବିଜ୍ଞାନ ଲେଖକ ଓ ବିରଳ ବ୍ୟକ୍ତିତ୍ୱର ଅଧିକାରୀ। ବିଜ୍ଞାନର ଅତି ଜଟିଳ ତତ୍ତ୍ୱଗୁଡ଼ିକୁ ଅତି ସରଳ ସାବଲୀଳ, ମାତୃଭାଷାରେ ଉପସ୍ଥାପନା କରିବାରେ ଡକ୍ଟର ମହାପାତ୍ର ଥିଲେ ଅତି ନିପୁଣ। ସାରଙ୍କର ଶିକ୍ଷକତା, ଜନପ୍ରିୟ ବିଜ୍ଞାନ ଲେଖା ଗବେଷଣା ଥିଲା ପେସା ଓ ଶିକ୍ଷକତା ନିଶା। ସେ କୌଣସିଟିକୁ ଅବହେଳା କରୁ ନଥିଲେ। ସାର୍ ସମୟ ସହିତ ତାଳ ମିଳାଇ କର୍ମ କରି ଚାଲୁଥିଲେ। ସେ ସମୟକୁ କାର୍ମ ମଧରେ ବାନ୍ଧି ରଖୁଥିଲେ।

ଗୋକୁଳାନନ୍ଦ, ପିତା ବିଜୟଗୋବିନ୍ଦ ମହାପାତ୍ର, ମାତା ଫୁଙ୍କ ଦେବୀଙ୍କର ୫ମ ସନ୍ତାନ ଥିଲେ। ସେ ଜନ୍ମଗ୍ରହଣ କରିଥିଲେ ୧୯୨୨ ମସିହା ମେ ମାସ ୨୪ ତାରିଖରେ, ଭଦ୍ରକ ସହରର କୁଆଁସ ଗ୍ରାମରେ। ତାଙ୍କ ପରିବାର ଥିଲା ସ୍ୱଚ୍ଛଳ ଓ ମଧ୍ୟବିତ୍ତ ପରିବାର। ଗୋକୁଳାନନ୍ଦ ଥିଲେ ଜଣେ ମେଧାବୀ ଛାତ୍ର। ନିମ୍ନ ପ୍ରାଥମିକ, ଉଚ୍ଚପ୍ରାଥମିକ ମଧ ଇଂରାଜୀ ଓ ମାଟ୍ରିକ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷାରେ ବେଶ୍ କୃତିତ୍ୱ ଅର୍ଜନ କରି ବୃତ୍ତି ଲାଭ କରିପାରିଥିଲେ। ରେଭେନ୍ସାରେ ଆଇ.ଏସ୍‌ସି. ଓ ବି.ଏସ୍‌ସି (ରସାୟନ ବିଜ୍ଞାନ ଅନର୍ସ) ପଢ଼ି ଉଭୟ ପରୀକ୍ଷାରେ ସଫଳତାର ସହିତ ପାସ୍ କଲେ। ସେତେବେଳେ ରେଭେନ୍ସାରେ ସ୍ନାତକୋତ୍ତର ନଥିଲା। ସ୍ନାତକୋତ୍ତର ଶିକ୍ଷା ପାଇଁ ବାହାରକୁ ଯିବା ପାଇଁ ପାରିବାରିକ ଅବସ୍ଥା ପ୍ରତିକୂଳ ଥିଲା। ଏହା ମଧରେ ତାଙ୍କ ବଡ଼ ଭିଣୋଇ, ମା' ଓ ଭାଉଜଙ୍କ ଉଦ୍ୟମରେ ତାଙ୍କର ବିବାହ କୁଆଁସ ଜମିଦାର ବିନୋଦ ବିହାରୀ ରାୟଙ୍କର ଜ୍ୟେଷ୍ଠା କନ୍ୟା କୁମୁଦିନୀ ଦେବୀଙ୍କ ସହ ସମ୍ପନ୍ନ ହେଲା। ଶ୍ୱଶୁରଙ୍କ ଆର୍ଥିକ ସହାୟତାରେ କୋଲକତା ପ୍ରେସିଡନ୍ସି କଲେଜରେ ରସାୟନ ବିଜ୍ଞାନରେ ଏମ୍.ଏସ୍‌ସି ପଢିବା ପାଇଁ ଗଲେ। ୧୯୪୮ ମସିହାରେ ଏମ୍. ଏସ୍‌ସି ପାସ୍ କଲା ପରେ ପରେ ରେଭେନ୍ସାରେ ଅଧ୍ୟାପକ ଭାବେ ଯୋଗ ଦେଲେ। ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପି.ଏଚ୍‌ଡ଼ି କଲେ ଓ ତା'ର କିଛି ବର୍ଷ ପରେ ଆମେରିକାର ବୋଷ୍ଟନ୍‌ର ବ୍ରାଣ୍ଡସ୍ ବିଶ୍ୱବିଦ୍ୟାଳୟରେ ଫେଲେସିସ୍ ଓ ବୃତ୍ତି ପାଇ ୧୯୬୧-୧୯୬୩ ପର୍ଯ୍ୟନ୍ତ ପୋଷ୍ଟ ଡକ୍ଟରାଲ ଗବେଷଣା କଲେ। ବିଦେଶରୁ ଫେରି ରେଭେନ୍ସା କଲେଜର ରସାୟନ ବିଜ୍ଞାନ ବିଭାଗରେ ଅଧ୍ୟାପକ, ପ୍ରଧ୍ୟାପକ, ପ୍ରଫେସର ଓ ବିଭାଗର ମୁଖ୍ୟ ଭାବେ ତାଙ୍କ ଦାୟିତ୍ୱ କରିଥିଲେ। ଅବଶ୍ୟ ମଝିରେ କିଛି ସମୟ ପାଇଁ ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍କାର ନିର୍ଦ୍ଦେଶକ ପଦରେ ଅବସ୍ଥାପିତ ହୋଇଥିଲେ।

ଏହି ବୃତ୍ତିଗତ ଜୀବନକାଳ ମଧ୍ୟରେ ସେ ଥିଲେ ଜଣେ ଦକ୍ଷ ଛାତ୍ର ବତ୍ସଳ ଅଧ୍ୟାପକ, ଉଚ୍ଚକୋଟୀର ଗବେଷକ। ଡକ୍ଟର ମହାପାତ୍ରଙ୍କ ଦିଗ୍‌ଦର୍ଶନରେ ୧୦ ଜଣ ଛାତ୍ର ପି.ଏଚଡି ପାଇଛନ୍ତି। ଡକ୍ଟର ମହାପାତ୍ରଙ୍କର ଗବେଷଣା ସମ୍ବନ୍ଧୀୟ ପଚାଶରୁ ଉର୍ଦ୍ଧ୍ୱ ନିବନ୍ଧ ଦେଶ ମଧ୍ୟରେ ଓ ବାହାରେ ପ୍ରକାଶିତ ହୋଇଛି। ସର୍ବୋତ୍‌ଭାବେ ପ୍ରଫେସର ଡକ୍ଟର ମହାପାତ୍ର ଥିଲେ ଜଣେ ସଫଳ ଅଧ୍ୟାପକ ଓ ଗବେଷକ।

ସବୁ ବର୍ଗର ପାଠକ ପାଠିକାଙ୍କ ଉଦ୍ଦେଶ୍ୟରେ ବିଜ୍ଞାନର ଜଟିଳ ତତ୍ତ୍ୱକୁ ମାତୃଭାଷାରେ ସହଜ, ସରଳ ଭାବରେ ପ୍ରକାଶ କରି ଜନସାଧାରଣଙ୍କୁ ସଚେତନ କରାଇବାରେ ଡକ୍ଟର ମହାପାତ୍ର ସମ୍ପୂର୍ଣ୍ଣଭାବେ ସଫଳ ହୋଇପାରିଛନ୍ତି। ତାଙ୍କର ସର୍ବପ୍ରଥମ ବିଜ୍ଞାନ ପ୍ରବନ୍ଧ ଥିଲା, 'ଆଧୁନିକ ବିଜ୍ଞାନକୁ ଆଲକାତରାର ସାହାଯ୍ୟ', ଯାହା ପ୍ରକାଶ ପାଇଥିଲା ଡ. ମାୟାଧର ମାନସିଂହଙ୍କ ପତ୍ରିକା 'ଶଙ୍ଖ'ରେ, ୧୯୪୭ ମସିହା ଜୁଲାଇମାସ ସଂଖ୍ୟାରେ। ତା'ପରଠାରୁ ନିୟମିତ ଭାବେ ଗୋଟିଏ ପରେ ଗୋଟିଏ, ମାତୃଭାଷାରେ ବିଜ୍ଞାନ ପ୍ରବନ୍ଧମାନ ଲେଖି ଚାଲିଲେ ଡକ୍ଟର ମହାପାତ୍ର ଓ ସେଗୁଡ଼ିକ ପ୍ରକାଶ ପାଇଲା ଓଡ଼ିଆ ମାସିକ ପତ୍ରିକାଗୁଡ଼ିକରେ ଓ ସେଗୁଡ଼ିକ ବେଶ୍ ଜନାଦୃତ ହେଲା ମଧ୍ୟ। ଆଠଗୋଟି ପ୍ରବନ୍ଧକୁ ମିଶାଇ 'ବିଜ୍ଞାନ ବିସ୍ମୟ' ଶୀର୍ଷକ ପ୍ରଥମ ବିଜ୍ଞାନ ଆଧାରିତ ପୁସ୍ତକ ପ୍ରକାଶ ପାଇଲା ୧୯୪୮ରେ। ତା'ପରେ, ବିଜ୍ଞାନ ଉପନ୍ୟାସ, ବିଜ୍ଞାନ କାହାଣୀ, ବିଜ୍ଞାନ ବାଳକ, ବିଜ୍ଞାନ କୋଷ,

ପରିବେଶ ବିଜ୍ଞାନ ମେଟ୍ରିକ ବିଜ୍ଞାନ ପାଠ୍ୟପୁସ୍ତକ ଇତ୍ୟାଦି ଏକ ଶହରୁ ଊର୍ଦ୍ଧ୍ୱ ପୁସ୍ତକ ଓଡ଼ିଆ ଭାଷାରେ ଡକ୍ଟର ମହାପାତ୍ର ଲେଖିଛନ୍ତି। ସେ ସମସ୍ତ ପୁସ୍ତକ ମଧ୍ୟରେ 'ପୃଥିବୀ ବାହାରେ ମଣିଷ', 'କୃତ୍ରିମ ଉପଗ୍ରହ', 'ଚନ୍ଦ୍ରର ମୃତ୍ୟୁ', 'ଉଡ଼ନ୍ତା ଥାଳିଆ' ପ୍ରଭୃତି ସାର୍ବଜନୀନ ଓ ଜନପ୍ରଶଂସିତ ହୋଇପାରିଛି।

ସାରସ୍ୱତ ସାଧନାରୁ ଅର୍ଜିତ ଅର୍ଥରେ ସର୍ବସାଧାରଣ କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡିକରେ ଡକ୍ଟର ମହାପାତ୍ର ନିୟୋଜିତ କରିଛନ୍ତି। ତାଙ୍କର ମାନସ ସନ୍ତାନ, 'ବିଜ୍ଞାନ ପ୍ରଚାର ସମିତି'କୁ ବହୁଭାବରେ ସହାୟତା ଯୋଗାଇ ଆସୁଥିଲେ ଯାହା ୧୯୪୯ ମସିହା ଅଗଷ୍ଟ ୭ ତାରିଖଠାରୁ ଏ ପର୍ଯ୍ୟନ୍ତ ତା'ର ସମସ୍ତ କାର୍ଯ୍ୟକ୍ରମ ପାଳନ କରି ଆସୁଛି। ସାର୍ ପାଇଥିଲେ, ଓଡ଼ିଆ ସାହିତ୍ୟ ଏକାଡେମୀ – ପି.କେ. ପରିଜା ସମ୍ମାନ (୧୯୬୮), ବିଜ୍ଞାନ ଏକାଡେମୀ ଆୱାର୍ଡ଼ (୧୯୯୮), ସାମନ୍ତ ଚନ୍ଦ୍ରଶେଖର ଆୱାର୍ଡ଼ (୧୯୮୮), ସହକାର ଆୱାଡ଼ – ମାତୃଭୂମି ଆୱାର୍ଡ଼ (୧୯୮୯), ଶାରଳା ପୁରସ୍କାର (୧୯୮୪) ଓ ଆହୁରି ଅନେକ କିଛି।

ସାର୍ ଥିଲେ ସ୍ନେହୀ, ସ୍ୱଳ୍ପଭାଷୀ ନିରାଡମ୍ବର ଓ ବିନୟୀ। କଥାରେ ଅଛି "ତୁମେ ଯଦି ବିଜ୍ଞ ହେବ, ସୟତାନ୍ ତୁମଠାରୁ ସହସ୍ର ଯୋଜନ ଦୂରରେ ରହିବ"। ତେଣୁ ସାର୍‌ଙ୍କ ପାଖରେ ଶତ୍ରୁ ପଶିପାରୁ ନଥିଲା। ସାର୍ ଥିଲେ ଅଜାତଶତ୍ରୁ। ସେ ଥିଲେ ପ୍ରେରଣାର ଉତ୍ସ ଓ ସଠିକ୍ ମାର୍ଗଦର୍ଶକ।

ସେହି ମହାନ ପ୍ରଜ୍ଞା ପୁରୁଷଙ୍କୁ ମୋର ସ୍ନେହ, ଶ୍ରଦ୍ଧାପୂର୍ଣ୍ଣ ପ୍ରଣତି ଜଣାଉଛି ଓ ତାଙ୍କ ଆତ୍ମାର ଅମରତ୍ୱ କାମନା କରି ଆର୍ଶୀବାଦ ଭିକ୍ଷା କରୁଛି। ■■■

'ବିମଳା ନିବାସ',
ତୁଳସୀପୁର, କଟକ-୮
ଫୋନ୍- ୯୯୩୭୧୯୩୭୦୮




1st Anniversary of Late Prof. Dr. Gokulananda Mahapatra

# ଓଡ଼ିଆ ବିଜ୍ଞାନ ସାହିତ୍ୟ ଓ ପ୍ରଫେସର ଗୋକୁଳାନନ୍ଦ



**ବିଜୟ ନାୟକ**

ଲୋକପ୍ରିୟ ବିଜ୍ଞାନ ବିଶ୍ୱ ବିଶ୍ୱସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ ଭାବରେ ସର୍ବଜନାଦୃତି ଲାଭ କରିଛି । ସେହିକ୍ରମରେ ଓଡିଆ ଲୋକପ୍ରିୟ ବିଜ୍ଞାନ ସାହିତ୍ୟର ଇତିହାସ ସୁଦୀର୍ଘ ନହେଲେ ମଧ୍ୟ ଏକ ଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ଧରି ଏହାର ଧାରାବାହିକତା ଅବ୍ୟାହତ ରହିଛି । ଅସରନ୍ତି ଅନୁସନ୍ଧିତ୍ସା ଓ ଅନନ୍ତ ଅନ୍ୱେଷାର ନାମ ବୋଧହୁଏ ବିଜ୍ଞାନ । ଏହା ଗଭୀର ଗବେଷଣାଲବ୍ଧ ଏକ ପ୍ରଜ୍ଞା ପ୍ରସୂନ । ବିଜ୍ଞାନର ଗୁଢତା ଓ ଜଟିଳତା ସାଧାରଣ ମଣିଷର ବୋଧ ବହିର୍ଭୁତ । ତେବେ ବିଜ୍ଞାନର ଅସାଧାରଣ ତତ୍ତ୍ୱକୁ ସାଧାରଣ ଭାବରେ ପରଷିବାର ଏକ ସରଣୀ ଆବିଷ୍କାର କରିଛନ୍ତି ବିଜ୍ଞାନୀମାନେ । ଏହି ସରଳ ଓ ସରସ ସରଣୀ ହିଁ ଲୋକପ୍ରିୟ ବିଜ୍ଞାନ । ବିଶ୍ୱ ବିସ୍ମୟର ନିକଟତର ହେବାକୁ ଋହୁଁଥିବା ସମକାଳ ସମାଜର ତେଣୁ ଅତି ପ୍ରିୟ ଲୋକପ୍ରିୟ ବିଜ୍ଞାନ ସାହିତ୍ୟ ।

ଖୁବ୍ ସମ୍ଭବତଃ ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧି ଓଡିଆ ଲୋକପ୍ରିୟ ବିଜ୍ଞନ ସାହିତ୍ୟର ଆଦିକାଳ । ୧୯୫୭ ମସିହାରେ ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ପରିସରରେ ବିଜ୍ଞାନ ପ୍ରଚର ସମିତିର ଏକଶତତମ ଅଧିବେଶନ ଅବସରରେ ଆୟୋଜିତ ବୈଜ୍ଞାନିକ ପୁସ୍ତକ ପ୍ରଦର୍ଶନୀରେ ଡାକ୍ତର ବନବିହାରୀ ପଟ୍ଟନାୟକଙ୍କ ଦ୍ୱାରା ସଂଗୃହୀତ ଦୁଇଖଣ୍ଡ ଅତି ପୁରୁଣା ଓଡିଆ ବିଜ୍ଞାନ ବହି ପ୍ରଦର୍ଶିତ ହୋଇଥିଲା । କିନ୍ତୁ ଦୁଃଖର କଥା ସେହି ବହି ଦୁଇଟି ଅନୁପଲବ୍ଧ ଏବଂ ବହିର ନାମ ମଧ୍ୟ ବିସ୍ମୃତ । ତେବେ ତତ୍ପରେ "ଆଲୋକ ପରିଷ୍କାର ଓ ପରିଚ୍ଛନ୍ନତା" ନାମକ ଏକ ସ୍ୱାସ୍ଥ୍ୟରକ୍ଷା ଓଡିଆ ବହି କଲିକତାର ମ୍ୟାକମିଲନ୍ କମ୍ପାନୀ ଦ୍ୱାରା ପ୍ରକାଶିତ ହୋଇଥିଲା ଯାହା ସ୍କୁଲର ପାଠ୍ୟପୁସ୍ତକ ଭାବରେ ପ୍ରଚଳିତ ଥିଲା । ଏହା କିନ୍ତୁ ମୌଳିକ ଓଡିଆ ରଚନା ନଥିଲା, ସମ୍ଭବତଃ ଇଂରାଜୀରୁ ଅନୂଦିତ ।

ଓଡିଆ ଭାଷାରେ ପ୍ରଥମ ମୌଳିକ ବିଜ୍ଞାନ ବହିର ରଚୟିତା ଭାବରେ ଡାକ୍ତର ବନବିହାରୀ ପଟ୍ଟନାୟକଙ୍କୁ ସ୍ୱୀକୃତି ଦିଆଯାଏ । 'ସ୍ୱାସ୍ଥ୍ୟରକ୍ଷା', 'ନାରୀମଙ୍ଗଳ' ଓ 'ଜୀବାଣୁ' ଆଦି ବହି ସେ ଲେଖିଥିଲେ । ସେଗୁଡିକ ଅବଶ୍ୟ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ସେ ରୋଗସମ୍ବନ୍ଧୀୟ 'ଛତ୍ରଭଙ୍ଗ' ନାମରେ ଏକ ନାଟକ ମଧ୍ୟ ଲେଖିଥିଲେ ଯାହା କଟକ ମେଡିକାଲ ସ୍କୁଲରେ ମଞ୍ଚସ୍ଥ ହୋଇଥିଲା । ଡାକ୍ତର ବନବିହାରୀ ପଟ୍ଟନାୟକଙ୍କ ପରେ ବିଜ୍ଞାନ ସାହିତ୍ୟର ଦୃଶ୍ୟପଟ୍ଟରେ ଉଭା ହୁଅନ୍ତି ପାରିକୁଦ ନିବାସୀ ଡାକ୍ତର ରାଧାଚରଣ ପଣ୍ଡା । ସେ ୧୯୩୫-୩୬ ମସିହାରେ 'ସ୍ୱାସ୍ଥ୍ୟଶିକ୍ଷା' ନାମରେ ଏକ ପାଠ୍ୟପୁସ୍ତକ ରଚନା କରିଥିଲେ ।

ଇତି ମଧ୍ୟରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା ଏବଂ ଓଡିଶାରେ ବିଜ୍ଞାନ ଶିକ୍ଷା ଧୀରେ ଧୀରେ ଅଧିକ ଆଦୃତି ଲାଭ କରୁଥିଲା । ସମାନ୍ତରାଳ ଭାବରେ ଓଡିଆ ବିଜ୍ଞାନ ସାହିତ୍ୟ ସ୍ୱାସ୍ଥ୍ୟ ସଂପର୍କିତ ପୁସ୍ତକ ରଚନାକୁ ଅତିକ୍ରମ କରି ସାଧାରଣ ବିଜ୍ଞାନ ରଚନା କ୍ଷେତ୍ରରେ ପାଦ ଥାପିଥିଲା । ଓଡିଶାର ପ୍ରବୀଣ ବିଜ୍ଞାନ ପ୍ରଫେସରମାନେ ବିଜ୍ଞାନ ସାହିତ୍ୟ ରଚନାରେ ମନୋନିବେଶ କରିଥିଲେ । ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଡକ୍ଟର ପ୍ରାଣକୃଷ୍ଣ ପରିଜା । ଅନ୍ୟମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ବଡାଲ, ହରିବନ୍ଧୁ ମହାନ୍ତି, ବଂଶୀଧର ସାମନ୍ତରାୟ, ପର୍ଶୁରାମ ମିଶ୍ର, ଗୋପାଳ ଚନ୍ଦ୍ର ପଟ୍ଟନାୟକ ଏବଂ ନିରଦମୋହନ ସେନାପତିଙ୍କ ନାମ ସ୍ମରଣଯୋଗ୍ୟ । ଏହି ସୁଖ୍ୟାତ ଲେଖକମାନଙ୍କ ରଚନା ସେକାଳର ବିଖ୍ୟାତ ଓଡିଆ ପତ୍ରପତ୍ରିକା ଯଥା 'ଉତ୍କଳ ସାହିତ୍ୟ', 'ସହକାର' ଓ 'ନବଭାରତ' ଆଦିର ପୃଷ୍ଠା ମଣ୍ଡନ କରୁଥିଲା ।ପ୍ରବନ୍ଧ ରଚନା ବ୍ୟତୀତ ଏହି ସମୟ ମଧ୍ୟରେ ହାତ ଗଣତି କେତେଖଣ୍ଡ ଲୋକପ୍ରିୟ ବିଜ୍ଞାନ ବହି ମଧ୍ୟ ଆତ୍ମପ୍ରକାଶ କରିଥିଲା । ଗୋପାଳ ଚନ୍ଦ୍ର ପଟ୍ଟନାୟକଙ୍କ 'ମେଲେରିଆ' ଏବଂ କୈଳାସ ଚନ୍ଦ୍ର ରାୟଙ୍କ 'ବିଜ୍ଞାନ ବାର୍ତ୍ତା' ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଓଡିଆ ବିଜ୍ଞାନ ସାହିତ୍ୟରେ ଏକ ନବଯୁଗର ପଦଧ୍ୱନି ଶୁଭିଥିଲା ବୋଲି ଅନେକ ବୈଜ୍ଞାନିକ ମତ ଦିଅନ୍ତି । ଯୁବ ଅଧ୍ୟାପକମାନଙ୍କ ମଧ୍ୟରୁ କେତେଜଣ ଅଧ୍ୟାପନା ସହିତ ବିଜ୍ଞାନ ରଚନାକୁ ପ୍ରାଧାନ୍ୟ ଦେଇଥିଲେ । ସେତେବେଳେ ଅର୍ଥାତ୍ ୧୯୪୫-

୪୮ ମସିହା ମଧ୍ୟରେ ଗୋକୁଳାନନ୍ଦ ମହାପାତ୍ର, ଗଦାଧର ମିଶ୍ର ଏବଂ ବସନ୍ତ କୁମାର ବେହୁରାଙ୍କ ଲେଖା 'ଶଙ୍ଖ', 'ଚତୁରଙ୍ଗ' , 'ସହକାର' ଓ 'ନବଭାରତ' ଆଦି ପତ୍ରିକାରେ ସ୍ଥାନପାଇ ବିପୁଳ ପାଠକୀୟତା ଲାଭ କରିଥିଲା । ଦେଶ ସ୍ୱାଧୀନ ହେବାପରେ ଓଡିଶାର ବିଜ୍ଞାନ ଦିଗନ୍ତ ଆହୁରି ପରିଚ୍ଛନ୍ନ ଦିଶିଲା । ୧୯୪୮ ମସିହାରେ ଗୋକୁଳାନନ୍ଦ ମହାପାତ୍ରଙ୍କ ପ୍ରବନ୍ଧ ସଂକଳନ 'ବିଜ୍ଞାନ ବିସ୍ମୟ' ଏବଂ ଗଦାଧର ମିଶ୍ରଙ୍କ 'ବିଜ୍ଞାନ ରହସ୍ୟ' ପ୍ରକାଶ ପାଇଥିଲା । ସାଧାରଣ ବିଜ୍ଞାନ ଲେଖା ଭାବରେ ଏହି ଦୁଇଟି ବହିକୁ ଆଦି ପୁସ୍ତକ ବୋଲି ଅନେକ ବିଚାର କରନ୍ତି । ପରେ ପରେ ୧୯୪୯-୫୦ ମସିହାରେ ଏହି ଦୁଇ ଲେଖକଙ୍କର ଏକାଧିକ ପୁସ୍ତକ ପ୍ରକାଶିତ ହୋଇଥିଲା । ଗୋକୁଳାନନ୍ଦ ମହାପାତ୍ରଙ୍କ 'ବିଜ୍ଞାନ କୃତିତ୍ୱ', 'ପରମାଣୁ ବୋମାର ଆବିଷ୍କାର' ଏବଂ 'ବିଜ୍ଞାନ ଓ ଆମେ' ପୁସ୍ତକ ଏବଂ ଗଦାଧର ମିଶ୍ରଙ୍କର 'ବିଜ୍ଞାନ ମଞ୍ଜୁଷା' ପୁସ୍ତକ ବେଶ୍ ଲୋକପ୍ରିୟତା ହାସଲ କରିଥିଲା । ଗଦାଧର ମିଶ୍ର ବିଶିଷ୍ଟ ବୈଜ୍ଞାନିକ ସି.ଭି ରମଣଙ୍କ ଜୀବନୀ ପୁସ୍ତକ ମଧ୍ୟ ରଚନା କରିଥିଲେ ।

୧୯୪୯ ମସିହାରେ ଉତ୍ସାହୀ ବିଜ୍ଞାନୀମାନଙ୍କ ଉଦ୍ୟମରେ 'ବିଜ୍ଞାନ ପ୍ରଚାର ସମିତି' ଗଠନ କରାଯାଇ ବିଜ୍ଞାନ ଶିକ୍ଷା ଓ ବିଜ୍ଞାନ ସାହିତ୍ୟ କ୍ଷେତ୍ରରେ ନୂତନତା ଅଣାଯିବା ପାଇଁ ପ୍ରୟାସ କରାଯାଇଥିଲା । ସମିତିର ସଦସ୍ୟମାନଙ୍କ ମଧ୍ୟରୁ ଅଧିକାଂଶ ଲୋକପ୍ରିୟ ବିଜ୍ଞାନ ସାହିତ୍ୟ ରଚନା ପ୍ରତି ଆକର୍ଷିତ ହୋଇଥିଲେ । କୁଳମଣି ସାମଲ, ବିଦ୍ୟାଧର ପାଢୀ, ଦେବକାନ୍ତ ମିଶ୍ର ଓ ବିଶ୍ୱନାଥ ସାହୁ ପ୍ରମୁଖ ପ୍ରଖ୍ୟାତନାମା ଲେଖକଗଣ ଏହି କାଳଖଣ୍ଡର ସୃଷ୍ଟି । ସେମାନଙ୍କ ବୈଜ୍ଞାନିକ ଗ୍ରନ୍ଥ ସମୂହ ବେଶ୍ ଲୋକପ୍ରିୟ ହୋଇପାରିଥିଲା । ସେହି ସମୟ ମଧ୍ୟରେ ବିଦ୍ୟାଧର ପାଢୀଙ୍କ 'ଇତିମିଳି ଜୀବନ'; ବସନ୍ତ କୁମାର ବେହୁରାଙ୍କ 'ଓଡିଶାର ବେଙ୍ଗ', 'ଓଡିଶାର ସାପ', 'ବିଜ୍ଞାନିକା' ଓ 'ଡାଇନେସର' ; କୁଳମଣି ସାମଲଙ୍କ 'କଥା ତରଙ୍ଗ' ; ଦେବକାନ୍ତ ମିଶ୍ରଙ୍କ 'କୃତ୍ରିମ ମଣିଷ', 'ଚନ୍ଦ୍ର ବିଜୟ', 'ଆମେ ଶହେ ବର୍ଷ ବଞ୍ଚିବା କେମିତି' ଓ 'ଜୀବନର ଛନ୍ଦ' ଏବଂ ବିଶ୍ୱନାଥ ସାହୁଙ୍କ 'ଇଲେକ୍‌ଟ୍ରୋନିକ୍ସର କୃତିତ୍ୱରେ ଆରସୋଟୋପ', 'ଭାରତୀୟ ବିଜ୍ଞାନ ଓ ବୈଜ୍ଞାନିକ' ଓ 'ବିଜ୍ଞାନ ଓ ବିଚାରବୋଧ 'ଆଦି ଗ୍ରନ୍ଥ ଓଡିଆ ଲୋକପ୍ରିୟ ବିଜ୍ଞାନ ସାହିତ୍ୟକୁ ଅଧିକ ଲୋକପ୍ରିୟ କରିଥିଲା ।

ଏଠାରେ ଉଲ୍ଲେଖ ପ୍ରାସଙ୍ଗିକ ଯେ ବିଜ୍ଞାନ ସାହିତ୍ୟ ଓ ସର୍ଜନଶୀଳ ବିଜ୍ଞାନ ସାହିତ୍ୟ ମଧ୍ୟରେ ସୂକ୍ଷ୍ମ ବିଭାଜିକା ରେଖାଟିଏ ବିଦ୍ୟମାନ । ଅର୍ଥାତ୍ ପ୍ରବନ୍ଧ, ଆଲେଖ୍ୟ, ଆଲୋଚନା ଆଦି ଲେଖାଠାରୁ ଗଳ୍ପ, ଉପନ୍ୟାସ ଓ କାବ୍ୟକବିତା ଭିନ୍ନ ନିଶ୍ଚୟ । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡିଆ ସାହିତ୍ୟରେ ପ୍ରଥମ ବିଜ୍ଞାନ ଉପନ୍ୟାସ ଜନ୍ମଲାଭ କଲା ଏବଂ ତାର ଜନକ ହେଲେ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ।

୧୯୨୨ ମସିହାରେ ଗୋକୁଳାନନ୍ଦ ଭଦ୍ରକସ୍ଥିତ କୁଆଁସରେ ଜନ୍ମଗ୍ରହଣ କରିଥିଲେ ଏବଂ ଭଦ୍ରକ ହାଇସ୍କୁଲରୁ କୃତୀତ୍ୱର ସହିତ ମ୍ୟାଟ୍ରିକ ପାଶ୍ କରିଥିଲେ । ସେତେବେଳେ ଭଦ୍ରକ ହାଇସ୍କୁଲ ଓଡିଶାର ଏକ ଆଲୋକବର୍ତ୍ତିକା ଭାବରେ ଖ୍ୟାତ ଥିଲା । ଡକ୍ଟର ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟ, ନିତ୍ୟାନନ୍ଦ ମହାପାତ୍ର, ଡକ୍ଟର ମହେନ୍ଦ୍ର କୁମାର ରାଉତ, ବିଧୂଭୂଷଣ ଦାସ, କିଶୋରୀ ଚରଣ ଦାସ ଏବଂ ଶତ୍ରୁଘ୍ନ ନାଥ- ଏମିତି ଅନେକ ବିଶିଷ୍ଟ ବ୍ୟକ୍ତି ଥିଲେ ଭଦ୍ରକ ହାଇସ୍କୁଲର ଛାତ୍ର । ଏହି ସ୍କୁଲର ବାତାବରଣ ଗୋକୁଳାନନ୍ଦଙ୍କୁ ଉଚ୍ଚଶିକ୍ଷିତ ହେବାପାଇଁ ପ୍ରଚୋଦିତ କରିଥିଲା । ସେ ରେଭେନ୍ସା କଲେଜରୁ ବିଏସ୍.ସି ଏବଂ କଲିକତାର ପ୍ରେସିଡେନ୍ସି କଲେଜରୁ ଏମ୍.ଏସ୍‌ସି. ପାଶ୍ କରି ୧୯୪୮ ମସିହାରେ ରେଭେନ୍ସା କଲେଜରେ ଅଧ୍ୟାପନା ଆରମ୍ଭ କରିଥିଲେ । ଶିକ୍ଷାଦାନ, ଗବେଷଣା ଓ ଗବେଷଣାର ମାର୍ଗଦର୍ଶନ ସହିତ ବିଜ୍ଞାନ ସାହିତ୍ୟ ରଚନା ପ୍ରତି ଥିଲା ତାଙ୍କର ଅପ୍ରମିତ ଅଙ୍ଗୀକାର । କଲିକତା ସହିତ ବିଭିନ୍ନ ସମୟରେ ଓ ଭିନ୍ନ ଭିନ୍ନ ଅବସରରେ ସଂଯୁକ୍ତ ଗୋକୁଳାନନ୍ଦ ବଙ୍ଗ ବିଜ୍ଞାନ ସାହିତ୍ୟ ସଂସ୍ପର୍ଶରେ ଆସି ନିଜ ମାତୃଭାଷାରେ ବିଜ୍ଞାନ ସାହିତ୍ୟ ରଚନା ନିମନ୍ତେ ପ୍ରେରଣା ପ୍ରାପ୍ତ ହୋଇଥିଲେ । ବଙ୍ଗଦେଶର ବିଶ୍ୱଭାରତୀ ପ୍ରକାଶନ ସଂସ୍ଥା ଜଗଦୀଶ ଚନ୍ଦ୍ର ବୋଷ, ମେଘନାଦ ସାହା, ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଓ ସତ୍ୟେନ୍ଦ୍ର ନାଥ ବୋଷଙ୍କ ଦ୍ୱାରା ଲିଖିତ ବିଜ୍ଞାନ ପୁସ୍ତକଗୁଡିକ ନିୟମିତ ଭାବରେ ପ୍ରକାଶ କରୁଥିଲେ । ସେହି ପୁସ୍ତକ ଗୁଡିକ ଦେଖି ଗୋକୁଳାନନ୍ଦ ଓଡିଆରେ ବିଜ୍ଞାନ ଭିତ୍ତିକ ସାହିତ୍ୟ ରଚନା କରିବାପାଇଁ ସଂକଳ୍ପ କରିଥିଲେ ।

ତେବେ ୧୯୫୨ ମସିହାରେ ପ୍ରଥମେ ବିଜ୍ଞାନଭିତ୍ତିକ ଉପନ୍ୟାସ ରଚିତ ହେଲା ଓଡିଆ ଭାଷାରେ । ଏହାର ଲେଖକ ଥିଲେ ଗୋକୁଳାନନ୍ଦ । ପ୍ରଥମ ଉପନ୍ୟାସଟିର ନାମ 'ପୃଥିବୀ ବାହାରେ ମଣିଷ' ଏବଂ ଏହା ଏକ ମୌଳିକ ବୈଜ୍ଞାନିକ ଉପନ୍ୟାସ ଭାବରେ ସେତେବେଳେ ସାରା ଓଡିଶାରେ ଚହଳ ସୃଷ୍ଟି କରିଥିଲା । ପରେ ପରେ ତାଙ୍କ କଲମରୁ ଜନ୍ମ ନେଇଥିଲେ ଅନେକ ଅନୁପମ ଉପନ୍ୟାସ ଯଥା 'କୃତ୍ରିମ ଉପଗ୍ରହ', 'ସୁନାର ଓଡିଶା', 'ସ୍ପୁଟନିକ୍' 'ଚନ୍ଦ୍ରର ମୃତ୍ୟୁ' ଇତ୍ୟାଦି । ୧୯୫୪ ମସିହାରେ ତାଙ୍କର ପ୍ରଥମ ବୈଜ୍ଞାନିକ ଗଳ୍ପ ସଂଗ୍ରହ 'ଉଡନ୍ତା ଥାଳିଆ' ପ୍ରକାଶ ପାଇଥିଲା । ତତ୍ପରେ 'ଚତୁର୍ଥ ପରିସର', 'ସମୟର ଫାଟ' ଆଦି ଗଳ୍ପଗ୍ରନ୍ଥ ସେ ଓଡିଆ ବିଜ୍ଞାନ ସାହିତ୍ୟକୁ ଉପହାର ଦେଇଥିଲେ । ଅନ୍ତତଃ ପନ୍ଦର ଖଣ୍ଡ ଗଳ୍ପଗ୍ରନ୍ଥ ଓ ଉପନ୍ୟାସ ଗୋକୁଳାନନ୍ଦଙ୍କର ଉତ୍କଳ ବାଣୀଭଣ୍ଡାରକୁ ଅବଦାନ । ଏଠାରେ ଉଲ୍ଲେଖନୀୟ ଯେ ମୌଳିକ ବୈଜ୍ଞାନିକ ଗଳ୍ପ ଓ ଉପନ୍ୟାସ

ରଚନା କ୍ଷେତ୍ରରେ ଓଡ଼ିଆ ଭାଷା ଅନ୍ୟ ଭାରତୀୟ ଭାଷାମାନଙ୍କ ଠାରୁ ଆଗରେ ରହିଛି ବୋଲି କେତେକ ବିଜ୍ଞାନ ଲେଖକଙ୍କ ଦୃଢ଼ମତ।

ଗୋକୁଳାନନ୍ଦ ମହାପାତ୍ରଙ୍କର ଦୁଇଟି ବିଜ୍ଞାନ ସିରିଜ ପ୍ରକାଶିତ ହେବା ଓଡ଼ିଆ ବିଜ୍ଞାନ ସାହିତ୍ୟ କ୍ଷେତ୍ରରେ ଏକ ସ୍ମରଣୀୟ ଘଟଣା । ଏହି ସିରିଜ ଦ୍ୱୟରେ 'ଉଡନ୍ତା ଥାଳିଆ ଓ ଏହାର ରହସ୍ୟ', 'ପ୍ରତିବସ୍ତୁ ଓ ଏହାର ପ୍ରହେଳିକା', 'ଆପେକ୍ଷିକ ତଥ୍ୟ', 'ଚନ୍ଦ୍ରଲୋକରେ ମଣିଷ', 'ଆଧୁନିକ ଚଳଚିତ୍ର', 'ଟେପ୍ ରେକର୍ଡର ଓ ଗ୍ରାମ୍‌ଫୋନ୍', 'ରେଡିଓ ଓ ବେତାର', 'ଆଧୁନିକ ଫଟୋଗ୍ରାଫି', 'ଟେଲିଭିଜନ', 'ପରମାଣୁ', 'ମାରଣାସ୍ତ୍ର', 'ଯନ୍ତ୍ରମଣିଷ' ଓ 'ଦୂରବୀକ୍ଷଣ ଯନ୍ତ୍ର', 'ଅଣୁବିକ୍ଷଣ ଯନ୍ତ୍ର', 'ବିଜ୍ଞାନର ଆଦିପଟ', 'ବିଚିତ୍ର ବିଶ୍ୱ' ଓ 'କାଚର କୁହୁକ' ଆଦି ଅନ୍ତର୍ଭୁକ୍ତ।

ଓଡ଼ିଆ ବୈଜ୍ଞାନିକ ଶିଶୁ ସାହିତ୍ୟକୁ ମଧ୍ୟ ଗୋକୁଳାନନ୍ଦଙ୍କ ଦାନ ନ୍ୟୁନ ନୁହେଁ । ତାଙ୍କ ସହିତ ଅନ୍ୟ ଯେଉଁମାନେ ବୈଜ୍ଞାନିକ ଶିଶୁସାହିତ୍ୟକୁ ପୁଷ୍ଟଳ କରିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଶାନ୍ତନୁ କୁମାର ଆଚାର୍ଯ୍ୟ, ବିନୋଦ କାନୁନ୍‌ଗୋ, ରାଧାନାଥ ରଥ (ମନସ୍ତତ୍ତ୍ୱ ପ୍ରଫେସର) ଓ ଏମିତି ଅନେକ କୃତବିଦ୍ୟ କବି ଓ ଲେଖକ । ବିଜ୍ଞାନ ଭିତ୍ତିକ କାବ୍ୟ କବିତା ମଧ୍ୟ ଓଡ଼ିଆ ଭାଷାରେ ଇତି ନୁହେଁ । ସେ ଦିଗରେ ମଧ୍ୟ ଗୋକୁଳାନନ୍ଦ ପ୍ରାରମ୍ଭିକ କାର୍ଯ୍ୟ କରିଥିଲେ । ବିଜ୍ଞାନ ସାହିତ୍ୟ ବ୍ୟତୀତ ଦୁଇଗୋଟି ଭ୍ରମଣ କାହାଣୀ ଯଥା 'ନୀଳ ଚକ୍ରବାଳର ସେପାରେ' ଓ 'ପାଶ୍ଚାତ୍ୟ ସ୍ମୃତି' ତାଙ୍କ ସାରସ୍ୱତ କୃତୀତ୍ୱର ଅମ୍ଳାନ ସ୍ୱାକ୍ଷର ବହନ କରେ।

ବିଜ୍ଞାନ ହେଉ କି ସାହିତ୍ୟ, କଳା ହେଉ ବା ହେଉ କାରିଗରୀ ପ୍ରବାହମାନତା ଏସବୁର ପ୍ରାଣସ୍ପନ୍ଦନ । ଗତି ନାହିଁ ତ ଅଗ୍ରଗତି କାହିଁ ?ଶତାବ୍ଦୀ ବ୍ୟାପି ଓଡ଼ିଆ ବିଜ୍ଞାନ ସାହିତ୍ୟର ଧାରା ଅଗଣିତ ବିଜ୍ଞାନ ଲେଖକଙ୍କ ଉଦାର ଅବଦାନ ହେତୁ ଉଚ୍ଛଳ ଓ ଉର୍ଜସ୍ୱଳ ହୋଇଛି । ଏହି ଅନନ୍ୟ ଧାରାର ଅନ୍ୟତମ ଆଦି ଉତ୍ସ ଭାବରେ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଯେ ଓଡ଼ିଶାର ସାମୂହିକ ସ୍ମୃତିରେ ଚିର ଆୟୁଷ୍ମାନ ହୋଇ ରହିବେ, ଏଥିରେ ସନ୍ଦେହ ନାହିଁ।

ଉଦୟରାଗ
୨୦୩, ଖୁସି ଉପହାର ଆପାର୍ଟମେଣ୍ଟ
ବି.ଜେ.ବି ନଗର, ଭୁବନେଶ୍ୱର-୭୫୧୦୧୪
ଫୋନ୍- ୯୪୩୭୧୪୩୮୯୬




1st Anniversary of Late Prof. Dr. Gokulananda Mahapatra

# ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ର - ଏକ ଅନନ୍ୟ ଅଦ୍ୱିତୀୟ ବ୍ୟକ୍ତିତ୍ୱ



## ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ

ମୁଁ ସାର୍‌ଙ୍କ ପ୍ରତ୍ୟକ୍ଷ ଛାତ୍ର ନ ଥିଲି । ମୋର କଲେଜ ପାଠ କଲିକତା ଓ ମାନ୍ଦ୍ରାଜରେ । କିନ୍ତୁ ସ୍କୁଲରେ ପଢୁଥିବାବେଳେ ସାର୍‌ଙ୍କର 'ଉଡ଼ନ୍ତା ଥାଳିଆ' ଓ 'ପୃଥିବୀ ବାହାରେ ମଣିଷ' ଓ ପରବର୍ତ୍ତୀ ସମୟରେ ତାଙ୍କର କେତୋଟି ପୁସ୍ତକ ପଢ଼ିଥିଲି । ତାଙ୍କ ଲେଖାର ଶୈଳୀ ମୋତେ ମୁଗ୍ଧ କରିଥିଲା । ତାଙ୍କୁ ଦେଖିବାର ସୁଯୋଗ ପାଇ ନଥିଲି ।

୧୯୭୦ ମସିହାରେ ସୁବାସିନୀ ସହିତ ମୋର ବିବାହ ହେଲାପରେ ତାଙ୍କଠାରୁ ସାର୍‌ଙ୍କ ବିଷୟରେ ଅବଗତ ହେଲି ।

ସୁବାସିନୀ ବହୁ ଆଗରୁ ବିଜ୍ଞାନ ପ୍ରଚାର ସମିତିର ଆଜୀବନ ସଭ୍ୟା ଥିବାରୁ ସମିତିର କେତେକ ବିଶେଷ କାର୍ଯ୍ୟକ୍ରମରେ ମୁଁ ତାଙ୍କ ସହିତ ଯୋଗଦେଇ ସାର୍‌ଙ୍କୁ ପ୍ରତ୍ୟକ୍ଷଭାବେ ଦେଖିଥିଲି ଓ ତାଙ୍କ ଭାଷଣ ଶୁଣିଥିଲି ।

ବିଜ୍ଞାନ ପ୍ରଚାର ସମିତିର କାର୍ଯ୍ୟକ୍ରମରେ ଆକୃଷ୍ଟ ହୋଇ ସମିତିର ଆଜୀବନ ସଭ୍ୟ ହେଲି ଓ ବିଦ୍ୟାଳୟ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ଜାତୀୟ ବିଜ୍ଞାନ ଦିବସ, ପ୍ରତିଷ୍ଠା ଦିବସ, ବଣଭୋଜି ଓ ବାର୍ଷିକ ଉତ୍ସବରେ ସକ୍ରିୟ ଭାଗ ନେଲି ।

ସାର୍‌ଙ୍କ ପରାମର୍ଶ ତଥା ଅନ୍ୟାନ୍ୟ ବରିଷ୍ଠ ସଭ୍ୟ-ସଭ୍ୟାମାନଙ୍କ ଅନୁମୋଦନକ୍ରମେ ମୋତେ ସମିତିରେ ୨୦୦୭ ଓ ପରେ ପରେ ୨୦୦୮ ମସିହାପାଇଁ ସଂପାଦକ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା ।

ଯୁଗ୍ମ ସମ୍ପାଦକ ଡକ୍ଟର ନାରାୟଣ ପାଲ୍ ଓ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟଙ୍କ ସହଯୋଗରେ ଦୁଇବର୍ଷ ସମିତିର ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସଂପାଦନ କଲାପରେ ୨୦୦୮ ମସିହା ଡିସେମ୍ବର ମାସରେ ଅବ୍ୟାହିତ ନେବାକୁ ଚାହିଁଥିଲି । ୨୦୦୯ ମସିହା ଡିସେମ୍ବର ମାସରେ ସମିତିର ହୀରକ ଜୟନ୍ତୀ ପାଳନ ହେବାକୁ ଥିବାରୁ ସାର୍‌ଙ୍କ ପ୍ରସ୍ତାବକ୍ରମେ ମୋତେ ପୁଣି ଆଉ ଗୋଟିଏ ବର୍ଷ (୨୦୦୯) ସଂପାଦକ ପଦ ତୁଲାଇବାକୁ ପଡ଼ିଥିଲା ।

ଭାଗ୍ୟର ବିଡ଼ମ୍ବନା । ଜୁଲାଇ ୧୧, ୨୦୦୯ ମସିହାରେ ସଡ଼କ ଦୁର୍ଘଟଣାରେ ମୋର ବାମ ଗୋଡ଼ ଭାଙ୍ଗିଗଲା ଓ ୬ ମାସରୁ ଉର୍ଦ୍ଧ୍ୱ ମୁଁ ଶଯ୍ୟାଶାୟୀ ହେଲି । ରୋଗ ଶଯ୍ୟାରେ ଥାଇ ମଧ୍ୟ ସମିତିର ସମସ୍ତ କାର୍ଯ୍ୟକ୍ରମ ଯୁଗ୍ମ ସଂପାଦକ ଡକ୍ଟର ପାଲ୍ ଓ ଅନ୍ୟାନ୍ୟ ସଦସ୍ୟମାନଙ୍କ ସହଯୋଗରେ ତୁଲାଇବାକୁ ଚେଷ୍ଟା କରିଥିଲି ।

ସେହି ସମୟର ଗୋଟିଏ ଘଟଣା ମୋତେ ଆଜି ବି ବାରମ୍ବାର ଆନ୍ଦୋଳିତ କରେ । ହଠାତ୍ ସାର୍ ବାଡ଼ି ଧରି ମୁଁ ଶୋଇଥିବା ଦ୍ୱିତୀୟ ମହଲା କୋଠରିରେ ପହଞ୍ଚିଗଲେ । ମୁଁ ଯେତିକି ଆଶ୍ଚର୍ଯ୍ୟ ହେଲି ତା'ଠାରୁ ଅଧିକ ଦୁଃଖିତ ହେଲି ସାର୍‌ଙ୍କୁ ଏପରି କଷ୍ଟ ଦେଇଥିବାରୁ । ମୁଁ ସାର୍‌ଙ୍କ ଛାତ୍ର ନୁହେଁ । କେତେ ଦିନର ବା ପରିଚୟ, କିନ୍ତୁ ସାର୍‌ଙ୍କ ଆତ୍ମୀୟତା ମୋତେ ବିମୁଗ୍ଧ କରିଥିଲା । ତାଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ସର୍ବୋପରି ମଣିଷପଣିଆ ଆଗରେ ମୁଁ ନତମସ୍ତକ ହୋଇଥିଲି ।

ଏହାମଧ୍ୟରେ ତାଙ୍କ ତିରୋଧାନର ୮ଟି ବର୍ଷ ବିତିଗଲାଣି । ଏବେ ତାଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହେଉଅଛି । ଏହି ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାସହ ବିଜ୍ଞାନ ପ୍ରଚାର ସମିତି ଓ ଆମ ପାଇଁ ଆଶୀର୍ବାଦ ଭିକ୍ଷା କରୁଛି । ■■■

ସ୍ୱାତୀ ଭବନ
ଷ୍ଟେସନ ବଜାର, କଲେଜ ସ୍କୋୟାର
କଟକ - ୭୫୩୦୦୩
ଫୋନ: ୯୮୬୧୪୨୨୨୨୨

# ପୂଜ୍ୟଗୁରୁ

## ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ର



**ଡକ୍ଟର ସୁବାସିନୀ ଲେଙ୍କା**

ଜୀବନ ଦୌଡ଼ରେ ୯୧ ବର୍ଷର ଯୁବକ, ଆମ ସମସ୍ତଙ୍କର ସମ୍ମାନନୀୟ, ଛାତ୍ରବତ୍ସଳ ମୋର ପୂଜ୍ୟଗୁରୁ, ତଥା ସହକର୍ମୀ ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ର ଥିଲେ ଲମ୍ୱାରାସ୍ତାର ଯାତ୍ରୀ। ମୃତ୍ୟୁ ତାଙ୍କୁ ଟାଣି ନେଇଥିଲା, ପବିତ୍ର ରଥଯାତ୍ରା ତିଥିରେ। ତାଙ୍କ ଜନ୍ମ ଜୟନ୍ତୀରେ କେବଳ କଟକରେ ନୁହଁ ସାରା ଓଡ଼ିଶାରେ ତାଙ୍କ ମାତୃଭାଷା ପ୍ରେମର ବାସନା ମହକି ଉଠୁଛି। ତାଙ୍କ ସାରସ୍ୱତ କୃତି ଗୁଞ୍ଜରିତ ହେଉଛି। ତାଙ୍କ ଲେଖନୀରୁ ସୃଷ୍ଟ ବୈଜ୍ଞାନିକ ଉପନ୍ୟାସ - 'ପୃଥିବୀ ବାହାରେ ମଣିଷ', 'ଉଡନ୍ତା ଥାଳିଆ', 'କୃତ୍ରିମ ଉପଗ୍ରହ', 'ଚନ୍ଦ୍ରର ମୃତ୍ୟୁ', 'ନିସ୍ତବ୍ଧ ଗୋଧୂଳି', 'ନୋବେଲ ପୁରସ୍କାର ବିଜେତା ରସାୟନ ବିଜ୍ଞାନୀ', ଶିଶୁଗଳ୍ପ - 'ତୁମକୁ ସତ ମୋତେ ମିଛ', 'କିଏ ବେଶି ଭାରି', 'ଛବି କେମିତି କଥା କହେ', ଭ୍ରମଣ କାହାଣୀ - 'ନୀଳଚକ୍ରବାକସେପାରେ', 'ପାଶ୍ଚାତ୍ୟ ସ୍ମୃତି', ଅନୂଦିତ ପୁସ୍ତକ - 'ବିଜ୍ଞାନର ଦୃଶ୍ୟ', ନାଟକ - 'ରାଜନର୍ତ୍ତକୀ' ଇତ୍ୟାଦି ୮୦ ରୁ ଅଧିକ ପୁସ୍ତକର ସ୍ରଷ୍ଟା ଭାବରେ ସେ ଆଜି ଜୀବିତ ହୋଇ ରହିଯାଇଛନ୍ତି ସମସ୍ତଙ୍କ ହୃଦୟରେ।

ଉନ୍ନତମାନର ଗବେଷଣା ଓ ଜନପ୍ରିୟ ବିଜ୍ଞାନ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ସେ ବହୁ ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନ, ଯଥା- କୁପର ସ୍ମୃତି ସ୍ୱର୍ଣ୍ଣ ପଦକ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର, କଳିଙ୍ଗ ସମ୍ମାନ, ସାରଳା ପୁରସ୍କାର, ପ୍ରାଣକୃଷ୍ଣ ପରିଜା ସ୍ମୃତି ସମ୍ମାନ, ଉତ୍କଳ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରାପ୍ତବ୍ୟକ୍ତି ଆଜି ଚାଲି ଯାଇଛନ୍ତି ଅନେକ ଦୂରକୁ। ତାଙ୍କ ଜନ୍ମ ଶତବାର୍ଷିକୀରେ ଆମେ ତାଙ୍କ ଗୁଣଗାନ କରୁଛୁ।

ତାଙ୍କର କେତୋଟି ସ୍ମୃତି ଆଜି ମୋ ହୃଦୟରେ ଉଜ୍ଜୀବିତ। ରେଭେନ୍ସା କଲେଜରେ ନାମ ଲେଖାଇବା ପରେ ପ୍ରଥମ ଅନର୍ସ ପ୍ରାକ୍ଟିକାଲ କ୍ଲାସରେ ମୁଁ ତାଙ୍କ ଅଞ୍ଚଳର ଝିଅ, ତାଙ୍କର ପରିଚିତ ଆମ ଅଞ୍ଚଳର ଜମିଦାର ରାୟବାହାଦୁର ଭୂୟାଁ ଭାସ୍କର ଚନ୍ଦ୍ର ମହାପାତ୍ର ମୋର ଦୂର ସମ୍ପର୍କୀୟ। ସେ ଜାଣିଥିବା ଏକ ନିପଟ ମଫସଲ ଗାଁରୁ ଆସି ମୁଁ ରେଭେନ୍ସା କଲେଜରେ ପଢୁଛି ଏସବୁ ଆଲୋଚନା କଲାବେଳେ ମୁଁ ଅନୁଭବ କରୁଥିଲି ସତେ ଯେମିତି ତାଙ୍କ ଶ୍ରଦ୍ଧା ଓ ଅନୁକମ୍ପା ମୋ ଉପରେ ଅଜାଡ଼ି ହୋଇ ପଡୁଛି। ତାଙ୍କଭଳି ଶାନ୍ତ, ଧୀରସ୍ଥିର, ଅମାୟିକ, ବିଜ୍ଞବ୍ୟକ୍ତିଙ୍କ ପାଖରେ ମୋ ମୁଣ୍ଡ ନଇଁ ଯାଇଥିଲା ସେଦିନ। ସୌଭାଗ୍ୟ କ୍ରମେ ମୁଁ ରେଭେନ୍ସା କଲେଜରେ ଅଧ୍ୟାପିକା ହେଲି। ସେ ମୋର ସହକର୍ମୀ ଓ ବିଭାଗୀୟ ମୁଖ୍ୟ ହେଲେ। ମୁଁ ତାଙ୍କର ଆହୁରି ନିକଟତର ହୋଇଗଲି। ପ୍ରଥମ ପ୍ରାକ୍ଟିକାଲ କ୍ଲାସ ନେବାକୁ ମୋତେ ମିଳିଲା ତାଙ୍କ ସହିତ। ଆମ ଅଞ୍ଚଳ କଥା, ଆମ ଗାଁରେ ଥିବା ତାଙ୍କ ବନ୍ଧୁଘର କଥା ଉପରେ ଅନେକ ଗପସପ ହେଲୁ। ମୁଁ ଅନେକ ମନଖୋଲା କଥା ହୋଇଗଲି ତାଙ୍କ ପାଖରେ। ସେଦିନ ପ୍ରାକ୍ଟିକାଲ କ୍ଲାସର ଟେବୁଲ୍ ଧାରରେ ଆଙ୍ଗୁଳିରେ ବାଜା ବଜାଇ ଗୁଣୁ ଗୁଣୁ ସ୍ୱରରେ ଗୀତ ଗାଇବା ଦେଖି ମୁଁ ଜାଣିଲି ସେ ଜଣେ ସଂଗୀତପ୍ରେମୀ ଓ ଖୁସିବାସିର ମଣିଷ ଏବଂ ଦୁଃଖ ତାଙ୍କୁ ଛୁଇଁନି।

ଅନ୍ୟ ଏକ ସ୍ମୃତି - ମୋ ଆତ୍ମଜୀବନୀ ପୁସ୍ତକ 'ପଥ ଅସରନ୍ତି' ର ମୁଖବନ୍ଧ ଲେଖିବାକୁ ତାଙ୍କୁ ଅନୁରୋଧ କଲି। ତାଙ୍କ ସାମନାରେ ବସିଥାନ୍ତି ତାଙ୍କ ଦୁଇ ଝିଅ। "ବାପା, ସୁବାସିନୀ ଅପାଙ୍କ ବହିର ଭଲ ମୁଖବନ୍ଧ ଲେଖିବେ" ଏହାଥିଲା ଦୁଇ ଝିଅଙ୍କର ଅଳି। ସେଦିନ ତାଙ୍କ ଓଠରୁ ଝରି ପଡ଼ିଥିବା କେତୋଟି ଶବ୍ଦକୁ ମୁଁ ସାଉଁଟି ପକେଇଥିଲି ମୋ ପଣତକାନିରେ। "ଆରେ, ସେ ଆମ ଭଦ୍ରକ ଝିଅ"। ଜଣେ ଗୁଣୀ, ଜ୍ଞାନୀ, ଅମାୟିକ ବ୍ୟକ୍ତିଙ୍କଠାରୁ ଏମିତି ମନଖୋଲା ସ୍ମିତହାସ୍ୟ କଥା ଶୁଣି ମୋ ବହିଲେଖା ସାର୍ଥକ ହୋଇଛି ବୋଲି ମୁଁ ସେଦିନ ଭାବିଥିଲି।

ବିଜ୍ଞାନ ପ୍ରଚାର ସମିତିର ସେ ଥିଲେ ପ୍ରାଣପିଣ୍ଡ। ଜୀବନର ଶେଷନିଶ୍ୱାସ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ବିଜ୍ଞାନକୁ ପ୍ରଚାର ଓ ପ୍ରସାର କରିବାରେ ସେ ଥିଲେ ବ୍ରତୀ। ପ୍ରତି ସଭାରେ ସେ ଉପସ୍ଥିତ ରହି ସବୁ ପ୍ରବନ୍ଧକୁ ମନଦେଇ ଶୁଣୁଥିଲେ ଓ ତାହା ଉପରେ ଚର୍ଚ୍ଚା କରୁଥିଲେ। ତାଙ୍କ ଆଦର୍ଶ ବର୍ତ୍ତମାନ ପିଢ଼ିର ଶିକ୍ଷକ, ଛାତ୍ର ଓ ବିଜ୍ଞାନପ୍ରେମୀମାନଙ୍କୁ ଆଜି ପର୍ଯ୍ୟନ୍ତ ଅନୁପ୍ରାଣିତ କରୁଛି।

ଗୋକୁଳାନନ୍ଦ ସାର୍‌ଙ୍କ ଅବଦାନ ଆଜି ଓଡ଼ିଶାର ପ୍ରତି କୋଣ ଅନୁକୋଣରେ ବିଛୁରିତ। ତାଙ୍କ ର ସୃଷ୍ଟିସମ୍ଭାର ପାଇଁ ସେ ଚିରଜୀବିତ। ଖାଲି ସେତକ ନୁହେଁ, ତାଙ୍କ ମଣିଷ ପଣିଆରେ ସେ ବନ୍ଧା ସମସ୍ତଙ୍କ ପାଖରେ। ଈଶ୍ୱରଙ୍କର ବରଦାନ ପ୍ରାପ୍ତ ସେ। ସେ ଓଡ଼ିଶା ମାଟିକୁ ମୋହାଛନ୍ନ କରି ରଖିଥିଲେ। ଓଡ଼ିଶା ମାଟିରେ ତାଙ୍କର ମର ଶରୀର ମିଶି ଯାଇଥିଲେ ମଧ୍ୟ ଆମପାଇଁ ସେ ପାଲଟି ଯାଇଛନ୍ତି ମହାଦ୍ରୁମ।

ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ମୁଁ ତାଙ୍କ ଆଶୀର୍ବାଦ ଭିକ୍ଷା କରୁଛି। ଏମିତି ଏକ ପୁଣ୍ୟତିଥିରେ ସେହି ମହାନ ପଥିତଯଶା ମହାପୁରୁଷ ଗୁରୁ ଗରୀୟାନଙ୍କୁ ପ୍ରଣତି ଜଣାଇବା ସହ ତାଙ୍କ ଆତ୍ମାର ଅମରତ୍ୱ କାମନା କରୁଛି। ■

'ସ୍ୱାତୀ ଭବନ', ଷ୍ଟେସନ ବଜାର, କଲେଜ ସ୍କୋୟାର, କଟକ - ୭୫୩୦୦୩
ଫୋନ: ୯୮୬୧୪୨୨୨୨୨

# ବିଜ୍ଞାନ ସାହିତ୍ୟର ଅନବଦ୍ୟ ସ୍ରଷ୍ଟା

## ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର



**ଡକ୍ଟର ଭାରତୀ ବେହେରା**

ଓଡ଼ିଆ ଭାଷାକୁ ଭଲ ପାଉଥିବା ଜନପ୍ରିୟ ବିଜ୍ଞାନ ସାହିତ୍ୟର ସ୍ରଷ୍ଟା ରସାୟନ ବିଜ୍ଞାନୀ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର। ସେ ଆଜିକୁ ୧୦୦୦ ବର୍ଷ ତଳେ ଜନ୍ମ ହୋଇଥିଲେ। ୧୯୨୨ ମସିହାରେ ଭଦ୍ରକର କୁଆଁସ ଗ୍ରାମରେ। ଆଜି ସେ ଆମ ଗହଣରେ ନାହାନ୍ତି, କିନ୍ତୁ ତାଙ୍କର ଲେଖନୀ ସୃଷ୍ଟି କରିଥିବା ପ୍ରବନ୍ଧ, ଗଳ୍ପ ଓ କାଳ୍ପନିକ ବିଜ୍ଞାନ କାହାଣୀ ତାଙ୍କୁ ଅମର କରି ରଖିଛି। ବିଜ୍ଞାନ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ସେ ହୋଇଯାଇଛନ୍ତି, ମୃତ୍ୟୁଞ୍ଜୟୀ।

ପ୍ରଫେସର ମହାପାତ୍ର ସାଦାସିଧା ମଣିଷଟିଏ। ନମ୍ର, ବିନୟ ବ୍ୟବହାର, କାହା ସାଙ୍ଗରେ ମତାନ୍ତର ହେବାର କେହି ଦେଖିନାହାନ୍ତି। କାହାରି ପ୍ରତି ବୈରତା ନାହିଁ, ଅହଂଭାବ ତାଙ୍କୁ ସ୍ପର୍ଶ କରିନଥିଲା। ଜନ୍ମ ହୋଇଥିଲେ ଯେପରି ବିଜ୍ଞାନ ସାହିତ୍ୟର ସର୍ଜନା ପାଇଁ। ୧୯୪୬ ମସିହାରେ "ଆଧୁନିକ ବିଜ୍ଞାନକୁ ଆଲ୍‌କାତରାର ସାହାଯ୍ୟ" ଶୀର୍ଷକ ଏକ ପ୍ରବନ୍ଧରୁ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା। ପ୍ରଥମ ପ୍ରେରଣା ସେ ପାଇଥିଲେ ଡକ୍ଟର ମାୟାଧର ମାନସିଂହଙ୍କ ଠାରୁ, କିନ୍ତୁ ତାଙ୍କର ଲେଖକ ମନୋବୃତ୍ତିକୁ ବଞ୍ଚାଇ ରଖିଥିଲେ 'ସହକାର' ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ବାଳକୃଷ୍ଣ କର। ତାଙ୍କର ବହୁ ଜନପ୍ରିୟ ଲେଖା ଆକାଶବାଣୀ କଲିକତାରୁ ପ୍ରସାରିତ ହୋଇଥିଲା। ଏହି ପ୍ରସାରଣ କାର୍ଯ୍ୟକ୍ରମ ବେଶ୍ ଲୋକପ୍ରିୟ ହୋଇଥିଲା।

ସେହି ଦିନରୁ ତାଙ୍କର ଲେଖନୀ ଆଉ ବନ୍ଦ ହୋଇନଥିଲା। ଅଧ୍ୟାପନା ଥିଲା ତାଙ୍କର ପେଶା, କିନ୍ତୁ ବିଜ୍ଞାନ ସାହିତ୍ୟ ରଚନା ଥିଲା ତାଙ୍କର ନିଶା। ୧୯୪୯ ରେ ପ୍ରଫେସର ମହାପାତ୍ରଙ୍କର ପ୍ରଥମ ବହି "ବିଜ୍ଞାନ ବିସ୍ମୟ" ପ୍ରକାଶିତ ହୋଇଥିଲା। ୧୯୫୦ ରେ ବିଜ୍ଞାନର କୃତିତ୍ୱ, ୧୯୫୧ରେ "ପରମାଣୁ ବୋମାର ଆବିଷ୍କାର", ୧୯୫୨ରେ "ପୃଥିବୀ ବାହାରେ ମଣିଷ" ପ୍ରକାଶିତ ହେଲା। "ପୃଥିବୀ ବାହାରେ ମଣିଷ" ରେ କାଳ୍ପନିକ ଚରିତ୍ର ଗୁଡ଼ିକ ଓ ମଙ୍ଗଳ ଗ୍ରହ ଚିତ୍ରର ଉପସ୍ଥାପନା ପାଠକ ମହଲରେ ଚହଳ ସୃଷ୍ଟି କରିଥିଲା। ଏହାପରେ ପରେ ତାଙ୍କ ଲିଖିତ ଉଡ଼ନ୍ତା ଥାଳିଆ, କୃତ୍ରିମ ଉପଗ୍ରହ, ଚନ୍ଦ୍ରର ମୃତ୍ୟୁ, ମୃତ୍ୟୁ ଏକ ମାତୃତ୍ୱର ଏହିପରି ୮୦ ଟି ଉପନ୍ୟାସ ପ୍ରକାଶିତ ହୋଇଥିଲା। ଖାଲି ଯେ ନିଜେ ବିଜ୍ଞାନ ସାହିତ୍ୟ ରଚନା କରି ମହାନ୍ ହେବେ ଏହା ତାଙ୍କର ଉଦ୍ଦେଶ୍ୟ ନଥିଲା, ତାଙ୍କ ପ୍ରେରଣା ଓ ପ୍ରୋତ୍ସାହନରେ ଅନେକ ବିଜ୍ଞାନ ସାହିତ୍ୟ ରଚୟିତା ସୃଷ୍ଟି ହୋଇଛନ୍ତି।

ପ୍ରଫେସର ମହାପାତ୍ର ବିଜ୍ଞାନକୁ ଭଲ ପାଉଥିଲେ, ସେ କହୁଥିଲେ ବିଜ୍ଞାନ ସଂସ୍କାର ଓ କୁସଂସ୍କାର ମଧ୍ୟରେ ପାର୍ଥକ୍ୟ ଜାଣିବାର ସୁଯୋଗ ଦେଇଥାଏ। ବିଜ୍ଞାନର ଦାନ ପାଇଁ ସମଗ୍ର ବିଶ୍ୱବାସୀ ଆଜି ଅସାଧ୍ୟକୁ ସାଧ୍ୟ କରିପାରୁଛନ୍ତି, ଆମେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନ ବିତାଇ ପାରୁଛୁ। ବିଜ୍ଞାନ ହେଉଛି ସତ୍ୟର ସନ୍ଧାନୀ, ଆଧୁନିକ ସମାଜର ଆଲୋକ ବର୍ତ୍ତିକା। ତାଙ୍କ ଜୀବନର ସ୍ୱପ୍ନ ଥିଲା, "ସମାଜରେ ବୈଜ୍ଞାନିକ ଚିନ୍ତା ଚେତନାର ପ୍ରବହମାନ ତରଙ୍ଗ ନୂତନ ବୈଜ୍ଞାନିକ ମାନଙ୍କ ମନରେ ଆଶା, ଆକାଂକ୍ଷା ଓ ସମ୍ଭାବନା ର ଝଡ଼ ସୃଷ୍ଟି କରୁ।" ବିଜ୍ଞାନ ପ୍ରତି ଉତ୍ସର୍ଗୀ କୃତ ନ ହୋଇ ପାରିଲେ ଏଥିରେ ସଫଳତା ପାଇବା କଷ୍ଟକର। ନିଷ୍ଠା, ଅଧ୍ୟବ୍ୟସାୟ, ସାଧୁତା ଓ ନମ୍ରତା ବିଜ୍ଞାନ ବିକାଶର ମୂଳମନ୍ତ୍ର। ଯେଉଁମାନେ ବିଜ୍ଞାନକୁ ନିଜର ବୃତ୍ତି ଭାବରେ ଗ୍ରହଣ କରିଛନ୍ତି, ସେମାନେ ବିଜ୍ଞାନ କୁ ଭଲ ପାଇବା ଦରକାର।

ଓଡ଼ିଶା ମାଟିରେ ଜନ୍ମ ହୋଇ ଓଡ଼ିଆ ଭାଷାରେ ବିଜ୍ଞାନ ଭଳି ପାଠକୁ ପିଲାମାନେ ଆୟତ୍ତ କରନ୍ତୁ ଓ ଆଗକୁ ବଢନ୍ତୁ ଏହା ଲକ୍ଷ୍ୟ ଥିଲା ପ୍ରଫେସର ମହାପାତ୍ରଙ୍କର। ୧୯୪୭ ମସିହାରେ ଆମ ହାଇସ୍କୁଲ ପାଠ୍ୟକ୍ରମରେ ବିଜ୍ଞାନ ସାମିଲ ହେଲା। ସେତେବେଳେ ଓଡ଼ିଆରେ କୌଣସି ବିଜ୍ଞାନ ବହି ନଥିଲା। ତେଣୁ ସେ ଅନ୍ୟ କେତେଜଣ ଅଧ୍ୟାପକଙ୍କୁ ନେଇ ଓଡ଼ିଆଭାଷାରେ ବିଜ୍ଞାନ ପୁସ୍ତକ ପ୍ରକାଶ କରିଥିଲେ। ୧୯୪୯ରେ ରେଭେନ୍‌ସା କଲେଜରୁ ୬ଜଣ ମେଡ଼ିକାଲ କଲେଜରୁ ୩ଜଣ ଏହିପରି ୯ଜଣ ଏକାଠି ହୋଇ ପ୍ରଫେସର ମହାପାତ୍ରଙ୍କ ନେତୃତ୍ୱରେ ଗଠନ କଲେ ବିଜ୍ଞାନ ପ୍ରଚାର ସମିତି। ତାପରେ ବିଭିନ୍ନ ବିଭାଗର ବିଜ୍ଞାନ ପ୍ରେମୀ ଅଧ୍ୟାପକ, ଡ଼ାକ୍ତର ମନସ୍ତତ୍ତ୍ୱବିତ୍, ଶିକ୍ଷକ ଏଥିରେ ସଭ୍ୟ ହେଲେ। ବିଜ୍ଞାନକୁ କିପରି

ଲୋକାଭିମୁଖୀ କରିବେ କୋମଳମତି ପିଲାଙ୍କ ମନରେ ବିଜ୍ଞାନ ପ୍ରତି ଅନୁରକ୍ତି ସୃଷ୍ଟି କରିବା ପାଇଁ ଆରମ୍ଭ ହେଲା ଲୋକପ୍ରିୟ ବିଜ୍ଞାନ ଲେଖା । ପ୍ରଫେସର ମହାପାତ୍ରଙ୍କର ନମନୀୟ ବ୍ୟକ୍ତିତ୍ୱ ଯୋଗୁ ବିଜ୍ଞାନ ପ୍ରଚାର ସମିତି ଦୀର୍ଘଦିନ ଧରି ଆଜି ପର୍ଯ୍ୟନ୍ତ ଜୀବନ୍ତ ହୋଇ ରହିଛି । ନିଜ ବାସଭବନ ପରିସରରେ ଏକ କୋଠରୀ ସେ ବିଜ୍ଞାନ ପ୍ରଚାର ସମିତିର ଅଧିବେଶନ ପାଇଁ ବ୍ୟବସ୍ଥା କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ସେହି କୋଠରୀରେ ସମିତିର ଅଧିବେଶନ ଚାଲୁ ରହିଛି । ସେ କହୁଥିଲେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ବିଦ୍ୟାଳୟରେ ଓଡ଼ିଆରେ ବିଜ୍ଞାନକୁ ବୁଝାଇ ପିଲାଙ୍କୁ ବିଜ୍ଞାନୁରାଗୀ କରାଇବା ଓ କର୍ମଶାଳା ମାଧ୍ୟମରେ ଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ଦେବା ଜରୁରୀ, ତେଣୁ ଏହି ବର୍ଷ ପ୍ରଫେସର ମହାପାତ୍ରଙ୍କର ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ବିଜ୍ଞାନ ପ୍ରଚାର ସମିତି ବିଭିନ୍ନ ସ୍ଥାନରେ ବିଦ୍ୟାଳୟ କାର୍ଯ୍ୟକ୍ରମ କରୁଛି ଓ ପାକ୍ଷିକ ଅଧିବେଶନରେ ବିଜ୍ଞାନ ସମ୍ବନ୍ଧୀୟ ବକ୍ତୃତା ମାଳାର ଆୟୋଜନ କରାଯାଇଛି ।

"ଏ ଯୁଗର ଶ୍ରେଷ୍ଠ ଆବିଷ୍କାର ପୁସ୍ତକ ପାଇଁ ପ୍ରଫେସର ମହାପାତ୍ର ୧୯୮୯ ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । ୨୦୧୧ ମସିହାରେ ଓଡ଼ିଆରେ ବିଜ୍ଞାନକୁ ଲୋକପ୍ରିୟ କରିବା କ୍ଷେତ୍ରରେ ସେ ପାଇଥିଲେ କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ ପ୍ରଦତ୍ତ ମର୍ଯ୍ୟାଦାଜନକ 'କଳିଙ୍ଗ ସମ୍ମାନ' । ମଇମାସ ୨୪ ତାରିଖ ଦିନ ଜନପ୍ରିୟ ବିଜ୍ଞାନ ସାହିତ୍ୟର ପ୍ରବାଦ ପୁରୁଷ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଶୁଭ ଜନ୍ମତିଥି ଅବସରରେ ମୁଁ ତାଙ୍କୁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛି ।" ■■■

ଫୋନ: ୯୪୩୭୧୦୭୯୬୦




1st Anniversary of Late Prof. Dr. Gokulananda Mahapatra

# ଜ୍ଞାନ-ବିଜ୍ଞାନର ରୂପକାର : ଗୋକୁଳାନନ୍ଦ ମହାପାତ୍ର



ଡକ୍ଟର ବିଜୟାନନ୍ଦ ସିଂହ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ବିଭିନ୍ନ ବିଭାଗ ବିଭିନ୍ନ ଦୃଷ୍ଟିକୋଣରୁ ସମୃଦ୍ଧ ହୋଇଛି। ଭାଷା ଓ ସାହିତ୍ୟକୁ ଜ୍ଞାନର ନିକଟବର୍ତ୍ତୀ କରିବାପାଇଁ ଯେଉଁ ଆନ୍ତରିକ ଉଦ୍ୟମ ହୋଇଛି, ତା'ର ପଟାନ୍ତର ନାହିଁ। ଉପନ୍ୟାସ, ଗଳ୍ପ, କାବ୍ୟକବିତା, ଜୀବନୀ ଆତ୍ମଜୀବନୀ ବିଭାଗଗୁଡ଼ିକ ଓଡ଼ିଆ ସାହିତ୍ୟର ବଳିଷ୍ଠ ଦିଗକୁ ଆଲୋକିତ କରୁଛି। ଭାରତୀୟ ସାହିତ୍ୟରେ ସେଥିପାଇଁ ଓଡ଼ିଆ ସାହିତ୍ୟର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ବିଜ୍ଞାନ ସାହିତ୍ୟ। ବିଜ୍ଞାନ ସାହିତ୍ୟ ସମକାଳୀନ ଜ୍ଞାନ - ବିଜ୍ଞାନର ଚର୍ଚ୍ଚା କରିଥାଏ। ବିଜ୍ଞାନ ସାହିତ୍ୟ ମାଧ୍ୟମରେ ଜ୍ଞାନପିପାସୁ ପାଠକମାନେ ବହୁ ତଥ୍ୟ ଓ ଜ୍ଞାନକୌଶଳ ସଂପର୍କରେ ଅବହିତ ହୋଇଥାନ୍ତି। ଇଂରାଜୀ ଭାଷା ବିଜ୍ଞାନକୁ ଯେପରି ଲୋକପ୍ରିୟ କରାଇପାରିଛି; ସେହିପରି ଆଞ୍ଚଳିକ ଭାଷା ମାଧ୍ୟମରେ ବିଜ୍ଞାନର କଥା ଓ ଭାବବସ୍ତୁକୁ ସାର୍ବଜନୀନ କରାଇଛି। ପୃଥିବୀର ରହସ୍ୟ ସଂପର୍କରେ ମନୁଷ୍ୟର ଯେଉଁ କୌତୂହଳ, ଜିଜ୍ଞାସା ରହିଛି, ତାହାକୁ ସାଧାରଣରେ ପହଞ୍ଚାଇବା ପାଇଁ ଆଞ୍ଚଳିକ ଭାଷାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାଦ୍ୱାରା ଭାଷା ସାହିତ୍ୟର ପ୍ରସାର ହେବାସହିତ ଜ୍ଞାନର ବିସ୍ତାର ହୋଇଥାଏ। ଯେଉଁ ସାହିତ୍ୟ ମଣିଷକୁ ବିଜ୍ଞାନ ବିଷୟରେ ବୋଧଗମ୍ୟ ଭାଷାରେ ପ୍ରକାଶ କରିପାରେ, ତାହାକୁ ବିଜ୍ଞାନ ସାହିତ୍ୟ କୁହାଯାଇପାରେ। ବିଜ୍ଞାନ ସାହିତ୍ୟ ଜ୍ଞାନର ସଂପ୍ରସାରଣ କରିବା ସହ ପାଠକକୁ ଅପାର ଆନନ୍ଦ ଆଣିଦେଇଥାଏ। ତେଣୁ ବିଜ୍ଞାନ ସାହିତ୍ୟ ଯେ ଭାଷା - ସାହିତ୍ୟର ବିକାଶରେ ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଥାଏ, ତାହା ନିଃସନ୍ଦେହରେ କୁହାଯାଇପାରେ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଯେଉଁ କେତେଜଣ ଲେଖକ ଓଡ଼ିଆ ବିଜ୍ଞାନ ସାହିତ୍ୟକୁ ବିକଶିତ କରାଇବାରେ ପ୍ରମୁଖ ଭୂମିକା ସଂପାଦନ କରିଛନ୍ତି, ସେମାନଙ୍କ ମଧ୍ୟରେ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଅନ୍ୟତମ। ପ୍ରଫେସର ମହାପାତ୍ରଙ୍କ ପାଇଁ ଓଡ଼ିଆ ବିଜ୍ଞାନ ସାହିତ୍ୟ ଏକ ସମୁଜ୍ଜ୍ୱଳ ପରମ୍ପରା ସୃଷ୍ଟି କରିବାରେ ସମର୍ଥ ହୋଇଛି। ସେ ଥିଲେ ମେଧାବୀ ଛାତ୍ର। ସେ କଲିକତାରେ ଛାତ୍ର ଭାବରେ ଥିବା ଦିନଠାରୁ ବିଜ୍ଞାନ ସାହିତ୍ୟକୁ ଓଡ଼ିଆ ଭାଷାରେ ରୂପାୟିତ କରିବାପାଇଁ ସଂକଳ୍ପ ନେଇଛନ୍ତି। କଲିକତାରେ ଅଧ୍ୟୟନ କଲାବେଳେ ସେ ଆଧୁନିକତା ଓ ସଭ୍ୟତାର ବିକଶିତ ଭାବକୁ ଉପଲବ୍ଧି କରିଥିଲେ। 'ପରମାଣୁ ବୋମା' (୧୯୪୫) ଲେଖାଟିକୁ 'ଶଙ୍ଖ' ପତ୍ରିକାକୁ ସେ ପ୍ରେରଣ କରନ୍ତି। ଏହି ରଚନାଟି ପ୍ରଥମ ଆଧୁନିକ ଓଡ଼ିଆ ଭାଷାରେ ରଚିତ ବିଜ୍ଞାନ ସଂପର୍କିତ ଆଲୋଚନା, 'ଆଧୁନିକ ବିଜ୍ଞାନକୁ ଆଲକାତରାର ସାହାଯ୍ୟ' ଲେଖାଟି ତାଙ୍କର ପ୍ରକାଶିତ ହେଲାପରେ ପାଠକୀୟ ଦୃଷ୍ଟି ଆକର୍ଷଣ କରିଥିଲେ ସେ। ବାସ୍ତବରେ ସେ ଥିଲେ ଜଣେ ଦୂରଦୃଷ୍ଟିସଂପନ୍ନ ବିଜ୍ଞାନ ସାହିତ୍ୟର ଲେଖକ। ସାଧାରଣ ଲୋକମାନଙ୍କର ବିଜ୍ଞାନ ସାହିତ୍ୟର ଲେଖକ। ସାଧାରଣ ଲୋକମାନଙ୍କର ବିଜ୍ଞାନ ସଂପର୍କିତ ରହସ୍ୟବୋଧକୁ ଉନ୍ମୋଚନ କରିବାପାଇଁ ସେ ବିଭିନ୍ନ ଭାବରେ ଉଦ୍ୟମ କରିଯାଇଛନ୍ତି। ସେହି ସମୟରେ ସେ ଆକାଶବାଣୀ କଲିକତାରୁ ଓଡ଼ିଆ ଭାଷାରେ ବିଜ୍ଞାନ ସଂପର୍କିତ ବିଭିନ୍ନ ଆଲୋଚନା ଓ ସୂଚନା ପରିବେଷଣ କରୁଥିଲେ। ଏହି କାର୍ଯ୍ୟକ୍ରମଟି ସେତେବେଳେ ତାଙ୍କୁ ଯଥେଷ୍ଟ ଲୋକପ୍ରିୟତା ଆଣିଦେଇଥିଲା। 'ବିଜ୍ଞାନ ବିସ୍ମୟ' ବିଜ୍ଞାନ ସାହିତ୍ୟ ଭିତ୍ତିକ ପୁସ୍ତକ ୧୯୪୯ ମସିହାରେ ପ୍ରକାଶିତ ହେଲାପରେ ଗୋକୁଳାନନ୍ଦଙ୍କର ମହନୀୟ ପ୍ରତିଭାର ସୂଚନା ମିଳିଥିଲା। ଏଥିରେ ଅଛି ୪୮ଟି ପ୍ରବନ୍ଧ। ଏହି ପ୍ରବନ୍ଧଗୁଡ଼ିକ ତାତ୍କାଳିକ ବିଷୟ ସଂପର୍କିତ। ଅର୍ଥାତ୍, ଦୂରବୀକ୍ଷଣ ଯନ୍ତ୍ର, ପେନ୍‌ସିଲିନ୍, ଡିଡିଟି, ପାଲୁଡ୍ରିନ୍, ମହାଜାଗତିକ ରଶ୍ମି, କୃତ୍ରିମ ହୀରା ପ୍ରଭୃତି ବିଷୟରେ ଅତି ସାଧାରଣ ଓ ସରଳ ଭାଷାରେ ତାହା ପ୍ରକାଶିତ ହୋଇଥିଲା। ସେହିପରି 'ବିଜ୍ଞାନର କୃତିତ୍ୱ' (୧୯୫୦), 'ପରମାଣୁ ବୋମାର ଆବିଷ୍କାର' (୧୯୫୪) ପାଠକମାନଙ୍କୁ ବିଶେଷ ଆକର୍ଷିତ କରିଥିଲା। ସତେଯେପରି ଏକ ପ୍ରଭାବଶାଳୀ ବର୍ଣ୍ଣନା କୌଶଳର ସୂତ୍ରଧର ଥିଲେ ଗୋକୁଳାନନ୍ଦ ମହାପାତ୍ର। ସାଧାରଣ ଲୋକଙ୍କ ଆକାଂକ୍ଷା ଓ ଆଗ୍ରହକୁ ଦୃଷ୍ଟିରେ ରଖି ବିଜ୍ଞାନର

ଗୂଢ଼ ତତ୍ତ୍ୱକୁ ଯେପରି ସେ ସହଜ-ସରଳକରି ରଚନା କରିପାରୁଥିଲେ, ତାହା ଅବର୍ଣ୍ଣନୀୟ। ସେ ଯଥାର୍ଥରେ ଥିଲେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଅନନ୍ୟ ଲେଖକ। 'ସୁନାର ଓଡ଼ିଶା', 'ଚନ୍ଦ୍ରର ମୃତ୍ୟୁ', 'ନିଶ୍ଚଳ ପୃଥିବୀ', 'କୃତ୍ରିମ ଉପଗ୍ରହ', 'ଉଡନ୍ତା ଥାଳିଆ' ପ୍ରଭୃତି ପୁସ୍ତକକୁ ପାଠକ ଥରେ ପଢ଼ିବାକୁ ଆରମ୍ଭ କଲେ, ତାହା ଶେଷ ନହେବା ପର୍ଯ୍ୟନ୍ତ ସ୍ଥିର ହୋଇପାରିବ ନାହିଁ। ନାମକରଣରେ ଯେପରି ତାଙ୍କର ଚମତ୍କାରିତା ରହିଛି, ସେହିପରି ଭାଷାରେ ମଧ୍ୟ ରହିଛି ଏକ ଯାଦୁକରୀ ଶକ୍ତି। ସେ ବିଜ୍ଞାନକୁ ଯେପରି ନିଜ ଅନ୍ତର ଭିତରେ ନିମଜ୍ଜିତ କରିଦେଇଥିଲେ। ସେଥିପାଇଁ ତାଙ୍କର ଅନ୍ତର ଭିତରୁ ସ୍ୱତଃ ବିଜ୍ଞାନର ପରିଭାଷା ସ୍ପଷ୍ଟ ଓ ଛଳଛଳ ଭାବଧାରାରେ ବ୍ୟକ୍ତ ହେଉଥିଲା। ସେ ମଧ୍ୟ ଓଡ଼ିଆ ଭାଷାରେ ପ୍ରଥମ ବୈଜ୍ଞାନିକ ଉପନ୍ୟାସର ସ୍ରଷ୍ଟା। 'ପୃଥିବୀ ବାହାରେ ମଣିଷ' ହେଉଛି ଏହି ସଫଳ ଉପନ୍ୟାସର ସଂକେତ। ଯେଉଁଠିକି ସେ ଯାଇଛନ୍ତି, ସେଠାରେ ସେ ବିଜ୍ଞାନକୁ ଖୋଜିଛନ୍ତି। ସୁଦୁର ଆମେରିକାର ଅନୁଭବକୁ ସାଉଁଟିଲା ବେଳେ ସେ ବିଜ୍ଞାନକୁ ଗୁରୁତ୍ୱ ଦେଇଛନ୍ତି। 'ନୀଳ ଚକ୍ରବାଳ ସେପାରେ' ଓ 'ପାଶ୍ଚାତ୍ୟ ସ୍ମୃତି' ତାଙ୍କର ଦୁଇଟି ଆମେରିକା ସଂପର୍କିତ ସଫଳ ଭ୍ରମଣ କାହାଣୀ। ଏଥିରେ ସେ ବିଜ୍ଞାନର ଭାବକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି।

ଶିଶୁମାନଙ୍କ ପାଇଁ ମଧ୍ୟ ଚିନ୍ତା କରିଛନ୍ତି ଗୋକୁଳାନନ୍ଦ ମହାପାତ୍ର। ଶିଶୁମାନଙ୍କର ମନସ୍ତତ୍ୱ ଜାଣିବାର ଶକ୍ତି ଯେ ଅପରିସୀମ, ତାହାକୁ ସେ କଳନା କରିଛନ୍ତି। ସେଥିପାଇଁ ସେ ପିଲାମାନଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି ବିଭିନ୍ନ ବିଜ୍ଞାନ କାହାଣୀ। 'ଚିନି କିପରି ହୁଏ', 'ଛବି କେମିତି କଥା କୁହେ', 'କିଏ ବେଶୀ ଭାରୀ' ପ୍ରଭୃତି ରଚନା ପ୍ରଫେସର ମହାପାତ୍ରଙ୍କ ପ୍ରତିଭାର ଏକ ଭିନ୍ନଦିଗ ପ୍ରଦର୍ଶନ କରେ। 'ବିଜ୍ଞାନଲୋକ' ପତ୍ରିକାର ଜନ୍ମଲଗ୍ନରୁ ସେ ସଂପୃକ୍ତ ହେବା ସହ ତା'ର ସଂପାଦନା ମଧ୍ୟ କରିଛନ୍ତି।

ଗୋକୁଳାନନ୍ଦ ମହାପାତ୍ରଙ୍କ ବିଜ୍ଞାନ-ସାହିତ୍ୟ ପ୍ରସାର ଉଦ୍ୟମ ଅତୁଳନୀୟ। ବିଜ୍ଞାନ ସାହିତ୍ୟର ବିକାଶ ଥିଲା ତାଙ୍କ ଜୀବନର ସ୍ୱପ୍ନ ଓ ସଂକଳ୍ପ। 'ବୈଜ୍ଞାନିକ ଜ୍ଞାନକୋଷ' ତାଙ୍କର ଓଡ଼ିଆ ଭାଷାକୁ ଏକ ଅନବଦ୍ୟ ଅବଦାନ। ଓଡ଼ିଆରେ ବୈଜ୍ଞାନିକ ପରିଭାଷା ପ୍ରସ୍ତୁତିର ସେ ଆଦିକର୍ତ୍ତା। ବିଜ୍ଞାନର ଜ୍ଞାନକୋଷ ପ୍ରଣୟନରେ ତାଙ୍କର ବିଚାରବୁଦ୍ଧି ଯେ ଉନ୍ନତ ଓ ସମ୍ମାନିତ, ତାହା ଏହି ରଚନାରୁ ପ୍ରମାଣିତ ହୁଏ। ଚିତ୍ର ଓ ଫଟୋ ସହିତ ଅକ୍ଷରାନୁକ୍ରମରେ ବିଷୟଗୁଡ଼ିକ ସ୍ଥାନିତ। 'ବୈଜ୍ଞାନିକ ଶବ୍ଦକୋଷ' ଗୋକୁଳାନନ୍ଦ ମହାପାତ୍ରଙ୍କ ସାର୍ଥକ ପ୍ରଚେଷ୍ଟାର ଅନନ୍ୟ ଫଳଶ୍ରୁତି। ଏହିସବୁ ଅବଦାନ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କୁ ଓଡ଼ିଆ ଜାତୀୟ ଜୀବନରେ ଚିରସ୍ମରଣୀୟ କରିଛି।

## ॥ ଦୁଇ ॥

ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ସହିତ ମିଶିବାର ସୌଭାଗ୍ୟ ମୋତେ ମିଳିଛି। ମୁଁ ଏମ୍.ଏ ଶ୍ରେଣୀରେ ଛାତ୍ର ଥିଲାବେଳେ 'ନିସ୍ତବ୍ଧ ଗୋଧୂଳି', 'ଉଡ଼ନ୍ତା ଥାଳିଆ', 'ମଧ୍ୟାହ୍ନର ଅନ୍ଧକାର' ପ୍ରଭୃତି ବହିଗୁଡ଼ିକ ପଢି ବିସ୍ମିତ ହୋଇଥିଲି। ଏହି ରଚନାଗୁଡ଼ିକ ମୋତେ ବିଶେଷଭାବରେ ପ୍ରଭାବିତ କରିଥିଲା। ଏହାପରେ ବିଭିନ୍ନ ପତ୍ରପତ୍ରିକାରୁ ପ୍ରଫେସର ମହାପାତ୍ରଙ୍କ ଲେଖା ଖୋଜିକରି ପଢୁଥିଲି। ଗୋକୁଳାନନ୍ଦଙ୍କ ଲେଖାସବୁ ପଢିଲାପରେ ମୁଁ ଆନନ୍ଦିତ ହେବା ସହ ବିଜ୍ଞାନର ବିଶେଷ ଦିଗଗୁଡ଼ିକୁ ଜାଣିପାରୁଥିଲି। ଘଟଣାକ୍ରମେ ମାସିକ ସାହିତ୍ୟ ପତ୍ରିକା 'ଡଗର'ର ସହ ସଂପାଦକ ଓ ପରେ ଯୁଗ୍ମ ସଂପାଦକ ହେଲାପରେ ପ୍ରଫେସର ମହାପାତ୍ରଙ୍କ ସହିତ ମୋର ସଂପର୍କ ବୃଦ୍ଧି ପାଇଥିଲା। ଡଗରକୁ ସେ ବିଭିନ୍ନ ସମୟରେ ଆସୁଥିଲେ। ମୁଁ ମଧ୍ୟ ବିଭିନ୍ନ କାର୍ଯ୍ୟରେ ତାଙ୍କ ବାଦାମବାଡ଼ି କଟକସ୍ଥିତ ବାସଭବନକୁ ଯାଉଥିଲି, ତାଙ୍କ ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତାରେ ମୁଁ ସଦା ନତମସ୍ତକ ହେଉଥିଲି ତାଙ୍କ ନିକଟରେ। ସେ କେବଳ ଜ୍ଞାନ - ବିଜ୍ଞାନରେ ଉଚ୍ଚ ଥିଲେ ତାହା ନୁହେ, ବରଂ ସେ ଥିଲେ ସାମାଜିକ ମୂଲ୍ୟବୋଧର ଜଣେ ଉଚ୍ଚଶ୍ରେଣୀର ସ୍ରଷ୍ଟା। ସେ ଆମପରି ତରୁଣମାନଙ୍କୁ ଯେପରି ଉତ୍ସାହିତ କରୁଥିଲେ, ସେହିପରି ସମଧର୍ମୀ ଓ ପ୍ରବୀଣମାନଙ୍କୟ ଆଦର କରୁଥିଲେ। ମୁଁ ଅନୁଭବ କରିଛି, ତାଙ୍କ ଜୀବନର ପଣ ଥିଲା ବିଜ୍ଞାନର ଜୟଯାତ୍ରାକୁ ଲୋକାଭିମୁଖୀ କରାଇବା। ବିଜ୍ଞାନ ସାଧାରଣ ମଣିଷ ନିକଟରେ ପହଞ୍ଚିଲେ, ସମାଜ ସୁସ୍ଥ - ସୁନ୍ଦର ଓ ଶୋଭାମୟ ହୋଇପାରିବ ବୋଲି ସେ ବିଚାର କରୁଥିଲେ ସେ। ସେଥିପାଇଁ ଗୋକୁଳାନନ୍ଦ ମହାପାତ୍ରଙ୍କ ସମଗ୍ର ଜୀବନ ଓଡ଼ିଆ ବିଜ୍ଞାନ-ସାହିତ୍ୟ ପାଇଁ ସମର୍ପିତ ହୋଇଥିଲା। ■■■

ଆବାହକ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ,
ସାହିତ୍ୟ ଏକାଡେମି
ଫୋନ: ୯୪୩୭୫୦୪୨୪୫

# ଓଡ଼ିଆଙ୍କୁ ଉଡ଼ନ୍ତା ଥାଳିଆ ଦେଖାଇଥିବା ପ୍ରବାଦପୁରୁଷ



**ଡକ୍ଟର ପ୍ରମୋଦ କୁମାର ମହାପାତ୍ର**

ବିଂଶ ଶତାବ୍ଦୀର ମଧ୍ୟଭାଗ। ସଦ୍ୟ ଆମ ଦେଶ ସ୍ୱାଧୀନତା ହାସଲ କରିଥାଏ। ଦେଶର ଅନେକ ଅଂଚଳକୁ ରାଜାରାଜୁଡ଼ା ଆସନର ସଂପୂର୍ଣ୍ଣ ଅନ୍ତଃ ହୋଇନଥାଏ। ବିକାଶପଥରେ ଆମେ ଆଗେଇ ନଥାଉ ବୋଲି କୁହାଯାଇପାରେ। ଗ୍ରାମାଞ୍ଚଳ, ଜଙ୍ଗଲରେ ବସବାସ କରୁଥିବା ଅଧିବାସୀ ଶିକ୍ଷାର ମହକ କ'ଣ ଜାଣିନଥାନ୍ତି। ବିଜ୍ଞାନର ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲେ ମଧ୍ୟ ଯୋଗାଯୋଗର ଅଭାବରୁ ପୃଥିବୀର କେଉଁଠି କ'ଣ ଘଟୁଚି, ତାହା ଜାଣିବାରେ ଶିକ୍ଷିତ ବ୍ୟକ୍ତି ତଥା ଛାତ୍ରଛାତ୍ରୀ ସଫଳ ହୋଇପାରିନଥାନ୍ତି। ଭୂତ, ପ୍ରେତ ଡାହାଣି, ଗୁଣିଆଙ୍କର ପ୍ରାଦୁର୍ଭାବ ସମାଜରୁ ହଟାଯିବ, ଲୋକେ କିପରି ପ୍ରକୃତ ସତ୍ୟ ଜାଣିବେ, ବିଜ୍ଞାନ କିପରି ସାଧାରଣ ଜନତାଙ୍କୁ ଛୁଇଁବ- ଏ ସଂପର୍କରେ ସେତେବେଳେ ଗଭୀରଭାବେ ଚିନ୍ତା କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ର। ରସାୟନ ବିଜ୍ଞାନରେ ଗବେଷଣା, ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଥିଲା ତାଙ୍କର ପେସା ହେଲେ ନିଶା ଥିଲା ବିଜ୍ଞାନକୁ ସାଧାରଣଙ୍କ ନିକଟରେ ପହଁଞ୍ଚାଇବାର ସଂକଳ୍ପ। ସେତେବେଳେ ବିଜ୍ଞାନ ଏକ କ୍ଲିଷ୍ଟ ବିଷୟରୂପେ ସାଧାରଣରେ ପରିଗଣିତ ହେଉଥିଲା। ହେଲେ ପ୍ରଫେସର ମହାପାତ୍ର ଏହା ଭିତରେ ଥିବା ସ୍ୱତନ୍ତ୍ର ମହକକୁ, ପ୍ରବାହକୁ ଅନୁଭବ କରି ଏହାର ବାର୍ତ୍ତାକୁ ସାଧାରଣଙ୍କ ନିକଟରେ ପହଁଞ୍ଚାଇବା ପାଇଁ ସତେଯେପରି ସଂକଳ୍ପ ନେଇଥିଲେ। ଏହା ତାଙ୍କର ଜୀବନବ୍ୟାପି କର୍ମ ଓ ସାଧନା ଓ ଲେଖନୀ ଚାଳନାରୁ ସ୍ପଷ୍ଟ ହୋଇଥାଏ। ୧୯୨୨ ମସିହା ମଇମାସ ୨୪ ତାରିଖରେ ପରାଧୀନ ଭାରତବର୍ଷରେ ଜନ୍ମଗ୍ରହଣ କରିଥିବା ଏହି ପ୍ରବାଦପୁରୁଷ କର୍ମକୁ ନିଜର ଧର୍ମଭାବେ ଗ୍ରହଣ କରି ଆମ ରାଜ୍ୟରେ ସାଧାରଣଲୋକଙ୍କୁ ସଚେତନ କରିବାକୁ, ନୂତନ ବ୍ୟବସ୍ଥା ସହିତ ଚଳିବାପାଇଁ ଯେଉଁ ମାର୍ଗ ନିଜର ଲେଖନୀ ମାଧ୍ୟମରେ ଦେଖାଇଲେ; ତାହା ଥିଲା ତାଙ୍କର ସମାଜକୁ, ରାଜ୍ୟବାସୀଙ୍କୁ ଏକ ସ୍ୱତନ୍ତ୍ର ଉପହାର।

୧୯୫୨ ମସିହାରେ ତାଙ୍କର ପ୍ରଥମ ପୁସ୍ତକ 'ପୃଥିବୀ ବାହାରେ ମଣିଷ' ପ୍ରକାଶ ପାଇଁ ବିଜ୍ଞାନ ସାହିତ୍ୟ ଜଗତରେ ଏକ ନୂତନ କୀର୍ତ୍ତିସ୍ତମ୍ଭ ସ୍ଥାପନ କଲା। ଯେତେବେଳେ ଅଧିକାଂଶ ଲୋକ ପୃଥିବୀ ସଂପର୍କରେ ଜ୍ଞାନ ହାସଲ କରି ନଥିଲେ। ଆମେ କେଉଁଠୁ ଆସିଛୁ ଏବଂ କେଉଁଆଡେ ଯିବୁ ଇତ୍ୟାଦି ଜାଣିନଥିଲେ, ସେତେବେଳେ ଏଭଳି ଉପନ୍ୟାସ ଅନେକଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଆଲୋଡନ ସୃଷ୍ଟି କରିପାରିଥିଲା। ୧୯୫୨-୫୩ ମସିହାରେ ସାରା ପୃଥିବୀରେ ଉଡ଼ନ୍ତା ଥାଳିଆ ସଂପର୍କରେ ବିଶେଷଭାବେ ଅନେକ କଥା ପ୍ରଚାରିତ ହୋଇଥିଲା। ଆମେରିକାର ଅନେକ ସ୍ଥାନରେ ତଥା ୧୯୫୫ରେ ଜର୍ମାନୀ ଓ ପରବର୍ତ୍ତୀ କାଳରେ ଇଂଲଣ୍ଡ, ମେକ୍ସିକୋ ଓ ଅନ୍ୟ ଦେଶରେ ଏପ୍ରକାର ଏକ ଆକାଶରେ ଉଡୁଥିବା ଆଲୋକିତ ବୃହତ୍ ଥାଳିଆ ଆକୃତିର ବସ୍ତୁକୁ ନେଇ ସାଧାରଣ ଲୋକ ତଥା ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରେ ନାନା ଆଲୋଚନା ପର୍ଯ୍ୟାଲୋଚନ ଚାଲିଲା। କେତେକ ଏହା ଅନ୍ୟଗ୍ରହରୁ ଆସିଥିବା ଲୋକଙ୍କ ଦ୍ୱାରା ସଂଚାଳିତ ଏକ ଯାନ ହୁଏତ ଏମାନେ ପୃଥିବୀ ଆକ୍ରମଣ କରିପାରନ୍ତି ବୋଲି ଆଶା କରିଥିଲେ। ଏହି ସମୟରେ ଏହି ବିଚିତ୍ର ବସ୍ତୁ ସଂପର୍କରେ ଓଡ଼ିଶାର ଜନତା ତଥା ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ତଥ୍ୟ ଦେବାକୁ ଡକ୍ଟର ମହାପାତ୍ର ଯେଉଁ ଚମତ୍କାର ପୁସ୍ତକ ଲେଖି ଆଲୋଡନ ସୃଷ୍ଟି କରିଥିଲେ, ତାହା ହେଉଛି 'ଉଡନ୍ତା ଥାଳିଆ ଓ ଏହାର ରହସ୍ୟ'। ଏହି ପୁସ୍ତକଟି ପଢ଼ିସାରିବା ପରେ ଉଡ଼ନ୍ତା ଥାଳିଆର ସ୍ଥିତି, ଅବସ୍ଥିତି ତଥା ଏହାକୁ ନେଇ ଲୋକଙ୍କ ମନରେ ଉଠିଥିବା ଆଶା, ଆକାଂକ୍ଷା ସବୁ ଦୂରୀଭୂତ ହୋଇଯାଇଥାଏ। ଏତେ ଚମତ୍କାର ଢଙ୍ଗରେ, ସମସ୍ତ ତଥ୍ୟ ଦେଇ ସେ ଉଡ଼ନ୍ତା ଥାଳିଆ ସଂପର୍କରେ ତଥ୍ୟ ଉପସ୍ଥାପିତ କରିଛନ୍ତି; ଯାହାର ବିକଳ୍ପ ନାହିଁ ବୋଲି କୁହାଯାଇପାରେ। ଏହା ବ୍ୟତୀତ ଅନେକ ବିଜ୍ଞାନ ଉପନ୍ୟାସର ସେ ସ୍ରଷ୍ଟା। 'ଚନ୍ଦ୍ର ମୃତ୍ୟୁ', 'କୃତ୍ରିମ ଉପଗ୍ରହ', 'ଅଜାଙ୍କ ସଜା କଥା' ସର୍ବୋପରି ପରିଣତ ବୟସରେ ଦୁଇଖଣ୍ଡରେ ଲିଖିତ ବୈଜ୍ଞାନିକ ଜ୍ଞାନକୋଷ ରଚନା କରି ଓଡ଼ିଆ ବିଜ୍ଞାନ ସାହିତ୍ୟ

ଭଣ୍ଡାରକୁ ସେ ସମୃଦ୍ଧ କରିଯାଇଛନ୍ତି । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି, ଡକ୍ଟର ମହାପାତ୍ର ବିଭିନ୍ନ ପତ୍ରପତ୍ରିକାରେ ଅନେକ ସାଧାରଣଲୋକ ପଢ଼ି ବୁଝିପାରିବାଭଳି ଭାଷାରେ ଲୋକେ ବ୍ୟବହାର କରୁଥିବା ପଦାର୍ଥଗୁଡିକ ସଂପର୍କରେ ବିସ୍ତୃତ ଲେଖା ଲେଖି ସାଧାରଣ ଲୋକଙ୍କୁ ଜ୍ଞାନସମୃଦ୍ଧ କରିପାରିଥିଲେ । ଏଭଳି ଲେଖାଗୁଡିକ ମଧ୍ୟରେ 'ପେନସିଲିନ', 'ଡି.ଡି.ଟି', 'ଆଧୁନିକ ବିଜ୍ଞାନକୁ ଆଲକାତରାର ସାହାଯ୍ୟ', 'ବେତାର ଚିତ୍ର', 'କୃତ୍ରିମ ଉପାୟରେ ହୀରା' ଭଳି ଅନେକ ଲୋକପ୍ରିୟ ପ୍ରବନ୍ଧ ସୁଖପାଠ୍ୟ ଓ ସାଧାରଣ ଜ୍ଞାନବର୍ଦ୍ଧକ ଭାବେ ପରିଚିତ । ତାଙ୍କର ଲେଖାଶୈଳୀ ଏତେ ଚମତ୍କାର ଯେ ତାଙ୍କଦ୍ୱାରା ଲିଖିତ ଯେକୌଣସି ପୁସ୍ତକଟିଏ ପଢ଼ିବାକୁ ଆରମ୍ଭ କଲେ, ତାହା ନ ସରିବାଯାଏ ପାଠକ ବହିଟିକୁ ଛାଡିପାରେ ନାହିଁ ।

ଡକ୍ଟର ମହାପାତ୍ରଙ୍କ ସହିତ ମୋର ବ୍ୟକ୍ତିଗତ ସଂପର୍କ ରହିଥିଲା । ରେଭେନ୍ସା କଲେଜରେ ମୁଁ ଶିକ୍ଷାଲାଭ କରିବା ବେଳେ ସାର୍ ଯୋଗ ଦେଇଥିବା କେତୋଟି ସେମିନାରରେ ମୁଁ ଶ୍ରୋତାଭାବେ ଥାଇ ତାଙ୍କ ବକ୍ତୃତା ଶୁଣି ଉଲ୍ଲସିତ ହୋଇଥିଲି । ପରବର୍ତ୍ତୀ କାଳରେ ଦୈନିକ ସମ୍ବାଦପତ୍ର 'ସମାଜ'ରେ ସହସଂପାଦକ ଭାବେ ଯୋଗ ଦେବାପରେ ଓ ସାର୍‌ଙ୍କ ପ୍ରେରଣାରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଜ୍ଞାନ ପ୍ରଚାର ସମିତିରେ ଯୋଗଦେବାପରେ ବିଶେଷଭାବେ ଏହି ସଂସ୍ଥାର ସଂପାଦକ ଭାବେ ୧୦ ବର୍ଷରୁ ଉର୍ଦ୍ଧ୍ୱକାଳ କାର୍ଯ୍ୟକରିବା ଭିତରେ ସାର୍, ତାଙ୍କ ପତ୍ନୀ ମାଉସୀଙ୍କ ସହ ମିଶିବାର ସୁଯୋଗ ପାଇଥିଲି । ମୋତେ ମାତୃଭାଷାରେ ବିଜ୍ଞାନ ଲେଖିବାକୁ ପ୍ରେରଣା ଦେଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସାର୍‌ଙ୍କ ଉପଦେଶ ଥିଲା ପ୍ରମୁଖ । ତାଙ୍କରି ନିର୍ଦ୍ଦେଶରେ 'ଓଡ଼ିଶାର ବିଜ୍ଞାନ ଲେଖକ' ପୁସ୍ତକଟି ପ୍ରକାଶ ପାଇଥିଲା । ଏବଂ ତାଙ୍କ ପ୍ରେରଣାରେ ମୁଁ ମାସିକ ବିଜ୍ଞାନ ପତ୍ରିକା 'ବିଜ୍ଞାନ ବାର୍ତ୍ତା' ୨୦୦୪ ମସିହାରେ ଆରମ୍ଭ କରି ଏହାର ସଂପାଦକ ଭାବେ କାର୍ଯ୍ୟକରି ଆସିଛୁ । ସେ ଏହି ପତ୍ରିକାଟିକୁ ବିଜ୍ଞାନ ପ୍ରଚାର ସମିତିର ଏକ ସାଧାରଣ ଅଧିବେଶନରେ ଉନ୍ମୋଚନ କରି ରାଜ୍ୟରେ ବିଜ୍ଞାନ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ତଥା ବିଜ୍ଞାନର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଁଞ୍ଚାଇବା ପାଇଁ ଯେତେ ଅଧିକା ପତ୍ରପତ୍ରିକା ପ୍ରକାଶ ପାଇବ, ତାହା ସ୍ୱାଗତଯୋଗ୍ୟ ବୋଲି କହି ମୋତେ ଅଧିକ ଏ ଦିଗରେ ଆଗେଇ ଯିବାକୁ ପ୍ରେରଣା ଦେଇଥିଲେ । ମାଉସୀଙ୍କ ଅନାବିଳ ସ୍ନେହ ଶ୍ରଦ୍ଧା ମଧ୍ୟ ଭୁଲିବାର ନୁହେଁ । ଆମେ ସାରଙ୍କର ଆଜୀବନ କାର୍ଯ୍ୟକଳାପକୁ ପର୍ଯ୍ୟାଲୋଚନା କରିବା ବେଳେ ମୁକ୍ତକଣ୍ଠରେ କହିପାରିବା ଯେ, ବିଜ୍ଞାନକୁ ଲୋକଙ୍କ ନିକଟରେ ପହଁଞ୍ଚାଇବାରେ ପ୍ରଫେସର ମହାପାତ୍ର ହେଉଛନ୍ତି ଆମ ରାଜ୍ୟରେ ପ୍ରଥମ ଓ ପ୍ରମୁଖ ବ୍ୟକ୍ତି । ତାଙ୍କ ପରି ସରଳ, ନିଷ୍କପଟ, ସାଧାରଣ ବ୍ୟକ୍ତିତ୍ୱ ବିରଳ ! ଆଜି ସାର୍‌ଙ୍କ ଅବର୍ତ୍ତମାନରେ ଆମେ ତାଙ୍କ ଜନ୍ମଶତବାର୍ଷିକୀ ପାଳନ କରି ସେହି ନିଷ୍ଠାପର ଅମଳିନ ବ୍ୟକ୍ତିତ୍ୱଙ୍କ ଗୁଣକୀର୍ତ୍ତନ କରିବା ବେଳେ ସ୍ୱତଃ ମୁହଁରୁ ବାହାରି ଆସୁଛି, ସାର୍‌ଙ୍କ ଭଳି ଯୋଗଜନ୍ମା, ବିଜ୍ଞାନ ପାଇଁ ସମର୍ପିତ ବ୍ୟକ୍ତିତ୍ୱ ଆଜି କାହାଁନ୍ତି ! ବିଜ୍ଞାନମନସ୍କ ବ୍ୟକ୍ତିଙ୍କ ପାଇଁ, ଛାତ୍ର ସମାଜ ପାଇଁ ପ୍ରଫେସର ମହାପାତ୍ର ଚିରଦିନ ଅମର । ତାଙ୍କର କୀର୍ତ୍ତି ଓ କୃତିକୁ ନେଇ ଯେତେ ଆଲୋଚନା କଲେ ମଧ୍ୟ ତାହା ସରିବ ନାହିଁ । ■■■

ପ୍ରାକ୍ତନ ସଂପାଦକ 'ସମାଜ'
ସାମ୍ବାଦିକ କଲୋନୀ, କଟକ - ୭୫୩୦୦୧
ଫୋନ: ୯୮୬୧୨୪୯୨୦୨



# ଜନପ୍ରିୟ ବିଜ୍ଞାନ ସାହିତ୍ୟର ସ୍ରଷ୍ଟା ପରମପୂଜ୍ୟ ଗୁରୁ ଗୋକୁଳାନନ୍ଦ ମହାପାତ୍ରଙ୍କ ସ୍ମୃତିରେ

**ଶ୍ରୀ ମହେନ୍ଦ୍ରକୁମାର କାୟସ୍ଥ**

ଲୋକପ୍ରିୟ ବିଜ୍ଞାନ ସାହିତ୍ୟ ଜଗତର ସମ୍ରାଟ୍, ବିଜ୍ଞାନପ୍ରଚାର ସମିତିର ସ୍ଥାପକ, ଗୁରୁମାନଙ୍କର ଗୁରୁ, ଭୀଷ୍ମ ପିତାମହ ସମ ବ୍ୟକ୍ତି, ବୈଜ୍ଞାନିକ ତଥା ବିଜ୍ଞାନ ପ୍ରଚାର ସମିତି ମେରୁଦଣ୍ଡ ଯଶସ୍ୱୀ ବୈଜ୍ଞାନିକ ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାମାତ୍ରଙ୍କ ଦେହାବସାନ ଆଜକୁ ୯ ବର୍ଷ ତଳର ଘଟଣା ହେଲେ ମଧ୍ୟ ସମସ୍ତ ବିଜ୍ଞାନପ୍ରେମୀ ଜନଗଣଙ୍କୁ ମ୍ରିୟମାଣ କରିରଖିଛି । ସେହି ମହାନ୍ ଓଡ଼ିଶା ବିଜ୍ଞାନାକାଶର ଦୀପ୍ତିମନ୍ତ ଜ୍ୟୋତିଷ୍କ ୨୦୧୩ ମସିହା ଜୁଲାଇ ୧୦ ତାରିଖ ବୁଧବାର ରାତ୍ର ୧୦ଟା ସମୟରେ ଅସ୍ତମିତ ହୋଇଥିଲେ ।

ସେହି ପ୍ରଥିତଯଶା ବ୍ୟକ୍ତିଙ୍କର ଜନ୍ମ ୨୪ ମେ ୧୯୨୨, ଦେହାବସାନ ଜୁଲାଇ ୧୦, ୨୦୧୩ । ଏହି ଦୀର୍ଘ ୯୧ ବର୍ଷ ସମୟ କାଳ ବାଲ୍ୟବସ୍ଥା ଓ ଶିକ୍ଷା ସମୟକୁ ବାଦ୍‌ଦେଲେ ୧୯୪୮ ମସିହାରୁ ଶେଷନିଶ୍ୱାସ ପର୍ଯ୍ୟନ୍ତ ନିଜକୁ ବିଜ୍ଞାନ ସେବାରେ ସେ ନିୟୋଜିତ କରିଥିଲେ । ସେ ସମୟ ସାଥୀରେ ବନ୍ଧୁ ବାନ୍ଧି ନିଜର କାର୍ଯ୍ୟକାଳ, ଅବସର ସମୟତକ କଟାଇ ଦେଇଥିଲେ । ଜୀବନର ପ୍ରତି ମୁହୂର୍ତ୍ତକୁ ବିଜ୍ଞାନ ପ୍ରଚାର ସମିତି କାର୍ଯ୍ୟରେ ବୁଡ଼ିରହି ଲେଖନୀ ଚାଳନାରେ ବିତାଇ ଦେଇଥିଲେ । ତାଙ୍କର ଜୀବନକାଳ ଭିତରେ ଶତାଧିକ ବିଜ୍ଞାନ ପ୍ରବନ୍ଧ, ବିଦ୍ୟାଳୟଠାରୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ୨୦ରୁ ଅଧିକ ପୁସ୍ତକ, ୪୬ରୁ ଅଧିକ ଲୋକପ୍ରିୟ ବିଜ୍ଞାନ ରଚନାବଳୀ, ୧୪ଟି ବୈଜ୍ଞାନିକ ଉପନ୍ୟାସ, ଗଳ୍ପ ପୁସ୍ତକ ଓ ନାଟକ, ଏକାଧିକ ଭ୍ରମଣ କାହାଣୀ, ବୈଜ୍ଞାନିକମାନଙ୍କ ଜୀବନୀ, ୧୨ରୁ ଅଧିକ ଶିଶୁବିଜ୍ଞାନ ପୁସ୍ତକ, ସର୍ବୋପରି ଗୋକୁଳାନନ୍ଦ ଗ୍ରନ୍ଥାବଳୀ ୧ମ, ୨ୟ, ୩ୟ ଓ ଏକାଧିକ ଅନୁବାଦ ପୁସ୍ତକ ରଚନା କରି ବିଜ୍ଞାନର ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି । ଜୀବନର ଅପରାହ୍ନରେ ଦୁଇଟି ବୃହତ୍ ବିଜ୍ଞାନକୋଷ ସୃଷ୍ଟିକରି ଜ୍ଞାନଲିପ୍ସୁମାନଙ୍କୁ ଅମୂଲ୍ୟ ରତ୍ନ ପ୍ରଦାନ କରିଛନ୍ତି । ଜଣେ ବ୍ୟକ୍ତି ଏତେସଂଖ୍ୟକ ପୁସ୍ତକ ରଚନା କରିବା କଳ୍ପନାତୀତ । ତେଣୁ କହିବାକୁ ଗଲେ ବିବିଧ ବିଜ୍ଞାନ ରଚନାରେ ସେ ହେଉଛନ୍ତି ଭଗବାନ୍ ବ୍ୟାସ ସଦୃଶ ।"

ତାଙ୍କର ସମସ୍ତ ରଚନା, ସମାଜସେବା କାର୍ଯ୍ୟାବଳୀପାଇଁ ବହୁ ସମ୍ମାନ ଓ ପୁରସ୍କାର ପାଇବାରେ ଯୋଗ୍ୟତା ହାସଲ କରିଥିଲେ । ରସାୟନ ବିଜ୍ଞାନରେ ଶ୍ରେଷ୍ଠତମ ଗବେଷଣା ସନ୍ଦର୍ଭ ପାଇଁ ସର୍ବଭାରତୀୟ ସ୍ତରରେ 'କୁପର ସ୍ମୃତି ପଦକ' ୧୯୬୧, ଲୋକପ୍ରିୟ ବିଜ୍ଞାନ ସାହିତ୍ୟ ସୃଷ୍ଟିପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ୧୯୬୪, ଓଡ଼ିଶା ସାହିତ୍ୟ ଏକାଡେମୀ ରଜତ ଜୟନ୍ତୀ ଉତ୍ସବରେ ବିଜ୍ଞାନ ସାହିତ୍ୟ ପାଇଁ ୧୯୮୨, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ୧୯୮୮, ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ୧୯୮୮, ଶାରଳା ପୁରସ୍କାର ୧୯୯୪, ଉତ୍କଳ ସାହିତ୍ୟ ସମାଜର ପ୍ରାଣକୃଷ୍ଣ ପରିଜା ସ୍ମୃତି ପୁରସ୍କାର, ରସାୟନ ବିଜ୍ଞାନ ଓ ଲୋକପ୍ରିୟ ବିଜ୍ଞାନ ସାହିତ୍ୟ ପାଇଁ ଓଡ଼ିଶା ସ୍ମୃତି ପୁରସ୍କାର ୧୯୯୬, ଓଡ଼ିଶା ବିଜ୍ଞାନ ଏକାଡ଼େମୀଦ୍ୱାରା ପୁରସ୍କୃତ ୨୦୦୨, ସାମଗ୍ରିକ ଭାବେ ସମସ୍ତ ବିଜ୍ଞାନକୃତି ପାଇଁ ୨୦୧୦ ମସିହାରେ ସମ୍ମାନଜନକ କଳିଙ୍ଗ ପୁରସ୍କାର ଲାଭ କରି ବିଜ୍ଞାନ ପ୍ରଚାର ସମିତିକୁ ଗୌରବ ମଣ୍ଡିତ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇ ଡ. ମହାପାତ୍ରଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ମଧ୍ୟ ପ୍ରଦାନ କରାଯାଇଥିଲା ।

(୨)

ବିଜ୍ଞାନ ଗବେଷଣା, ବିଜ୍ଞାନ ସାହିତ୍ୟ ସୃଷ୍ଟି କରିବାରେ ଯେପରି ମନୋନିବେଶ କରିଥିଲେ, ସେହିପରି ନିଜକୁ ସମାଜ ସେବାରେ ନିୟୋଜିତ ମଧ୍ୟ କରିଥିଲେ ସେ । ସମାଜର ଅବହେଳିତ ଶିଶୁ, ଅସହାୟ ବୃଦ୍ଧ, ଅନାଥ ଶିଶୁମାନଙ୍କର ବିକାଶପାଇଁ 'ଗୋକୁଳାନନ୍ଦ ନିତ୍ୟାନନ୍ଦ ମହାପାତ୍ର ଫାଉଣ୍ଡେସନ୍' ନାମକ ଏକ ସଂସ୍ଥା ଗଠନ କରିବା ସହିତ ସେ ସଂଗଠନର ବହୁଦିନ ଅଧ୍ୟକ୍ଷ ରୂପେ ରହି ଭିନ୍ନକ୍ଷମ ଓ ଅନାଥ ଶିଶୁମାନଙ୍କୁ ଆର୍ଥିକ ସାହାଯ୍ୟ ଇତ୍ୟାଦି ଯୋଗାଇ

ଦେଉଥିଲେ। ଏ.ଘ.ଗ.ର. ସଂସ୍ଥାଦ୍ୱାରା ବାଣୀବିହାର, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ବାବା ସାଗର ଦାସ ବିଦ୍ୟାଳୟରେ ସ୍ୱତନ୍ତ୍ର ଧରଣର ପ୍ରକୋଷ୍ଠ ନିର୍ମାଣ କରି ଛାତ୍ରଛାତ୍ରୀଙ୍କ ସେବାରେ ଉତ୍ସର୍ଗ କରିଯାଇଛନ୍ତି।

ତାଙ୍କ ପିତାଙ୍କ ସ୍ମୃତିରେ ବିଜୟଗୋବିନ୍ଦ ଦାତବ୍ୟ ଟ୍ରଷ୍ଟଦ୍ୱାରା ବିଜ୍ଞାନ ସାହିତ୍ୟରେ ସ୍ମାରକୀ ପୁରସ୍କାର, ବଡଭାଇଙ୍କ ନାମରେ ବିଜ୍ଞାନ ଲେଖକଙ୍କୁ ନିତ୍ୟାନନ୍ଦ ସ୍ମାରକ ପୁରସ୍କାର, ପରମପୂଜ୍ୟା ମା'ଙ୍କ ସ୍ମୃତିରେ ଶିଶୁସାହିତ୍ୟ ପାଇଁ ଫୁଲଦେବୀ ସ୍ମାରକୀ ପୁରସ୍କାର ଏବଂ ସେହି ମହାଶୟଙ୍କ ଆଦ୍ୟ ଜନ୍ମସ୍ଥଳୀ କୁଆଁସ ବିଦ୍ୟାଳୟ ଭଦ୍ରକରେ ଛାତ୍ରଛାତ୍ରୀମାନଙ୍କ ପାଇଁ ପୁରସ୍କାର ଆଦି ଦେବାର ବ୍ୟବସ୍ଥା ମଧ୍ୟ କରିଯାଇଛନ୍ତି।

ସେହି ମହାଶୟଙ୍କ ସବୁଠାରୁ ବଳିଷ୍ଠ ଅଙ୍କୁରଟି ରୋପିତ ହୋଇଥିଲା ୧୯୪୯ ମସିହା ଅଗଷ୍ଟ ୭ ତାରିଖ ଦିନ। ଅନେକ ବୈଜ୍ଞାନିକମାନଙ୍କର ଭ୍ରୂକୁଞ୍ଚନ, ଅଟ୍ଟହାସ୍ୟକୁ ଏଡ଼ାଇ ଗଢ଼ିଥିଲେ ଉତ୍କଳ-ବିଜ୍ଞାନ ପରିଷଦ। ପରବର୍ତ୍ତୀ ସମୟରେ ଏହାର ନାମ ରଖାଯାଇଥିଲା 'ବିଜ୍ଞାନ ପ୍ରଚାର ସମିତି'।

ଏହି ସମିତିର ପ୍ରତିଷ୍ଠା ଅଧିବେଶନରେ ଯେଉଁ ୯ ଜଣ ମହାନ୍ ବ୍ୟକ୍ତି ଥିଲେ, ସେମାନେ ହେଲେ: ଡାକ୍ତର ଗୋପାଳଚନ୍ଦ୍ର ପଟ୍ଟନାୟକ, ଡ. ରାଧାନାଥ ରଥ, ଡ. ସୁକୁମାର ଆଦିତ୍ୟ, ଅଧ୍ୟାପକ କୃଷ୍ଣଚନ୍ଦ୍ର ଦାସ, ଡଃ ଶ୍ୟାମାନନ୍ଦ ପଟ୍ଟନାୟକ, ଡ. ମହେନ୍ଦ୍ର ଚନ୍ଦ୍ର ମିଶ୍ର, ଡ. ରାଇକୃଷ୍ଣ ମହାନ୍ତି, ଡ. ସଦାଶିବ ମିଶ୍ର, ଡ. ଗୋକୁଳାନନ୍ଦ ମହାପାତ୍ର। ଏହି ପ୍ରାଣପ୍ରତିଷ୍ଠାତା ୯ ଜଣ ସଦସ୍ୟ ଆଜି ସମସ୍ତେ ଆରପାରିକୁ ଚାଲିଗଲେଣି। ପ୍ରଫେସର ମହାପାତ୍ରଙ୍କର ବିୟୋଗ ଯୋଗୁଁ ସମିତିର ମେରୁଦଣ୍ଡ ଉପୁଡ଼ିଯାଇଛି, ସେହି ସ୍ଥାନ ଅପୂରଣୀୟ।

ମୁଁ ଏହି ବିଜ୍ଞାନ ପ୍ରଚାର ସମିତି ସହିତ ୧୯୮୬ ମସିହାରୁ ସମ୍ପୃକ୍ତ ହୋଇ ସେହି ମହାନ୍ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବାର ସୌଭାଗ୍ୟ ଅର୍ଜନ କରିଥିଲି। ୧୯୬୬-୬୭ ମସିହାରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନରେ ସମ୍ମାନ ନେଇ ପଢୁଥିବା ସମୟରେ ସାର୍‌ଙ୍କର ଅଧ୍ୟାପନା ଓ ପ୍ରାକ୍ଟିକାଲ୍ କ୍ଲାସ୍‌ରେ ଯୋଗଦେବାର ବହୁ ଅପୂର୍ବ ସୁଯୋଗ ଜୁଟିଛି। ଏହି ସ୍ମୃତି ଆଜି ହୃଦୟର କାନ୍‌ଭାସ୍‌ରେ ସାଇତା ହୋଇ ରହିଛି। ତାଙ୍କର ବିୟୋଗ ମୋର ହୃଦୟତନ୍ତ୍ରୀକୁ ଶତଧା ଆନ୍ଦୋଳିତ କରୁଛି, ଯାହାକି ଭାଷାରେ ପ୍ରକାଶ କରିହେବନାହିଁ।

( ୩ )

ସାର୍‌ଙ୍କ ଅମାୟିକ ଓ ସରଳ ବ୍ୟବହାର, ନମ୍ର ଆଚରଣ, ଛାତ୍ରବତ୍ସଳ ଭାବ ସମସ୍ତଙ୍କୁ ଚୁମ୍ବକଭଳି ଆକର୍ଷଣ କରୁଥିଲା। ତାଙ୍କ ସଂସ୍ପର୍ଶରେ ଆସି କେତେ ଯେ ବୈଜ୍ଞାନିକ ଲେଖକ ସୃଷ୍ଟି ହୋଇଛନ୍ତି, ତାହା ପ୍ରକାଶ କରିହେବ ନାହିଁ।

ସେ ଜଣେ ବୈଜ୍ଞାନିକ ଓ ଉଚ୍ଚକୋଟୀର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ବ୍ୟକ୍ତି ହୋଇ ଜୀବନ ଏକ ରାସାୟନିକ ପ୍ରତିକ୍ରିୟା ବୋଲି କହୁଥିଲେ ମଧ୍ୟ ଧର୍ମବିଶ୍ୱାସରୁ ସେ ଏଡ଼ାଇ ଯାଇନଥିଲେ। ଜୀବନରେ ସମସ୍ତେ ସତ୍‌ମାର୍ଗରେ ଚାଲିଲେ ଜୀବନ ଶୃଙ୍ଖଳିତ ହୋଇଥାଏ। ତାଙ୍କର ଲେଖାପଢ଼ା, ଗବେଷଣା, ସେବା ହେଉଛି ଈଶ୍ୱରଙ୍କ କର୍ମ ଭଳି। ଯାହାକି 'Duty is God'। ସେ କେବେ କେବେ କହୁଥିଲେ; ମୋର ଠାକୁରଙ୍କ ପାଖରେ କିଛି ମାଗୁଣି ନାହିଁ କି ଅଳିଗୁହାରି ନାହିଁ। ଯଦି ଠାକୁର ଥାଆନ୍ତି ଏବଂ ସେ ଯଦି ସବୁ ଜାଣିପାରୁଥାନ୍ତି; ତେବେ ଏତିକି ପ୍ରାର୍ଥନା ଯେ – "ହେ ଠାକୁର ! ମୋତେ ଆଉ ଥରେ ମଣିଷ ଜୀବନ ଦିଅ, ମୁଁ ବିଜ୍ଞାନର ଅଧିକ ସେବାକରି ଲୋକପ୍ରିୟ ବିଜ୍ଞାନ ରଚନା କରିବା ସହ ଦୁଃଖୀ ନିରାଶ୍ରୟ ମଣିଷର ଆଖିରୁ ଲୁହ ପୋଛିବି ଓ ଅସହାୟ ମଣିଷ ଓଠରେ ହସ ଭରିଦେବି। ମଣିଷ ଜନ୍ମଟିଏ ଦିଅ, ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ପୂରଣ କରିବାକୁ ଚେଷ୍ଟା କରିବି।"

ହେ ମହାମାନବ ! ଆପଣଙ୍କର ଏହି ଅନ୍ତିମ ଇଚ୍ଛାକୁ ପୂରଣ କରିବାପାଇଁ ଆମେ ଜଗତରନାଥ ଜଗନ୍ନାଥଙ୍କ ପାଖରେ ଶତକୋଟି ପ୍ରଣାମ ଜଣାଉଛୁ। ସେହି ମହାନ୍ ସାରସ୍ୱତ ସାଧକ ବିଜ୍ଞାନ ସାହିତ୍ୟ ସୃଷ୍ଟି ପାଇଁ ଚିରଦିନ ଅମର ହୋଇରହିବେ।

ତାଙ୍କ ପରି ଜଣେ ଅତିବ ଜ୍ଞାନୀ, ଗୁଣୀ, ସରଳ, ମଣିଷ ପରି ମଣିଷଟିଏ ଚିର ପୂଜ୍ୟ ଓ ସର୍ବ ବନ୍ଦନୀୟ।

ହେ ପୂଜ୍ୟ, ହେ ଚିର ନମସ୍ୟ, ମହାନ୍ ପୁରୁଷ ! ତୁମ ପାଦତଳେ ଭବଦୀୟ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି। ■■■

ପୂର୍ବତନ ପ୍ରଧାନଶିକ୍ଷକ,
କମଳାକାନ୍ତ ବିଦ୍ୟାପୀଠ, କାଳିଆବୁଦା, କଟକ
ପୂର୍ବତନ ଯୁଗ୍ମ ସଂପାଦକ, ବିଜ୍ଞାନ ପ୍ରଚାର ସମିତି, କଟକ
ଦୂରଭାଷ – ୯୪୩୭୪୧୧୧୨୭

# ବିଜ୍ଞାନତପସ୍ୱୀ : ଗୋକୁଳାନନ୍ଦ



ସୁକାନ୍ତ କିଶୋର ମହାନ୍ତି

'ତପସ୍ୱୀ' ଶବ୍ଦର ଆକ୍ଷରିକ ଅର୍ଥ ହେଉଛି, ମୁନି ଓ ସନ୍ୟାସୀ। ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ବୃତ୍ତିଗତ ଜୀବନକୁ ଅବଲୋକନ କଲେ, ସେ ଥିଲେ ଜଣେ ଦକ୍ଷ ବିଜ୍ଞାନ ଅଧ୍ୟାପକ, ରସାୟନବିଦ୍ୟା ଗବେଷକ, ଅନେକ ପି.ଏଚ୍.ଡ଼ି ଛାତ୍ରଙ୍କ ଦିଗ୍‌ଦର୍ଶକ। ସେ ଦେଶ ଓ ବିଦେଶର ଉଚ୍ଚମାନର ପତ୍ର-ପତ୍ରିକାରେ ଗବେଷଣା ନିବନ୍ଧ ପ୍ରକାଶ କରିବାର ଗୌରବ ଅର୍ଜନ କରିଥିଲେ। ଅତଏବ ସେ ଜଣେ ସାର୍ଥକ ବିଜ୍ଞାନତପସ୍ୱୀ। ତତ୍‌ସହିତ ଗୋକୁଳାନନ୍ଦଙ୍କର ଜୀବନଚର୍ଯ୍ୟା ଓ କାର୍ଯ୍ୟଧାରା ଏଯାବତ୍ ତଥା ଜନ୍ମ ଶତବାର୍ଷିକ ପାଳନ ପର୍ଯ୍ୟନ୍ତ ଉଜ୍ଜୀବିତ ରହିଛି ଏବଂ ତାଙ୍କ ଆର୍ବିଭମାନରେ ପରପିଢ଼ିର ଦାୟାଦମାନେ ଯାହା ନିରନ୍ତର ମନେ ପକାଉଥିବେ, ତାହା ହେଉଛି ତାଙ୍କର "ସଫଳ ମଣିଷପଣିଆ"। ଗ୍ରାମୀଣ ଜଗତରେ ରହୁଥିବା ସ୍ୱଳ୍ପ ଶିକ୍ଷିତ, ଅଧାପାଠୁଆ ତଥା ଶିକ୍ଷିତ ବର୍ଗର ସ୍ମୃତିରେ ଗୋକୁଳାନନ୍ଦଙ୍କର ବିଜ୍ଞାନ ବାର୍ତ୍ତା ଶତାବ୍ଦୀ ଶତାବ୍ଦୀ ଧରି ଗୁଞ୍ଜରିତ ହୋଇ ରହିଥିବ। ଅନ୍ୟପ୍ରକାରେ କହିବାକୁ ଗଲେ ଲୋକମାନେ ରସାୟନ ବିଜ୍ଞାନର ପ୍ରଫେସର (ଡକ୍ଟର) ଗୋକୁଳାନନ୍ଦଙ୍କୁ ପାସୋରି ଦେବେ; କିନ୍ତୁ ଜନପ୍ରିୟ ବିଜ୍ଞାନୀ ତଥା ମନଛୁଆଁ ବିଜ୍ଞାନ ଲେଖକ ଗୋକୁଳାନନ୍ଦ ମହାପାତ୍ର ଜନଗଣଙ୍କ ସ୍ମୃତି ସିଲଟରେ ଚକ୍‌ଚକ୍ କରୁଥିବେ ଓ ରହିବେ ଅପାସୋରା। ବିଜ୍ଞାନକୁ ଭଲପାଇବା, ଆଦର କରିବା ତାଙ୍କର କେବେଠୁ ଆରମ୍ଭ ହେଲା ଠିକ୍ ଭାବେ କହିବା କଷ୍ଟକର; କିନ୍ତୁ 'ଶଙ୍ଖ' ପତ୍ରିକାରେ ୧୯୪୬ ଜୁଲାଇ ସଂଖ୍ୟାରେ ପ୍ରକାଶିତ ପ୍ରବନ୍ଧ "ଆଧୁନିକ ବିଜ୍ଞାନକୁ ଆଲୋକ ତାରାର ସାହାଯ୍ୟ" ସମୟରୁ ନିଶ୍ଚିତ। ତପଶ୍ଚାରୀ ଗୋକୁଳାନନ୍ଦ କାହାଦ୍ୱାରା ପ୍ରଭାବିତ ହୋଇଥିଲେ କି ?? ଉତ୍ତର 'ହଁ'ପ୍ରେସିଡ଼େନ୍‌ସି କଲେଜ ଛାତ୍ର ଥିଲାବେଳେ ଗୋକୁଳାନନ୍ଦ "ବିଶ୍ୱଭାରତୀ ଗ୍ରନ୍ଥାଳୟ" ଦ୍ୱାରା ବଙ୍ଗଳାରେ ପ୍ରକାଶିତ ପୁସ୍ତକ ପାଠ କରି ସେ ସମୟରେ ବଙ୍ଗଳା ପ୍ରାନ୍ତୀୟ ଭାଷାରେ ବିଜ୍ଞାନ ପୁସ୍ତକ ଜାତୀୟ ଆର୍ନ୍ତଜାତୀୟ ସ୍ତରର ବୈଜ୍ଞାନିକଗଣ ରଚନା କରୁଥିଲେ। ସରଳ ଭାବେ ବିଜ୍ଞାନ ତତ୍ତ୍ୱ ଓ ତଥ୍ୟକୁ ବଙ୍ଗଳାବାସୀଙ୍କୁ ଅବଗତ କରାଇ ସେମାନଙ୍କୁ ବିଜ୍ଞାନମନସ୍କ କରିବାରେ ସଫଳ ହେବାର କଥା ଛାତ୍ର ଗୋକୁଳାନନ୍ଦ ଉପଲବ୍ଧି କରିଥିଲେ। ଅତଏବ ଛାତ୍ର ଗୁରୁମାନଙ୍କ ପଥ ଅନୁସରଣ କରିବାକୁ ମନସ୍ଥିର କରିଦେଲେ। ଅର୍ଥାତ୍ ତୀକ୍ଷ୍ଣ ବୁଦ୍ଧିକୁ ଚତୁରତାର ସହିତ ଉପଯୋଗ କରି କ୍ଷୁଦ୍ର କ୍ଷୁଦ୍ର ବିଜ୍ଞାନ ପ୍ରବନ୍ଧ ରଚନାରେ ବ୍ରତୀ ହୋଇଯାଇଥିଲେ। ସେ ସମୟର ପ୍ରଖ୍ୟାତ ସାହିତ୍ୟିକ ତଥା 'ଶଙ୍ଖ' ପତ୍ରିକାର ସମ୍ପାଦକ ମାୟାଧର ମାନସିଂହ ଉକ୍ତ ସାରସ୍ୱତ ସାଧନାକୁ ଲୋକଲୋଚନକୁ ଆଣିବାରେ ସଫଳ କରାଇଥିଲେ। ପଶ୍ଚିମ ଓଡ଼ିଶାର ଗଡ଼ଜାତ (ବାମଣ୍ଡା) ରାଜ୍ୟର ରାଜାଙ୍କ ପୃଷ୍ଟପୋଷକତାରେ ପ୍ରକାଶିତ 'ଶଙ୍ଖ' ପତ୍ରିକାରେ ମୋଗଲବନ୍ଦୀ ଉତ୍ତର ଓଡ଼ିଶାର ଲେଖକ ନିଶ୍ଚିତ ଭାବେ ହୋଇଥିବେ ଉତ୍‌ଫୁଲ୍ଲ। ଏହାପରେ ତପସ୍ୱୀଙ୍କ ସାଧନା ପଥର ଗତି ହୋଇଛି ତ୍ୱରାନ୍ୱିତ। ନିୟମିତ ସାଧନା ଜାରିରଖିଛନ୍ତି ଏବଂ ବିଜ୍ଞାନୀ ଆଧାରୀ ଅନେକ ପ୍ରବନ୍ଧର ସ୍ରଷ୍ଟା ସାଜିଛନ୍ତି ଯଥା – "ଆଶ୍ଚର୍ଯ୍ୟ ଦୂରବୀକ୍ଷଣଯନ୍ତ୍ର 'ପେନ୍‌ସିଲିନ୍', 'ଡ଼ି.ଡ଼ି.ଟି', ଓ 'ବେତାର ଯନ୍ତ୍ର, ଓ ' କୃତ୍ରିମ ଉପାୟରେ ହୀରା' ଇତ୍ୟାଦି। ସେ ସମୟରେ ପ୍ରକାଶିତ ଓଡ଼ିଆ ମାସିକ ପତ୍ରିକା ('ସହକାର', 'ବାଣୀ', 'ଚତୁରଙ୍ଗ' ଓ 'ନବଭାରତ') ଗୁଡ଼ିକରେ ତାଙ୍କର ଉଚ୍ଚମାନର ଲେଖା ପୃଷ୍ଠା ମଣ୍ଡନ କଲା ଏବଂ ପାଠକଙ୍କ ଦ୍ୱାରା ଆଦୃତ ଲଭିଲା। ମାତ୍ର ଦୁଇବର୍ଷର ବ୍ୟବଧାନ ମଧ୍ୟରେ ସାରସ୍ୱତ ସାଧନା ଫଳପ୍ରସୂ ହୋଇ ମୁଦ୍ରିତ ପୁସ୍ତକ ଆକାରରେ 'ବିଜ୍ଞାନ ବିସ୍ମୟ' (୧୯୪୮) ହେଲା ପ୍ରକାଶିତ। ଏହାଥିଲା ମାତ୍ର ଆଠଟି ପ୍ରବନ୍ଧର ସମାହାର। ସ୍ୱାଧୀନତା ପ୍ରାପ୍ତ ପରେ ୧୯୫୦ ମସିହାରେ ଦ୍ୱିତୀୟ ବିଜ୍ଞାନ ପୁସ୍ତକ "ବିଜ୍ଞାନ କୃତିତ୍ୱ" ପ୍ରଥମ ଓ ଦ୍ୱିତୀୟ ଭାଗ ରୂପରେ ସେ ଓଡ଼ିଆଙ୍କୁ ଭେଟି ଦେବାର ସୁଯୋଗ ଲଭିଲେ।

ବିଜ୍ଞାନ ସହିତ ସାହିତ୍ୟ ଓତପ୍ରୋତ ଜଡ଼ିତ। ବିଜ୍ଞାନତପସ୍ୱୀ ଗୋକୁଳାନନ୍ଦଙ୍କ ସୃଷ୍ଟି ଏହାର ଜ୍ୱଳନ୍ତ ଉଦାହରଣ। ଏଚ.ଜି.ୱେଲସ, ସାର ଜେମ୍‌ସଜିନ୍ ଯେଉଁଭଳି ଭାବରେ ଆଗାମୀ ଭବିଷ୍ୟତର ବିଜ୍ଞାନକୁ କଳ୍ପନା ଚକ୍ଷୁରେ ଦେଖିବ ତାଙ୍କ ସୃଷ୍ଟିରେ ସ୍ଥାନିତ କରୁଥିଲେ,

ଗୋକୁଳାନନ୍ଦ ସେହିପରି ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିପାରିଛନ୍ତି । ବିଦେଶୀ ଔପନାସିକଙ୍କ ବିଜ୍ଞାନ ଆଧାରୀ ଉପନ୍ୟାସର କଥାବସ୍ତୁର ଉପକ୍ରମ, ଗତି ଓ ପ୍ରବାହ ଏବଂ ଶେଷ ପରିଣାମର ବର୍ଣ୍ଣନା ବିନ୍ୟାସକୁ ଉତ୍ତମ ଭାବେ ଅଧ୍ୟୟନ କରିଛନ୍ତି । ସେ ସବୁକୁ ଆତ୍ମସ୍ଥ କଲାପରେ ତାଙ୍କ ସୃଷ୍ଟିକୁ ସେହି ଭାବ କିନ୍ତୁ ନୂଆ ଢ଼ଙ୍ଗରେ ଅବତାରଣା କରିପାରିଛନ୍ତି । ତତ୍‌ସହିତ ଓଡ଼ିଆ ସାହିତ୍ୟର ବ୍ୟାସକବି ଫକୀର ମୋହନ ସେନାପତିଙ୍କ କଥାଭାଷାକୁ ଅନୁଧ୍ୟାନ କରି ବେଶ୍ ପ୍ରଭାବିତ ହୋଇଛନ୍ତି । ଅତଏବ୍ ତାଙ୍କର ବିଜ୍ଞାନ ଉପନ୍ୟାସ ରଚନାରେ ସ୍ୱପ୍ନ ଓ ସତ୍ୟ, କଳ୍ପନା ଓ ବାସ୍ତବତା ସହିତ ଓଡ଼ିଆଙ୍କ ଗାଉଁଲି ଭାଷାରେ ସମୁଚିତ ସଂଯୋଜକ ବିଜ୍ଞାନତପସ୍ୱୀଙ୍କ ସୃଷ୍ଟିକୁ କରିଛି ସୁଖପାଠ୍ୟ ଓ ପାଠକଙ୍କ ଉପଭୋଗ୍ୟ ।

ତପଶ୍ଚାରୀ ତାର ସାଧନା ଓ ତପସ୍ୟା ମାଧ୍ୟମରେ ସମାଜର ସେବା କରିବା ମଧ୍ୟରେ ଅହେତୁକ ଧନ ଅର୍ଜନ କରିଥାଏ; କିନ୍ତୁ ସେ ଥାଏ ନିର୍ଲିପ୍ତ । ଉକ୍ତ ଅର୍ଜିତ ଧନକୁ ସମାଜର ମଙ୍ଗଳ କାର୍ଯ୍ୟରେ ଉପଯୋଗ କରିଥାଏ । ବିଜ୍ଞାନ ତପସ୍ୱୀ ଗୋକୁଳାନନ୍ଦଙ୍କ ସାରସ୍ୱତ ସାଧନା ଦେଇଛି, ଅଧିକରୁ ଅଧିକ "ରୟାଲଟି" । ଏକଦା ବିଦ୍ୟାଳୟ ସ୍ତରରେ ବିଭିନ୍ନ ଶ୍ରେଣୀର ଗଣିତ ପାଠ୍ୟ ପୁସ୍ତକ (ଗଣିତ ସୋପାନ) ପାଇଁ ମୌଲବୀ ରହେମତ୍ ଅଲ୍ଲି ଓ କରାମତ ଅଲ୍ଲି ସବୁଠାରୁ ଅଧିକ ରୟାଲଟି ପାଉଥିଲେ ବି ଗୋକୁଳାନନ୍ଦ ଥିଲେ ତାଙ୍କର ନିକଟତର ସୁତରାଂ ବିଜ୍ଞାନ ପୁସ୍ତକ ରଚନାରୁ ତାଙ୍କର ଅର୍ଥୋପାର୍ଜନ ଏକଦା ଓଡ଼ିଶାରେ ଶୀର୍ଷକୁ ସ୍ପର୍ଶ କରିଥିଲା । ଏକ ପ୍ରବଚନ ସହିତ ପ୍ରାୟେ ସମସ୍ତେ ପରିଚିତ – "ଯତ୍ନ କଲେ ରତ୍ନ ମିଳେ" ଏକଥାଟି ବିଜ୍ଞାନ ଲେଖକଙ୍କ ପାଇଁ ସମ୍ପୂର୍ଣ୍ଣ ଯଥାର୍ଥ । ବିନା ଯତ୍ନରେ ଉତ୍ତମ ପୁସ୍ତକଟିଏ ଲେଖାଯାଇପାରେନା, ଉତ୍ତମ ଚିତ୍ରଟିଏ ପ୍ରସ୍ତୁତ ହୋଇପାରେନା, ଉତ୍ତମ ସଙ୍ଗୀତଟିଏ ରଚିତ ହୋଇପାରେନା, ଉତ୍ତମ ଅନୁଷ୍ଠାନଟିଏ ଗଢ଼ାଯାଇପାରେନା । ଅନେକ କୃତି କାଳଜୟୀ ହେବାର କାରଣ ହେଉଛି ତାହାକୁ ନିର୍ମାଣ କରିଥିବା ବ୍ୟକ୍ତିଙ୍କର ନିରନ୍ତର ଯତ୍ନ । ପୁନଶ୍ଚ, ଭାଗବତ ବାଣୀ – "ଧନ ଅର୍ଜିଲେ ଧର୍ମ କରି, ଧର୍ମ ପ୍ରାପତ ନରହରି" ଗୁଢ଼ତତ୍ତ୍ୱକୁ ବୁଝି ସେ ନିଜ ପରିବାର ସଦସ୍ୟଙ୍କୁ ଯଥୋଚିତ ଭାବେ ଥଇଥାନ କରିବା ପରେ ବଳକା ଅର୍ଥକୁ ସ୍ୱଇଚ୍ଛାରେ ସାର୍ବଜନିକ କାର୍ଯ୍ୟରେ ପ୍ରଦାନ କରିଛନ୍ତି । ସେହିପରି ନିଜର ପିତା-ମାତା, ଜ୍ୟେଷ୍ଠଭ୍ରାତା ଓ ପତ୍ନୀଙ୍କ ନାମରେ ସ୍ମାରକ ଦାତବ୍ୟ ଟ୍ରଷ୍ଟମାନ ପ୍ରତିଷ୍ଠା କରିବାର ସୁଯୋଗକୁ ହାତଛଡ଼ା କରିନାହାଁନ୍ତି । ନିଜ ଭିଟାମାଟି କୁଆଁସ (ଭଦ୍ରକ) ରେ ଥିବା ନିଜସ୍ୱ ଭୂ-ସମ୍ପତ୍ତିରୁ ଏକ ଅଂଶ ସେଇ ସହରରେ ବାସକରୁଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସଭାଗୃହ ପାଇଁ ଦାନ କରିଛନ୍ତି । ତତ୍‌ସହିତ ବରପୁତ୍ର କବିଶେଖର ଚିନ୍ତାମଣି ମହାନ୍ତି, ପ୍ରଫେସର ଡକ୍ଟର ବଳଭଦ୍ର ପ୍ରସାଦ ଏବଂ ଡକ୍ଟର ମହେନ୍ଦ୍ର କୁମାର ରାଉତଙ୍କ ନାମରେ ସେ ପୁରସ୍କାର ସୃଷ୍ଟି କରିପାରିଛନ୍ତି । ବିଜ୍ଞାନତପସ୍ୱୀ ପୁନଶ୍ଚ ବିଜ୍ଞାନାଗାରର ଉନ୍ନତି ପାଇଁ – ଭଦ୍ରକ ସ୍କୁଲ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଯଥାସାଧ୍ୟ ଅର୍ଥ ଅନୁଦାନ ଦେଇ ସମୁଚିତ ଉନ୍ନତି ପାଇଁ ତତ୍ପର ହୋଇପାରିଛନ୍ତି । ସେହିପରି ତାଙ୍କ କଟକସ୍ଥ ବାସଭବନ 'ଆମ୍ରପଲ୍ଲୀ' ନିକଟସ୍ଥ "ବାବା ସାଗର ଦାସ ବିଦ୍ୟାପୀଠ" ପରିସରରେ ଏକ ସଭାଗୃହ ନିର୍ମାଣ ପାଇଁ ସମସ୍ତ ଅର୍ଥ ବହନ କରିଛନ୍ତି । ଏହା ବହୁମୁଖୀ ଶୈକ୍ଷିକ କାର୍ଯ୍ୟକ୍ରମ ତଥା ଅନେକ ପ୍ରଖ୍ୟାତ ବିଜ୍ଞାନୀଙ୍କ ଶତବାର୍ଷିକ ଉତ୍ସବ ପାଳନ ପାଇଁ ବ୍ୟବହୃତ ହୋଇପାରୁଛି ।

ବସ୍ତୁତଃ ଉପର୍ଯ୍ୟୁକ୍ତ ଆଲୋଚନାରୁ ପ୍ରତୀୟମାନ ହୁଏ ବିଜ୍ଞାନତପସ୍ୱୀ ଗୋକୁଳାନନ୍ଦ ମହାପାତ୍ର ଏକାଧାରାରେ ଜଣେ ସୁଲେଖକ ତଥା ଧନ ଅର୍ଜିଲେ କର୍ମ କରି, ଧର୍ମେ ପ୍ରାପତ ନରହରି" ଆଦର୍ଶକୁ ଜୀବଦଶା ମଧ୍ୟରେ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି । ଅତଏବ ପ୍ରଫେସର (ଡକ୍ଟର) ମହାପାତ୍ର ପ୍ରକୃତରେ ଥିଲେ ବିଜ୍ଞାନର ତପଶ୍ଚାରୀ ସନ୍ୟାସୀ – ଅନ୍ୟକୁ ଦେବାରେ ସେ ଆତ୍ମତୃପ୍ତି ପାଉଥିଲେ । "ଦୀୟତାଂ ଦୀୟତାଂ ନିତ୍ୟମ୍" (ନିଜପ୍ରତି ଦେଇଚାଲ, ଦେଇଚାଲ) । ତେଣୁ ବିଜ୍ଞାନ ତପସ୍ୱୀଙ୍କ ଅବର୍ତ୍ତମାନରେ ତାଙ୍କ ମାର୍ମିକ ଅନ୍ତର୍ବାଣୀ ତଥା ପ୍ରଦର୍ଶିତ ପ୍ରେରଣାର ପଥ ପରିପିଢ଼ି ତଥା ସମସ୍ତଙ୍କୁ ଉଦ୍‌ବୁଦ୍ଧ କରୁ, ଏହା ଆଜିର କାମନା । ■■■

ସେବ-ଜଗନ୍ନାଥ
ପ୍ଲଟ୍ ନଂ - ୭ଡ଼ି/୧୩୪୦, ସେକ୍ଟର - ୯
ମର୍କତ ନଗର, କଟକ-୧୪
ମୋ ନଂ.-୯୪୩୭୪୯୦୫୬୪



# ବିଜ୍ଞାନ ସାହିତ୍ୟ ଜଗତର ଭୀଷ୍ମପିତାମହ ଓ ଜନକ ବରେଣ୍ୟ ପ୍ରଫେସର (ଡ.) ଗୋକୁଳାନନ୍ଦ ମହାପାତ୍ର

**ଡ. ପଦ୍ମନାଭ ବେହେରା**

ଓଡ଼ିଶାର ବିଜ୍ଞାନ ପ୍ରଚାର ସମିତିର ପ୍ରାଣ ପ୍ରତିଷ୍ଠାତା, ଏ ମାଟିର ବରପୁତ୍ର ବିଜ୍ଞାନ ବାଙ୍ମୟ ପ୍ରଫେସର (ଡ.) ଗୋକୁଳାନନ୍ଦ ମହାପାତ୍ର ଆମକୁ ଶୋକ ଶାଗରରେ ଭସାଇଦେଇ ଜୁଲାଇ ୧୦ ତାରିଖ ୨୦୧୩ ଶ୍ରୀଗୁଣ୍ଡିଚ଼ା ଦିନ ଇହଧାମ ପରିତ୍ୟାଗ କରି ପତିତପାବନ ଯାତ୍ରା ଅବସରରେ ସ୍ୱ ଲୋକ ମେଳରୁ ମୁକ୍ତି ନେଇ ବୈକୁଣ୍ଠଧାମ ଯାତ୍ରା କରିଥିଲେ ୯୧ ବର୍ଷ ବୟସରେ। ଏହା ଭିତରେ ସେ ସ୍ୱର୍ଗାରୋହଣ କରିବାର ୯ବର୍ଷ ପୂରଣ ହୋଇଗଲାଣି। ପ୍ରତ୍ୟେକ ବର୍ଷ ବିଜ୍ଞାନ ପ୍ରଚାର ସମିତି ଓ ତାଙ୍କର ସୁ ପ୍ରତିଷ୍ଠିତ ଯୋଗ୍ୟ ସନ୍ତାନ ଦୁଇପୁଅ, ଏକଝିଅ ଶ୍ରାଦ୍ଧ ଦିବସ ପାଳନ କରିଥାନ୍ତି ଓ ବିଭିନ୍ନ କାର୍ଯ୍ୟକ୍ରମ ଓ ଜନହିତକର କାର୍ଯ୍ୟ ମଧ୍ୟ କରିଥାନ୍ତି।

ବର୍ତ୍ତମାନ ସେହି ବିଜ୍ଞାନ ସାହିତ୍ୟ ଜଗତର ଭୀଷ୍ମ ପିତାମହ ଓ ଜନକଙ୍କ ଜନ୍ମଗତ ବାର୍ଷିକ ପାଳନ କରିବାକୁ ସ୍ଥିର କରିଛନ୍ତି ଆସନ୍ତା ୨୪ ତାରିଖ ମେ ମାସ ୨୨ରେ। ସେଦିନ ମଧ୍ୟ G.N.M. Foundation of Ravenswa University (Chemestry Dept.) ଓ ଓଡ଼ିଶା ବିଜ୍ଞାନ ପ୍ରଚାର ସମିତିର ଆନୁକୂଲ୍ୟରେ 'ସ୍ମୃତିରେ ଗୋକୁଳାନନ୍ଦ' ସ୍ମରଣିକା ପ୍ରକାଶ ହେବାକୁ ଯାଉଅଛି। ବର୍ତ୍ତମାନ ମଧ୍ୟ ତାଙ୍କ ସ୍ମୃତିରେ ବିଜ୍ଞାନ ପ୍ରଚାର ସମିତି, କଟକ ପାକ୍ଷିକ ବକ୍ତୃତାମାନ ଆୟୋଜନ କରି ଆସୁଛନ୍ତି ଫେବୃୟାରୀ ୨୦୨୨ ତାରିଖରୁ ବର୍ତ୍ତମାନ ସଭାପତି ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ପ୍ରଥମ ସଭା ସମିତିର ପୂର୍ବତନ ସଭାପତି ଡ. ପ୍ରଭାତ ଚନ୍ଦ୍ର ମିଶ୍ର ଏହାକୁ ୨୭।୨।୨୦୨୨ ରେ ଉଦ୍‌ଘାଟନ କରିଥିଲେ।

ଏହି ବିଜ୍ଞାନ ସମିତି ପ୍ରଥମ କରି ଜନ୍ମଲାଭ କରିଥିଲା ୧୯୪୯ ମସିହା ଅଗଷ୍ଟ ୭ ତାରିଖରେ। ନଅଜଣ ପ୍ରତିଷ୍ଠାତା ସଭ୍ୟଙ୍କୁ ନେଇ ଏହା ଗଠିତ ହୋଇଥିଲା। ସେ ସଭ୍ୟମାନଙ୍କ ନାମ (୧) ଡାକ୍ତର ଗୋପାଳଚନ୍ଦ୍ର ପଟ୍ଟନାୟକ, (୨) ଡ. ସୁକୁମାର ଆଦିତ୍ୟ, (୩) ଡକ୍ଟର ମହେନ୍ଦ୍ର ଚନ୍ଦ୍ର ମିଶ୍ର, (୪) ଡକ୍ଟର ରାଇକୃଷ୍ଣ ମହାନ୍ତି, (୫) ଡକ୍ଟର ଶ୍ୟାମାନନ୍ଦ ପଟ୍ଟନାୟକ, (୬) ଅଧ୍ୟାପକ କୃଷ୍ଣଚରଣ ଦାସ, (୭) ଡକ୍ଟର ରାଧାନାଥ ରଥ, (୯) ଡ. ଗୋକୁଳାନନ୍ଦ ମହାପାତ୍ର। ଏହି ପ୍ରତିଷ୍ଠାତା ସଭ୍ୟ ଆଉ ଇହଜଗତରେ ନାହାନ୍ତି ସତ୍ୟ; କିନ୍ତୁ ତାଙ୍କର ସମସ୍ତଙ୍କ ଫଟୋଚିତ୍ର ସ୍ମରଣାର୍ଥେ ବିଜ୍ଞାନ ପ୍ରଚାର ସମିତିର ସଭାଗୃହରେ ଶୋଭା ପାଉଛି। ଦୋଳମୁଣ୍ଡାଇସ୍ଥ ଡ. ମହାପାତ୍ରଙ୍କ ବାସଭବନ ଆମ୍ରପଲ୍ଲୀ କଟକ ୭୫୩୦୦୯ର ପ୍ରବେଶ ଦ୍ୱାରକୁ ଲାଗି ସେହି ସଭାଗୃହ ସମିତିର କାର୍ଯ୍ୟ, ସଭା ଆବାସପତ୍ର ରଖିବା ପାଇଁ ଏହି ଗୃହର ନାମ ଦେଇଥିଲେ ସେହି ମହାନ ବ୍ୟକ୍ତି, ତାଙ୍କ ଦିବଂଗତ ଅର୍ଦ୍ଧାଙ୍ଗିନୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅର୍ପଣ କରି ନାମ ରଖିଥିଲେ 'କୁମୁଦୁନି ସ୍ମୃତି ଭବନ'। ଯେଉଁଠାରେ କି ଅଦ୍ୟାବଧି ସଭା ହୋଇଆସୁଅଛି। ଏହି ସମିତି ଦ୍ୱାରା ୧୯୬୯ରେ 'ବିଜ୍ଞାନ ପ୍ରଭା' ନାମକ ଏକ ପତ୍ରିକା ପ୍ରକାଶ କରାଯାଇଥିଲା ଓ ପରେ ପରେ ୧୯୭୭ରୁ 'ବିଜ୍ଞାନାଲୋକ' ପ୍ରକାଶ ପାଇଆସୁଅଛି। ଏହାର କାଂସ୍ୟ, ରଜତ, ସ୍ୱର୍ଣ୍ଣ, ହିରକ ଜୟନ୍ତୀ ମାନ ମଧ୍ୟ ପାଳନ କରାଯାଇଅଛି। ୨୦୨୪ ମସିହାରେ ସମିତି, ଅଗଷ୍ଟ ୭ ତାରିଖରେ ଏହାର 'ପ୍ଲାଟିନମ ଜୟନ୍ତୀ' ପାଳନ କରିବା, ତା'ପୂର୍ବରୁ 'ସାର୍' ଚ଼ାଲିଗଲେ; କିନ୍ତୁ ତାଙ୍କର ଅମର ଆତ୍ମାର ସ୍ମୃତି ନିମନ୍ତେ ତାଙ୍କର ଜନ୍ମ ଶତବାର୍ଷିକୀ ୨୦୨୨ ମସିହାରେ ପାଳନ କରାଯାଉଅଛି।

ସାର୍‌ଙ୍କର ଦେବୋତ୍ତମ, ଦେବୋପମ ବ୍ୟକ୍ତିତ୍ୱ, ମଣିଷପଣିଆ, ମାନବିକତା ଓ ସାଧନା ସିଦ୍ଧି ବଳରେ ପ୍ରାୟ ୮୦ ଖଣ୍ଡ ଜନପ୍ରିୟ ବିଜ୍ଞାନ ପୁସ୍ତକ ପ୍ରଣୟନ କରିଛନ୍ତି। ବିଜ୍ଞାନ ପ୍ରଚାର ସମିତି, ଓଡ଼ିଶା କଟକ ପ୍ରକୃତରେ ତାଙ୍କର ଥିଲା 'ମାନସକନ୍ୟା' କହିଲେ ଅତ୍ୟୁକ୍ତି ହେବନାହିଁ।

ଆଜିକାର ବିଜ୍ଞାନ ସମିତି ଏହି ପ୍ରଯୁକ୍ତିବିଦ୍ୟାର ଯୁଗରେ ଓ ସାରଙ୍କ ପ୍ରେରଣାରେ ମଧ୍ୟ ବହୁପୁସ୍ତକ ବିଜ୍ଞାନକୁ ଜନପ୍ରିୟ କରିବାପାଇଁ ସମିତିସଭ୍ୟମାନଙ୍କ ସହଯୋଗରେ 'ସାର' ଥିବାବସ୍ଥାରେ ଭାରତୀୟ

ମହାନ ଓ ବିଖ୍ୟାତ ଦିବସମାନଙ୍କରେ ବିଜ୍ଞାନପ୍ରେମୀ ଜନପ୍ରିୟ ପୁସ୍ତକ, ବିଭିନ୍ନ ପ୍ରତିଷ୍ଠା ଦିବସ ଓ ବାର୍ଷିକୀ ଦିବସମାନଙ୍କରେ ବିଜ୍ଞାନପ୍ରେମୀ ଜନପ୍ରିୟ ପୁସ୍ତକ ଉନ୍‌ମୋଚନ କରାଯାଇଅଛି। ଏହି ୫ଟି ପୁସ୍ତକ ୰ଡ. ବାସୁଦେବ କରଙ୍କ ସଂକଳନରେ ୨୦୧୫ ମସିହା ଭିତରେ ପ୍ରକାଶିତ ହୋଇଥିଲା। ପରେପରେ ୨୦୧୮ରେ 'ଜରାବାଧି', ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଧାରିତ 'ବିଜ୍ଞାନ ଲୋକ' ପ୍ରକାଶିତ ହୋଇପାରିଛି ଡାକ୍ତର ବିଜୟ କୁମାର ପଟ୍ଟନାୟକଙ୍କ ସଂକଳନରେ। ୨୦୨୧ ମସିହାରେ ଡ. ବିଜୟ କୁମାର ପଟ୍ଟନାୟକଙ୍କ ସଂକଳନରେ 'ଭାରତର ମହାନ ଗଣିତଜ୍ଞ' ଉପର ଆଧାରିତ ଏକ ପୁସ୍ତକ ମଧ୍ୟ ଉନମୋଚିତ ହୋଇଛି ବାର୍ଷିକ ଦିବସରେ। ୨୦୨୨ରେ ପ୍ରସ୍ତୁତି ପଥେ 'ପ୍ରଯୁକ୍ତିବିଦ୍ୟାର ଭଲମନ୍ଦ ଗୁଣ' ଯାହାକି ପ୍ରତିଷ୍ଠାଦିବସରେ ଉନମୋଚିତ ହେବ।

ଏହିସବୁ ପୁସ୍ତକ 'ସାର'ଙ୍କ କରକମଳରେ ବିଜ୍ଞାନ ପ୍ରଚାର ସମିତି କଟକର ସଭ୍ୟସଭ୍ୟାଙ୍କ ଶ୍ରଦ୍ଧାଞ୍ଜଳି।

'ସାର୍' ଶତାଧିକ ଜନପ୍ରିୟ ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି। ପ୍ରବନ୍ଧ, ଗଳ୍ପ, ନାଟକ ସବୁ ପ୍ରକାରର ଲେଖାରେ ପାରଙ୍ଗମ ଥିଲେ। ସେ ଥିଲେ ଓଡ଼ିଆଭାଷା ବିଜ୍ଞାନ ସାହିତ୍ୟ, ଜନପ୍ରିୟ ବିଜ୍ଞାନ ଲେଖାର ଜଣେ ତପସ୍ୱୀ, ସାଧକ, ସଂଗଠକ ସାଧନା ସିଦ୍ଧିପ୍ରାପ୍ତି ଉଚ୍ଚ ବିଚାରର ବ୍ୟକ୍ତିତ୍ୱ। ଏକାଧାରାରେ ଥିଲେ ଜଣେ ପ୍ରତିଭାସମ୍ପନ୍ନ ଉଚ୍ଚକୋଟୀର ବୈଜ୍ଞାନିକ ସୁବକ୍ତା, ଲେଖକ ଓ ସମାଜସେବୀ। ଏହା କହିଲେ ଅତ୍ୟୁକ୍ତି ହେବନାହିଁ। ସେ ଥିଲେ ମାନବ ନୁହେଁ, ମହାମାନବ! ତାଙ୍କର ସ୍ନେହ, ଶ୍ରଦ୍ଧା, କାମନା, ପ୍ରେମ ବାତ୍ସଲ୍ୟତା, ଭକ୍ତି, ଶକ୍ତି ତଥା ଉପଦେଶ ଗାଥା ମନେପଡ଼ିଲେ ଆଖିରୁ ଲୁହ ଝରଝର ହୋଇ ବୋହି ଆସିବ। ପୂଜ୍ୟ ସାର୍ ସର୍ବଗୁଣର ଅଧିକାରୀ ହୋଇ ୯୦ ବର୍ଷରେ ମଧ୍ୟ ବିଜ୍ଞାନ ସମିତିର ମାସିକ ସଭାକୁ ତାଙ୍କ ବାସଭବନର ସିଡିର ଉଚ୍ଚା ଉଚ୍ଚା ପାହାଚ ଓହ୍ଲାଇ ଆସି ପାରୁଥିଲେ ସଭାପତିତ୍ୱ କରିବାପାଇଁ। ଏକୁଟିଆ ଜୀବନଯାପନ କରିପାରୁଥିଲେ। ପ୍ରତିଦିନ ସଂଧ୍ୟାରେ ମନୋରଞ୍ଜନ ପାଇଁ ଟିଭିରେ ଓଡ଼ିଆ ଧାରାବାହିକ ଦେଖି ଖୁସିର ମୂହୁର୍ତ୍ତମାନ ବିତାଉଥିଲେ।

ଏହି ପରିଣତ ବୟସରେ ବିଜ୍ଞାନ ବିଷୟରେ ତାଙ୍କର ଜିଜ୍ଞାସା ଦେଖିଲେ ମନେପଡ଼େ ସତେଯେମିତି ବିଜ୍ଞାନ ହିଁ ଥିଲା ତାଙ୍କର ସବୁକିଛି ଓ ମାନସ କନ୍ୟା। ମନେ ହୁଏ "He dream Science, think science, breath Science and live Science"। ତାଙ୍କର ଲେଖା 'ଉଡ଼ନ୍ତା ଥାଳିଆ' ପରି ପ୍ରାଣବାୟୁ ଅନ୍ତରିକ୍ଷକୁ ଚାଲିଯାଇଥିଲେ ମଧ୍ୟ ସତେଯେମିତି ମନେପଡ଼େ ପୃଥିବୀ ବାହାରେ ଏକ ମହାମାନବ ଓ ଉଜ୍ଜ୍ୱଳ ତାରକା ହୋଇ ବୈକୁଣ୍ଠଧାମରେ ବିରାଜମାନ କରିଛନ୍ତି। ଆମ୍ଭମାନଙ୍କୁ ଆର୍ଶୀବାଦ ଦେଇ କହୁଛନ୍ତି ମୋର ଜନପ୍ରିୟ ବିଜ୍ଞାନକୁ ଆହୁରି ଲୋକଲୋଚନକୁ ଆଣି ମୋର ମନସ୍କାମନା ପୂରଣ କର!

ଦିବଂଗତ ସାର୍ ଆଜି ଆମ ଗହଣରେ ନାହାନ୍ତି ସତ୍ୟ; କିନ୍ତୁ ଆମ୍ଭମାନଙ୍କ ପାଇଁ, ଉତ୍ତରପିଢ଼ିର ଅଗଣିତ ଦାୟାଦ ପାଇଁ ସେହି ପ୍ରିୟ ରସାୟନବିତ୍ ପ୍ରଭାବଶାଳୀ, ଦୟାଳୁ, ବିନୟୀ, ମିଷ୍ଟଭାଷୀ, ନମ୍ରଭାବ ତାଙ୍କ ବ୍ୟକ୍ତିତ୍ୱକୁ ପ୍ରଜ୍ୱଳିତ କରିବା ସହ ତାଙ୍କର ସଫଳତାର ଚାବିକାଠି ହେଉଛି ନିଷ୍ଠା, ସାଧନା, ପରିଶ୍ରମ ଓ ଆନ୍ତରିକତା। ବିଜ୍ଞାନ ଓଡ଼ିଆରେ ଜନପ୍ରିୟ କରି ଲୋକଲୋଚନକୁ ଆଣିବାରେ ଶୁଭଲାଭ ସହିତ ରିଦ୍ଧି ସିଦ୍ଧି ପ୍ରାପ୍ତି କରି ପାରିଛନ୍ତି।

ମୋର ପ୍ରିୟ ସାର୍‌ଙ୍କ ଏହି ଜନ୍ମଶତାବ୍ଦୀ ପାଳନ ଅବସରରେ ତାଙ୍କର ପରିବାର ବର୍ଗ, ସାଙ୍ଗସାଥି, ବନ୍ଧୁବାନ୍ଧବମାନଙ୍କୁ ପ୍ରଣତି ଜଣାଇ ସାରଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ତାଙ୍କର ପୂଣ୍ୟ ଆତ୍ମା ଅମର ରହି ବିଜ୍ଞାନ ଜଗତକୁ ଆହୁରି ଆଲୋକିତ କରିବାରେ ଓ ଜନପ୍ରିୟ କରିବାରେ ଆମ୍ଭମାନଙ୍କ ପ୍ରଚେଷ୍ଟା ଅବ୍ୟାହତ ରହିବ। ଏହାହିଁ ପ୍ରଭୁ ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀଙ୍କ ନିକଟରେ ମୋର ଓ ମୋ ପରିବାରର ଅନ୍ତରର ସହିତ ଭକ୍ତିପୂର୍ଣ୍ଣ ଶ୍ରଦ୍ଧା ସୁମନ ଯୋଡ଼ ହସ୍ତରେ ଜ୍ଞାପନ କରୁଛି। ସେ ଓ ତାଙ୍କର ବ୍ୟକ୍ତିତ୍ୱ ସଦା ବିଜ୍ଞାନପ୍ରେମୀଙ୍କ ମାନସପଟରେ, ହୃଦୟରେ, ଆତ୍ମାରେ ରହିଥିଲା, ରହିଅଛି ଓ ରହିବ ମଧ୍ୟ।

କେହି ରହିନାହିଁ, ରହିବନାହିଁଟି
ଭବରଙ୍ଗ ଭୂମିତଳେ
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳବେଳେ

D. Bonhoeffer activist pastorଙ୍କ ଭାଷାରେ" – *"Death is the supreme festival on the road to freedom"*. ■■■

ଆଜୀବନ ସଦସ୍ୟ ବିଜ୍ଞାନପ୍ରଚାର ସମିତି, କଟକ
ଓ ଜନପ୍ରିୟ ବିଜ୍ଞାନ ମଞ୍ଚ, ଭୁବନେଶ୍ୱର
ଅବସରପ୍ରାପ୍ତ ଜିଲ୍ଲା ପ୍ରାଣୀ ଅଧିକାରୀ
୩୦୩- ପ୍ରଶାନ୍ତି ଆପାର୍ଟମେଣ୍ଟ, ଦେଉଳ ସାହି, ତୁଳସୀପୁର
କଟକ - ୭୫୩୦୦୧, ଦୂରଭାଷ :- ୯୮୬୧୩୨୩୪୬୧

# ଓଡ଼ିଆ ଓ ବଙ୍ଗଳା ଜନପ୍ରିୟ ବିଜ୍ଞାନ ସାହିତ୍ୟ – ଏକ ତୁଳନାତ୍ମକ ଅଧ୍ୟୟନ



ଡ. ମୃଦୁଳା ମିଶ୍ର

ବିଜ୍ଞାନ ରଚନା ମୁଖ୍ୟତଃ ଦୁଇ ପ୍ରକାରର । ଗୋଟିଏ ବିଜ୍ଞାନ ତତ୍ତ୍ୱ ଓ ତଥ୍ୟକୁ ବିଶ୍ଳେଷଣ କରି ଗବେଷଣାଲବ୍ଧ ଜ୍ଞାନ ଓ ବୈଜ୍ଞାନିକମାନଙ୍କର କୃତିତ୍ୱକୁ ଆଲୋଚନା କରିବା, ପ୍ରବନ୍ଧ ରୂପରେ ଉପସ୍ଥାପନ କରିବା । ଅପରଟି ହେଉଛି ବିଜ୍ଞାନର ଯୁକ୍ତିବାଦିତା ବା ବିଜ୍ଞାନ ସମ୍ମତ ଚିନ୍ତାଧାରାକୁ ଆଶ୍ରୟ କରି କଳ୍ପନାର ଅନୁରଞ୍ଜନରେ ସାହିତ୍ୟ ସୃଷ୍ଟିରେ ପରିଣତ କରିବା । ଏହାକୁ କଳ୍ପବିଜ୍ଞାନ କୁହାଯାଉଛି । ଏ ଉଭୟକୁ ଆମେ ସ୍ଥୁଳ ଭାବରେ ଜନପ୍ରିୟ ବିଜ୍ଞାନ ସାହିତ୍ୟ କହିଥାଉ । ଇତିହାସରୁ ଆମେ ଜାଣୁ ଯେ, ବ୍ରିଟିଶମାନେ ଭାରତବର୍ଷରେ ପାଶ୍ଚାତ୍ୟ ଧାରାରେ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ କରିଥିଲେ । ଫଳରେ ଭାରତରେ ଗୋଟିଏ ଐକ୍ୟବଦ୍ଧ ପାଠ୍ୟକ୍ରମ ଓ ପାଶ୍ଚାତ୍ୟ ଭାଷା ଇଂରାଜୀ ମାଧ୍ୟମରେ ପାଠଦାନ ଆରମ୍ଭ ହୁଏ । ଏଥିସହିତ ଆମକୁ ଏହା ମଧ୍ୟ ମନେ ରଖିବାକୁ ହେବ ଯେ, ଷୋଡ଼ଶ ଶତାବ୍ଦୀରୁ ଊନବିଂଶ ଶତକର ଆରମ୍ଭ ଯାଏଁ ଇଉରୋପରେ ବିଜ୍ଞାନ ଚର୍ଚ୍ଚାରେ ଯେଉଳି ଉନ୍ନତି ଘଟିଥିଲା, ଏସିଆ ମହାଦେଶ ଅନ୍ତର୍ଗତ କିଛି ଦେଶକୁ ଛାଡ଼ିଦେଲେ ଅନ୍ୟ କୌଣସି ଦେଶରେ ବିଜ୍ଞାନ ଚର୍ଚ୍ଚାରେ ସେହିଭଳି ଅଗ୍ରଗତି ଘଟି ନ ଥିଲା । ତେଣୁ ବିଜ୍ଞାନ ଚର୍ଚ୍ଚା କ୍ଷେତ୍ରରେ ସମଗ୍ର ବିଶ୍ୱରେ ଇଂରାଜୀ (ଓ ଜର୍ମାନୀର) ଉପସ୍ଥିତି ଆଖିଦୃଶିଆ ଥିଲା । ଊନବିଂଶ ଶତକର ପ୍ରଥମରୁ ଭାରତରେ ବିଜ୍ଞାନ ଚର୍ଚ୍ଚା ଧୀରେ ଧୀରେ ବିକଶିତ ହେବା ଆରମ୍ଭ ହୁଏ, ଯଦିବା ପରାଧୀନ ଭାରତରେ ଭାରତୀୟଙ୍କ କାର୍ଯ୍ୟକୁ ସେଇଭଳି ସ୍ୱୀକୃତି ମିଳୁ ନ ଥିଲା । ମାତ୍ର ଏହିସବୁ ବିଜ୍ଞାନ ଆଲୋଚନାର ମୂଳ ଭାଷା ଥିଲା ଇଂରାଜୀ, ତେଣୁ ସାଧାରଣ ଜନତାଙ୍କ ନିକଟରେ ବିଜ୍ଞାନ ଥିଲା ଅଧୁରା । ଜନପ୍ରିୟ ବିଜ୍ଞାନ ରଚନାର ପ୍ରୟୋଜନୀୟତା ବିଷୟରେ ବିଶ୍ୱ କବି ରବୀନ୍ଦ୍ର ନାଥ ଠାକୁର ଯାହା ଲେଖିଛନ୍ତି, ତାହାର ଉଲ୍ଲେଖ ଏଠି ପ୍ରାସଙ୍ଗିକ ହେବ । ତାଙ୍କ ମତରେ, "ଯେଉଁମାନେ ଶିକ୍ଷା ଆରମ୍ଭ କରିଛନ୍ତି ବିଜ୍ଞାନର ଅନ୍ତଃପୁରକୁ ନ ହେଲେ ବି ଅଗଣାକୁ ପ୍ରବେଶ କରିବାର ଅଧିକାର ସେମାନଙ୍କର ଅଛି । ମଣିଷ ନିଜର ସହଜ ଶକ୍ତିର ସୀମା ପାର କରିବାର ସାଧନାରେ ଦୂରକୁ କରିଛି ନିକଟ, ଅଦୃଶ୍ୟକୁ କରିଛି ପ୍ରତ୍ୟକ୍ଷ । ପ୍ରକାଶ୍ୟ ଜଗତର ଅନ୍ତରରେ ଲୁଚି ରହିଛି ଯେଉଁ ଅପ୍ରକାଶ୍ୟ ଜଗତ, ମଣିଷ ସେହି ଗହନକୁ ପ୍ରବେଶ କରି ବିଶ୍ୱ ବ୍ୟବସ୍ଥାର ମୂଳ ରହସ୍ୟକୁ ଉନ୍ମୋଚନ କରିଚାଲିଛି । ଯେଉଁ ସାଧନା ବଳରେ ଏହା ସମ୍ଭବ ହୋଇଛି, ତାହା ପାଇଁ ସୁଯୋଗ ଓ ଶକ୍ତି ପୃଥିବୀର ଅଧିକାଂଶ ଜନଗଣଙ୍କର ନାହିଁ । ଅର୍ଥାତ୍ ଯେଉଁମାନେ ଏହି ସାଧନାର ଶକ୍ତି ଓ ଦାନରୁ ସମ୍ପୂର୍ଣ୍ଣ ବଞ୍ଚିତ, ସେମାନେ ଆଧୁନିକ ଯୁଗରେ ଥାଇ ମଧ୍ୟ ଏକଘରିକିଆ ହୋଇ ରହିଛନ୍ତି । ସେମାନଙ୍କୁ ବିଜ୍ଞାନ ସହିତ ପରିଚୟ କରାଇଦେବା ପାଇଁ ସାହିତ୍ୟର ସହାୟତାକୁ ସ୍ୱୀକାର କରିବାରେ କିଛି ଅଗୌରବ ନାହିଁ ।" ଏହି ଦାୟିତ୍ୱ ପାଳନ କରି ସେ ମାତୃଭାଷା ବଙ୍ଗଳାରେ ଅତି ସରଳ ଓ ସାବଲୀଳ ଶୈଳୀରେ ନିଜର ପରିଣତ ବୟସରେ ତତ୍କାଳୀନ ବିଜ୍ଞାନ ଜଗତରେ ଆବିଷ୍କୃତ ସମସ୍ତ ତଥ୍ୟ ଓ ଜ୍ଞାନକୁ ଆଧାର କରି 'ବିଶ୍ୱ ପରିଚୟ' ପୁସ୍ତକ (୧୯୩୭) ରଚନା କରିଥିଲେ । 'ବିଶ୍ୱ ପରିଚୟ' ଭାରତୀୟ ମାତୃଭାଷାରେ ରଚିତ ବିଶ୍ୱ ବିଜ୍ଞାନ ବିଷୟକ ଏକ ପଥିକୃତ ଜନପ୍ରିୟ ବିଜ୍ଞାନ ପୁସ୍ତକ ।

ଓଡ଼ିଆ ଓ ବଙ୍ଗଳା ଉଭୟ ଭାଷାରେ ବିଜ୍ଞାନ ରଚନାର ମୂଳଦୁଆ ପକାଇଥିଲେ ଖ୍ରୀଷ୍ଟିଆନ୍ ମିଶନାରୀ ବା ଧର୍ମପ୍ରଚାରକମାନେ । ବଙ୍ଗ ପ୍ରଦେଶରେ ଶ୍ରୀରାମପୁର ମିଶନ ପ୍ରେସ୍ ୧୭୯୯ରେ ପ୍ରତିଷ୍ଠିତ ହୁଏ । ୧୮୦୦ରୁ ଏଠି ବହି ଛପା କାର୍ଯ୍ୟ ଆରମ୍ଭ ହୁଏ । ସେହି ବର୍ଷ ପୋର୍ଟ ୱିଲିୟମ୍ କଲେଜ କଲକାତାରେ ପ୍ରତିଷ୍ଠିତ ହୁଏ । ବ୍ରିଟିଶ ଅଫିସରମାନଙ୍କୁ ଭାରତୀୟ ଭାଷା ବଙ୍ଗଳାରେ ଟ୍ରେନିଂ ଦେବା ଏହାର ମୂଳ ଉଦ୍ଦେଶ୍ୟ ଥିଲା । ମାତ୍ର ଏଥିପାଇଁ ବଙ୍ଗଳାରେ ଲିଖିତ କୌଣସି ପାଠ୍ୟପୁସ୍ତକ ନ ଥିଲା । ବିଭିନ୍ନ ପ୍ରକାର ପାଠ୍ୟପୁସ୍ତକ ପ୍ରଣୟନ ପାଇଁ ୧୮୧୭ରେ କଲକତାରେ 'ସ୍କୁଲ ବୁକ୍ ସୋସାଇଟି' ସ୍ଥାପିତ ହୁଏ । ସେହିଭଳି ୧୮୧୭ରେ ହିନ୍ଦୁ କଲେଜ ଓ ୧୮୧୮ରେ ଶ୍ରୀରାମପୁର କଲେଜ ଆରମ୍ଭ ହୁଏ । ଏହିସବୁ କଲେଜ କଲକାତା ଓ ତା'ର ଚାରିପାଖରେ ଗଢ଼ି ଉଠିଥିବା ସ୍କୁଲଗୁଡ଼ିକ ପାଇଁ ପାଠ୍ୟପୁସ୍ତକ ତିଆରି ଆରମ୍ଭ ହୁଏ । ଏହି କ୍ରମରେ- "ଦେହ ଗଠନରେ ପେଶୀ ଓ ହାଡ଼ର

ଭୂମିକା ସମ୍ପର୍କରେ ଲିଖିତ ଫେଲିକ୍ସ କେରୀଙ୍କ ବହି 'ବିଦ୍ୟାହାରାବଳୀ', ପିୟର୍ସନଙ୍କ 'ଭୂଗୋଳ', ଲୋସନଙ୍କ 'ପଶ୍ୱାବଳୀ' ବା ଇୟେଟସ୍‌ଙ୍କ 'ଜ୍ୟୋତିର୍ବିଦ୍ୟା' ତିରିଶ ଦଶକ ଭିତରେ ପ୍ରକାଶିତ ହୋଇଥିଲା। ଅନୁରୂପ ଭାବେ ଓଡ଼ିଶା ପ୍ରାନ୍ତରେ ନବଗଠିତ ବିଦ୍ୟାଳୟରେ ପାଠ୍ୟପୁସ୍ତକର ଅଭାବ ମେଣ୍ଟାଇବା ପାଇଁ ଆମ୍‌ସାଟନ୍ ୧୮୩୦ରେ ପ୍ରଥମ ବିଜ୍ଞାନ ପାଠ୍ୟପୁସ୍ତକ 'ପଦାର୍ଥ ବିଦ୍ୟାସାର' ରଚନା କରିଥିଲେ। ପ୍ରଶ୍ନ-ଉତ୍ତର ଧାରାରେ ଏହି ବହିଟି ରଚିତ ହୋଇଥିଲା। ବିଦ୍ୟାଳୟଗୁଡ଼ିକ ପାଇଁ ଏହିପରି ଆଉ କିଛି ପୁସ୍ତକ ପ୍ରାୟତଃ ଧର୍ମପ୍ରଚାରକ ଓ ସେମାନଙ୍କର ଓଡ଼ିଆ ସହଯୋଗୀମାନଙ୍କ ଦ୍ୱାରା ଲିଖିତ ଅଥବା ଇଂରାଜୀ ବା ବଙ୍ଗଳାରୁ ଅନୂଦିତ ହୋଇ ୧୮୭୦ ବେଳକୁ ପ୍ରକାଶ ପାଇଥିଲା। ମାତ୍ର ଏସବୁ ହେଲା- ଓଡ଼ିଆରେ ହେଉ ବା ବଙ୍ଗଳାରେ ହେଉ- ବିଜ୍ଞାନ ରଚନା। ଏହା ଜନପ୍ରିୟ ସାହିତ୍ୟ ପଦବାଚ୍ୟ ନ ହୋଇପାରେ।

### ଓଡ଼ିଆ ଜନପ୍ରିୟ ବିଜ୍ଞାନ ସାହିତ୍ୟ:

ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ପ୍ରାଚୀନ ଓଡ଼ିଶା ଥିଲା ସମୃଦ୍ଧ। ମନ୍ଦିର, ସ୍ଥାପତ୍ୟ, ପୁରାତତ୍ତ୍ୱ, କୃଷି, ନୌବାଣିଜ୍ୟ, ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ରକ୍ଷାରେ ପ୍ରଯୁକ୍ତ ଦେଶୀୟ ଜ୍ଞାନ ମାଧ୍ୟମରେ ବିଜ୍ଞାନ ଚେତନା ସମାଜରେ ବିଦ୍ୟମାନ ଥିଲା। ଯଦିଓ ସେ ସମୟରେ ବୈଜ୍ଞାନିକ କାର୍ଯ୍ୟକଳାପର କୌଣସି ଲିଖିତ ଇତିହାସ ନାହିଁ; ତଥାପି ଏହାର ପ୍ରମାଣ ପ୍ରାଚୀନ ଧ୍ୱଂସାବଶେଷରୁ, କୀର୍ତ୍ତିସ୍ତମ୍ଭରୁ, ଜନଜାତିଙ୍କ ଜୀବନଚର୍ଯ୍ୟାରୁ, ଜନଶ୍ରୁତିରୁ ମିଳେ। ମାତ୍ର ମଧ୍ୟଯୁଗରେ ଓଡ଼ିଶା ଏକ ଅନ୍ଧକାର ଯୁଗଦେଇ ଗତି କରୁଥିଲା, ଯେତେବେଳେ ସମାଜକୁ କୁସଂସ୍କାର, ଅନ୍ଧବିଶ୍ୱାସ, ସବୁପ୍ରକାର ଅବୈଜ୍ଞାନିକ ପ୍ରଥା କବଳିତ କରି ରଖିଥିଲା। ଆଧୁନିକ ଶିକ୍ଷା ଓ ସାଂସ୍କୃତିକ ନବଜାଗରଣର ଆଗମନରେ ଏସବୁ କ୍ରମଶଃ ଦୂରୀଭୂତ ହେଲା। ବିଜ୍ଞାନକୁ ଜନପ୍ରିୟ କରିବାର ଇତିହାସ ସେହି ସମୟରୁ ଆରମ୍ଭ ହେଲା।

୧୮୬୬ରେ କଟକରେ 'ଓଡ଼ିଶା ପ୍ରିଣ୍ଟିଂ କମ୍ପାନୀ' ସ୍ଥାପନ ପରେ ଓଡ଼ିଆରେ ପ୍ରକାଶନ ଆରମ୍ଭ ହେଲା। ପ୍ରଥମେ ଫକୀର ମୋହନ ସେନାପତି (୧୮୪୩-୧୯୧୮), ମଧୁସୂଦନ ରାଓ (୧୮୫୩-୧୯୧୨)ଙ୍କ ଭଳି ବିଖ୍ୟାତ ଲେଖକମାନେ ବିଜ୍ଞାନ ଓ ବୈଜ୍ଞାନିକଙ୍କ ଉପରେ ରଚନାମାନ ଲେଖିଥିଲେ। ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ବଙ୍ଗଳା ବହିରୁ ଅନୁବାଦ କରିଥିବା ଫକୀରମୋହନଙ୍କ 'ଜୀବନ ଚରିତ'ରେ ଥିବା ସବୁ ଜୀବନୀ ଥିଲା କପରନିକ୍ସ, ଗାଲିଲିଓ, ନିଉଟନ୍ ଆଦି ବୈଜ୍ଞାନିକମାନଙ୍କର। ପରବର୍ତ୍ତୀ ଅଶୀ ବର୍ଷ ବା ୧୯୪୦ ଦଶକର ଶେଷଯାଏଁ ପ୍ରକାଶିତ ବିଜ୍ଞାନ ସମ୍ବନ୍ଧିତ ପୁସ୍ତକଗୁଡ଼ିକର ବିଷୟବସ୍ତୁ ଥିଲା ସ୍ୱାସ୍ଥ୍ୟ ଓ ଚିକିତ୍ସା ଆଧାରିତ, କୃଷି ଓ ପଶୁପାଳନ ସମ୍ପର୍କିତ ଅଥବା ପାଠ୍ୟପୁସ୍ତକ। ଏଥିମଧ୍ୟରୁ କିଛି ବହି ହେଲା ପ୍ରଭାକର ଚୂଡ଼ାମଣିଙ୍କ 'ସ୍ୱାସ୍ଥ୍ୟରକ୍ଷା' (୧୮୭୪), ଭୋଳାନାଥ ଦାଶଙ୍କ 'ପ୍ରାଣୀତତ୍ତ୍ୱ' (୧୮୭୬), ରାମକୃଷ୍ଣ ସାହୁଙ୍କ 'ଶରୀର ରକ୍ଷା' (୧୮୭୭), ଯୋଗେଶ ଚନ୍ଦ୍ର ରାୟଙ୍କ 'ସରଳ ପଦାର୍ଥ ବିଜ୍ଞାନ' (୧୮୯୦), ଗୋପାଳ ଚନ୍ଦ୍ର ପଟ୍ଟନାୟକଙ୍କ 'ସ୍ୱାସ୍ଥ୍ୟ ସାଥୀ' (୧୯୪୯) ଇତ୍ୟାଦି। ଏହି ସମୟରେ ପ୍ରକୃତ ଜନପ୍ରିୟ ବିଜ୍ଞାନ ପୁସ୍ତକ ବହୁତ କମ୍ ଲେଖା ହୋଇଥିଲା। ସେଥିମଧ୍ୟରୁ ଶଚ୍ଚିଦାନନ୍ଦ ଦେବଙ୍କ 'ପ୍ରକୃତି' (୧୯୧୧) ଓ 'କୃଷି ବିଜ୍ଞାନ' (୧୯୧୫), ଚନ୍ଦ୍ରଶେଖର ମିଶ୍ରଙ୍କ 'ସାମନ୍ତ ଚନ୍ଦ୍ରଶେଖର' (୧୯୩୨), ଗୋକୁଳାନନ୍ଦ ମହାପାତ୍ରଙ୍କ 'ବିଜ୍ଞାନ ବିସ୍ମୟ' (୧୯୪୮) ଓ 'ବିଜ୍ଞାନ କୃତିତ୍ୱ' (୧୯୫୦) ଇତ୍ୟାଦି ଅନ୍ତର୍ଭୁକ୍ତ। ଗୋକୁଳାନନ୍ଦ ହିଁ ଓଡ଼ିଆରେ ପ୍ରଥମ ବୈଜ୍ଞାନିକ ଉପନ୍ୟାସ ବା କଳ୍ପ ବିଜ୍ଞାନ ଲେଖିବା ଆରମ୍ଭ କରିଥିଲେ। ସେଥିମଧ୍ୟରୁ 'ପୃଥିବୀ ବାହାରେ ମଣିଷ', 'ଚନ୍ଦ୍ରର ମୃତ୍ୟୁ', 'ଉଡ଼ନ୍ତା ଥାଳିଆ', 'ମଧ୍ୟାହ୍ନର ଅନ୍ଧକାର' ଇତ୍ୟାଦି ଅନ୍ୟତମ।

ଓଡ଼ିଆରେ ଲେଖାଯାଇଥିବା ପ୍ରଥମ ବିଜ୍ଞାନ ଲେଖା ୧୮୫୬ରେ 'ପ୍ରବୋଧ ଚନ୍ଦ୍ରିକା'ରେ ପ୍ରକାଶ ପାଇଥିଲା। 'ରକ୍ତ ଚାଲିବା ବିଷୟ' ଥିଲାର ଏହାର ଶୀର୍ଷକ। ୧୮୬୬ରେ 'ଉତ୍କଳ ଦୀପିକା' ଆତ୍ମପ୍ରକାଶ କଲାପରେ ଛପା ମାଧ୍ୟମର ଏକ ନୂଆ ଯୁଗର ଆରମ୍ଭ ହେଲା। ଏହାଥିଲା ଗୌରୀଶଙ୍କର ରାୟଙ୍କ ସମ୍ପାଦିତ ଗୋଟିଏ ସାପ୍ତାହିକ ସମ୍ବାଦପତ୍ର। ଏହାପରେ ୧୮୬୮ରେ ଆରମ୍ଭ ହେଲା 'ବୋଧଦାୟିନୀ' (ପରେ ଏହାର ନାମ ହୋଇଥିଲା 'ବାଲେଶ୍ୱର ସମ୍ବାଦ ବାହିକା')। ମାସିକ ସାହିତ୍ୟ ପତ୍ରିକା 'ଉତ୍କଳ ଦର୍ପଣ' ବାଲେଶ୍ୱରରୁ ୧୮୭୩ରେ ଆରମ୍ଭ ହୋଇ ଦୁଇ ବର୍ଷ ଚାଲିଥିଲା। ଯୁକ୍ତିସଙ୍ଗତ ଭାବେ ରଚିତ ବିସ୍ତୃତି ଓ ଗଭୀରତା ଥିବା ପ୍ରଥମ ବିଜ୍ଞାନ ପ୍ରବନ୍ଧ ଏଥିରେ ପ୍ରକାଶ ପାଇଥିଲା। ବିଶ୍ୱନାଥ କର ସମ୍ପାଦିତ ୧୮୯୭ରେ ପ୍ରକାଶିତ 'ଉତ୍କଳ ସାହିତ୍ୟ' ସାହିତ୍ୟିକ ଓ ବୌଦ୍ଧିକ ରଚନା ବିକାଶରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥିଲା। ଏହାର ସମ୍ପାଦକ ଲେଖକମାନଙ୍କୁ ବିଜ୍ଞାନ ବିଷୟକ ପ୍ରବନ୍ଧ ଲେଖିବାପାଇଁ ଉତ୍ସାହିତ କରୁଥିଲେ। ପ୍ରଥମ ସଂଖ୍ୟାରେ ବେଞ୍ଜାମିନ୍ ଫ୍ରାଙ୍କଲିନ୍‌ଙ୍କ ଜୀବନୀ ସ୍ଥାନିତ ହୋଇଥିଲା। ନିୟମିତ ବ୍ୟବଧାନରେ ଏଥିରେ ବିଜ୍ଞାନ ଲେଖାମାନ ପ୍ରକାଶ ପାଇଥିଲା। ସେ ସମୟରେ ପ୍ରକାଶ ପାଉଥିବା ଅନ୍ୟ ପତ୍ରିକାସବୁ ହେଲା 'ଉତ୍କଳ ମଧୁପ' (୧୯୦୦), 'ମୁକୁର' (୧୯୦୬), 'ସତ୍ୟବାଦୀ' (୧୯୧୫), 'ସହକାର' (୧୯୧୧), 'ନବଭାରତ' (୧୯୩୪), 'ଡଗର' (୧୯୩୬) ଓ 'ଶଙ୍ଖ' (୧୯୪୫) ଇତ୍ୟାଦି। ଏହି ସମୟରେ ଲିଖିତ ଅଧିକାଂଶ ପ୍ରବନ୍ଧର ବିଷୟ ଥିଲା ମହାଜାଗତିକ ବସ୍ତୁ ଓ ଘଟଣା ସମ୍ପର୍କିତ ଉଦ୍ଭିଦ

ବିଜ୍ଞାନ ଅଥବା ସ୍ୱାସ୍ଥ୍ୟ ସମ୍ବନ୍ଧିତ। ବର୍ତ୍ତମାନ ପ୍ରାୟ ସବୁ ମୁଖ୍ୟ ସମ୍ବାଦପତ୍ର- 'ସମାଜ', 'ସମ୍ବାଦ', 'ଧରିତ୍ରୀ' ଓ 'ପ୍ରଜାତନ୍ତ୍ର' ଏପରିକି ଅପେକ୍ଷାକୃତ ନୂଆ ସମ୍ବାଦପତ୍ର 'ନିତିଦିନ' ଓ 'ସର୍ବସାଧାରଣ' ଆଦିରେ ବିଜ୍ଞାନ ଭିତ୍ତିକ ଲେଖାମାନ ମଝି ମଝିରେ ପ୍ରକାଶିତ ହେଉଛି। ସେହିପରି 'ଝଙ୍କାର', 'ଅମୃତାୟନ', 'କାଦମ୍ବିନୀ', 'ବିଶ୍ୱମୁକ୍ତି' ଭଳି ସାହିତ୍ୟ ପତ୍ରିକାରେ ବେଳେ ବେଳେ ବିଜ୍ଞାନ ଲେଖାମାନ ପ୍ରକାଶ ପାଉଛି।

ରେଭେନ୍ସା କଲେଜରେ ବିଜ୍ଞାନ ଶିକ୍ଷାର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ୧୮୮୩ରେ ଯୋଗେଶ ଚନ୍ଦ୍ର ରାୟ ବିଦ୍ୟାନିଧି ପ୍ରଥମ ବିଜ୍ଞାନ ଅଧ୍ୟାପକ ଭାବେ ରେଭେନ୍ସାରେ ଯୋଗ ଦେଇଥିଲେ। ସେ ବଙ୍ଗଳା ଓ ଓଡ଼ିଆ ଉଭୟ ଭାଷାରେ ବିଜ୍ଞାନ ପ୍ରବନ୍ଧ ଲେଖୁଥିଲେ। ତାଙ୍କର କିଛି ଲେଖା 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା। ସେ ହିଁ ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତିଭା ଓ ତାଙ୍କ 'ସିଦ୍ଧାନ୍ତ ଦର୍ପଣ'କୁ ଆବିଷ୍କାର କରିଥିଲେ। ପରବର୍ତ୍ତୀ ସମୟରେ ଆହୁରି ଅନେକ ଅଧ୍ୟାପକ, ଗବେଷକ ନିଜକୁ ଓଡ଼ିଆରେ ବିଜ୍ଞାନ ଲେଖିବା ଦିଗରେ ନିୟୋଜିତ କରିଥିଲେ। ବିଶିଷ୍ଟ ଉଦ୍ଭିଦବିଜ୍ଞାନୀ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରାଣକୃଷ୍ଣ ପରିଜା (୧୮୯୧-୧୯୭୮) ୧୯୧୩ରୁ ବିବିଧ ପ୍ରସଙ୍ଗକୁ ନେଇ ଲେଖିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ଉଦ୍ଭିଦବିଜ୍ଞାନ ଉପରେ ଲେଖିଲେ; ମାତ୍ର ଆରମ୍ଭରୁ ତାଙ୍କ ଲେଖାସବୁ ଜ୍ୟୋତିର୍ବିଜ୍ଞାନ ସମ୍ପର୍କିତ ଥିଲା। ପରେ ପରେ ବିଜ୍ଞାନ ଲେଖାରେ ତାଙ୍କ ସହିତ ଆଉ ଯେଉଁମାନେ ଯୋଡ଼ି ହୋଇଥିଲେ, ସେମାନେ ହେଲେ: ସଚ୍ଚିଦାନନ୍ଦ ରାୟ (ଯିଏ ପରେ ରେଭେନ୍ସା କଲେଜର ଅଧ୍ୟକ୍ଷ ହୋଇଥିଲେ), ଚିନ୍ତାମଣି ଆଚାର୍ଯ୍ୟ (ପରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ହୋଇଥିଲେ), ଡାକ୍ତର ବନବିହାରୀ ପଟ୍ଟନାୟକ ଇତ୍ୟାଦି। ୧୯୨୦ରୁ ୧୯୪୦ ମଧ୍ୟରେ ଯେଉଁସବୁ ଅଧ୍ୟାପକ, ଶିକ୍ଷକ, ଡାକ୍ତର ବିଜ୍ଞାନ ରଚନାମାନ ଲେଖିଥିଲେ- ସେମାନେ ହେଲେ ଗୁରୁଚରଣ ମହାନ୍ତି (ରସାୟନ), ଶିକ୍ଷକ ଅଗ୍ନିବାମ, ଶ୍ୟାମଚନ୍ଦ୍ର ତ୍ରିପାଠୀ (ପଦାର୍ଥ ବିଜ୍ଞାନ), ବ୍ରଜମୋହନ ସେନାପତି (କୃଷି), ବସନ୍ତ କୁମାର ନନ୍ଦ (ଡାକ୍ତର), ରାଧାଚରଣ ପଣ୍ଡା (ଡାକ୍ତର), ବଂଶୀଧର ସାମନ୍ତରାୟ (ଉଦ୍ଭିଦ ବିଜ୍ଞାନ), ବସନ୍ତ କୁମାର ବେହୁରା (ପ୍ରାଣୀ ବିଜ୍ଞାନ) ଇତ୍ୟାଦି। ଓଡ଼ିଆ ଜ୍ଞାନକୋଷ ଜ୍ଞାନମଣ୍ଡଳର ପ୍ରଣେତା ବିନୋଦ କାନୁନ୍‌ଗୋ (୧୯୧୨-୧୯୯୦) ବିଜ୍ଞାନ ଓ ପ୍ରଯୁକ୍ତି ବିଷୟରେ କ୍ଷୁଦ୍ର ବହି ବା ପୁସ୍ତିକା ରଚନା କରିଥିଲେ। ଏଥିମଧ୍ୟରୁ ମାନବ ଅସ୍ଥି ଉପରେ ଲିଖିତ 'ଦୁଇ ଶହ ଛଅ ଖଣ୍ଡ କାଉଁରୀ କାଠି', ରକ୍ତ ସଞ୍ଚାଳନ ଉପରେ ରଚିତ 'ଚଳନ୍ତା ରାଇଜର ଅମୁହାଁ ନଈ' ଇତ୍ୟାଦି ଉଲ୍ଲେଖନୀୟ। ୧୯୪୬-୪୭ରେ ଯେଉଁ ଦୁଇ ଜଣ ନୂଆ ଲେଖକ ଜନପ୍ରିୟ ବିଜ୍ଞାନ ରଚନା ଆରମ୍ଭ କରିଥିଲେ; ସେମାନେ ହେଲେ ଗୋକୁଳାନନ୍ଦ ମହାପାତ୍ର (ରସାୟନ) ଓ ଗଦାଧର ମିଶ୍ର (ଉଦ୍ଭିଦ ବିଜ୍ଞାନ)। ଏମାନେ ବହୁପ୍ରସୂ ଲେଖକ, ଏକବିଂଶ ଶତକର ପ୍ରାରମ୍ଭ ଯାଏଁ ଲେଖନୀ ଚାଳନା କରିଥିଲେ। ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ନିମନ୍ତେ ୧୯୪୧ରେ କଟକରେ 'ବିଜ୍ଞାନ ପ୍ରଚାର ସମିତି' ଗଠିତ ହେଲା। ଏହି ସମିତି ଦ୍ୱାରା ଅନେକ ଜନପ୍ରିୟ ବିଜ୍ଞାନ ପୁସ୍ତକ ପ୍ରକାଶିତ ହୋଇଛି। ଏଥିମଧ୍ୟରୁ କିଛି ହେଲା– 'ପରମାଣୁ ବୋମାର ଆବିଷ୍କାର', 'ଜନ୍ମ ରହସ୍ୟ', 'ମାନବ ସେବାରେ ବିଜ୍ଞାନ', 'ମହାଶୂନ୍ୟ ଭ୍ରମଣ' ଇତ୍ୟାଦି। ଏବେ ମଧ୍ୟ ଏହି ସମିତି ତା'ର କାର୍ଯ୍ୟକ୍ରମ ଜାରି ରଖିଛି। ୧୯୮୧ରେ 'ଓଡ଼ିଶା ବିଜ୍ଞାନ ଏକାଡ଼େମୀ' ଆରମ୍ଭ ହେଲା। ଓଡ଼ିଶା ସରକାର ୧୯୮୪ରେ ଏହାର ପରିଚାଳନା ଦାୟିତ୍ୱ ନେଲେ। ଏକାଡ଼େମୀ ଦ୍ୱାରା ୧୯୯୩ରୁ ମାସିକ ଭାବେ ବିଜ୍ଞାନ ପତ୍ରିକା 'ବିଜ୍ଞାନ ଦିଗନ୍ତ' ପ୍ରକାଶିତ ହେଉଛି। ବର୍ତ୍ତମାନ ଏହା ହିଁ ଓଡ଼ିଆରେ ବଡ଼ ବିଜ୍ଞାନ ପତ୍ରିକା। ବିଜ୍ଞାନର ପ୍ରାୟ ସବୁ ବିଭାଗରେ ଲିଖିତ ପ୍ରବନ୍ଧମାନ ଏଠାରେ ପ୍ରକାଶିତ ହେଉଛି। ଅନେକ ପ୍ରବୀଣ ଓ ନବୀନ ଲେଖକଙ୍କ ଲେଖାରେ ଏହି ପତ୍ରିକା ସମୃଦ୍ଧ। ଆହୁରି କିଛି କିଛି ବିଜ୍ଞାନ ପତ୍ରିକା ପ୍ରକାଶିତ ହେଉଛି। ଯେମିତି ୧୯୮୩ରେ ଭୁବନେଶ୍ୱରରେ ସ୍ଥାପିତ 'ସୃଜନିକା' ଅନୁଷ୍ଠାନ ୧୯୮୮ରୁ 'ବିଜ୍ଞାନ ତରଙ୍ଗ' ପତ୍ରିକା ପ୍ରକାଶ କରୁଥିଲା। ବଲାଙ୍ଗୀରର ବିଜ୍ଞାନ ସାହିତ୍ୟ ପରିଷଦ ଦ୍ୱି-ମାସିକ ପତ୍ରିକା 'ବିଜ୍ଞାନ ମଧୁପ' ପ୍ରକାଶ କରିଥାଏ। ସେହିଭଳି ୧୯୭୧ରେ ସ୍ଥାପିତ 'ଓଡ଼ିଶା ପଦାର୍ଥ ବିଜ୍ଞାନ ସମାଜ' ତା'ର ବାର୍ଷିକ ସମ୍ମିଳନୀ ଅବସରରେ ଓଡ଼ିଆ ବିଜ୍ଞାନ ପତ୍ରିକା 'ଦିଗ୍‌ବଳୟ' ପ୍ରକାଶ କରିଥାଏ। ୧୯୮୨ରେ ସ୍ଥାପିତ 'ଓଡ଼ିଶା ପରିବେଶ ସମାଜ' ଆନୁକୂଲ୍ୟରେ ପରିବେଶ ସମ୍ବନ୍ଧିତ ବିଭିନ୍ନ ପୁସ୍ତକ ପ୍ରକାଶିତ ହୋଇଥାଏ। 'ମାନବ ସେବାରେ ଉଦ୍ଭିଦ', 'ଜଳ ଓ ଜୀବନ', 'ଜୈବ ବିବିଧତା' ପ୍ରଭୃତି ଏହାର କିଛି ପ୍ରକାଶିତ ପୁସ୍ତକ। ସେହିପରି ଭୁବନେଶ୍ୱରରେ ପ୍ରତିଷ୍ଠିତ 'ପଠାଣି ସାମନ୍ତ ପ୍ଲାନେଟୋରିୟମ୍' ପକ୍ଷରୁ ଏକ ତ୍ରୈମାସିକ ପତ୍ରିକା 'ଛାୟା ପଥ' ପ୍ରକାଶ ପାଇଥାଏ। ଏଥିରେ ବିଭିନ୍ନ ମହାକାଶ ମିଶନ ଓ ଜ୍ୟୋତିର୍ବିଜ୍ଞାନର ବିବିଧ ପ୍ରସଙ୍ଗକୁ ନେଇ ଲିଖିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଗଣିତ ପତ୍ରିକା 'ଅଭିନବ ଗଣିତ ବିଚିତ୍ରା'ରେ ଗଣିତ ସମ୍ବନ୍ଧୀୟ ଲେଖମାନ ପ୍ରକାଶ ପାଇଥାଏ। ଏହିଭଳି ବିଭିନ୍ନ ପତ୍ର-ପତ୍ରିକା ଓ ପୁସ୍ତକ ପ୍ରକାଶନ ମାଧ୍ୟମରେ ଓଡ଼ିଆ ଜନପ୍ରିୟ ବିଜ୍ଞାନ ସାହିତ୍ୟର ଯାତ୍ରା ଅବ୍ୟାହତ ରହିଛି।

**ବଙ୍ଗଳା ଜନପ୍ରିୟ ବିଜ୍ଞାନ ସାହିତ୍ୟ**

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ବଙ୍ଗଳାରେ ବିଜ୍ଞାନ ରଚନାର ଧାରା ଆରମ୍ଭ ହୋଇଥିଲା। ପ୍ରଥମ ଜନପ୍ରିୟ ବିଜ୍ଞାନ ପତ୍ରିକା ୧୮୨୨ରେ

ପ୍ରକାଶ ପାଇଥିଲା । ଖ୍ରୀଷ୍ଟିଆନ୍ ମିଶନାରୀ ଫାଦର ଲୋସନ୍ ଏହି 'ପଶ୍ୱାବଳୀ' ପତ୍ରିକା ଆରମ୍ଭ କରିଥିଲେ । ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ ପ୍ରାଣୀ ବିଷୟରେ ଆଲୋଚନା ରହୁଥିଲା । ପରେ ଏସବୁକୁ ଏକତ୍ରିତ କରି 'ପଶ୍ୱାବଳୀ' ନାମରେ ଗୋଟିଏ ପୁସ୍ତକ 'କଲକାତା ସ୍କୁଲ ବୁର୍ଥ ସୋସାଇଟି'ରୁ ପ୍ରକାଶିତ ହେଲା । ଏହି ପତ୍ରିକା ପ୍ରାୟ ଛଅ ବର୍ଷ ଚାଲିଥିଲା । ପ୍ରାୟ ଦଶ ବର୍ଷ ବ୍ୟବଧାନରେ କଲକାତାରୁ 'ଉଇରୋପୀୟ ବିଜ୍ଞାନ ଅନୁବାଦ ସମାଜ' ପକ୍ଷରୁ 'ବିଜ୍ଞାନ ସେବଧି' ନାମରେ ଗୋଟିଏ ପତ୍ରିକା ୧୮୩୨ରେ ଆରମ୍ଭ ହୋଇଥିଲା । ମାତ୍ର ପାଞ୍ଚଟି ସଂଖ୍ୟା ପରେ ଏହା ବନ୍ଦ ହୋଇଯାଏ । ପରବର୍ଷ ୧୮୩୩ରେ ଆଉ ଏକ ପାକ୍ଷିକ ବଙ୍ଗଳା ବିଜ୍ଞାନ ପତ୍ରିକା 'ବିଜ୍ଞାନ ସାର ସଂଗ୍ରହ' ବାହାରିଥିଲା, ତେବେ ଏହା ମାତ୍ର ବର୍ଷଟିଏ ଚାଲିଥିଲା । ଏହା ଏକ ଦ୍ୱି-ଭାଷୀ ଇଂରାଜୀ ବଙ୍ଗଳା ଅନୁବାଦ ପତ୍ରିକା ଥିଲା । ସେ ସମୟର ଆଉ କିଛି ପତ୍ରିକା 'ଜ୍ଞାନାନ୍ୱେଷଣ', 'ଜ୍ଞାନୋଦୟ' ପ୍ରଭୃତିରେ ମଧ ବିଜ୍ଞାନ ଲେଖା ପ୍ରକାଶ ପାଇଥିଲା । ତେବେ ସେ ସମୟରେ ଅନ୍ୟତମ ପତ୍ରିକା ଥିଲା 'ତତ୍ତ୍ୱବୋଧିନୀ' । ରବୀନ୍ଦ୍ର ନାଥଙ୍କ ପିତା ଦେବେନ୍ଦ୍ର ନାଥ ବ୍ରାହ୍ମଧର୍ମୀ ପ୍ରଚାର ଉଦ୍ଦେଶ୍ୟରେ ତତ୍ତ୍ୱବୋଧିନୀ ସଭା, ତତ୍ତ୍ୱବୋଧିନୀ ପାଠଶାଳା ଓ ତତ୍ତ୍ୱବୋଧିନୀ ପତ୍ରିକା ପ୍ରତିଷ୍ଠା କରିଥିଲେ । ଅକ୍ଷୟ କୁମାର ଦତ୍ତ ୧୮୪୩ରୁ ୧୮୫୫ ଯାଏଁ ଏହି ପତ୍ରିକାର ସମ୍ପାଦନା କରିଥିଲେ । ତାଙ୍କ ସମ୍ପାଦନାରେ ଏହା ସେ ସମୟର ଶ୍ରେଷ୍ଠ ପତ୍ରିକାରେ ପରିଣତ ହୋଇଥିଲା । ଦେବେନ୍ଦ୍ର ନାଥଙ୍କ ମତ ବିରୁଦ୍ଧରେ ଯାଇ ଅକ୍ଷୟକୁମାର ଦତ୍ତ 'ବାହ୍ୟ ବସ୍ତୁ ସହିତ ମାନବ ପ୍ରକୃତିର ସମ୍ବନ୍ଧ ବିଚାର' ନାମରେ ଗୋଟିଏ ଲେଖା ଧାରାବାହିକ ଭାବରେ ଏହି ପତ୍ରିକାରେ ପ୍ରକାଶ କରିଥିଲେ । ଏହା ଥିଲା ସ୍କଟିଶ ଲେଖକ ଜର୍ଜ କୁମ୍ବଙ୍କର 'The constitution of Man considered in Pelation ot External Objects'ର ଭାବାନୁବାଦ । ପରେ ଏହା ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା । ଏବେ ଆମେ ଯାହାକୁ 'ବୈଜ୍ଞାନିକ ମନୋଭାବ' (Scientific attitude) କହୁଛୁ, ତା'ର ପ୍ରଚାର କରିବା ଥିଲା ଅକ୍ଷୟ ଦତ୍ତଙ୍କ ଉଦ୍ଦେଶ୍ୟ । ସେହି ପତ୍ରିକାରେ ତାଙ୍କର 'ପଦାର୍ଥ ବିଦ୍ୟା' ଶୀର୍ଷକ ଗୋଟିଏ ବହି ମଧ ଧାରବାହିକ ଭାବରେ ପ୍ରକାଶିତ ହେଉଥିଲା । ଏହା ବସ୍ତୁତଃ ଗୋଟିଏ ପାଠ୍ୟପୁସ୍ତକ ଥିଲା । ୧୮୫୬ରେ ଏହା ବହି ଆକାରରେ ପ୍ରକାଶ ପାଇଥିଲା, ସେତେବେଳେ ଏହା ବହୁ ପ୍ରତିଷ୍ଠାନରେ ପାଠ୍ୟବହି ଥିଲା । 'ଗ୍ରହଗଣ ଜୀବର ଆବାସ ଭୂମି' ନାମରେ ରବୀନ୍ଦ୍ର ନାଥଙ୍କ ପ୍ରଥମ ଗଦ୍ୟ ରଚନା (ବିଜ୍ଞାନ ବିଷୟକ) ଏହି ପତ୍ରିକାରେ ତାଙ୍କର ମାତ୍ର ୧୨ ବର୍ଷ ବୟସରେ ଏଠାରେ ପ୍ରକାଶିତ ହୋଇଥିଲା । ଆଉ ଯେଉଁମାନେ ସେ ସମୟରେ ବଙ୍ଗଳାରେ ବିଜ୍ଞାନ ଲେଖିଥିଲେ, ସେମାନଙ୍କ ମଧ୍ୟରେ କୃଷ୍ଣମୋହନ ବନ୍ଦୋପାଧ୍ୟାୟ (୧୮୧୩-୧୮୫୫) ଏବଂ ରାଜେନ୍ଦ୍ର ଲାଲ ମିତ୍ର (୧୮୨୨-୧୮୭୧)ଙ୍କ ନାମ ଉଲ୍ଲେଖନୀୟ । କୃଷ୍ଣ ମୋହନ ବଙ୍ଗଳାରେ ଜ୍ୟାମିତି ଆଲୋଚନା କରିଥିଲେ ଆଉ ରାଜେନ୍ଦ୍ର ଲାଲ ଭୂଗୋଳର ବିଜ୍ଞାନକୁ ସହଜ ବୋଧ ଭାଷାରେ ଲେଖିଥିଲେ ।

୧୮୩୫ରେ କଲକାତାର ମେଡ଼ିକାଲ କଲେଜ ସ୍ଥାପିତ ହୁଏ । ବହୁଦିନ ଯାଏଁ ଏହା ଥିଲା ବିଜ୍ଞାନ ଶିକ୍ଷାର ଉଲ୍ଲେଖଯୋଗ୍ୟ ପ୍ରତିଷ୍ଠାନ । ଏହାପରେ ୧୮୭୬ରେ ଡାକ୍ତର ମହେନ୍ଦ୍ର ଲାଲ ସରକାରଙ୍କ ପ୍ରଚେଷ୍ଟାରେ କଲକାତାର 'ଇଣ୍ଡିଆନ ଆସୋସିଏସନ ଫର ଦି କାଲନ୍‌ଭେଶନ୍ ଅଫ୍ ସାଇନ୍ସ' ପ୍ରତିଷ୍ଠିତ ହୁଏ । ସମୟକ୍ରମେ ଏହା ଉତ୍କୃଷ୍ଟ ଗବେଷଣାକେନ୍ଦ୍ରରେ ପରିଣତ ହୁଏ । ଏଠାରେ ଗବେଷଣା କରି ଚନ୍ଦ୍ରଶେଖର ରମନ୍ ୧୯୩୦ରେ ପଦାର୍ଥ ବିଦ୍ୟାରେ ନୋବେଲ ପୁରସ୍କାର ପାଇଥିଲେ । ବିଂଶ ଶତକର ଆରମ୍ଭ ଯାଏଁ ଏହା ଥିଲା ପ୍ରଧାନତଃ ବକ୍ତୃତା ଓ ଆଲୋଚନାର ସ୍ଥାନ । ଆନୁଷ୍ଠାନିକ ବିଜ୍ଞାନ ଚର୍ଚ୍ଚାର ଅବସ୍ଥା ସେ ସମୟରେ ଯେମିତି ଥାଉନା କାହିଁକି, ଯୁକ୍ତିପୂର୍ଣ୍ଣ ଚିନ୍ତା ଓ ବିଜ୍ଞାନ ଚେତନାକୁ ସମାଜରେ ପ୍ରସାର କରିବାର ଏକ ପ୍ରଚେଷ୍ଟା ସେତେବେଳେ ହୋଇଥିଲା । ଊନବିଂଶ ଶତକରେ ଅବିଭକ୍ତ ବଙ୍ଗ ପ୍ରଦେଶରେ ସାଂସ୍କୃତିକ ନବଜାଗରଣ ଘଟିଥିଲା । ଆଧୁନିକତା ଥିଲା ଏହାର ଗୋଟିଏ ମୂଲ୍ୟବୋଧ । ଏହି ଆଧୁନିକତା ଧାରଣାର ଅନ୍ୟତମ ଉପାଦାନ ଥିଲା ବିଜ୍ଞାନ । ଆଉ ଆଧୁନିକତା ଆନ୍ଦୋଳନର ପ୍ରଧାନ ଲକ୍ଷ୍ୟ ଥିଲା ସମାଜ । ତେଣୁ ସମାଜ ସଂସ୍କାର ସେତେବେଳେ ବିଶେଷ ଗୁରୁତ୍ୱ ପାଇଥିଲା । ସତୀଦାହ ନିବାରଣ ଓ ବିଧବା ବିବାହ ସମ୍ବନ୍ଧିତ ଆଇନ୍ ପ୍ରଣୟନ ହେଲା । ଏହି ସମାଜ ସଂସ୍କାର ବିଷୟକ ଆନ୍ଦୋଳନକୁ ଅବଲମ୍ବନ କରି ବଙ୍ଗଳା ଗଦ୍ୟ ଭାଷାରେ ଉନ୍ନତି ସାଧିତ ହେଲା, ଗଦ୍ୟ ସାହିତ୍ୟ ପରିପୁଷ୍ଟ ହେଲା । ଏହା ରାମମୋହନଙ୍କଠାରୁ ଆରମ୍ଭ କରି ରବୀନ୍ଦ୍ର ନାଥଙ୍କ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ତେଣୁ ସମାଜ ସଚେତନତା ଯେପରି ବଙ୍ଗଳା ସାହିତ୍ୟକୁ ସମୃଦ୍ଧ କରିଥିଲା, ସେମିତି ସେତେବେଳେ ବିଜ୍ଞାନ ଚର୍ଚ୍ଚା ବା ବିଜ୍ଞାନ ବିଷୟ ଭାବନାର ପ୍ରଧାନତମ ବାହନ ଥିଲା ସାହିତ୍ୟ । ସାହିତ୍ୟ ସମ୍ରାଟ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୮୭୨ରେ 'ବଙ୍ଗ ଦର୍ଶନ' ପତ୍ରିକା ପ୍ରକାଶନ ଆରମ୍ଭ କରିଥବଲେ । ସେ ସ୍ଥିର କଲେ ଦ୍ୱିତୀୟ ସଂଖ୍ୟାରୁ ଏହି ପତ୍ରିକାରେ ଅନ୍ୟ ସବୁକିଛି ସହିତ ବିଜ୍ଞାନ ଆଲୋଚନା ମଧ ରହିବ । ସେ ବିଜ୍ଞାନକୁ ବୃହତ୍ତର ସଂସ୍କୃତିର ଅଙ୍ଗଭାବେ ଦେଖିଥିଲେ । ସେ ତାଙ୍କ ପତ୍ରିକାରେ ବିଜ୍ଞାନ ବିଷୟରେ ଲେଖିବା ଆରମ୍ଭ କଲେ । ପରେ ଏସବୁ ଲେଖାକୁ ଏକତ୍ରିତ କରି ୧୮୭୫ରେ ତାଙ୍କ 'ବିଜ୍ଞାନ ରହସ୍ୟ' ପୁସ୍ତକ ପ୍ରକାଶିତ ହୋଇଥିଲା । ଏହି ବହିରେ 'ଆଶ୍ଚର୍ଯ୍ୟ ସୌରୋତ୍ପାତ' ନାମରେ ଗୋଟିଏ ପ୍ରବନ୍ଧ ଅଛି । ସେଠି 'ସହସ୍ର ମାଇଲ ବେଗ' କେତେ ବୁଝାଇବାକୁ ଯାଇ ସେ ଲେଖିଛନ୍ତି, "ଏହି ବେଗ ମନରେ ଅଚିନ୍ତ୍ୟ । ଏହିପରି ବେଗରେ ନିକ୍ଷିପ୍ତ ପଦାର୍ଥ ଏକ

ସେକେଣ୍ଡରେ ଭାରତବର୍ଷ ପାର କରିପାରେ– ପାଞ୍ଚ ସେକେଣ୍ଡରେ କଲିକତାରୁ ବିଲାତ ପହଞ୍ଚି ପାରେ ଏବଂ ୨୫ ସେକେଣ୍ଡ ଅର୍ଥାତ୍ ଅଧା ମିନିଟ୍‌ରୁ କମ୍ ସମୟରେ ପୃଥିବୀ ବେଷ୍ଟନ କରି ଆସିପାରେ।” ଅର୍ଥାତ୍ ସାହିତ୍ୟ ସମ୍ରାଟଙ୍କ ବିଜ୍ଞାନ ସାହିତ୍ୟ– ବିଜ୍ଞାନ ରଚନାର ଏକ ଦୃଷ୍ଟାନ୍ତ ସ୍ଥାପନ କରିଥିଲା।

ଶାନ୍ତି ନିକେତନର ବ୍ରହ୍ମଚର୍ଯ୍ୟାଶ୍ରମ ବିଦ୍ୟାଳୟର ଶିକ୍ଷକ ଜଗଦାନନ୍ଦ ରାୟ (୧୮୬୧-୧୯୩୩) ବିଜ୍ଞାନକୁ ଜନପ୍ରିୟ କରିବାପାଇଁ କିଛି ବହି ଲେଖିଥିଲେ। ବଙ୍ଗଳାରେ ସମ୍ଭବତଃ ସେ ହିଁ ପ୍ରଥମେ ବିଜ୍ଞାନ କଳ୍ପକାହାଣୀ ରଚନା ଆରମ୍ଭ କରିଥିଲେ। ‘ଶୁକ୍ର ଭ୍ରମଣ’ ନାମକ ଏହି ବହିଟି ୧୮୭୯ରେ ପ୍ରକାଶିତ ହୋଇଥିଲା। ଏହି ବହିର ବିଷୟ ଥିଲା ଅନ୍ୟ ଗ୍ରହରେ ମଣିଷର ଭ୍ରମଣ କାହାଣୀ। ଭିନ୍ନ ଗ୍ରହୀଜୀବ (aliems) ସହିତ ସାକ୍ଷାତ୍ କଥା ଏଠାରେ ବର୍ଣ୍ଣିତ ହୋଇଛି। ତାଙ୍କର ଏହି ବହି ଏଇଚ ଜି ୱେଲ୍‌ସଙ୍କ ବିଖ୍ୟାତ ବହି ‘ଦ ୱାରର ଅଫ୍ ଦ ୱାର୍ଲଡସ୍’ (୧୮୮୯) ପ୍ରକାଶନରେ ପ୍ରାୟ ଦଶ ବର୍ଷ ପୂର୍ବରୁ ପ୍ରକାଶ ପାଇଥିଲା। ‘ପ୍ରକୃତି ପରିଚୟ’, ‘ବୈଜ୍ଞାନିକୀ’ ପ୍ରଭୃତି ତାଙ୍କର ଅନ୍ୟାନ୍ୟ ବିଜ୍ଞାନ ବିଷୟର ବହି। ଆଉ ଜଣେ ଲେଖକ ହେମଲାଲ ଦତ୍ତ ‘ବିଜ୍ଞାନ ଦର୍ପଣ’ ପତ୍ରିକାରେ ‘ରହସ୍ୟ’ ନାମରେ ଏକ ବିଜ୍ଞାନ କଳ୍ପକାହାଣୀ ଲେଖିଥିଲେ। ଏହା ୧୮୮୨ରେ ପ୍ରକାଶ ପାଇଥିଲା। ଏଥିରେ ସ୍ୱୟଂଚାଳିତ ଯନ୍ତ୍ର ସବୁ ଥିବା ଏକ ଘରର ବର୍ଣ୍ଣନା ଅଛି।

ବିଶିଷ୍ଟ ଜାତୀୟତାବାଦୀ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବସୁଙ୍କୁ ବଙ୍ଗଳା କଳ୍ପ ବିଜ୍ଞାନର ଜନକ କୁହାଯାଏ। ତାଙ୍କର ‘ନିରୁଦ୍ଦେଶର କାହାଣୀ’ ନାମରେ ଗୋଟିଏ ଗପ ୧୮୯୬ରେ ପ୍ରକାଶିତ ଥିଲା। ଏଥିରେ ପ୍ରଥମ କରି ବୈଜ୍ଞାନିକ ଯୁକ୍ତିକୁ ବ୍ୟବହାର କରି କିଭଳି ଏକ ସାମୁଦ୍ରିକ ଝଡ଼ରେ ଅଶାନ୍ତ ସମୁଦ୍ରକୁ ‘କୁନ୍ତଳ-କେଶରୀ’ (ସେ ସମୟର ଏକ କେଶ ତେଲ) ତେଲ ଢାଳିବା ପରେ ତାହା ଶାନ୍ତ ହୋଇଗଲା ତା’ର ବର୍ଣ୍ଣନା ଅଛି। ତରଳର ‘ପୃଷ୍ଠତାନ’ ଏହାର ବୈଜ୍ଞାନିକ କାରଣ। ଅବଶ୍ୟ ୨୫ ବର୍ଷ ପରେ ନିଜର ଗୋଟିଏ ମାତ୍ର ବଙ୍ଗଳା ବହି ‘ଅବ୍ୟକ୍ତ’ରେ ଗପଟି ଅନ୍ତର୍ଭୁକ୍ତ କଲାବେଳେ ସେ କିଛି ପରିବର୍ତ୍ତନ କରିଥିଲେ। ଗପଟିର ନା ଦେଇଥିଲେ ‘ପଳାତକ ତୋଫାନ୍’। ଏହି ବହିଟିରେ ତାଙ୍କର ନିଜର ଗବେଷଣା ବିଷୟକୁ ନେଇ କିଛି ବିଜ୍ଞାନ ଲେଖା ଓ ସାହିତ୍ୟ ଲେଖା ମଧ୍ୟ ଅଛି। ସେହିଭଳି କବି ପ୍ରେମେନ୍ଦ୍ର ମିତ୍ର (୧୯୦୪-୧୯୮୮) କଳ୍ପ ବିଜ୍ଞାନ ବା ବିଜ୍ଞାନ ଭିତ୍ତିକ ଗପ, ଉପନ୍ୟାସ ଲେଖୁଥିଲେ। ଶିଶୁମାନଙ୍କ ପାଇଁ ୧୯୩୦ରେ ସେ ‘ପିମ୍ପୁଡ଼ି ପୁରାଣ’ ଲେଖିଥିଲେ। ‘ମଣିଷର ପ୍ରତିଦ୍ୱନ୍ଦ୍ୱୀ’, ‘ପୃଥିବୀର ଶତ୍ରୁ’ ଆଦି ତାଙ୍କର ଅନ୍ୟାନ୍ୟ ବିଜ୍ଞାନଭିତ୍ତିକ ଗପ। ଆଚାର୍ଯ୍ୟ ରାମେନ୍ଦ୍ରସୁନ୍ଦର ତ୍ରିବେଦୀ (୧୮୬୪-୧୯୧୯) ବଙ୍ଗଳାରେ ଲେଖିଥିବା ଜଣେ ବିଜ୍ଞାନ ଲେଖକ। ସେ ୧୮୯୪ରେ ‘ବଙ୍ଗୀୟ ସାହିତ୍ୟ ପରିଷଦ’ ଗଠନ କରିଥିଲେ। ‘ଜିଜ୍ଞାସା’, ‘ଶବ୍ଦକଥା’, ‘ବିଜ୍ଞାନ ଜ୍ୟୋତିଷ ସମାଜ’ ପ୍ରଭୃତି ତାଙ୍କର ଗ୍ରନ୍ଥ। ସେ ବୈଜ୍ଞାନିକ ପରିଭାଷା ନେଇ କାର୍ଯ୍ୟ କରିଥିଲେ।

ବିଶ୍ୱ କବି ରବୀନ୍ଦ୍ର ନାଥ ଠାକୁର ଲିଖିତ ‘ବିଶ୍ୱ ପରିଚୟ’ ପୁସ୍ତକ କଥା ପୂର୍ବରୁ ଆଲୋଚିତ ହୋଇଛି। ଏହି ବହିଟି ତଥ୍ୟ ପରିବେଷଣର ବିଶେଷତା ପାଇଁ ଭାରତୀୟ ଭାଷାରେ ଏକ ପଥିକୃତ ବିଜ୍ଞାନ ସାହିତ୍ୟ ପୁସ୍ତକ ଭାବରେ ବୈଶିଷ୍ଟ୍ୟପୂର୍ଣ୍ଣ, ଯାହା ପରବର୍ତ୍ତୀ ସମୟରେ ବିହୁ ବିଶିଷ୍ଟ ବୈଜ୍ଞାନିକଙ୍କୁ ମାତୃଭାଷାରେ ବିଜ୍ଞାନ ଚର୍ଚ୍ଚା କରିବା ପାଇଁ ଅନୁପ୍ରାଣିତ କରିଥିଲା।

ଆଚାର୍ଯ୍ୟ ସ୍ୟାର ପ୍ରଫୁଲ୍ଲ ଚନ୍ଦ୍ର ରାୟ (୧୮୬୧-୧୯୪୪) ପ୍ରଖ୍ୟାତ ରସାୟନବିତ୍, ମାର୍କାରି ନାଇଟ୍ରେଟର ଆବିଷ୍କାରକ, ବେଙ୍ଗଲ କେମିକାଲ୍‌ସର ପ୍ରତିଷ୍ଠାତା ମଧ୍ୟ ବଙ୍ଗଳାରେ ବିଜ୍ଞାନ ରଚନା କରିଥିଲେ। ବଙ୍ଗଳାରେ ଲିଖିତ ତାଙ୍କର ଗ୍ରନ୍ଥଗୁଡ଼ିକ ମଧ୍ୟରେ ‘ହିନ୍ଦୁ ରସାୟନୀ ବିଦ୍ୟା’ ଅନ୍ୟତମ। ସେହିପରି ପରିସଂଖ୍ୟାନବିଦ ପ୍ରଶାନ୍ତ ଚନ୍ଦ୍ର ମହଲାବିଶ (୧୮୧୩-୧୯୭୨), ପଦାର୍ଥ ବିଜ୍ଞାନୀ ମେଘନାଦ ସାହା (୧୮୧୩-୧୯୫୬)ଙ୍କ ଭଳି ପ୍ରଥିତଯଶା ବିଜ୍ଞାନୀମାନେ ମଧ୍ୟ ବଙ୍ଗଳାରେ ବିଜ୍ଞାନ ଚର୍ଚ୍ଚା କରିଛନ୍ତି। ବଙ୍ଗଳା ଭାଷାରେ ବିଜ୍ଞାନ ଚର୍ଚ୍ଚା କ୍ଷେତ୍ରରେ ବିଶିଷ୍ଟ ପଦାର୍ଥବିଜ୍ଞାନୀ ସତ୍ୟେନ୍ଦ୍ର ନାଥ ବସୁଙ୍କ (୧୮୯୪-୧୯୭୪) ଅବଦାନ ଉଲ୍ଲେଖଯୋଗ୍ୟ। ସେ ବଙ୍ଗଳାରେ ବିଜ୍ଞାନ ଚର୍ଚ୍ଚାର ପ୍ରସାର ପାଇଁ ‘ବିଜ୍ଞାନ ପରିଚୟ’ ପତ୍ରିକା ପ୍ରକାଶ କରିଥିଲେ। ତାଙ୍କ ନେତୃତ୍ୱରେ ୧୯୪୮ରେ ‘ବଙ୍ଗୀୟ ବିଜ୍ଞାନ ପରିଷଦ’ ଗଠିତ ହୋଇଥିଲା। ଏହାର ମୁଖପତ୍ର ରୂପେ ‘ଜ୍ଞାନ ଓ ବିଜ୍ଞାନ’ ପତ୍ରିକା ପ୍ରକାଶିତ ହୋଇଆସୁଛି। କେବଳମାତ୍ର ମୌଳିକ ଗବେଷଣା ନିବନ୍ଧକୁ ନେଇ ସେ ୧୯୬୩ରେ ‘ରାଜଶେଖର ବସୁ’ (ବଙ୍ଗଳା ଅଭିଧାନ ଚଳନ୍ତିକାର ରଚୟିତା ବିଜ୍ଞାନ ପରିଭାଷା ନେଇ କାର୍ଯ୍ୟ କରିଥିଲେ) ସଂଖ୍ୟା ପ୍ରକାଶ କରି ଦେଖେଇଥିଲେ ଯେ, ବଙ୍ଗଳାରେ ବିଜ୍ଞାନର ମୌଳିକ ନିବନ୍ଧ ରଚନା ସମ୍ଭବ।

୧୯୬୦ରେ ପୃଥିବୀ ବିଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ୍ ରାୟ କଳ୍ପବିଜ୍ଞାନ କାହାଣୀ ଲେଖିବା ଆରମ୍ଭ କରିଥିଲେ। ସେ ଜଣେ ବିଜ୍ଞାନ-ଉଦ୍ଭାବକ ପ୍ରଫେସର ଶଙ୍କୁ ନାମରେ ଏକ ଚରିତ୍ର ସୃଷ୍ଟି କରିଥିଲେ। ୪୦ଟି କଳ୍ପ ବିଜ୍ଞାନ ଗଳ୍ପ ଏହି ଚରିତ୍ରକୁ ନେଇ ସେ ଲେଖିଥିଲେ। ସେ ଏହିସବୁ ଗପରେ ଅନେକ ନୂଆ ଶବ୍ଦମାନ ସୃଷ୍ଟି କରିଥିଲେ। ତେଣୁ ବଙ୍ଗଳାରେ ତାତ୍ତ୍ୱିକ ବିଜ୍ଞାନ ଲେଖା ସହିତ ଅନେକ ବିଜ୍ଞାଶ୍ରୟୀ-ଗଳ୍ପ, ଉପନ୍ୟାସ ରଚିତ ହୋଇଛି।

ବର୍ତ୍ତମାନ ଯେଉଁସବୁ ପ୍ରତିଷ୍ଠିତ ସାହିତ୍ୟ ପ୍ରତିକାରେ ବିଜ୍ଞାନ ଲେଖାମାନ ମଝିରେ ମଝିରେ ପ୍ରକାଶିତ ହୁଏ ସେଗୁଡ଼ିକ ହେଲା 'ଦେଶ' (ପାକ୍ଷିକ), 'ଆନନ୍ଦମେଳା' (ସାପ୍ତାହିକ), 'ସନ୍ଦେଶ', 'ଶୁକତାରା' (ମାସିକ ଓ 'ସାନନ୍ଦା' (ପାକ୍ଷିକ) ଇତ୍ୟାଦି।

'ଜ୍ଞାନ ଓ ବିଜ୍ଞାନ'କୁ ଛାଡ଼ିଦେଲେ ଆଉ ଯେଉଁସବୁ ବିଜ୍ଞାନ ପତ୍ରିକା ବେଶ ଦୀର୍ଘ ସମୟ ଧରି ପ୍ରକାଶିତ ହେଉଛି, ସେଗୁଡ଼ିକ ହେଲା: 'ଉତ୍ସ ମାନୁଷ', 'କିଶୋର ବିଜ୍ଞାନୀ', 'ପ୍ରକୃତି' ଇତ୍ୟାଦି। 'କିଶୋର ବିଜ୍ଞାନ', 'ପଶ୍ଚିମବଙ୍ଗ ବିଜ୍ଞାନ ମଞ୍ଚ'ର ମୁଖପତ୍ର। ତ୍ରିପୁରା ଓ ବାଂଲାଦେଶର ଭାଷା ମଧ୍ୟ ବଙ୍ଗଳା। ତ୍ରିପୁରାରୁ ୧୯୭୬ରୁ ଗୋଟିଏ ବିଜ୍ଞାନ ପତ୍ରିକା 'ଜ୍ଞାନ ବିଚିତ୍ରା' ପ୍ରକାଶିତ ହେଉଛି। ସେହିପରି ୧୯୮୦ରୁ 'କିଶୋର ଜ୍ଞାନ ବିଜ୍ଞାନ' ପତ୍ରିକା ସେଠାରୁ ପ୍ରକାଶିତ ହେଉଛି। ବର୍ତ୍ତମାନ ସମୟରେ ମଧ୍ୟ ଅନେକ ଜନପ୍ରିୟ ବିଜ୍ଞାନ ପୁସ୍ତକ, କଳ୍ପ ବିଜ୍ଞାନ ପୁସ୍ତକମାନ ପ୍ରକାଶ ପାଉଛି। ଶର୍ଙ୍କର୍ଷଣ ରାୟଙ୍କ 'ବଜ୍ରମାଣିକ ରହସ୍ୟ', 'ରକ୍ତ ପ୍ରବଳ', ଅଦ୍ରୀଶ ବର୍ଦ୍ଧନଙ୍କ 'ସେରା କଳ୍ପ ବିଜ୍ଞାନ ଓ ମନିବାସ' ପ୍ରଭୃତି ବର୍ତ୍ତମାନର ଉଲ୍ଲେଖଯୋଗ୍ୟ ବିଜ୍ଞାନଭିତ୍ତିକ କାହାଣୀ। 'ସାଇନ୍ସ ରିର୍ପୋଟର'ର ପୂର୍ବତନ ସମ୍ପାଦକ ବିମାନ ବସୁଙ୍କ କିଛି ଜନପ୍ରିୟ ବିଜ୍ଞାନ ପୁସ୍ତକ ଅଛି। 'ଗ୍ରହ ପରିଚୟ' ତାଙ୍କର ସେଭଳି ଗୋଟିଏ ପୁସ୍ତକ। ଆହୁରି ଅନେକ ଅଧ୍ୟାପକ, ଶିକ୍ଷକ, ସାମ୍ବାଦିକଙ୍କ ଜନପ୍ରିୟ ବିଜ୍ଞାନ ପୁସ୍ତକମାନ ପ୍ରକାଶିତ ହେଉଛି।

ବାଂଲାଦେଶରୁ ମଧ୍ୟ ଜନପ୍ରିୟ ବିଜ୍ଞାନ ପତ୍ରିକା 'ବିଜ୍ଞାନ ସାମୟିକୀ' ପ୍ରକାଶିତ ହେଉଛି। ଆଉ ପତ୍ରିକା 'ମୌଳିକ'ରେ କେବଳ କଳ୍ପ ବିଜ୍ଞାନ ପ୍ରକାଶିତ ହୁଏ।

ଓଡ଼ିଆ ଓ ବଙ୍ଗଳା ଦୁଇ ପ୍ରତିବେଶୀ ଭାଷାରେ ଆଜିଠୁ ପ୍ରାୟ ଦୁଇ ଶହ ବର୍ଷ ତଳେ ଖ୍ରୀଷ୍ଟିୟାନ୍ ମିଶନାରୀମାନେ ବିଜ୍ଞାନ ରଚନାର ଅୟମାରମ୍ଭ କରିଥିଲେ। ପ୍ରଥମରୁ ଏହା କେବଳ ପାଠ୍ୟପୁସ୍ତକ ରଚନାରେ ସୀମିତ ଥିଲା। ପରେ ପରେ ବିଶିଷ୍ଟ ସାହିତ୍ୟିକମାନଙ୍କ ଲେଖନୀରେ ଜନପ୍ରିୟ ବିଜ୍ଞାନ ସାହିତ୍ୟ ରଚନା ଆରମ୍ଭ ହେଲା। ପରବର୍ତ୍ତୀ ସମୟରେ ବଙ୍ଗଳାର ଖ୍ୟାତିମାନ ବୈଜ୍ଞାନିକମାନେ ମାତୃଭାଷାରେ ବିଜ୍ଞାନ ଲେଖିବାର ପ୍ରୟୋଜନୀୟତା ଅନୁଭବ କଲେ। ଓଡ଼ିଶା ଓ ବଙ୍ଗ ପ୍ରଦେଶରେ ବିଭିନ୍ନ ବିଜ୍ଞାନ ଅନୁଷ୍ଠାନ ଗଢ଼ି ଉଠିଲା। ବହୁ ଅଧ୍ୟାପକ, ବିଜ୍ଞାନ ଶିକ୍ଷକ, ଡାକ୍ତର, କିଛି ବିଜ୍ଞାନୀ, ସାମ୍ବାଦିକମାନେ ଜନପ୍ରିୟ ବିଜ୍ଞାନ ସାହିତ୍ୟ ରଚନାରେ ବ୍ରତୀ ହେଲେ। ସମସ୍ତଙ୍କ ନିରଳସ ସାଧନାରେ ଏହି କାର୍ଯ୍ୟ ଅବ୍ୟାହତ ରହିଛି। ଓଡ଼ିଶାର କିଛି ବିଜ୍ଞାନ ଲେଖକ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ବଙ୍ଗଳାର ଲେଖକମାନେ ମଧ୍ୟ ପୁରସ୍କୃତ ହୋଇଛନ୍ତି। ବର୍ତ୍ତମାନ ବଙ୍ଗଳାରେ ଇ-ବିଜ୍ଞାନ ପତ୍ରିକା ପ୍ରକାଶିତ ହେଉଛି। ଯୁବ ଗବେଷକମାନେ ଏହାର ଦାୟିତ୍ୱ ନେଇଛନ୍ତି। ପ୍ରତ୍ୟକ୍ଷ ଗବେଷଣାରେ ସମ୍ପୃକ୍ତ ଓଡ଼ିଆ ଗବେଷକମାନେ ଓଡ଼ିଆରେ ତାଙ୍କ ଗବେଷଣା ଲବ୍ଧ ଜ୍ଞାନକୁ ପ୍ରାୟତଃ ପ୍ରକାଶ କରୁ ନାହାନ୍ତି। ତେବେ ଏଥିରେ ନିରୁତ୍ସାହିତ ହେବାର କିଛି ନାହିଁ। ସାଧାରଣ ଶିକ୍ଷିତ ଜନଗଣ ଯଦି ଜନପ୍ରିୟ ବିଜ୍ଞାନ ସାହିତ୍ୟ ପଢ଼ିବେ, ନିଜକୁ ବିଜ୍ଞାନ ମନସ୍କ କରିପାରିବେ; ତେବେ ଯାଇ ବିଜ୍ଞାନ ସାହିତ୍ୟ ରଚନା ସାର୍ଥକ ହେବ। ଯଦି ସାଧାରଣ ସର୍ବନିମ୍ନ ସ୍ତରରେ ବିଜ୍ଞାନ ବାର୍ତ୍ତା ପହଞ୍ଚି ପାରିବ ଓ ସମାଜରେ ଜନମାନସରେ ବୈଜ୍ଞାନିକ ମନୋବୃତ୍ତି ପ୍ରଭାବଶାଳୀ ହେବ, ତେବେ ଜନପ୍ରିୟ ବିଜ୍ଞାନ ସାହିତ୍ୟ ସଫଳ ହେବ।

**ସହାୟକ ସୂଚୀ:**

୧. ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ, ଶ୍ରୀନିବାସ ମିଶ୍ର, ବିଦ୍ୟାପୁରୀ, କଟକ, ୧୯୭୮

୨. ବିଶ୍ୱ ପରିଚୟ, ରବୀନ୍ଦ୍ର ନାଥ ଠାକୁର, ଅନୁବାଦ- ମୃଦୁଳା ମିଶ୍ର, ସୃଜନ, ଭୁବନେଶ୍ୱର, ୨୦୦୭

୩. ଓଡ଼ିଆରେ ବିଜ୍ଞାନ ରଚନା, ସୃଜନିକା, ଭୁବନେଶ୍ୱର, ବିଜ୍ଞାନ ପ୍ରସାର, ନିଉଦିଲ୍ଲୀ, ୨୦୧୦

୪. ଜନପ୍ରିୟ ବିଜ୍ଞାନ ଲେଖକ ଗୋକୁଳାନନ୍ଦ ମହାପାତ୍ର, ଜ୍ୟୋତ୍ସ୍ନା ମହାପାତ୍ର, ଲଳିତ ପ୍ରକାଶନୀ, ଭୁବନେଶ୍ୱର, ୨୦୧୭

୫. History of Bengali Literature, Dr. Sukumar Sen, Sahitya Akademi, New Delhi, ୧୯୬୦

୬. ରବୀନ୍ଦ୍ର ନାଥ ଓ ବିଜ୍ଞାନ, ଦୀପଙ୍କର ଚଟ୍ଟୋପାଧ୍ୟାୟ, ଆନନ୍ଦ ପବ୍ଲିଶର୍ସ ପ୍ରାଇଭେଟ ଲିମିଟେଡ୍, କଲକାତା, ୨୦୦୦

୭. ଅବ୍ୟକ୍ତ, ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବସୁ, ଅନୁବାଦ ମୃଦୁଳା ମିଶ୍ର, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୨୦୧୨

୮. www.bigyan.org.in

୯. https://bn.on.wikipedia.org

ବି-୧୦୨, ଲାଇଫଷ୍ଟାଇଲ ଗ୍ରୀନ୍ ଆପାର୍ଟମେଣ୍ଟ,
କିଟ୍ ଛକ, ଭୁବନେଶ୍ୱର-୭୫୧୦୨୪
ଫୋନ୍- ୯୯୩୭୭୪୨୧୬୧

# ଡ. ଗୋକୁଳାନନ୍ଦ ମହାପାତ୍ର: ଶୋକାର୍ତ୍ତ ଶ୍ରଦ୍ଧା ନିବେଦନ



**ଡାକ୍ତର ରବି ରଞ୍ଜନ ସାହୁ**

ଓଡ଼ିଶାର ବିଜ୍ଞାନ ଗଗନରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଅନ୍ତର୍ହିତ ହୋଇଯାଇଛି। ରାଜ୍ୟର ବୈଜ୍ଞାନିକ ତଥା ବୌଦ୍ଧିକ ମହଲକୁ ଶୋକସନ୍ତପ୍ତ କରି ପ୍ରଫେସର ଡ. ଗୋକୁଳାନନ୍ଦ ମହାପାତ୍ର ୮୬ ବର୍ଷ ବୟସରେ ସବୁଦିନ ଲାଗି ଅବର୍ତ୍ତମାନ ହୋଇଯାଇଛନ୍ତି। ଓଡ଼ିଶାରେ ଓଡ଼ିଆ ଭାଷା ମାଧ୍ୟମରେ ବିଜ୍ଞାନକୁ ଲୋକପ୍ରିୟ କରାଇବା କ୍ଷେତ୍ରରେ ସେ ଥିଲେ ଅଗ୍ରଦୂତ। ନିତ୍ୟନୂତନ ବୈଜ୍ଞାନିକ ତଥ୍ୟ ଅନୁସନ୍ଧାନ ଲାଗି ତାଙ୍କର ନିରଳସ ଉଦ୍ୟମ ଥିଲା ଅବିରତ। ବିଜ୍ଞାନ ଶିକ୍ଷା ଓ ଗବେଷଣାର ପ୍ରସାର ଦ୍ୱାରା ସାମଗ୍ରିକ ଭାବେ ବୈଜ୍ଞାନିକ ଚେତନା ସୃଷ୍ଟି କରିବା ଲାଗି ସେ ନିରନ୍ତର ତତ୍ପର ଥିଲେ। ତାଙ୍କର ବିୟୋଗରେ ଏସବୁ କ୍ଷେତ୍ରରେ ଓ ବିଶେଷକରି ବିଜ୍ଞାନକୁ ଲୋକପ୍ରିୟ କରିବା ଓ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିବା କ୍ଷେତ୍ରରେ ଯେଉଁ ବିରାଟ ଶୂନ୍ୟତା ସୃଷ୍ଟି ହେଲା, ତା' ଅନେକ ଦିନ ଯାଏ ଅପୂରଣୀୟ ରହିବ। ବିଜ୍ଞାନର ଗୂଢ଼ ଓ ଜଟିଳ ତଥ୍ୟଗୁଡ଼ିକୁ ସରଳ ଭାବରେ ବୁଝାଇବା ଲାଗି ପ୍ରଫେସର ମହାପାତ୍ର ଯେଭଳି ପାରଦର୍ଶୀ ଥିଲେ, ସେଭଳି ସେସବୁକୁ ଓଡ଼ିଆ ଭାଷାରେ ବୋଧଗମ୍ୟ ଢଙ୍ଗରେ ପ୍ରକାଶ କରିବାରେ ଥିଲେ ସିଦ୍ଧହସ୍ତ। ଉଭୟ ବିଜ୍ଞାନ ଓ ଓଡ଼ିଆ ଭାଷା ଉପରେ ତାଙ୍କର ଅନନ୍ୟ ଦଖଲ ଥିଲା।

ପ୍ରଫେସର ମହାପାତ୍ର ୧୯୨୭ ମସିହାରେ ଭଦ୍ରକ ଜିଲ୍ଲାରେ ପିତା ବିଜୟ ଗୋବିନ୍ଦ ମହାପାତ୍ର ଓ ମାତା ଫୁଲ ଦେବୀଙ୍କ କୋଳମଣ୍ଡନ କରି ଜନ୍ମଗ୍ରହଣ କରିଥିଲେ। କୁଆଁସ ପ୍ରାଇମେରୀ ସ୍କୁଲରେ ପ୍ରାଥମିକ ଶିକ୍ଷା ଓ କଟକରେ ସ୍ନାତକ ଶିକ୍ଷା ଓ କୋଲକାତା ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି ରେଭେନ୍ସା କଲେଜରେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଭାବରେ ଡ. ମହାପାତ୍ର ତାଙ୍କ କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ସେଇ ବିଭାଗର ମୁଖ୍ୟ ଭାବରେ ଦୀର୍ଘ ଦିନ ଧରି ଦାୟିତ୍ୱ ତୁଲାଇଥିଲେ । ତାଙ୍କର ପ୍ରଗାଢ଼ ଉଦ୍ୟମ ଫଳରେ ରସାୟନ ବିଭାଗର ବହୁବିଧ ଉନ୍ନତି ହେବା ସହିତ ରାଜ୍ୟରେ ରସାୟନ ବିଜ୍ଞାନ ଶିକ୍ଷାର ଦିଗନ୍ତ ପ୍ରସାରିତ ହୋଇଥିଲା। ସେ ମଧ୍ୟ କିଛି ବର୍ଷ ଧରି ଭୁବନେଶ୍ୱର ମହର୍ଷି କଲେଜର ଅଧ୍ୟକ୍ଷ ଓ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଏକାଡ଼େମୀର ନିର୍ଦ୍ଦେଶକ ଭାବରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ୧୯୮୧ ମସିହାରେ ଡ. ମହାପାତ୍ର ସରକାରୀ ଚାକିରିରୁ ଅବସର ଗ୍ରହଣ କଲେ ବି ଛାତ୍ର ଜୀବନରୁ ଆରମ୍ଭ ହୋଇଥିବା ଓଡ଼ିଆରେ ବିଜ୍ଞାନ ସାହିତ୍ୟ ସୃଷ୍ଟି ଲାଗି ତାଙ୍କ ଉଦ୍ୟମ ଶେଷ ନିଃଶ୍ୱାସ ତ୍ୟାଗ କରିବା ଯାଏ ଅବ୍ୟାହତ ରହିଥିଲା।

ଜଣେ ଲୋକପ୍ରିୟ ବିଜ୍ଞାନ ଲେଖକ ଭାବେ ସୁବିଦିତ ଡ. ମହାପାତ୍ର ହେଉଛନ୍ତି ଓଡ଼ିଆ ବିଜ୍ଞାନ ସାହିତ୍ୟର ଜନକ। କୋଲକାତାରେ ସ୍ନାତକୋତ୍ତର ଛାତ୍ର ଥିବାବେଳେ 'କୋଇଲା' ଉପରେ ଲେଖିଥିବା ଏକ ବୈଜ୍ଞାନିକ ପ୍ରବନ୍ଧ ମାସିକ ପତ୍ରିକା 'ସହକାର'ରେ ପ୍ରକାଶ ପାଇଥିଲା। ତାହା ହିଁ ହେଉଛି ଓଡ଼ିଆ ଭାଷାରେ ଲିଖିତ ସର୍ବପ୍ରଥମ ବୈଜ୍ଞାନିକ ଆଲେଖ୍ୟ। ତା'ପରେ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ବୈଜ୍ଞାନିକ ଲେଖାମାନ ପ୍ରକାଶ ପାଇଥିଲା। ୧୯୫୩ ମସିହାରେ ପ୍ରଥମେ ସେ 'ପୃଥିବୀ ବାହାରେ ମଣିଷ' ନାମରେ ଏକ ବୈଜ୍ଞାନିକ ଉପନ୍ୟାସ ଲେଖି ପାଠକୀୟ ଆଦର ଲାଭ କରିଥିଲେ। ବିଜ୍ଞାନକୁ ଲୋକପ୍ରିୟ କରିବା ଲାଗି ଡ. ମହାପାତ୍ର ୧୦୦ରୁ ଅଧିକ ବୈଜ୍ଞାନିକ ପୁସ୍ତକ ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷା ଲାଗି ପାଠ୍ୟପୁସ୍ତକ ରଚନା କରିଥିଲେ। ସେସବୁ ମଧ୍ୟରେ 'ଉଡ଼ନ୍ତା ଥାଳିଆ', 'କୃତ୍ରିମ ଉପଗ୍ରହ', 'ଚନ୍ଦ୍ରର ମୃତ୍ୟୁ', 'ନିଃଶବ୍ଦ ଗୋଧୂଳି', 'ମ୍ୟାଡ଼ାମ କ୍ୟୁରୀ' ଇତ୍ୟାଦି ପୁସ୍ତକ ବହୁ ଭାବରେ ପ୍ରଶଂସିତ ଓ ଆଦୃତ ହୋଇଥିଲା । 'ଏ ଯୁଗର ଶ୍ରେଷ୍ଠ ଆବିଷ୍କାର' ଲାଗି ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ। ନିରଳସ ସାରସ୍ୱତ ସାଧନା, ଗବେଷଣା ଓ ବୈଜ୍ଞାନିକ ଅନୁସନ୍ଧିତ୍ସା ଲାଗି ଡ. ମହାପାତ୍ରଙ୍କୁ ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା।

ସେସବୁ ମଧ୍ୟରେ ୨୦୧୦ ମସିହାରେ ବିଜ୍ଞାନ କୃତି ଲାଗି 'କଳିଙ୍ଗ ପୁରସ୍କାର' ଓ 'ଆର୍.କେ ପରିଜା ସମ୍ମାନ' ବିଶେଷ ଉଲ୍ଲେଖଯୋଗ୍ୟ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନଜନକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ଜଡ଼ ବିଜ୍ଞାନର ଛାତ୍ର ହେଲେ ବି ଡ. ମହାପାତ୍ରଙ୍କ ହୃଦୟରେ ଦରଦ, ମାନବିକତା ଓ କରୁଣାର ପ୍ଲାବନ ନିରନ୍ତର ପ୍ଲାବିତ ଥିଲା। ସମାଜର ନବଜାତ ଶିଶୁ, ଅସହାୟ ବୃଦ୍ଧ ଓ ଅନାଥ ଶିଶୁଙ୍କ ଥଇଥାନ ଓ ବିକାଶକୁ ସେ ଜୀବନର ଅନ୍ୟତମ ପ୍ରଧାନ ବ୍ରତ ଭାବରେ ଗ୍ରହଣ କରିଥିଲେ ଏବଂ ୨୦୧୦ ମେ ମାସରେ 'ଡ. ଗୋକୁଳାନନ୍ଦ ନିତ୍ୟାନନ୍ଦ ମହାପାତ୍ର ଫାଉଣ୍ଡେସନ' ନାମକ ଏକ ସଂସ୍ଥା ଗଠନ କରି ତା' ମାଧ୍ୟମରେ ସେମାନଙ୍କୁ ଯଥାସମ୍ଭବ ସହାୟତା ପ୍ରଦାନ କରୁଥିଲେ। ସଂସ୍ଥାର ସେ ଆଜୀବନ ଅଧ୍ୟକ୍ଷ ଥାଇ ଏଭଳି ମହନୀୟ ସମାଜସେବାରେ ଦାୟିତ୍ୱ ତୁଲାଉଥିଲେ ଏବଂ ତଦ୍ଦ୍ୱାରା ସେ ସୂଚିତ କରି ଦେଉଥିଲେ ଯେ, ମଣିଷ ଯେକୌଣସି ସ୍ତରରେ ଥାଉ ନା କାହିଁକି, ସମାଜ ପ୍ରତି ତା'ର କର୍ତ୍ତବ୍ୟ ପ୍ରତି ଆଖି ବୁଜି ଦେଇପାରିବ ନାହିଁ।

ଧୀର, ସ୍ଥିର, ଭାବଗମ୍ଭୀର, ଅତ୍ୟନ୍ତ ସ୍ନେହୀ, ନିଷ୍କପଟ, ଉଦାର ଚିନ୍ତାଶୀଳ ଡ. ମହାପାତ୍ର ବ୍ୟକ୍ତିଗତ ଜୀବନରେ ଥିଲେ ଋଷିପ୍ରତିମ। ଜୀବନର ପ୍ରତିଟି କ୍ଷେତ୍ରରେ ଯଥାବିଧି କର୍ତ୍ତବ୍ୟ ଯଥୋଚିତ ଭାବରେ ପାଳନ କରିବା ଥିଲା ତାଙ୍କର ଆଦର୍ଶସ୍ଥାନୀୟ ବୈଶିଷ୍ଟ୍ୟ। ଆଜି ତାଙ୍କର ତିରୋଧାନ ଯେଭଳି ଅତ୍ୟନ୍ତ ଶୋକାବହ, ତାଙ୍କର ଆଦର୍ଶ ସେଇଭଳି ପିଢ଼ି ପରେ ପିଢ଼ି ଅନୁସରଣୀୟ। ସ୍ୱର୍ଗତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶତକୋଟି ପ୍ରଣାମର ନୈବେଦ୍ୟ ଅର୍ପଣ କରି ଆମେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛୁ। ■■■

ଚାନ୍ଦିନୀଚୌକ, କଟକ-୨
ମୋ: ୯୪୩୭୩୧୦୧୭୧




3rd anniversary of Late Prof. Dr. Gokulananda Mahapatra



# ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ମହାପାତ୍ରଙ୍କ ସ୍ମୃତିରେ

**ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ବଡୁ**
ଆଇ.ଏ.ଏସ୍ (ଅବସରପ୍ରାପ୍ତ)

ହାଇସ୍କୁଲରେ ପଢ଼ିଲାବେଳେ ବିଜ୍ଞାନ ବହିରେ କେତେକ ଅଧ୍ୟାୟରେ ତାଙ୍କ ନାମ ପଢ଼ିଥିଲି । ସେ ସମୟରେ ମନେମନେ ଭାବୁଥାଉ ବିଜ୍ଞାନ ବିଷୟରେ ଯିଏ ଲେଖିଛନ୍ତି, ସେ କେତେବଡ଼ ଜ୍ଞାନୀଲୋକ ହୋଇଥିବେ । ସେ ଦେଖିବାକୁ କିପରି ଆପେ ଆପେ ମନରେ ଉତ୍କଣ୍ଠା ଜାଗି ଉଠୁଥିଲା । ସୌଭାଗ୍ୟକ୍ରମେ ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ କଲେଜରୁ ପ୍ରି. ପ୍ରଫେସନାଲ (ବର୍ତ୍ତମାନ +2)ରେ ପ୍ରାୟ 77% ରଖିଥିବାରୁ ରେଭେନ୍ସା କଲେଜରେ ବି.ଏସ୍.ସି (ଅନର୍ସ) ପଢ଼ିବାର ସୁଯୋଗ ମିଳିଲା । କେତେକ ଶୁଭେଚ୍ଛୁ କହିଲେ ଯେ ଫିଜିକ୍ସରେ ଅନର୍ସ ପଢ଼ିଲେ ଅଧ୍ୟାପକ ହୋଇପାରିବ ମାତ୍ର ରସାୟନ ବିଜ୍ଞାନ ପଢିଲେ ଚାକିରିପାଇଁ ଅଧ୍ୟାପକ ବ୍ୟତୀତ ବିଭିନ୍ନ ବଡ଼ ବଡ଼ ଶିଳ୍ପ କାରଖାନା, ଗବେଷଣାଗାରରେ ମଧ୍ୟ ଭଲ ଚାକିରି ମିଳିପାରିବ। 1967-69 ଦୁଇ ବର୍ଷ ରସାୟନ ବିଜ୍ଞାନରେ ଅନର୍ସ ସହ ଫିଜିକ୍ସ ଓ ମାଥମେଟିକ୍ସ ପାଶ୍ ବିଷୟ ନେଇ ରେଭେନ୍ସା କଲେଜରେ ପଢ଼ିବାର ସୁଯୋଗ ମିଳିଲା, ମାତ୍ର ଅନର୍ସ କ୍ଲାସରେ ଡକ୍ଟର ମହାପାତ୍ରଙ୍କୁ ପ୍ରାୟତଃ ଦେଖିବାକୁ ମିଳେନାହିଁ । ସେ ଗମ୍ଭୀର ପ୍ରକୃତି ଓ କଡ଼ା ଅଧ୍ୟାପକ ହିସାବରେ ସବୁ ପିଲାମାନେ ତାଙ୍କୁ ବହୁତ ଡରୁଥିଲେ । ରସାୟନ ବିଜ୍ଞାନରେ 1969-71 ଦୁଇ ବର୍ଷ ସେହି ରେଭେନ୍ସା କଲେଜରେ ଏମ୍.ଏସ୍.ସି (M.Sc) ପଢ଼ିଲାବେଳେ ଡକ୍ଟର ମହାପାତ୍ର Organic Chemistry Class ନେଉଥିଲେ । ସେ କ୍ଲାସକୁ ଆସିଲାମାତ୍ରେ ଯେତେ ବଗୁଲିଆ ଛାତ୍ର ହେଲେମଧ୍ୟ ସମସ୍ତେ ଆପେଆପେ ଧୀରସ୍ଥିର ଭାବରେ ବସିରହନ୍ତି । ଥରେ କ୍ଲାସ ନେଲାବେଳେ କେଉଁ ପିଲା ମୁଣ୍ଡରେ ବାସନାତେଲ ଲଗାଇ ଆସିଥାଏ । ମାତ୍ର ସାର ପ୍ରଶ୍ନ ପଚାରିଲେ, ଏ ରୁମରେ ବାସନାତେଲର ଯେଉଁ ସୁଗନ୍ଧ ଆସୁଛି, ତାହାର ନାମ କ'ଣ ଏବଂ ଏହାର ଫରମୂଲା ବା ଗଠନ କିଏ କହିପାରିବ ? କିଏ ବା ଏତେ କଥା ଜାଣିଛି ? ସେ ବିଷୟରେ ଏହାର କେମିକାଲ ଫର୍ମୁଲା ସାର୍ କହିଲେ । ଅନେକ ସମୟରେ କ୍ଲାସରେ ପଢାଇଲାବେଳେ Organic Chemistry ଉପରେ ଏବଂ ଏହାର ଉପଯୋଗିତା ବିଷୟରେ ପଚାରନ୍ତି । ଯଦି କିଏ କିଛି ନ କହିପାରିଲା, ଗୋକୁଳାନନ୍ଦ ସାର୍ କହିବେ "Who admitted you to Ravenshaw College?" You are not fit for reading in Ravenshaw College, ଗୋକୁଳାନନ୍ଦ ସାର୍ ପ୍ରାକ୍ଟିକାଲ ପରୀକ୍ଷାରେ ଯଦି Internal or External ହେଲେ, ପିଲାଙ୍କର ହାଲତ ନକହିଲେ ଭଲ । ତାଙ୍କର ପାତର ଅନ୍ତର ନାହିଁ କି ପ୍ରାକ୍ଟିକାଲ ପରୀକ୍ଷାରେ ଟିକିଏ ଲିବରାଲ୍ ହେବା ଦୁଃସ୍ୱପ୍ନ ଅଟେ । ସେ ଥିଲେ ଅମାପ ଜ୍ଞାନର ଭଣ୍ଡାର, ଯେତେବେଳେ ସେ Text Book Director ହେଲେ, ସେ ମଧ୍ୟ ତାଙ୍କର ପ୍ରଶାସନିକ ଦକ୍ଷତା ଜାହିର କରିବାକୁ ଭୁଲି ନଥିଲେ । ସେ ଜଣେ ବିଜ୍ଞାନର ଜୀବନ୍ତ Encyclopedia ଥିଲେ । ତାଙ୍କର ଜ୍ଞାନର ଗଭୀରତା, ପାଠ ପଢେଇବାର ଶୈଳୀ ଓ ପ୍ରଶାସନିକ ଦକ୍ଷତା ବହୁତ କମ୍ ଲୋକଙ୍କ ପାଖରେ ଦେଖିବାକୁ ମିଳିଥାଏ । ସେପରି ବ୍ୟକ୍ତିତ୍ୱ ଦେଖିବା ଆଜିକାଲି ବହୁତ ବିରଳ । ■■■

ମୋବାଇଲ ନଂ - ୯୪୩୭୯୬୫୧୬୧

# ବୈଜ୍ଞାନିକ ଗୋକୁଳାନନ୍ଦ ମହାପାତ୍ର : ଏକ ଅଭୁଲା ସ୍ମୃତି



**ଡ. ବସନ୍ତ କୁମାରୀ ନନ୍ଦ**
**ଉତ୍କଳ ସମ୍ମିଳନୀ, କଟକ**

ଏହି ପୁଣ୍ୟଭୂମି ଭାରତ ଅନେକ ମହାମନିଷୀଙ୍କୁ ଜନ୍ମ ଦେଇଛି। ସେମାନଙ୍କର ଅଜସ୍ର କୀର୍ତ୍ତି ଓ କୃତିରେ ମାତୃଭୂମି ଭାରତ ମହୀୟାନ, ସେହିପରି ଏକ ଯୋଗ୍ୟସୁତ ଜନ୍ମ ନିଅନ୍ତି ମେ ମାସ ୨୪ ତାରିଖ ୧୯୨୨ ମସିହାରେ, ଓଡ଼ିଶା ରାଜ୍ୟର ଭଦ୍ରକ ଜିଲ୍ଲାରେ। ସେ ଏଭଳି ଜଣେ ଗୁଣୀ ଜ୍ଞାନୀ ବିଦ୍ୱାନ ଥିଲେ; ଯାହାକି ସାରା ଭାରତ କାହିଁକି ବିଶ୍ୱରେ ମଧ ତାଙ୍କ ବିଜ୍ଞାନ କୃତି ଅମଳିନ। ବୃତ୍ତିରେ ଜଣେ ବୈଜ୍ଞାନିକ, ଶିକ୍ଷାଗତ ଯୋଗ୍ୟତା ଥିଲା ବିଜ୍ଞାନର MSC ଓ Ph.D। କଲିକତା ଓ ଉତ୍କଳ ୟୁନିଭରସିଟ୍‌ରେ ତାଙ୍କ ଦକ୍ଷତା କିଏ ନଜାଣେ ? 'କଳିଙ୍ଗ ସମ୍ମାନ' ପାଇବାରେ ସେ ଥିଲେ ଜଣେ ସୁଦକ୍ଷ ବିଦ୍ଵାଣୀ। ତାଙ୍କର ପରମାୟୁ ଥିଲା ୯୧ବର୍ଷ। ୨୦୧୩ ମସିହା ଜୁଲାଇ ୧୦ରେ ସେ ଦେହତ୍ୟାଗ କରିଥିଲେ। କିନ୍ତୁ ଏନ୍ତୁଡ଼ିଶାଳରୁ ମଶାଣି ଯାଏ ଲମ୍ବିଥିବା ଆୟୁକୁ ସେ ସମାଜସେବା, ବିଜ୍ଞାନର ସରଳିକରଣ ଲେଖାରେ ପ୍ରବୁଦ୍ଧ କରିଥିଲେ। ସେ ବିଜ୍ଞାନ ପ୍ରଚାର ସମିତି ନାମକ ଅନୁଷ୍ଠାନଟିଏ ଗଠନ କରି ଯୁବବାହିନୀଙ୍କୁ ପ୍ରେରଣାଦେଇ ଲେଖିବାରେ ଆଗେଇ ନେଇଥିଲେ। ଛାତ୍ର ସମାଜର ଗଠନମୂଳକ ଚିନ୍ତାଧାରା, ସୃଜନଶୀଳତାକୁ ସେ ଠିକ୍‌ରୂପେ ଚିହ୍ନି ଠିକ୍ ରୂପେ କାର୍ଯ୍ୟକାରୀ କରାଇ ଉତ୍କଳ ଜନନୀଙ୍କର ବରପୁତ୍ର କର୍ମବୀର ଗୋକୁଳାନନ୍ଦ ମହାପାତ୍ର ନାମରେ ପରିଚିତ। ୯୫ରୁ ଊର୍ଦ୍ଧ୍ୱ ବିଜ୍ଞାନ ଭିତ୍ତିକ ଗବେଷଣା ତାଙ୍କର ପ୍ରକାଶିତ। ତାଙ୍କ ଲିଖିତ ବିଜ୍ଞାନ ସମୃଦ୍ଧ ପୁସ୍ତକମାନ ହେଲା - କୃତ୍ରିମ ଉପଗ୍ରହ, ପୃଥିବୀ ବାହାରେ ମଣିଷ, ଚନ୍ଦ୍ରର ମୃତ୍ୟୁ, ନିଶବ୍ଦ ଗୋଧୂଳି, ମାଡାମ କ୍ୟୁରି, ନୀଳଚକ୍ରବାଳ ସେପାରେ। ସେ ରହୁଥିଲେ କଟକ ସହର ଦୋଳମୁଣ୍ଡେଇ ଛକଠାରେ। ତାଙ୍କ ବସାଘର ଏକ ବୈଠକଘର ଓ ଲାଇବ୍ରେରୀ। ଏଠାରେ ନିତି ସଭାସମିତି, ବହିଛପା, ବିଜ୍ଞାନ ଆଲୋଚନା ଗରିବ ମେଧାବୀ ଛାତ୍ରଙ୍କୁ ସାହାଯ୍ୟ ଇତ୍ୟାଦି ବିଷୟରେ ସେ ଆଲୋଚନା କରି କାର୍ଯ୍ୟ କରୁଥିଲେ। ଭୁବନେଶ୍ୱରରେ କିଛି ଦିନ ମଧ ରହିଥିଲେ। ଦୋଳମୁଣ୍ଡେଇସ୍ଥ ବାବା ସାଗର ଦାସ ବଦ୍ୟାପୀଠରେ ଗୋଟିଏ ବଖରାଘର ତାଙ୍କ ବିଜ୍ଞାନଚର୍ଚ୍ଚା ନିମିତ୍ତ ଉଦ୍ଦିଷ୍ଟ। ମୁଁ ୨୦୦୮ରେ କଟକର ବ୍ଲକ ସଂଯୋଜକ ଅଫିସର ଥିଲାବେଳେ ଅନେକଥର ତାଙ୍କ ସଭାରେ ଯୋଗ ଦେଇଛି। ସାର୍‌ଙ୍କର ଗୋରା ତକତକ ସୌମ୍ୟ ମୂର୍ତ୍ତି ଓ ଧୀରସ୍ଥିର କଥାଶୈଳୀ ସମସ୍ତଙ୍କ ହୃଦୟକୁ ଜିଣିନିଏ। ବିଜ୍ଞାନ ଦିଗନ୍ତ, ବିଜ୍ଞାନ ପ୍ରଚାର ସମିତି ଦ୍ୱାରା ପ୍ରକାଶିତ ପତ୍ରିକା ସେ ନିୟମିତ ବାଣ୍ଟୁଥିଲେ। ତାଙ୍କ ବିଜ୍ଞାନ ଲେଖା ଶୈଳୀ ବହୁତ ସରଳ ଭାଷା ଓ ପ୍ରତ୍ୟେକ ବ୍ୟକ୍ତି ଛାତ୍ର ବୁଝିଲାଭଳି ଭାଷା , ଚିତ୍ର, ଉଦାହରଣରେ ଭରପୁର। ତାଙ୍କ ସହଧର୍ମିଣୀ ମହୀୟସୀ - କୁମୁଦୁନୀ ମହାପାତ୍ର ଆମଲାଗି ଚା ଜଳଖିଆର ବନ୍ଦୋବସ୍ତ କରୁଥିଲେ। ମାନବିକତାର ମୂଲ୍ୟବୋଧ ସେ ତାଙ୍କର ପରିବାର ଜଡ଼ିତ। ଜ୍ୟୋତ୍ସ୍ନା, ଗିରିଜା, ରଶ୍ମି, ସ୍ନିଧା, ନନ୍ଦନନ୍ଦନ ମହାପାତ୍ର ଆଦି ତାଙ୍କ କୁଟୁମ୍ବ ଓ ପରିବାର ସମସ୍ତେ ଆଧ୍ୟାତ୍ମିକବାଦୀ ଓ ସାହିତ୍ୟ - ସଂସ୍କୃତି - ବିଜ୍ଞାନ ଧାରାରେ ଅନୁରଣିତ। ଗୋକୁଳାନନ୍ଦବାବୁ କେବଳ ବୈଜ୍ଞାନିକ ବା ଅଧ୍ୟାପକ ନୁହଁନ୍ତି ଜଣେ ବିଶିଷ୍ଟ ପ୍ରସିଦ୍ଧ ସାହିତ୍ୟିକ। ଶାନ୍ତନୁ କୁମାର ଆଚାର୍ଯ୍ୟ, ମନୋରମା ମହାପାତ୍ର, ଶ୍ୟାମା ମଣୀ ଦେବୀଙ୍କ ଉପରେ ଓଡ଼ିଆରେ ଅନେକ ଗ୍ରନ୍ଥ ଲେଖିଯାଇଛନ୍ତି।

ତାଙ୍କଠାରେ ସତ୍ୟଶାନ୍ତି, ଦୟାକ୍ଷମାର ସୁଗୁଣଗୁଡ଼ିକ ବିଦ୍ୟାମାନ ଥିଲା। ସେ କାହାକୁ ଅବମାନନା ବା ଘୃଣା କରୁନଥିଲେ। ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ ଭାବରେ ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ।

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ଅବଦାନ ମହାନ। ତାଙ୍କର ଲେଖାର ବୈଚିତ୍ର ହେଲା ମୂର୍ଖକିଟିଏ ମଧ ତାଙ୍କ ପାଠକୁ ବୁଝିପାରିବ। ଏପରି ସରଳ ଭାଷାରେ ବିଜ୍ଞାନ ତଥ୍ୟକୁ ଲେଖିବାରେ ସେ ପାରଙ୍ଗମ।

ଆଜି ସେ ନାହାନ୍ତି ସତ; କିନ୍ତୁ ତାଙ୍କ ଅମଳିନ କୃତି ଓ କୀର୍ତ୍ତି ପାଇଁ ଆଜି ସେ କାଳଜୟୀ। ତାଙ୍କର ଅମର ଆତ୍ମା ନିକଟରେ ଏତିକି ପ୍ରାର୍ଥନା, ସେ ତାଙ୍କ ଶୁଭାଶିଷ ଦ୍ୱାରା ଏ ମଣିଷ ସମାଜକୁ ବାଟ କଢ଼େଇ ନିଅନ୍ତୁ।

**ବନ୍ଦେ ଉତ୍କଳ ଜନନୀ** ■■■

ପୂର୍ବତନ ଶିକ୍ଷାଧିକାରୀ, କଟକ ସଦର, କଟକ
ଶିଖରପୁର, କଟକ-୩, ଯୋଗାଯୋଗ - ୮୨୬୦୧୯୧୮୧୨

# ସାର୍ ମନେପଡ଼ନ୍ତି



ଅନସୂୟା ମିଶ୍ର

ଉଣେଇଶି ଶହ ବୟାଅଶୀ ମସିହାର କଥା। ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ବାହା ହୋଇ ଶାଶୂଘରେ ଗୋଡ଼ ଦେଇଥିବା ନୂଆ ବୋହୂର ଦାୟିତ୍ୱ ମୋ ଉପରେ କିଛି କମ୍ ନଥିଲା। ସଦ୍ୟ ବିଏସ୍‌ସି ପାସ୍ କରିଥିବା ମୁଣ୍ଡ ମୋର ଘର ସଂସାରର ବୋଝକୁ ସମ୍ଭାଳି ପାରୁ ନଥାଏ। 'ସମାଜ' ଅଫିସ୍‌ରେ ପଦ୍ମଭୂଷ ଡକ୍ଟର ରାଧାନାଥ ରଥଙ୍କ ବ୍ୟକ୍ତିଗତ ସହକାରୀ ରୂପେ କାର୍ଯ୍ୟ କରୁଥିବା ମୋର ସ୍ୱାମୀ ପ୍ରମୋଦ କୁମାର ମହାପାତ୍ର ରେଭେନ୍ସା କଲେଜରୁ ଏମ୍.ଏସ୍‌ସି ପାସ କରିଥିବା ଜଣେ ବ୍ୟକ୍ତି ଥିଲେ। ତାଙ୍କର ବିଜ୍ଞାନ ପାଠ ସହ 'ସମାଜ' ଅଫିସ୍‌ର ରିଲିଫ ବଣ୍ଟନ ସହ ଅନ୍ୟାନ୍ୟ ସେବାମୂଳକ କାର୍ଯ୍ୟର କ'ଣ ସାମଞ୍ଜସ୍ୟ ଅଛି, ତାହା ମୁଁ କିଛି ବୁଝିପାରୁନଥାଏ। ସକାଳ ସାତଟାରୁ ରାତ୍ରି ଆଠଟା ଯାଏ ତାଙ୍କର କାର୍ଯ୍ୟବ୍ୟସ୍ତତାକୁ ମୁଁ ଚକିତ ହୋଇ ଚାହିଁ ରହିଥାଏ। ଦେଢ଼ଶୁର ଶ୍ରୀଯୁକ୍ତ ଶରତ କୁମାର ମହାପାତ୍ର ଜଣେ ବିଜ୍ଞାନର ଛାତ୍ର ସହ ଚୌଦ୍ୱାର ଟେକ୍ନିକାଲ ସ୍କୁଲରେ ଅଧାପକ ରୂପେ କାର୍ଯ୍ୟ କରୁଥାନ୍ତି। ତାଙ୍କ କ୍ୱାର୍ଟରରେ ଆମର ବିବାହ କାର୍ଯ୍ୟ ସଂପନ୍ନ ହୋଇଥାଏ। ବୋହୂ ରୂପେ ମୁଁ ମୋର କର୍ତ୍ତବ୍ୟ କରିବାକୁ ସେଠାରେ ରହି ମୁଁ ପ୍ରାଣପଣେ ଉଦ୍ୟମ କରୁଥାଏ। ତିନି ପିଢ଼ିଧରି ବିଜ୍ଞାନକୁ ଆପଣେଇ ନେଇଥିବା ଏକ ପରିବାରକୁ ଆସି ଆଉ ଏକ ବିଜ୍ଞାନ ପାଠ ପଢ଼ିଥିବା ପରିବାରରେ ପହଞ୍ଚିଥିବାରୁ ମୋ ବାପା ତଥା ଇଞ୍ଜିନିୟର ପୂର୍ଣ୍ଣାନନ୍ଦ ମିଶ୍ର ଖୁବ୍ ଆତ୍ମସନ୍ତୋଷ ଲାଭ କରୁଥାଆନ୍ତି। ମୁଁ କିନ୍ତୁ ଦେଢ଼ଶୁରଙ୍କ କ୍ୱାର୍ଟରରେ ଗୋଟିଏ କୋଣରେ ବସି ନିଜର ଭବିଷ୍ୟତକୁ ଉଣ୍ଡାଳୁଥାଏ। ଭାଇମାନଙ୍କର ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖୁଥାଏ। ଏହାସହିତ ଆଲମିରାରେ ସାଇତା ହୋଇଥିବା ଥାକ ଥାକ ବହିକୁ ପଢ଼ିବାକୁ ଚେଷ୍ଟା କରୁଥାଏ। ବିଜ୍ଞାନ ପଢ଼ିଥିବା ବ୍ୟକ୍ତିଙ୍କର ସାହିତ୍ୟ ପ୍ରୀତି ମୋତେ ଯେତିକି ଆନନ୍ଦ ଦେଉଥାଏ, ସେତିକି ଆଶ୍ଚର୍ଯ୍ୟ କରୁଥାଏ।

ଯୋଗକୁ ଭାଇନାଙ୍କ ବହି ଆଲମିରା ମଧ୍ୟରୁ ଡ. ଗୋକୁଳାନନ୍ଦ ମହାପାତ୍ରଙ୍କର 'ପୃଥିବୀ ବାହାରେ ମଣିଷ' ଓ କେତେଖଣ୍ଡ ବହିକୁ ଦେଖି ସେସବୁକୁ ଆଗ୍ରହର ସହିତ ପଢ଼ିବାରେ ଲାଗିଯାଇଥିଲି। ମୋର ବହିପଢ଼ା ନିଶାକୁ ଦେଖି ସ୍ୱାମୀ ମହାପାତ୍ରବାବୁ 'ସମାଜ' ଅଫିସ୍ ଲାଇବ୍ରେରୀରୁ ଅନେକ ବିଜ୍ଞାନ ଭିତ୍ତିକ ପୁସ୍ତକ ଆଣି ମୋତେ ଯୋଗାଇଦେଲେ। ଘରେ ଥିବା 'ମାଟି ମଟାଳ', 'ସମୟ ସାଗର ତୀରେ', 'ଯାଜ୍ଞସେନୀ' ଭଳି ଉପନ୍ୟାସ ସହିତ ସାର୍ (ଗୋକୁଳାନନ୍ଦବାବୁ)ଙ୍କର ଅନେକ ବିଜ୍ଞାନ ଉପନ୍ୟାସ ପୁସ୍ତକ ମୋତେ ଅଭିଭୂତ କରିଦେଉଥାଏ। କଲେଜରେ ପଢ଼ିବାବେଳେ ସାର୍‌ଙ୍କ ଦ୍ୱାରା ଲିଖିତ ରସାୟନବିଜ୍ଞାନ ଭିତ୍ତିକ ପାଠ୍ୟପୁସ୍ତକକୁ ମୁଁ ବାରମ୍ବାର ପଢ଼ିବା ସହିତ ସୂତ୍ରଗୁଡ଼ିକ ସହଜରେ ଅଭ୍ୟାସ କରିପାରିଥିଲି। ଜଟିଳ ପାଠକୁ ସରଳ କରି ବୁଝାଇବା ସହ ସାରଙ୍କର ସାହିତ୍ୟ ପ୍ରୀତି ବିଶେଷଭାବେ ସାଧାରଣ ଲୋକଙ୍କ ନିକଟରେ ଅତି ସରଳଭାଷାରେ ବିଜ୍ଞାନର ଜଟିଳ ତତ୍ତ୍ୱର ଉପସ୍ଥାପନା ମୋତେ ମନ୍ତ୍ରମୁଗ୍ଧ କରୁଥାଏ। ମୁଁ ମୋର ସ୍ୱାମୀଙ୍କୁ ସାର୍‌ଙ୍କ ଲେଖାରୁ ପ୍ରେରଣା ପାଇ ଜଟିଳ ବିଜ୍ଞାନ ତତ୍ତ୍ୱକୁ ସାର୍‌ଙ୍କ ଭଳି ସାଧାରଣ ଲୋକଙ୍କର ବୋଧଗମ୍ୟ ହେବାଭଳି ଭାଷାରେ ଲେଖିବାକୁ ପ୍ରବର୍ତ୍ତାଇଲି। ଭାଗ୍ୟକୁ ସେ ମୋ କଥା ଶୁଣିଲେ ଏବଂ ଅଳ୍ପ ଦିନ ମଧ୍ୟରେ ଜଣେ ଲୋକପ୍ରିୟ ବିଜ୍ଞାନ ଲେଖକ ଭାବେ ରାଜ୍ୟରେ ସୁନାମ ଅର୍ଜନ କଲେ।

ମୁଁ ମଧ୍ୟ ପଛରେ ପଡ଼ିବା ଲୋକ ନଥିଲି। ସାରଙ୍କର ଲେଖା, ବୈଜ୍ଞାନିକ ଶବ୍ଦାବଳୀର ସରଳ ରୂପାନ୍ତର ମୋତେ ଲେଖିବାକୁ ପ୍ରେରଣା ଯୋଗାଇଲା। ମୁଁ ସାହିତ୍ୟ ସହିତ ବିଜ୍ଞାନକୁ ସରଳ ଭାଷାରେ ଲେଖିଚାଲିଲି। ସମୟକ୍ରମେ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ ସହ ଜଣେ ସୁଲେଖିକା ଭାବେ ବିଜ୍ଞାନ ପ୍ରଚାର ସମିତିର ସଭ୍ୟା ହୋଇ ପାରିଲି। ସାରଙ୍କ ଦୋଳମୁଣ୍ଡଇସ୍ଥିତ ବାସଭବନରେ ବିଜ୍ଞାନ ପ୍ରଚାର ସମିତିର ବୈଠକରେ ଯୋଗଦେବା ବେଳେ ସାର୍ ତାଙ୍କ ପତ୍ନୀଙ୍କ ସହ ଆମ ଦୁହିଁଙ୍କର ପାରିବାରିକ ସଂପର୍କ ଗଢ଼ିଉଠିଲା। ମାଉସୀଙ୍କର ହୁଇଲ ଚେୟାରରେ ବସି ରୋଷେଇ କାର୍ଯ୍ୟକୁ ନିୟନ୍ତ୍ରଣ କରୁଥିବା ଦେଖି ମୁଁ ଉଭୟଙ୍କର କାର୍ଯ୍ୟଶୈଳୀକୁ ଗୁଣି ହେଲି। ଶେଷରେ ସାର୍‌ଙ୍କ

ଆତ୍ମଜୀବନୀ ଆମ ପାଇଁ ଯେତିକି ମାର୍ଗଦର୍ଶକ ଥିଲା, ମାଉସୀଙ୍କ ଦେହାନ୍ତ ସହିତ ଆମକୁ ମଧ୍ୟ ଅଶେଷ ଦୁଃଖ ଦେଲା। ଅନେକ ଥର ସାର୍ ସୁଦୂର ମୁମ୍ବାଇରେ ଥାଇ ମଧ୍ୟ ମୋ ସହିତ କଥା ହୋଇଛନ୍ତି। ମୁଁ ଉଭୟକରି ଫୋନରେ କଥାକୁ ସଂକ୍ଷିପ୍ତ କରିବାକୁ ଚେଷ୍ଟା କରେ, ମାତ୍ର ସାର୍ କଥାକୁ ଲମ୍ବାଇ ଦିଅନ୍ତି। ଆଶୀର୍ବାଦ କରନ୍ତି। ଓଡ଼ିଶାର ଖବର ମୋଠାରୁ ବୁଝନ୍ତି। ପିଲାଙ୍କ ଖବର ପଚାରନ୍ତି। ମୁଁ ଧନ୍ୟ ହୋଇଯାଏ। ଜଣେ ସଚ୍ଚା ଓଡ଼ିଆ ହିସାବରେ ସାଙ୍ଗସାଥୀ, ବନ୍ଧୁବାନ୍ଧବ ତଥା ଅତି ଆପଣାର ଛାତ୍ରଛାତ୍ରୀ ଛାଡ଼ି ମୁମ୍ବାଇରେ ସମୟ କଟାଇବା ତାଙ୍କ ପାଇଁ କଷ୍ଟକର ଥିଲା ବୋଲି ମୁଁ ଦୃଢ଼ ନିଶ୍ଚିନ୍ତ ଥିଲି। ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ ତଥା ଲେଖିକା ରୂପେ ଓଡ଼ିଆ ବିଜ୍ଞାନ ଏକାଡେମୀ, ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ସହ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପାଇବା ମୋ ପାଇଁ ଯେତିକି ଆନନ୍ଦଦାୟକ ଘଟଣା ଥିଲା ସାର୍‌ଙ୍କର ଆଶୀର୍ବାଦ, ତାଙ୍କର ସରଳ ଅମାୟିକ ବ୍ୟବହାର ମୋତେ ଆଗକୁ ଯିବାପାଇଁ ପ୍ରେରଣା ଯୋଗାଇଥିଲା। ମୋ ପାଖରେ ଏବେ ସୁଦ୍ଧା ସାରଙ୍କ ଲିଖିତ ୫୦ ଖଣ୍ଡରୁ ଊର୍ଦ୍ଧ୍ୱ ପୁସ୍ତକ ରହିଛି। ସମୟ ପାଇଲା ମାତ୍ରେ ମୁଁ ମୋର ପିଲାମାନଙ୍କ ସହିତ ଛାତ୍ରଛାତ୍ରୀଙ୍କୁ ସେଗୁଡ଼ିକୁ ପଢ଼ିବାପାଇଁ ବାଧ୍ୟ କରେ। ଗପ ଶୁଣାଏ। ସାର୍‌ଙ୍କ ଭଳି ରାଜ୍ୟ ତଥା ଦେଶର ଜଣେ ବିଜ୍ଞାନପ୍ରେମୀଙ୍କ ସରଳ ଆଚରଣ ଓ ଉଚ୍ଚରଣ ସଂପର୍କରେ ବଖାଣେ।

ସମୟ ସହିତ ତାଳ ଦେଇ ସାର୍ ଅସ୍ତମିତ ହୋଇଗଲେଣି, ଆମେ କିନ୍ତୁ ତାଙ୍କ ଦ୍ୱାରା ଲିଖିତ ଅନେକ ଅମୂଲ୍ୟ ରତ୍ନତୁଲ୍ୟ ପୁସ୍ତକକୁ ସାଇତି ରଖିଛୁ। ସ୍ୱପ୍ନ ଦେଖୁଛୁ ଆଉ ଥରେ ସାର୍‌ଙ୍କର ଆବିର୍ଭାବକୁ। ମାତ୍ର ସେମିତି କିଛି ହୁଏନାହିଁ। ବରଂ ଆଜିକାଲିର ପିଲାଙ୍କ ପାଖରେ ବହି ପଢ଼ିବାର ଅଭ୍ୟାସ କମିଗଲାଣି। ପୂର୍ବ ଅବସ୍ଥା ଏବେ ଆଉ ନାହିଁ। ବୟସ୍କ ଲୋକମାନେ ଟିଭି ସାମନାରେ ବସି ସମୟ କଟାଉଥିବା ବେଳେ ଛାତ୍ରଛାତ୍ରୀମାନେ ମୋବାଇଲ ଖେଳରେ, କମ୍ପ୍ୟୁଟରରେ ଅଧିକାଂଶ ସମୟ କଟାଉଛନ୍ତି। ଏହା ଏବେକାର ଲେଖକଙ୍କୁ କଷ୍ଟ ଦେଉଛି। ବହି ଛାପା ହେଉଛି, ମାତ୍ର ବିକ୍ରି ହେଉ ନାହିଁ। ଏଭଳି ଅଶୋଭନୀୟ ପରିସ୍ଥିତିକୁ ସାମ୍ନା କରିବା ପୂର୍ବରୁ ସାର୍ ଈଶ୍ୱରଙ୍କ ନିକଟକୁ ଚାଲି ଯାଇଛନ୍ତି। ତାଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଆମେ କେତେଜଣ ଲେଖକ, ଲେଖିକା ଏବେ ଥକି ପଡିଲୁଣି। ତଥାପି ସାର୍‌ଙ୍କ ନିର୍ମଳ ଭାବମୂର୍ତ୍ତି ସହ ଫଟୋଚିତ୍ର, ପୁସ୍ତକଗୁଡ଼ିକ ଆମକୁ ଅଧିକରୁ ଅଧିକ ଲେଖିବା ପାଇଁ ପ୍ରେରଣା ଯୋଗାଇ ଚାଲିଛି। ଓଡ଼ିଆଭାଷାରେ ବିଜ୍ଞାନର ଜଟିଳ ତତ୍ତ୍ୱକୁ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ ଏବେ ସରକାରୀ ସ୍ତରରେ ଆରମ୍ଭ ହୋଇଗଲାଣି। ଯାହା ଜାଣିଲେ ସାର୍‌ଙ୍କ ଭଳି ସାରା ଜୀବନ ଶିକ୍ଷାଦାନ, ଲେଖା ଓ ବିଜ୍ଞାନକୁ ସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରିଥିବା ମହାନ ଆତ୍ମା ନିଶ୍ଚୟ ଆନନ୍ଦିତ ହେବେ। ସ୍ୱର୍ଗରେ ଥାଇ ସାର ହସିବେ। ଆର୍ଶୀବାଦ ଦେବେ ଆମର ଆଗାମୀ ପିଢ଼ିଙ୍କୁ, ସମଗ୍ର ଓଡ଼ିଶା ଜାତିକୁ... । ■■■

ପ୍ରଧାନ ଶିକ୍ଷୟିତ୍ରୀ,
ମାନସିଂହ ପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟ,
କଟକ - ୮, ଫୋନ-୯୮୬୧୯୨୯୮୨୫

# ଶିଶୁ ଓ କିଶୋର ସାହିତ୍ୟକୁ ଡକ୍ଟର ଗୋକୁଳାନନ୍ଦ ମହାପାତ୍ରଙ୍କ ଅବଦାନ



**ଡାକ୍ତର ପ୍ରସନ୍ନ କୁମାର ରାଠୋର**
ଆସୋସିଏଟ୍ ପ୍ରଫେସର (ମେଡ଼ିସିନ୍)

ମାତୃଭାଷାରେ ପଢିଲେ ବିଷୟକୁ ଭଲଭାବେ ବୁଝିହୁଏ । ସର୍ଜନାତ୍ମକ, ବିଶ୍ଳେଷଣାତ୍ମକ ଚିନ୍ତନ ଓ ଭାଷାରେ ଦକ୍ଷତା ପରିଲକ୍ଷିତ ହୁଏ । ପ୍ରତ୍ୟେକ ଭାଷାର ନିଜସ୍ୱ ସଂସ୍କୃତି ରୂପ, ରଙ୍ଗ, ଲୟ ରହିଅଛି ଓ ପ୍ରତ୍ୟେକ ମଣିଷ ପାଇଁ ଏହା ଏକ ଅମୂଲ୍ୟ ସମ୍ପତ୍ତି । ଏହି ପରିପ୍ରେକ୍ଷୀରେ ଆମେ ଶିଶୁ ଅବସ୍ଥା (ଶୈଶବ) ଓ କୈଶୋର ଅବସ୍ଥାର ମାନସିକ, ମନସ୍ତାତ୍ତ୍ୱିକ ଓ ସାମାଜିକ ସ୍ୱଭାବର ବିଶ୍ଳେଷଣ କରିବା ।

### ଶିଶୁ ଅବସ୍ଥା

୬ରୁ ୧୨ ବର୍ଷ ବୟସକୁ ଆମେ ଶୈଶବ (childhood) କହିଥାଉ । ଶୈଶବ ସମୟରେ ମାନସିକ, ସାମାଜିକ ଓ ମନସ୍ତାତ୍ତ୍ୱିକ ସ୍ତରରେ ନିମ୍ନଲିଖିତ ସ୍ୱଭାବଗୁଡ଼ିକ ଦେଖାଦେଇଥାଏ ।

- ଜାଣିବାର ଇଚ୍ଛା, ସ୍ମୃତି ଶକ୍ତି ପ୍ରଖରତ୍ୱ, ତାର୍କିକ ଚିନ୍ତାରେ ଦକ୍ଷତା ବୃଦ୍ଧି, ସମସ୍ୟାର ବିଶ୍ଳେଷଣ ଓ ସମାଧାନ, ବୈଜ୍ଞାନିକ ଓ ଗାଣିତିକ ତଥ୍ୟ ହାସଲରେ ଆଗ୍ରହ, ଉଦ୍ଭାବନ ମନୋବୃତ୍ତିର ବିକାଶ, ପରିବେଶ ସହିତ ସ୍ୱାଧୀନଭାବେ ଦକ୍ଷତା ପ୍ରକାଶର କ୍ଷମତା ।
- ଆବେଗ ଉପରେ ନିୟନ୍ତ୍ରଣ ରଖିବାର ଶିକ୍ଷଣ ଦକ୍ଷତା, ପ୍ରତିଟି ଜିନିଷ ଓ ଘଟଣାକୁ ଆନନ୍ଦର ସହ ଉପଭୋଗ କରିବା ।
- ସାମାଜିକତାର ଅଭିବୃଦ୍ଧି, ସହପାଠୀ ଓ ସାଥୀଙ୍କ ସହ ମିଳିମିଶି ରହିବାର ଆଗ୍ରହ ।
- କୌତୂହଳ ମନୋଭାବ ପ୍ରକାଶ, ବୁଲିବାର ଇଚ୍ଛା, ପ୍ରଶ୍ନ କରିବାର ଆଗ୍ରହ ଓ ଇଚ୍ଛା ।

### କୈଶୋର (କିଶୋର ଅବସ୍ଥା) Adolescence

୧୩ରୁ ୧୯ ବର୍ଷ ମଧ୍ୟରେ ନିମ୍ନଲିଖିତ ମାନସିକ, ମନସ୍ତାତ୍ତ୍ୱିକ ଓ ସାମାଜିକ ସ୍ୱଭାବଗୁଡ଼ିକ ଦେଖାଦେଇଥାଏ ।

- ପ୍ରଖର ମାନସିକ ବିକାଶ, ବସ୍ତୁ-ବସ୍ତୁ ଓ ଭାବ-ଭାବ ମଧ୍ୟରେ ସମ୍ପର୍କ ବୁଝିବା ଓ ସମସ୍ୟାର ସମାଧାନ କରିବା ।
- ନୂଆ ନୂଆ ଜ୍ଞାନ ଆହରଣରେ ଆଗ୍ରହ ପ୍ରକାଶ କରିବା ।
- ଶବ୍ଦଜ୍ଞାନ ଓ ସ୍ମୃତିଶକ୍ତିର ତୀବ୍ର ବିକାଶ ।
- କଳ୍ପନାପ୍ରବଣତା, ଦୁଃସାହସିକ, ରୋମାଞ୍ଚକର ଓ ରହସ୍ୟମୂଳକ ଲେଖା ପଢିବାକୁ ଆଗ୍ରହ ଓ ଇଚ୍ଛା ।
- ଆତ୍ମପ୍ରକାଶ ପାଇଁ ବ୍ୟଗ୍ର ଓ ଇଚ୍ଛୁକ ।
- ନିନ୍ଦା ଓ ପ୍ରଶଂସା କ୍ଷେତ୍ରରେ ସମ୍ବେଦନଶୀଳ ।
- ପଢ଼ିବାରେ ଗଭୀର ଆଗ୍ରହ ।
- ପରିବେଶରେ ଘଟୁଥିବା ପ୍ରତିଟି ଘଟଣା ଓ ପରିସ୍ଥିତିର ତାର୍କିକ ବିଶ୍ଳେଷଣ ।

ବୈଜ୍ଞାନିକ କାହାଣୀ ଓ ବୈଜ୍ଞାନିକ ତଥ୍ୟର ସରଳ ବାଖ୍ୟା ପଢ଼ି ଓ ସେଗୁଡ଼ିକ ବିଶ୍ଳେଷଣ କରି ଶିଶୁ ଓ କିଶୋରମାନେ ବୈଜ୍ଞାନିକ ଚିନ୍ତାଧାରା ପୋଷଣ କରନ୍ତି ଓ ବିଜ୍ଞାନରେ ସାଧନା କରି ସଭ୍ୟତାର ବିକାଶରେ ସହାୟକ ହୋଇଥାଆନ୍ତି । ଲତାଟିଏ ଉପରକୁ ମାଡ଼ିଯିବା ପାଇଁ ରଞ୍ଜା ବା ଆଶ୍ରୟଟିଏ ଦରକାର । ସେହିପରି ଶିଶୁର ମାନସିକ, ମନସ୍ତାତ୍ତ୍ୱିକ ଓ ବ୍ୟକ୍ତିତ୍ୱର ବିକାଶ ପାଇଁ ଉପଯୁକ୍ତ ପ୍ରଣାଳୀରେ ତାକୁ ଆନୁସଙ୍ଗିକ ପରିବେଶ ଓ ସହାୟତା ଦରକାର ।

ଏ ମାଟିର ମହାପୁରୁଷ ଅତିବଡ଼ୀ ଜଗନ୍ନାଥ ଦାସ ଜନଗଣଙ୍କ ଭାଷାରେ ଅର୍ଥାତ ସରଳ ଓ ବୋଧଗମ୍ୟ ଭାଷାରେ ନବାକ୍ଷରୀ ଛନ୍ଦରେ ଭାଗବତ ରଚନା କରିଥିଲେ । ତେଣୁ ଓଡ଼ିଆ ବୈଜ୍ଞାନିକ ସାହିତ୍ୟ ରଚନାର ଜନକ ଗୋକୁଳାନନ୍ଦ ସେହିପରି ଶିଶୁ, କିଶୋର ଓ ଜନଗଣ ବୁଝିପାରୁଥିବା ଭାଷାରେ ବୈଜ୍ଞାନିକ ସାହିତ୍ୟ ଲେଖିବା ଆରମ୍ଭ କରିଥିଲେ ।

ସେ ଜାଣିଥିଲେ ବିଜ୍ଞାନ ସାହିତ୍ୟ ସୃଷ୍ଟି କରିବା ଏକ କଷ୍ଟକର କାମ । ଏଥିପାଇଁ ଲେଖକଙ୍କର ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଓ ସାହିତ୍ୟିକର ଗୁଣ ଓ ଦକ୍ଷତା ଥିବା ଆବଶ୍ୟକ । ବୈଜ୍ଞାନିକ ଜ୍ଞାନ ଥିଲେ ହୁଏତ ପାଠ୍ୟପୁସ୍ତକ ଲେଖିପାରିବ, ମାତ୍ର ପିଲାଙ୍କ ପାଇଁ ବିଜ୍ଞାନ ସାହିତ୍ୟ ଲେଖିବା ସହଜ ନୁହେଁ । ଗପ ମାଧ୍ୟମରେ ସରଳ ବୁଝିହେଉଥିବା ଭାଷାରେ ଶିଶୁ ଉପଯୋଗୀ ବୈଜ୍ଞାନିକ ଲେଖା ଲେଖାଯାଇପାରେ ବୋଲି ସେ ନିଶ୍ଚିତ ଥିଲେ ଓ ପ୍ରଥମ ଦିଗ୍‌ଦର୍ଶକ ଭାବେ ନିଜେ ସେହି ଶ୍ରେଣୀର ବିଜ୍ଞାନ ସାହିତ୍ୟ ରଚନା କରିଥିଲେ ଓ ୧୯୫୯ ମସିହାରୁ ଜୀବନର ଶେଷ ଅବସ୍ଥା ପର୍ଯ୍ୟନ୍ତ ବିଜ୍ଞାନ ମନସ୍କ ଗୋକୁଳାନନ୍ଦ ଶିଶୁ ଓ କିଶୋରମାନଙ୍କ ପାଇଁ ଲେଖି ଚାଲିଥିଲେ ।

ଏହି ମହତ ଉଦ୍ଦେଶ୍ୟକୁ ଜନସାଧାରଣଙ୍କ ମଧ୍ୟରେ ପ୍ରସାରିତ କରିବା ପାଇଁ ସେ ବିଜ୍ଞାନ ପ୍ରଚାର ସମିତି ଗଢ଼ିଥିଲେ ୧୯୪୯ ମସିହାରେ । ଓଡ଼ିଆଭାଷାରେ ବିଦ୍ୟାଳୟର ପିଲାମାନଙ୍କ ପାଇଁ ଶିଶୁ ଓ କିଶୋର ବିଜ୍ଞାନ ସାହିତ୍ୟ ଓ ଜନପ୍ରିୟ ବିଜ୍ଞାନ ସାହିତ୍ୟ ଲେଖିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା । ଶିଶୁ ଓ କିଶୋରମାନଙ୍କ ପାଇଁ ବିଜ୍ଞାନ ସେମିନାର ଓ ବିଜ୍ଞାନ ମେଳା କରିବା ଓ ବିଜ୍ଞାନ ବିଷୟ ଉପରେ ବକ୍ତୃତା ଦେବାର କାର୍ଯ୍ୟକ୍ରମ ସେ କରାଇଥିଲେ । ୧୯୪୯ ମସିହାରେ ଆଜିଭଳି ପ୍ରଯୁକ୍ତିବିଦ୍ୟାର ବିକାଶ ହୋଇନଥିଲା । ଇଲେକ୍‌ଟ୍ରୋନିକ ଓ ମୁଦ୍ରିତ ଗଣମାଧ୍ୟମରେ ବିଜ୍ଞାନ ପ୍ରସାରଣର ଆରମ୍ଭ ହୋଇନଥିଲା । ସେତେବେଳେ ଆଜିଭଳି ବିଜ୍ଞାନର ତଥ୍ୟ ପାଇବାର ଉତ୍ସ ସହଜ ନଥିଲା । ଦେଶରେ ବିଜ୍ଞାନ ପତ୍ରିକା ପ୍ରାୟ ନ ଥିଲା ।

କଲିକତାର ପ୍ରେସିଡେନ୍ସି କଲେଜରେ ସ୍ନାତକୋତ୍ତର ଅଧ୍ୟୟନ କରୁଥିବା ସମୟରେ ସେ ମାତୃଭାଷାରେ ବିଜ୍ଞାନର ତତ୍ତ୍ୱ ଓ ତଥ୍ୟକୁ ସରଳ ଭାବେ ବୁଝାଇ ଜନସାଧାରଣଙ୍କୁ ବିଜ୍ଞାନ ମନସ୍କ କରାଇବାର ଚିନ୍ତା ଓ ଚେତନାର ଭାବଧାରାକୁ ଅନୁଭବ କରିଥିଲେ । ସେତେବେଳେ ବଙ୍ଗଳାର ବଡ଼ ବଡ଼ ବୈଜ୍ଞାନିକମାନେ ବିଭିନ୍ନ ବୈଜ୍ଞାନିକ ବିଷୟ ଉପରେ ଛୋଟ ଛୋଟ ବହି ଜନସାଧାରଣଙ୍କ ବୁଝିବା ଭାଷାରେ ଲେଖୁଥିଲେ । ସେ ସେହି ବୈଜ୍ଞାନିକମାନଙ୍କୁ ଅନୁସରଣ କରି ନିଜ ମାତୃଭାଷା ଓଡ଼ିଆରେ ସେହିପରି ଲେଖା ଲେଖିବାକୁ ମନ ସ୍ଥିର କଲେ । ସେ ପ୍ରଥମ ବୈଜ୍ଞାନିକ ଲେଖା 'ଆଧୁନିକ ବିଜ୍ଞାନକୁ ଆଲକାତରାର ସାହାଯ୍ୟ' ଲେଖିଥିଲେ ଓ ତାହା ତତ୍କାଳୀନ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା 'ଶଙ୍ଖ' (ଡକ୍ଟର ମାୟାଧର ମାନସିଂହଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିଲା । ପରେ ପରେ 'ଶଙ୍ଖ', 'ସହକାର', 'ବୀଣା' , 'ଚତୁରଙ୍ଗ' ଓ 'ନବ ଭାରତ'ରେ ସେ ଅନେକ ବିଜ୍ଞାନ ସମ୍ବନ୍ଧୀୟ ଲେଖା ଲେଖିଥିଲେ । ଏହି ଲେଖା ଶିଶୁ କିଶୋରଙ୍କଠାରୁ ଆରମ୍ଭ କରି ସବୁ ବୟସର ଲୋକଙ୍କୁ ବୈଜ୍ଞାନିକ ସାହିତ୍ୟ ପ୍ରତି ଆକୃଷ୍ଟ କରିଥିଲା ।

ଓଡ଼ିଆ ବିଜ୍ଞାନ ସାହିତ୍ୟର ଜନକ ଗୋକୁଳାନନ୍ଦଙ୍କର ଆଉ ଏକ ଅବଦାନ ହେଲା, ଶିଶୁ କିଶୋର ଉପଯୋଗୀ ପାଠ୍ୟପୁସ୍ତକ ରଚନା । ଓଡ଼ିଆ ବିଜ୍ଞାନ ପୁସ୍ତକ ରଚନା ପୂର୍ବରୁ ଭୂଗୋଳ ସହିତ ବିଜ୍ଞାନକୁ ମିଶାଇ ପଢ଼ାଯାଉଥିଲା । ପାଠପଢ଼ାର ମାଧ୍ୟମ ଥିଲା ଇଂରାଜୀ । ଇତିହାସ, ଭୂଗୋଳ ଓ ବିଜ୍ଞାନର ଉତ୍ତର ମଧ୍ୟ ଇଂରେଜୀରେ ଲେଖିବାକୁ ହେଉଥିଲା । ୧୯୫୭ ମସିହାର ଓଡ଼ିଶା ମାଧ୍ୟମିକ ଶିକ୍ଷାବୋର୍ଡ଼ ଗଠିତ ହେଲାପରେ ବିଜ୍ଞାନ ଓ ଅନ୍ୟାନ୍ୟ ବିଷୟରେ ଓଡ଼ିଆରେ ଲେଖିବାପାଇଁ ସୁଯୋଗ ମିଳିଲା ।

ସହଜ 'ସାଧାରଣ ବିଜ୍ଞାନ' ବହି ପ୍ରଥମ ଭାଗ ଷଷ୍ଠ ଶ୍ରେଣୀ ଓ ଦ୍ୱିତୀୟ ଭାଗ ସପ୍ତମ ଶ୍ରେଣୀ ପାଇଁ ଉଦ୍ଭିଦବିଜ୍ଞାନୀ ହରିହର ପଟ୍ଟନାୟକଙ୍କ ସହ ମିଶି ରଚନା କରିଥିଲେ । ପରେ ସେ ନିଜେ ଅଷ୍ଟମରୁ ଏକାଦଶ ଶ୍ରେଣୀ ପାଇଁ ପ୍ରବେଶିକା ସାଧାରଣ ବିଜ୍ଞାନ ବହି ଲେଖିଥିଲେ ।

ଶିଶୁମାନଙ୍କ ପାଇଁ ସେ 'କିଏ ବେଶି ଭାରୀ', 'ତୁମକୁ ସତ ମୋତେ ମିଛ', 'ବିଜ୍ଞାନର କରାମତି', 'ପୃଥିବୀର ସପ୍ତାଶ୍ଚର୍ଯ୍ୟ', 'ତରଳବାୟୁ ଓ ତତଲା ବରଫ', 'ଛବି କେମିତି କଥା କହେ', 'ଆମ ପରିବେଶ', 'ଚିନି କେମିତି ତିଆରି ହୁଏ', 'କାଚ କେମିତି ତିଆରି ହୁଏ', 'କାଗଜ କେମିତି ତିଆରି ହୁଏ', 'ସାର କେମିତି ତିଆରି ହୁଏ', 'କିରୋସିନି କୁଆଡୁ ଆସେ' ଇତ୍ୟାଦି ରଚନା କରିଥିଲେ । ଅନ୍ୟ ପୁସ୍ତକଗୁଡ଼ିକ ହେଲା 'ଏ ଯୁଗର ଶ୍ରେଷ୍ଠ ଆବିଷ୍କାର', 'ଏ ଯୁଗର ଶ୍ରେଷ୍ଠ ଉଦ୍ଭାବନ', 'ରେଡ଼ିଅମ ଓ କିଉରି', 'ଆଲକାତରା', 'ଆଣ୍ଟିବାଇଓଟିକ୍ସ', 'ଦୂରବୀକ୍ଷଣ', 'ଅଣୁବୀକ୍ଷଣ' ଯନ୍ତ୍ର ପ୍ରଭୃତି । ପୁଣି ସେ ବୈଜ୍ଞାନିକ ଜ୍ଞାନକୋଷ (ଏନ୍ସାଇକ୍ଲୋପିଡ଼ିଆ), (ପ୍ରଥମ ଓ ଦ୍ୱିତୀୟ ଭାଗ) ଓ ବୈଜ୍ଞାନିକ ଶବ୍ଦକୋଷ (ଗ୍ଲୋସାରୀ) ପରି ବିଜ୍ଞାନର ଶବ୍ଦ ଓ ତଥ୍ୟକୁ ବୁଝିପାରିବା ପାଇଁ ଅତ୍ୟନ୍ତ ସହାୟକ ପୁସ୍ତକ ରଚନା କରିଥିଲେ ।

ଏହି କ୍ଷୁଦ୍ର ଲେଖାରେ ବିଜ୍ଞାନ ପ୍ରାଣ ଗୋକୁଳାନନ୍ଦଙ୍କ ଦ୍ୱାରା ରଚିତ ଅନେକ ପୁସ୍ତକ ମଧ୍ୟରୁ କେତୋଟିର  ଆଲୋଚନା କରାଯାଇଅଛି ।

### ରେଡ଼ିଅମ୍ ଓ କିଓରିଂ

ରେଡ଼ିଅମ ଆଜି ସମସ୍ତଙ୍କୁ ଜଣା । ଏହାର କର୍କଟରୋଗ ଚିକିତ୍ସା ପାଇଁ ବିରାଟ ଚାହିଦା । ମାତ୍ର ଉତ୍ପାଦନ ଆଶାତୀତ ଭାବେ କମ୍ । ଏହାର ମୂଲ୍ୟ ବହୁ ଅଧିକ । ଆଜିକାଲି କୃତ୍ରିମ ତେଜସ୍କ୍ରିୟ କୋବାଲଟ୍ ୬୦ ବ୍ୟବହୃତ ହେଉଛି । ରେଡ଼ିଅମ୍ ଧାତୁକୁ ଆବିଷ୍କାର କରିବା ପାଇଁ ମେଡେମ୍ କିଓରି ଓ ତାଙ୍କ ସ୍ୱାମୀ ପିଏରୀ କିଓରିଙ୍କର ଅଧ୍ୟବସାୟ ଓ ସାଧନା ଦେଖିଲେ ସମ୍ମାନ ଓ କୃତଜ୍ଞତାରେ ମୁଣ୍ଡ ନଇଁ ଆସେ । ଆହୁରି ମଧ୍ୟ ମେଡ଼େମ୍ କିଓରି ରେଡ଼ିଅମ ଦୀର୍ଘଦିନ ଗବେଷଣା କରିବା ଯୋଗୁଁ

ରକ୍ତ କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲେ । ହଜାର ହଜାର କର୍କଟ ରୋଗୀଙ୍କ ପ୍ରାଣ ରକ୍ଷାରେ ସହାୟ ହୋଇ ନିଜେ ସେଥିରେ ମୃତ୍ୟୁବରଣ କଲେ । ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଭାଷାରେ ସେ ହେଉଛନ୍ତି, 'ବିଜ୍ଞାନ ରାଜ୍ୟର ଜଣେ ସହିଦ' ।

### ଆମ ବିଶ୍ୱ ଓ ଆମ ପୃଥିବୀ

ପ୍ରକୃତପକ୍ଷେ ବିଶ୍ୱ କେତେଗୁଡ଼ିଏ ଗ୍ୟାଲେକ୍ସିରେ ବିଭକ୍ତ ଓ ଗୋଟିଏ ଗୋଟିଏ ଗ୍ୟଲେକ୍ସି ଗୋଟିଏ ଗୋଟିଏ ବିଶ୍ୱ ଭଳି ଜଣାପଡ଼େ । ଆମ ପୃଥିବୀ ଓ ଆମ ଛାୟାପଥ ଗ୍ୟାଲେକ୍ସିର ଏକ ଅଂଶ ଓ ଏହାହିଁ ଆମ ବିଶ୍ୱ । ଅନ୍ୟ ଗ୍ୟାଲେକ୍ସି ଏହାଠାରୁ ଲକ୍ଷ ଲକ୍ଷ ଆଲୋକବର୍ଷ ଦୂରରେ ଅଛନ୍ତି । ଆମେ ଅନ୍ଧାର ରାତ୍ରିରେ ଆକାଶକୁ ଚାହିଁଲେ ଯେଉଁ କୋଟି କୋଟି ନକ୍ଷତ୍ର ଦେଖୁ, ସେସବୁକୁ ନେଇ ଆମ ଗ୍ୟାଲେକ୍ସି ଗଠିତ । ଆମ ବିଶ୍ୱର ନକ୍ଷତ୍ର ଗ୍ରହ, ଉପଗ୍ରହ, ଗ୍ରହାଣୁ ଓ ନୀହାରିକା ଆଦି ସମ୍ବନ୍ଧରେ ଜାଣିବା ଏହି ପୁସ୍ତକର ଉଦ୍ଦେଶ୍ୟ ।

### ଯନ୍ତ୍ର ମଣିଷ

ଯନ୍ତ୍ର ମଣିଷକୁ ଇଂରାଜୀରେ ରୋବଟ୍ କହନ୍ତି, ତାହାର କାର୍ଯ୍ୟ ବିସ୍ମୟକର ଓ ଆଶ୍ଚର୍ଯ୍ୟଜନକ । ମଣିଷ ଯେଉଁ କାମକୁ ସହଜରେ କରିନପାରେ, ରୋବଟ୍ ତାକୁ ଅକ୍ଳେଶରେ କରିଦିଏ । ଅନେକ ମନୁଷ୍ୟ ଦ୍ୱାରା କରାଯାଇପାରୁନଥିବା କଳକାରଖାନାର ବିପଦଜନକ କାର୍ଯ୍ୟ ସେ ଦକ୍ଷତାର ସହ କରେ । ଯନ୍ତ୍ର ମଣିଷ ଆମକୁ ଆମ ସାଂସାରିକ ଜୀବନରେ କେତେ ସାହାଯ୍ୟ କରୁଛି, ତାହାର ଏକ ବିଶଦ ବିବରଣୀ ଏହି ପୁସ୍ତକରେ ସରଳ ଭାଷାରେ ବୁଝାଇଦିଆଯାଇଛି ।

'ବିଜ୍ଞାନ ଜଗତର ନୂଆ ନୂଆ ଆବିଷ୍କାର' ପୁସ୍ତକରେ ବିଜ୍ଞାନଜଗତର ଅନେକ ଆବିଷ୍କାର, ପରିବେଶରେ ଥିବା ବୃକ୍ଷଲତାର ଉପକାର, ବିଜ୍ଞାନର ସମସ୍ତ ବିଭାଗ, ଜୀବବିଜ୍ଞାନ, ପରିବେଶ ବିଜ୍ଞାନଠାରୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ମହାକାଶ ବିଜ୍ଞାନଠାରୁ କମ୍ପ୍ୟୁଟର ଓ ଜୈବ ପ୍ରଯୁକ୍ତି ବିଦ୍ୟା ପ୍ରଭୃତିର ଅସୁମାରୀ ପ୍ରଶ୍ନ ଓ ସମସ୍ୟାର ସେ ସାବଲୀଳ ଭାଷାରେ ଉତ୍ତର ଦେଇ ବୁଝାଇଦେଇଛନ୍ତି ।

'ବିଜ୍ଞାନ ଜଗତର ନୂଆ ନୂଆ ଉଦ୍ଭାବନ' ପୁସ୍ତକରେ ଆମେ ବ୍ୟବହାର କରୁଥିବା ଡିଜିଟାଲ ତାପମାପିବା ଯନ୍ତ୍ରଠାରୁ ଆରମ୍ଭ କରି କୃତ୍ରିମ ହାଡ଼, ଅଗ୍ନିଜିତ ପୋଷାକ, କୃତ୍ରିମ ଚର୍ମ, ପ୍ଲାଷ୍ଟିକ କାଗଜ, ଇନ୍‌ଫ୍ରାରେଡ୍ କାମେରା, ପୃଥିବୀର ବୃହତ୍ତମ ରେଡ଼ିଓ, ଦୂରବୀକ୍ଷଣ ଯନ୍ତ୍ର, ମାଇକ୍ରୋୱେଭ ସାହାଯ୍ୟରେ ଭାତରନ୍ଧା, ନୂଆ ପୋଲାରଏଡ୍ କ୍ୟାମେରା, ବିଦ୍ୟୁତ ଚାଳିତ ସାଇକେଲ ଓ ମଟରସାଇକେଲ୍ ପ୍ରଭୃତି ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଦେଇଛନ୍ତି ।

'ବୈଜ୍ଞାନିକ ଜ୍ଞାନକୋଷ' (ଏନ୍‌ସାଇକ୍ଲୋପିଡ଼ିଆ) ରଚନା କରି ବିଜ୍ଞାନକୁ ଶିଶୁ ଓ କିଶୋରଙ୍କର ବୁଝିବା ପାଇଁ ଇଚ୍ଛାର ଓ ଜାଣିବାର ଆଗ୍ରହର ପରିସୀମାକୁ ବଢ଼ାଇଦେଇଛନ୍ତି ।

'ବୈଜ୍ଞାନିକ ଶବ୍ଦକୋଷ' (ଗ୍ଲୋସାରୀ) ରଚନା କରି ଶିଶୁ ଓ କିଶୋରଙ୍କୁ ବିଜ୍ଞାନର କଷ୍ଟ ଓ ଅବୁଝା ଶବ୍ଦର ପରିଭାଷା ବୁଝାଇବାରେ ମାର୍ଗଦର୍ଶକର କାମ କରିଛନ୍ତି । 'ଭିଟାମିନ୍ ଓ ହରମୋନ' ବହିରେ ମଣିଷର ଜୀବନକ୍ରିୟାରେ ବିକାଶ ଓ ଅଭିବୃଦ୍ଧି ଏବଂ ଅଭାବରେ ରୋଗ ଓ ଅନ୍ୟ ଶାରୀରିକ ସମସ୍ୟା ହେବା ସମ୍ବନ୍ଧରେ ସୂଚାଇ ଦେଇଛନ୍ତି ।

ପ୍ରଫେସର ମହାପାତ୍ର ଥିଲେ ବିଜ୍ଞାନପୁରୁଷ । ଜ୍ଞାନୀନାଂ ଅଗ୍ରଗଣ୍ୟଂ । ତାଙ୍କର ଲେଖନୀ ଥିଲା ଅଜସ୍ରସ୍ରାବୀ । ବିଜ୍ଞାନ ସାଗରରେ ସେ ଥିଲେ କୃତୀ ସ୍ରଷ୍ଟା ଓ ଦୂରଦ୍ରଷ୍ଟା । ବୈଜ୍ଞାନିକ ସାହିତ୍ୟର ଅମୃତ ରସ ସେ ପାନ କରାଇଛନ୍ତି ସମସ୍ତଙ୍କୁ । ସେ ସେମାନଙ୍କୁ ଶିକ୍ଷା ଦେଇଛନ୍ତି ପାଠ୍ୟପୁସ୍ତକ ଓ ବିଜ୍ଞାନ ସାହିତ୍ୟ ମାଧ୍ୟମରେ । ଜ୍ଞାନାଲୋକରେ ସେମାନଙ୍କୁ ଆଲୋକିତ କରିଛନ୍ତି । ସେ ପ୍ରଜ୍ଞାପୁରୁଷ । ସେ 'ମାନସ' (ଇଣ୍ଟେଲେକ୍ଟ) ସ୍ତରରେ ପହଞ୍ଚି ଓଡ଼ିଆ ଶିଶୁ ଓ କିଶୋର ସାହିତ୍ୟର (ବୈଜ୍ଞାନିକ ସାହିତ୍ୟ ବିଭାଗ)ର ଅମର ସ୍ରଷ୍ଟା ଓ ମାର୍ଗଦର୍ଶକ ହୋଇଛନ୍ତି । ଓଡ଼ିଆ ଶିଶୁ ଓ କିଶୋର ବୈଜ୍ଞାନିକ ସାହିତ୍ୟର ଜନକ ଓ ଦିଗ୍‌ଦର୍ଶକ ଭାବେ ତାଙ୍କର ନାମ କାଳର ଭାଲ ପଟରେ ଚିର ଉଜ୍ଜ୍ୱଳ ହୋଇ ରହିଥିବ । ■■■

କାଠଗୋଲା, ମଙ୍ଗଳାବାଗ, କଟକ -୭୫୩୦୦୧
ଫୋନ-୯୪୩୭୧୦୯୧୧୮
email :drpkrathor135@gmail.com

(ଏହି ଲେଖାର ପ୍ରସ୍ତୁତିରେ ତଥ୍ୟ ଓ ବିଶ୍ଳେଷଣାତ୍ମକ ଚିନ୍ତନ ପାଇଁ ଶିକ୍ଷାବିତ୍ ଡ଼କ୍ଟର ଧ୍ରୁବଚରଣ ମିଶ୍ର, ଶିକ୍ଷାବିତ୍ ଡକ୍ଟର ଦୁର୍ଗାଚରଣ ରଣା ଓ ମୋର ଶିକ୍ଷକ ପ୍ରଫେସର (ଡାକ୍ତର) ନିତ୍ୟାନନ୍ଦ ସ୍ୱାଇଁ ଓ ବିଶିଷ୍ଟ ବୈଜ୍ଞାନିକ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ମାର୍ଗଦର୍ଶକ ଭାବେ ମୋତେ ଉତ୍ସାହିତ କରିଛନ୍ତି । ସେମାନଙ୍କ ନିକଟରେ ମୁଁ କୃତଜ୍ଞ ।)

# ନମସ୍ୟ ଗୋକୁଳାନନ୍ଦ ମହାପାତ୍ର



ହିମାଂଶୁ ଶେଖର ଫତେସିଂହ

ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଥିଲେ ଜଣେ ବିଶିଷ୍ଟ ବୈଜ୍ଞାନିକ, ପ୍ରସିଦ୍ଧ ବିଜ୍ଞାନ ଲେଖକ ଓ ମହାନ ଶିକ୍ଷାବିତ୍। ମୋର ଆଦ୍ୟ ଜୀବନରେ ଯେଉଁ କେତେଜଣ ବିଜ୍ଞାନ ଲେଖକଙ୍କ ଅନୁପମ ଲେଖାଶୈଳୀ ମୋତେ ପ୍ରଭାବିତ କରିଥିଲା, ସେମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ। ସେତେବେଳେ ତାଙ୍କର ସରଳ ଓ ଯାଦୁକରୀ ବିଜ୍ଞାନ ରଚନା ଶୈଳୀ ମୋ ପରି ଅନେକ ଯୁବକମାନଙ୍କ ମନରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା। ତାଙ୍କର ଅଭିନବ ବିଜ୍ଞାନ ରଚନା ମୋ ମନ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ସୃଷ୍ଟି କରିବା ସହିତ ମୋତେ ବିଜ୍ଞାନ ରଚନାପାଇଁ ଅନୁପ୍ରାଣିତ କରିପାରିଥିଲା। ଆଜକୁ ପ୍ରାୟ ୩୦ ବର୍ଷ ତଳେ ମୁଁ ଖୋର୍ଦ୍ଧାସ୍ଥିତ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ତାଲିମ ନେଉଥିବାବେଳେ ତାଙ୍କ ରଚିତ ବିଜ୍ଞାନ ପୁସ୍ତକ ସହିତ ପ୍ରଥମେ ପରିଚିତ ହୋଇଥିଲି। ସେତେବେଳେ ସେଠାରେ ଅଦୂରରେ ଥିବା ଜିଲ୍ଲା ସୂଚନା ଭବନର ପାଠାଗାରରେ ମୁଁ ସଦସ୍ୟ ହେବା ସହିତ ନିୟମିତ ଭାବରେ ସେଠାକୁ ଯାଉଥିଲି। ସେହି ପାଠାଗାରରେ ମୁଁ ତାଙ୍କ ରଚିତ ବିଭିନ୍ନ ଜନପ୍ରିୟ ବିଜ୍ଞାନ ପୁସ୍ତକ ପଢ଼ିଥିଲି। ତାଙ୍କର 'ନିସ୍ତବ୍ଧ ଗୋଧୂଳି', 'ଆପେକ୍ଷିକ ତତ୍ତ୍ୱ', 'ଭିଟାମିନ ଓ ହରୋମନ', 'ଚନ୍ଦ୍ର ଅଭିଯାନ', 'ଟେଲିଭିଜନ', 'ଆଧୁନିକ ଚଳଚ୍ଚିତ୍ର' ଆଦି ପୁସ୍ତକ ମୋ ଚପଳ ମନରେ ଛାପ ଛାଡ଼ିଥିଲା। ଏହାପରେ ମୁଁ ଗୋଟିଏ ପରେ ଗୋଟିଏ ତାଙ୍କର ପୁସ୍ତକ ଆଣି ପଢ଼ିଲି। ଏପରିକି ପୁସ୍ତକମେଳାରୁ ତାଙ୍କ ପୁସ୍ତକଗୁଡ଼ିକୁ ସଂଗ୍ରହକରି ଘରେ ସାଇତି ରଖିଲି। ସେତେବେଳେ ମୁଁ ଓଡ଼ିଆରେ ଭଲରୂପେ ଲେଖିପାରୁ ନଥିଲି। ମାତ୍ର ତାଙ୍କ ପୁସ୍ତକଗୁଡ଼ିକୁ ପଢ଼ିବାପରେ ମୁଁ ମନେମନେ ବିଜ୍ଞାନ ପୁସ୍ତକ ରଚନା ପାଇଁ ସ୍ଥିର କରିଥିଲି। ସେତେବେଳେ ମୋଠାରୁ ଏପରି ଅତିଶୟୋକ୍ତି ଶୁଣି ଅନେକ ମୋତେ ଥଟ୍ଟା ବି କରିବାକୁ ପଛାଇ ନଥିଲେ।

୧୯୯୩ ମସିହା ଅକ୍ଟୋବର ମାସରେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ମୋର ପୂଜ୍ୟ ଗୁରୁ ରମେଶ ଚନ୍ଦ୍ର ଭଞ୍ଜଙ୍କ ସମ୍ପାଦନାରେ ଖୋର୍ଦ୍ଧାରୁ 'ଖୋଲା ଆକାଶ' ନାମରେ ଗୋଟିଏ ଶିଶୁ-କିଶୋର ପତ୍ରିକା ପ୍ରକାଶ ପାଇଥିଲା। ସେହି ପତ୍ରିକା ପାଇଁ ଭଞ୍ଜ ସାର୍ ମୋଠାରୁ ଲେଖା ମଗାଇଥିଲେ। ସେହି ପତ୍ରିକାର ପ୍ରଥମ ସଂଖ୍ୟା ପାଇଁ ମୁଁ ବହୁତ କଷ୍ଟରେ ନିମ୍ବର ଉପକାରିତା ଶୀର୍ଷକ ଲେଖାଟି ଲେଖି ପଠାଇଦେଇଥିଲି। ମାତ୍ର ସେହି ଲେଖାଟି ପତ୍ରିକାରେ ପ୍ରକାଶନ ପାଇଁ ମନୋନୀତ ହୋଇପାରି ନଥିଲା। ସେହି ମାସ ୩୦ ତାରିଖ ଦିନ ମହାରାଷ୍ଟ୍ରର ଲାଟୁରରେ ଏକ ଭୟାବହ ଭୂମିକମ୍ପ ଘଟିଯାଇଥିବାରୁ ମୁଁ ପତ୍ରିକା ପାଇଁ 'ଏବେ ବି ଶୁଖିନି ଲୁହ' ନାମରେ ଏକ ଲେଖା ଲେଖି ପଠାଇଥିଲି। ଏହାକୁ ମୁଁ ସ୍ୱର୍ଗତଃ ଗୋକୁଳାନନ୍ଦ ମହାପାତ୍ରଙ୍କ ଶୈଳୀରେ ସରଳ ଭାଷା ଓ ବୋଧଗମ୍ୟ ଭାଷାରେ ରଚନା କରିଥିଲି। ସେହି ଲେଖାଟି ପତ୍ରିକାର ଦ୍ୱିତୀୟ ସଂଖ୍ୟାରେ ସ୍ଥାନ ପାଇଥିଲା। ଏକ ପତ୍ରିକାରେ ଛାପା ଅକ୍ଷରରେ ମୋ ନାମ ଦେଖିବା ପରେ ମୋ ମଧ୍ୟରେ ଏକ ଅପୂର୍ବ ଶିହରଣ ସୃଷ୍ଟି ହୋଇଥିଲା। ଏହି ପ୍ରଥମ ଲେଖାଟି ମୋତେ ଜନପ୍ରିୟ ବିଜ୍ଞାନ ରଚନା ପାଇଁ ଅନୁପ୍ରେରଣା ଯୋଗାଇଥିଲା।

ଗୋକୁଳାନନ୍ଦ ସାରଙ୍କ ବିଜ୍ଞାନ ପୁସ୍ତକ ଓ ପତ୍ରପତ୍ରିକାରୁ ବିଜ୍ଞାନ ରଚନା ପଢି ମୁଁ ତାଙ୍କୁ ମନେ ମନେ ଭକ୍ତି କରୁଥିଲି। ମାତ୍ର ତାଙ୍କୁ କେବେ ଭେଟିବାର ସୁଯୋଗ ପାଇ ନଥିଲି। ୧୯୯୬ ମସିହାରେ ଭୁବନେଶ୍ୱରସ୍ଥିତ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନରେ ଓଡ଼ିଶା ବିଜ୍ଞାନ ଏକାଡେମୀ ତରଫରୁ ଏକ ଚାରି ଦିନିଆ ବିଜ୍ଞାନ ଲେଖକ କର୍ମଶାଳା ଆୟୋଜିତ ହେଉଥିଲା। ସେଠାରେ ଯୋଗ ଦେବା ଅବସରରେ ତାଙ୍କ ସହିତ ମୋର ପ୍ରଥମ ସାକ୍ଷାତ ହୋଇଥିଲା। ସେଠାରେ ମୁଁ ତାଙ୍କର ଚରଣ ସ୍ପର୍ଶ କରି ଆଶିଷ ଲାଭ କରିଥିଲି। ସେହି କର୍ମଶାଳରେ ସେ ବିଜ୍ଞାନ ଲେଖକମାନଙ୍କ ପାଇଁ ବହୁ ପରାମର୍ଶ ଦେଇଥିଲେ। ତାହା ମୋ ପାଇଁ ଯଥେଷ୍ଟ ପ୍ରେରଣାଦାୟକ ହୋଇଥିଲା। ଏହାପରେ ୧୯୯୯ ମସିହାରେ ଜାତୀୟ ବିଜ୍ଞାନ ଓ ପ୍ରୌଦ୍ୟୋଗିକୀ ପରିଷଦ ସହାୟତାରେ ବିଜ୍ଞାନ ପ୍ରଚାର ସମିତି ତରଫରୁ ଏକ ବିଜ୍ଞାନ ଲେଖକ କର୍ମଶାଳା ଆୟୋଜିତ ହୋଇଥିଲା। ସେଠାରେ ଦ୍ୱିତୀୟ ବାର ତାଙ୍କର

ଆଶୀର୍ବଚନ ଲାଭ କରିଥିଲି । ଏହାପରେ ତାଙ୍କ ସମ୍ପାଦିତ 'ବିଜ୍ଞାନାଲୋକ' ପତ୍ରିକାକୁ ଲେଖା ପ୍ରେରଣ କରିଥିଲି ।

ଆଉ ଏକ ଘଟଣା ଏବେ ମଧ୍ୟ ମୋ ମନରେ ସତେଜ ହୋଇ ରହିଛି । ୨୦୦୫ ମସିହାରେ ମୁଁ ତାଙ୍କ ହାତଗଢ଼ା ବିଜ୍ଞାନ ପ୍ରଚାର ସମିତିର ସୁକୁମାର-ସୁନନ୍ଦା ଜନପ୍ରିୟ ବିଜ୍ଞାନ ପୁରସ୍କାର ପାଇଁ ଆବେଦନ କରିଥିଲି । ତେବେ ପୁରସ୍କାର ପାଇବି ବୋଲି ମୁଁ କେବେ ସ୍ୱପ୍ନରେ ବି ଭାବି ନଥିଲି । ତଥାପି ପୁରସ୍କାର ସମ୍ପର୍କରେ ଜାଣିବା ପାଇଁ ସାହସ କରି ସାର୍‌ଙ୍କ ନିକଟକୁ ଫୋନ କରିଥିଲି । ସେ ମୋତେ ଫୋନରେ ପଚାରିଲେ, କିଏ କହୁଛ ? ମୁଁ ମୋର ନାଁ କହିଲି । ମୋର ନାଁ ଶୁଣିବା ପରେ ସେ କହିଲେ, ଏ ଛୁଆ ତମ ପୁରସ୍କାର ଆସି ନେଇଯିବ । ଏହା କହି ସେ ଫୋନ ରଖିଦେଲେ । ମୁଁ ହଠାତ୍ ସେହି କଥା ବିଶ୍ୱାସ କରିପାରି ନ ଥିଲି । ତାହା ମୋତେ ବେଶ୍ ପୁଲକିତ କରିଥିଲା । ଅନେକ ସମୟ ଧରି ତାଙ୍କର କଥା ମୋ ମନରେ ପ୍ରତିଧ୍ୱନିତ ହୋଇଥିଲା । ତାହା ମୋ ଜୀବନର ପ୍ରଥମ ପୁରସ୍କାର ଥିଲା । ପୁନଶ୍ଚ ବିଜ୍ଞାନ ପ୍ରଚାର ସମିତି ପରି ଏକ ପ୍ରସିଦ୍ଧ ସଂସ୍ଥାରୁ ପୁରସ୍କାର ଗ୍ରହଣ କରିବା ମୋ ପାଇଁ ଗର୍ବର ବିଷୟ ଥିଲା । ସେହି ବର୍ଷ ସମିତିର ବାର୍ଷିକ ଉତ୍ସବରେ ମୁଁ ଏହି ପୁରସ୍କାର ଗ୍ରହଣ କରି ଧନ୍ୟ ମନେକରିଥିଲି । ଏହାପରେ ୨୦୦୯ ମସିହାରେ ମୁଁ ସମିତିର ପ୍ରଫେସର ଗୋପୀନାଥ ମହାନ୍ତି ପ୍ରତିଭା ପୁରସ୍କାର ଗ୍ରହଣ କରିବାବେଳକୁ ସେ ମଧ୍ୟ ସେଠାରେ ଉପସ୍ଥିତ ରହି ମୋତେ ଉତ୍ସାହିତ କରିଥିଲେ । ଏକଦା ଗୋଟିଏ କାର୍ଯ୍ୟକ୍ରମରେ ମୁଁ କଟକ ଯାଇଥିବାବେଳେ ତାଙ୍କ ଆମ୍ରପଲ୍ଲୀସ୍ଥିତ ବାସଭବନକୁ ଯାଇ ତାଙ୍କୁ ଭେଟିଥିଲି ।

ଏହାପରେ ତାଙ୍କୁ ଆଉ ଭେଟିବାର ସୁଯୋଗ ପାଇନାହିଁ । ତାଙ୍କର ଦେହାବସାନ ଖବର ମୋ ପାଇଁ ଦାରୁଣ ଦୁଃସମ୍ବାଦ ଥିଲା । 'ବୈଜ୍ଞାନିକ ଜ୍ଞାନକୋଷ' ସମେତ ତାଙ୍କର ଅନେକ ପୁସ୍ତକକୁ ମୁଁ ଏବେ ମୋ ବ୍ୟକ୍ତିଗତ ପାଠାଗାରରେ ସାଇତି ରଖିଛି । ତାହା ହେଉଛି ମୋ ପାଇଁ ଦୁର୍ଲଭ ସମ୍ବଳ । ■■■

ଗ୍ରା- ବାଲିଗାଡ଼ିଆ, ପୋ- ଜଙ୍କିଆ
ଜି- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୨୦
ମୋ- ୭୦୦୮୬୬୨୩୪୧
Email- himansu1972@gmail.com



3rd anniversary of Late Prof. Dr. Gokulananda Mahapatra

# ଏକ ସ୍ମରଣୀୟ ସାକ୍ଷାତ୍‌କାର



**ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ**

ଆମ୍ରପଲ୍ଲୀର ସେହି ସାଧନା କ୍ଷେତ୍ରରେ ବାରମ୍ବାର ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କୁ ସାକ୍ଷାତ୍ କରିବାର ସୁଯୋଗ ମିଳିଥିଲା। ସରଳ ଓ ଅମାୟିକ ବ୍ୟକ୍ତିତ୍ୱ ପ୍ରଫେସର ମହାପାତ୍ର ବେଶ୍ ସହଜ ଓ ସରଳ ଶୈଳୀରେ କହିଚାଲିଥିବେ ନିଜ ଜୀବନର ଅନେକ ମହାର୍ଘ୍ୟ ସମୟର କଥା ବା ଦେଉଥିବେ ମନରେ ଉଠୁଥିବା ପ୍ରଶ୍ନର ସହଜ ଉତ୍ତର। ଛୋଟବଡ଼ ଭେଦବିଚାର ନାହିଁ। ରେଭେନ୍ସାରେ ପଢ଼ିବା ବେଳଠାରୁ ତାଙ୍କ ସଂପର୍କ ଏବଂ ଏହି ସଂପର୍କ ନିବିଡ଼ ହୋଇଥିଲା 'ପ୍ରଜାତନ୍ତ୍ର'ରେ କାର୍ଯ୍ୟ କରିବା ପରଠାରୁ। ବିଜ୍ଞାନର ଜଟିଳତମ ତଥ୍ୟକୁ ବେଶ୍ ସହଳ ଭାବେ ପ୍ରକାଶ କରିବାର ଦକ୍ଷତା ତାଙ୍କର ସାରସ୍ୱତ ସାଧନାର ଅନ୍ୟତମ ଦିଗ। ବିଜ୍ଞାନର ତଥ୍ୟଭିତ୍ତିକ ଓ ସୃଜନଶୀଳ ପୁସ୍ତକ ରଚନା କରିବାରେ ସେ ଓଡ଼ିଆ ସାହିତ୍ୟରେ ନୂତନ ସାରସ୍ୱତ ଦିଗନ୍ତର ଉନ୍ମୋଚନ କରିଥିଲେ ସେ। ତାଙ୍କ ସହ ଏହି ସାକ୍ଷାତ୍‌କାରଟି ଜାନୁଆରୀ, ୯ ତାରିଖ ୨୦୦୫ମସିହାରେ 'ପ୍ରଜାତନ୍ତ୍ର'ର 'ଆଇନା' ପୃଷ୍ଠାରେ ପ୍ରାକାଶ ପାଇଥିଲା।

## ଓଡ଼ିଆ ଭାଷାରେ ପୁସ୍ତକ ଥିଲେ ମଧ୍ୟ କଲେଜ ସ୍ତରରେ ବିଜ୍ଞାନ ଶିକ୍ଷାର ମାଧ୍ୟମ ଓଡ଼ିଆ ଭାଷା ନ ହେବା ଦୁର୍ଭାଗ୍ୟଜନକ

**- ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର**

ବିଜ୍ଞାନକୁ ଲୋକପ୍ରିୟ କରିବା କ୍ଷେତ୍ରରେ ଡକ୍ଟର ଗୋକୁଳାନନ୍ଦ ମହାପାତ୍ରଙ୍କ ଭୂମିକା ସର୍ବାଗ୍ରେ ସ୍ମରଣୀୟ । ଜାତୀୟ/ଆନ୍ତର୍ଜାତିକ ପତ୍ରପତ୍ରିକାରେ ତାଙ୍କ ଲିଖିତ ୬୦ରୁ ଊର୍ଦ୍ଧ୍ୱ ଗବେଷଣାମୂଳକ ନିବନ୍ଧ ପ୍ରକାଶ ପାଇଁ ତାଙ୍କୁ ଦେଇଛି ବିପୁଳ ପରିଚୟ । ୬୦ରୁ ଅଧିକ ଲୋକପ୍ରିୟ ବିଜ୍ଞାନ ପୁସ୍ତକ ଓ ୧୫ରୁ ଅଧିକ ବିଜ୍ଞାନ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନା କରି ନିଜର ସ୍ୱତନ୍ତ୍ର୍ୟ ସୃଷ୍ଟି କରିଛନ୍ତି । 'ଏ ଯୁଗର ଶ୍ରେଷ୍ଠ ପୁରସ୍କାର' ପାଇଁ ୧୯୬୪ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡକ୍ଟର ମହାପାତ୍ର ୧୯୬୦ର ସର୍ବଶ୍ରେଷ୍ଠ ରସାୟନବିଜ୍ଞାନଭିତ୍ତିକ ନିବନ୍ଧ ପାଇଁ କୁପର ମେମୋରିଆଲ୍ ସ୍ୱର୍ଣ୍ଣ ପଦକ ପ୍ରାପ୍ତ । ବିଦେଶର ଅନେକ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ନିଜର ବିଦ୍‌ବତ୍ତାର ପରିଚୟ ପ୍ରଦାନ କରିଛନ୍ତି । ତାଙ୍କର ଲୋକପ୍ରିୟ ବିଜ୍ଞାନ ପୁସ୍ତକ ମଧ୍ୟରେ–ବିଜ୍ଞାନ ବିସ୍ମୟ, ପରମାଣୁ ବୋମାର ଆବିଷ୍କାର, ବିଜ୍ଞାନ ଓ ଆମେ, ଯନ୍ତ୍ର ମଣିଷ, ବିଚିତ୍ର ବିଶ୍ୱ,  ରେଡିୟମ୍ ଓ କିଉରି, ବିଜ୍ଞାନର ଶ୍ରେଷ୍ଠ ଆବିଷ୍କାର, ଚନ୍ଦ୍ରପୃଷ୍ଠରେ ମଣିଷ, ନିଶ୍ଚଳ ପୃଥିବୀ, ଉଡ଼ନ୍ତା ଥାଳିଆ, ଆମ ପରିବେଶ, ପୃଥିବୀର ସପ୍ତାଶ୍ଚର୍ଯ୍ୟ,  ଗୋକୁଳାନନ୍ଦ ଗ୍ରନ୍ଥାବଳୀ–୧ମ, ୨ୟ ଏବଂ ୩ୟ ଭାଗ ଇତ୍ୟାଦି । ସାଧନାର ସ୍ୱୀକୃତି ସ୍ୱରୂପ ସେ ପାଇଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ମନପବନ ରଜତ ଜୟନ୍ତୀ ପୁରସ୍କାର, ପ୍ରାଣକୃଷ୍ଣ ପରିଜା ସ୍ମୃତି ପୁରସ୍କାର, ବିଜ୍ଞାନ ବନ୍ଧୁ ପୁରସ୍କାର, ସାରଳା ପୁରସ୍କାର, ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ଇତ୍ୟାଦି ଅନେକ ସମ୍ମାନ ଓ ପୁରସ୍କାର। ଏହି ଯଶସ୍ୱୀ ପୁରୁଷଙ୍କୁ ତାଙ୍କ ଦୋଳମୁଣ୍ଡାଇସ୍ଥିତ ବାସଭବନ ଆମ୍ରପଲିରେ ବିତାଇଥିଲୁ କେତୋଟି ଅନ୍ତରଙ୍ଗ ମୁହୂର୍ତ୍ତ।

ସାକ୍ଷାତ୍‌କାର ପ୍ରସ୍ତୁତି : **ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ**

**ଲୋକପ୍ରିୟ ବିଜ୍ଞାନ ରଚନା ପାଇଁ ଆପଣଙ୍କ ପରିକଳ୍ପନା କେବେଠାରୁ ଓ କାହିଁକି ?**

ମୁଁ ଯେତେବେଳେ ବି.ଏସ୍‌ସି. ପଢୁଥିଲି, ସେତେବେଳେ କାଳିନ୍ଦୀ ଚରଣ ପାଣିଗ୍ରାହୀ ମୋତେ ବିଜ୍ଞାନଭିତ୍ତିକ ଲେଖା ଦେବା ପାଇଁ ତାଙ୍କ ପୁତୁରା ନିହାରରଞ୍ଜନ ପାଣିଗ୍ରାହୀ (ଯିଏ କି ମୋର ସହପାଠୀ ଥିଲେ)ଙ୍କ ହାତରେ ଖବର ପଠାଇଥିଲେ। ମୁଁ କହିଥିଲି ଯେ ଓଡ଼ିଶାରେ ବିଜ୍ଞାନ ରଚନା ଏତେ ସହଜ ନୁହେଁ । ଏଣୁ ମୋ ପକ୍ଷରେ ଓଡ଼ିଆ ଲେଖିବା ସୁବିଧା ହେବନାହିଁ । ଏଣୁ ମୁଁ ପାରିବି ନାହିଁ । ତାହା ହେଉଛି ୧୯୪୪ ମସିହା କଥା । ସେତେବେଳକୁ ଓଡ଼ିଶାରେ ଯେଉଁ କେତୋଟି ପତ୍ରିକା ବାହାରୁଥିଲା ସେଥିରେ ବିଜ୍ଞାନଲେଖା ପ୍ରାୟ ନଥିଲା କହିଲେ ଚଳେ । ମୋର ଧାରଣା ଥିଲା ବିଜ୍ଞାନରେ ଏତେଗୁଡ଼ିଏ ଟେକ୍ନିକାଲ୍ ଶବ୍ଦ ଅଛି, ତାହାର ଓଡ଼ିଆ ପ୍ରତିଶବ୍ଦ ନ ମିଳିଲେ କୌଣସି ବିଜ୍ଞାନ ଲେଖା ଲେଖିହେବନି । ୧୯୪୫ ମସିହାରେ ମୁଁ ବି.ଏସ୍‌ସି. ପାଶ୍ କରି କଲିକତା ଗଲି ଏମ୍.ଏସ୍‌ସି ପଢ଼ିବା ପାଇଁ । ସେଠାରେ ଦେଖିଲି ସେମାନଙ୍କ ପତ୍ରପତ୍ରିକାରେ ବୈଜ୍ଞାନିକ ପ୍ରବନ୍ଧ ବେଶ୍ ବାହାରୁଛି । ତେଣୁ ମୁଁ ଭାବିଲି ସେମାନେ ଯଦି କରିପାରୁଛନ୍ତି ଆମ ଭାଷାରେ କାହିଁ ନ ହେବ । ତେଣୁ କଥା ହେଲା ବୈଜ୍ଞାନିକ ଶବ୍ଦର ଓଡ଼ିଆ ପ୍ରତିଶବ୍ଦ କେଉଁଠୁ ମିଳିବ । ବଙ୍ଗଳା ଯେଉଁମାନେ ଲେଖୁଥିଲେ ସେମାନେ ଏହି ପ୍ରତିଶବ୍ଦ ପାଇଁ ସେମାନଙ୍କର ପାରିଭାଷିକ ଶବ୍ଦାବଳୀକୁ ନେଇ ଛୋଟ ଛୋଟ କରି ମିଳୁଥିଲା । ମୁଁ ଦେଖିଲି ଓଡ଼ିଆ ଓ ବଙ୍ଗଳା ଭାଷା ମଧ୍ୟରେ ସାମଞ୍ଜସ୍ୟ ଏତେ ଅଛି ସେମାନଙ୍କର ପ୍ରତିଶବ୍ଦ ଆମ ଓଡ଼ିଆ ଭାଷାରେ ବ୍ୟବହାର କରାଯାଇ ପାରିବ । କାହିଁକି ନା ଓଡ଼ିଆ ଭାଷା ଓ ବଙ୍ଗଳା ଭାଷା- ଦୁଇଭାଷାର ଜନ୍ମ ସଂସ୍କୃତରୁ । ତେଣୁ ମୁଁ ତାଙ୍କ ପରିଭାଷା ବ୍ୟବହାର କରି ପ୍ରଥମେ ଏକ ପ୍ରବନ୍ଧ ଲେଖିଲି ୧୯୪୫ରେ । ତା'ର ନାମ 'ପରମାଣୁ ବୋମାର ଆବିଷ୍କାର'। ସେତେବେଳେ ଦ୍ୱିତୀୟ ମହାସମର ସରିଯାଇଥାଏ । ଆମେରିକା, ଜାପାନ ଉପରେ ପରମାଣୁ ବୋମା ପକାଇ ଲକ୍ଷ ଲକ୍ଷ ଲୋକଙ୍କୁ ମାରି ଦେଇଥା'ନ୍ତି। ଏହି ପରମାଣୁ ବୋମା କିପରି କାମ କରେ ତାହାକୁ ବ୍ୟାଖ୍ୟା କରି ମୁଁ ଏ ପ୍ରବନ୍ଧଟି ଲେଖିଲି। ସେତେବେଳେ ମହାଯୁଦ୍ଧ ପାଇଁ କାଗଜ ଅଭାବରୁ ପତ୍ରପତ୍ରିକା ବନ୍ଦ ହୋଇଯାଇଥାଏ। ସହକାର, ନବଭାରତ ପରି ପତ୍ରିକା ପ୍ରକାଶନ ବନ୍ଦ ହୋଇଯାଇଥାଏ। ସେତେବେଳେ ମାୟାଧର ମାନସିଂହଙ୍କ ସମ୍ପାଦନାରେ 'ଶଙ୍ଖ' ନାମରେ ଏକ ପତ୍ରିକା ପ୍ରକାଶ ପାଉଥିଲା। ମୁଁ ମୋ ପ୍ରଥମ ଲେଖାକୁ ଶଙ୍ଖ ପତ୍ରିକାକୁ ପଠାଇଦେଲି। ଲେଖାଟିକୁ ମାୟାଧର ମାନସିଂହ ପଢ଼ି ଉତ୍ସାହିତ ହୋଇ ଖଣ୍ଡେ ପତ୍ର ଲେଖିଲେ ଓ ଏହା ଶଙ୍ଖରେ ପ୍ରକାଶ ପାଇବ ବୋଲି ଜଣାଇ ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ସେ ଲେଖାଟି ହଜିଗଲା। ମୋ ପାଖରେ ତା'ର କପି ମଧ୍ୟ ନଥିଲା। ଦୁଃଖକରି ମାନସିଂହ ପତ୍ରଟିଏ ଲେଖିଲେ। ଲେଖାଟି ହଜିଯାଇଥିବାରୁ ଆଉ ଗୋଟିଏ ପଠାଇବା ପାଇଁ ଅନୁରୋଧ ଜଣାଇଲେ। ମୁଁ ୧୯୪୬ ମସିହା ଫେବୃୟାରୀରେ ଏକ ଲେଖା ତାଙ୍କ ପାଖକୁ ପଠାଇଲି। 'ଆଧୁନିକ ବିଜ୍ଞାନକୁ ଆଲ୍‌କାତରାର ସାହାଯ୍ୟ' ନାମକ ଏହି ପ୍ରବନ୍ଧଟି ୧୯୪୬ ମସିହା ଜୁଲାଇ ମାସ ଶଙ୍ଖ ପତ୍ରିକାରେ ପ୍ରକାଶ ପାଇଲା । ସେହିଦିନଠାରୁ ଶଙ୍ଖରେ ମୋର ନିୟମିତ ଲେଖା ପ୍ରକାଶ ପାଇଥିଲା । ମୁଁ ଏମ୍.ଏସ୍‌ସି ପଢ଼ିଲା ବେଳକୁ ଚତୁରଙ୍ଗ ପତ୍ରିକା ବଲାଙ୍ଗୀର ରାଜା ପ୍ରକାଶ କରୁଥିଲେ । ସେଠାକୁ ମଧ୍ୟ ଲେଖା ପଠାଇଲି । ଯୁଦ୍ଧର ଅବସାନ ପରେ ୧୯୪୬-୪୭ରେ ସହକାର ଓ ନବଭାରତ ପ୍ରକାଶ ପାଇଲା। ସେଥିରେ ଲେଖିଲି । ଏହିପରି ଏମ୍.ଏସ୍‌ସି ପାଶ୍ କଲାବେଳକୁ ମୋର ୨୫-୩୦ଟି ବୈଜ୍ଞାନିକ ପ୍ରବନ୍ଧ ପ୍ରକାଶ ପାଇସାରିଥିଲା । ରେଭେନ୍ସାରେ ଅଧ୍ୟାପକ ଭାବେ ଯୋଗ ଦେବା ପରେ ଏହି ପ୍ରକାଶିତ ପ୍ରବନ୍ଧକୁ ୧୯୪୮ରେ ସେକାଳର ପ୍ରକାଶକ 'ଭାରତୀ ବିହାର' ପ୍ରକାଶକରିଥିଲେ 'ବିଜ୍ଞାନ ବିସ୍ମୟ' ନାମ ଦେଇ । ସମ୍ଭବତଃ ତାହା ହିଁ ହେଉଛି ଓଡ଼ିଶାରେ ପ୍ରଥମ ଲୋକପ୍ରିୟ ବିଜ୍ଞାନ ପୁସ୍ତକ। ତା'ପୂର୍ବରୁ ଡକ୍ଟର ପ୍ରାଣକୃଷ୍ଣ ପରିଜା, ଡଃ. ହରିବନ୍ଧୁ ମହାନ୍ତି, ଡଃ. ବଂଶୀଧର ସାମନ୍ତରାୟ ପ୍ରମୁଖ ବିଜ୍ଞାନ ପ୍ରବନ୍ଧ ଲେଖୁଥିଲେ ମଧ୍ୟ ପୁସ୍ତକ ପ୍ରକାଶ ହୋଇନଥିଲା। ସେହି ୧୯୪୮ ମସିହାରେ ସେହିବର୍ଷ ଅଧ୍ୟାପକ ଗଦାଧର ମିଶ୍ରଙ୍କ 'ବିଜ୍ଞାନ ରହସ୍ୟ' ପ୍ରକାଶ ପାଇଲା ଓ ଏକ ପରମ୍ପରା ଆରମ୍ଭ ହେଲା। ସେ ୧୯୪୮ ମସିହାରୁ ପ୍ରତିବର୍ଷ ମୋର ଖଣ୍ଡେ/ଦିଖଣ୍ଡ ବହି ପ୍ରକାଶ ହୋଇ ଆସୁଅଛି ।

**ଦୀର୍ଘକାଳ ଧରି ଆପଣ ଯେଉଁ ଉଦ୍ଦେଶ୍ୟ ରଖି ଲେଖନୀ ଚାଳନା କରି ଆସିଲେ ତାହା ଫଳପ୍ରସୂ ହୋଇଛି ବୋଲି ଆପଣ ଭାବୁଛନ୍ତି କି ?**

ଆମ ଦେଶରେ ବିଜ୍ଞାନ ସାହିତ୍ୟ ନଥିଲା । ବିଜ୍ଞାନ ସମ୍ବନ୍ଧରେ କିଏ କିଛି ଜାଣୁ ନଥିଲେ। ମୋର ଉଦ୍ଦେଶ୍ୟ ଥିଲା ବିଜ୍ଞାନ ସଂପର୍କରେ ଲେଖାଲେଖି କଲେ ଲୋକେ ସେ ସଂପର୍କରେ ଜାଣିବେ, ବିଜ୍ଞାନ ସଚେତନ ହେବେ। ବିଜ୍ଞାନ ପଢ଼ିବାକୁ ଅଧିକ ଛାତ୍ରଛାତ୍ରୀ ଆଗେଇ

ଆସିବେ । ମୁଁ ଯେତେବେଳେ ରେଭେନ୍ସା କଲେଜରେ (ଆଇଏସ୍‌ସି) ପଢୁଥିଲି ସେତେବେଳେ ସାରା ଓଡ଼ିଶାରୁ ମାତ୍ର ୧୨୮ ଜଣ ଛାତ୍ରଛାତ୍ରୀ ବିଜ୍ଞାନ ପଢୁଥିଲେ। ବିଜ୍ଞାନ ଟିକେ କଷ୍ଟକର ହୋଇଥିବାରୁ ଅନେକ ଛାତ୍ର ବିଜ୍ଞାନ ପଢ଼ିବାକୁ ସାହସ କରୁନଥିଲେ । କଷ୍ଟେ ମଷ୍ଟେ ଆଇଏସ୍‌ସି ପାସ୍ କଲା ପରେ ବି.ଏସ୍‌ସି ପଢ଼ିବାକୁ ସାହସ କରୁ ନଥିଲେ। ସେମାନଙ୍କ ଧାରଣା ଥିଲା ବିଏସ୍‌ସି ପଢ଼ି ବିଏସ୍‌ସି ପାଶ୍ କରିବା ଅତିବ କଷ୍ଟକର ଥିଲା। ଏହି ସମୟରେ ମେଟ୍ରିକ୍ୟୁଲେସନ୍ ପାଠ୍ୟକ୍ରମରେ ବିଜ୍ଞାନ ଏକ ବିଷୟ ଭାବେ ସନ୍ନିବେଶିତ ହେଲା। ବିଏସ୍‌ସି ଜ୍ଞାନ ଥିବା ଅତିକମ୍ ସଂଖ୍ୟକ ଶିକ୍ଷକ ଥିବାରୁ ହାଇସ୍କୁଲ୍ ସ୍ତରରେ ବିଜ୍ଞାନ ପଢ଼ିବାକୁ ଶିକ୍ଷକ ମିଳୁ ନଥିଲେ। ମେଟ୍ରିକ୍ୟୁଲେସନ୍ ଶ୍ରେଣୀରେ ପିଲାମାନେ ପଢ଼ିବାକୁ କୌଣସି ବିଜ୍ଞାନ ପୁସ୍ତକ ନଥିଲା। ଯେଉଁ କେତେଜଣ ଶିକ୍ଷକ ଆମ ପିଲାମାନଙ୍କୁ ବିଜ୍ଞାନ ପଢ଼ାଉଥିଲେ ସେମାନେ ବଙ୍ଗଳା ଓ ହିନ୍ଦୀରୁ ବିଷୟ ଆଣି ଅତି କଷ୍ଟରେ ପିଲାଙ୍କୁ ପଢ଼ାଉଥିଲେ। ବିଧିବଦ୍ଧ ବିଜ୍ଞାନ ପୁସ୍ତକ ନଥିବାରୁ ପାଠପଢ଼ାରେ ବାଧା ହେଉଥିଲା। ସେଥିପାଇଁ ମୁଁ ପ୍ରଥମଥର ୧୯୫୨ ମସିହାରେ ବିଜ୍ଞାନ ପୁସ୍ତକ ପ୍ରକାଶ କଲି। ସେହି ବହି ଦୁଇଟିର ନାମ ମାଧ୍ୟମିକ ବିଜ୍ଞାନ ପ୍ରବେଶିକା, ପ୍ରବେଶିକା ସାଧାରଣ ବିଜ୍ଞାନ ଥିଲା। ତା'ପରେ ୧୯୫୮ ବେଳକୁ ଅନ୍ୟ ଲେଖକମାନଙ୍କର ବହି ପ୍ରକାଶ ପାଇଲା। ତେଣୁ ଯେଉଁ ଉଦ୍ଦେଶ୍ୟ ରଖି ଲେଖନୀ ଚାଳନା କରିଥିଲି ତାହା ସଫଳ ହୋଇଛି ନିଶ୍ଚୟ ।

**ବିଦେଶରେ ପୋଷ୍ଟ ଡକ୍ଟରାଲ୍ ରିସର୍ଚ୍ଚ କରିବା ବେଳେ ଏପରି କିଛି ସ୍ମରଣୀୟ ମୁହୂର୍ତ୍ତ ସଂପର୍କରେ ସୂଚନା ଦିଅନ୍ତୁ ?**

୧୯୬୧ ମସିହାରୁ ୧୯୬୩ ପର୍ଯ୍ୟନ୍ତ ଅଢ଼େଇ ବର୍ଷ ମୁଁ ଆମେରିକାର ବୋଷ୍ଟନରେ ଥିଲି ଓ ବ୍ରେଣ୍ଡାଇ ବିଶ୍ୱବିଦ୍ୟାଳୟରେ ମୁଁ ପୋଷ୍ଟ ଡକ୍ଟରାଲ୍ ଗବେଷଣା କରୁଥିଲି । ବିଶ୍ୱବିଦ୍ୟାଳୟ ପାଖରୁ ଅଳ୍ପ ଦୂରରେ ମୁଁ ବସା ନେଇଥିଲି ସେଠାରେ ମୋ ପରିବାର ଅବସ୍ଥାନ କରୁଥିଲେ । ଆମେ ଥରେ ସେଠାରୁ ବହୁ ଦୂର ବିଶ୍ୱପ୍ରସିଦ୍ଧ ନାଏଗ୍ରା ଜଳପ୍ରପାତ ଦେଖିବାକୁ ଯାଇଥିଲୁ । ନାଏଗ୍ରା ଦୃଶ୍ୟ ଅତି ଚମତ୍କାର । ଯେଉଁଠି ପାଣି ତଳେ ପଡୁଛି ସେଠିକି ଖୁବ୍ ସାହସୀ ଲୋକ ନହେଲେ ଅନ୍ୟମାନେ ସେଠାକୁ ଯାଆନ୍ତି ନାହିଁ । ପିଲାମାନଙ୍କୁ ମନା । ତାହା ପାଖ ପର୍ଯ୍ୟନ୍ତ ଯିବା ପର୍ଯ୍ୟନ୍ତ ବନ୍ଦୋବସ୍ତ ଥାଏ । ସେଥିପାଇଁ ଟିକେଟ୍ କରିବାକୁ ପଡେ । ମୁଁ ଯେତେବେଳେ ଟିକଟ କରିବାକୁ ଗଲି ମୋ ସ୍ତ୍ରୀ ସେଥିରେ ବାଧାଦେଲେ । କ'ଣ କାଳେ ହେବ । ମୁଁ କିନ୍ତୁ ଏହା ନ ମାନି ଏକୁଟିଆ ଟିକେଟ୍ କରି ଗଲି । ସେମାନେ ସାରା ଦେହ ଘୋଡ଼ାଇ ଦେଉଥିବା ବେଳେ ଏକ ପୋଷାକ ପିନ୍ଧିବାକୁ ଦିଅନ୍ତି । ମୁଁ ଯେତେବେଳେ ଦେଖିବାକୁ ଗଲି ମୋ ସ୍ତ୍ରୀ ଯିବାଠାରୁ ଆସିବା ପର୍ଯ୍ୟନ୍ତ ଏକଘଣ୍ଟା ଧରି କାନ୍ଦୁଥିଲେ । ଯେଉଁ ବାଟରେ ପଡୁଥାଏ ତାହା ଆମ ମୁଣ୍ଡପାଖରୁ ଚାଖଣ୍ଡେ ଦୂରରେ ଥାଏ । ମୁଁ ନ ଫେରିବା ପର୍ଯ୍ୟନ୍ତ ସ୍ତ୍ରୀ ଆଦୌ ବିଶ୍ୱାସ କରିପାରୁ ନଥିଲେ ମୁଁ ସୁସ୍ଥ ଶରୀରରେ ଫେରି ଆସିବି ବୋଲି । ସେ ଦୃଶ୍ୟ ଏବେ ପର୍ଯ୍ୟନ୍ତ ମୋ ସ୍ମୃତିପଟ୍ଟରୁ ଲିଭି ନାହିଁ ।

**ବିଜ୍ଞାନ ପ୍ରଚାର ସମିତି ଗଢ଼ିବା ପଛରେ ମୂଳ ଲକ୍ଷ୍ୟ କ'ଣ ଥିଲା, ଏବେ ଏ ଲକ୍ଷ୍ୟ ପୂରଣ ହୋଇଛି କି ?**

ବିଜ୍ଞାନ ପ୍ରଚାର ସମିତିର ଆରମ୍ଭ ହୁଏ ୧୯୪୯ ମସିହାରେ । ମୁଁ ଯେତେବେଳେ କଲିକତାରୁ ୧୯୪୮ ମସିହାରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି ଆସିଲି, ସେତେବେଳେ କଲିକତାରେ ବଙ୍ଗୀୟ ବିଜ୍ଞାନ ପରିଷଦ ନାମରେ ଗୋଟିଏ ଲୋକପ୍ରିୟ ବିଜ୍ଞାନ ଅନୁଷ୍ଠାନ ଆରମ୍ଭ ହେଲା। କଲିକତାର ବଡ଼ବଡ଼ ବୈଜ୍ଞାନିକମାନେ ଏହି ଅନୁଷ୍ଠାନର ସଭ୍ୟ ହେଲେ । ସେମାନେ ମଧ୍ୟ ଗୋଟିଏ ଲୋକପ୍ରିୟ ପତ୍ରିକା ଆରମ୍ଭ କଲେ, ତା' ନାମ ଥିଲା 'ଜ୍ଞାନ ବିଜ୍ଞାନ'। ମୁଁ ଉଭୟରେ ଯୋଗଦେବା ପରେ ଭାବିଲି ଓଡ଼ିଶାରେ ସେପରି ଅନୁଷ୍ଠାନ କାହିଁକି ଆରମ୍ଭ ନ କରିବା। ସେତେବେଳେ ମୋର ବନ୍ଧୁ ଡାକ୍ତର ଗୋପାଳଚନ୍ଦ୍ର ପଟ୍ଟନାୟକ ମେଡ଼ିକାଲ କଲେଜର ପ୍ରଫେସର ଥାଆନ୍ତି। ମୁଁ ତାଙ୍କୁ ଏହି କଥା କହିବାରୁ ସେ ଉତ୍ସାହିତ ହୋଇପଡ଼ିଲେ। ସଙ୍ଗେ ସଙ୍ଗେ ବିଜ୍ଞାନ ପ୍ରଫେସରମାନଙ୍କୁ ନେଇ ଏକ ଅନୁଷ୍ଠାନ ଆରମ୍ଭ ହେଲା ଓ ଏହାର ନାମ ରଖାଗଲା ବିଜ୍ଞାନ ପ୍ରଚାର ସମିତି । ଏହି ଅନୁଷ୍ଠାନ କେତେଗୁଡ଼ିଏ ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପ୍ରକାଶ କରିଛି ଓ ଗୋଟିଏ ବିଜ୍ଞାନ ପତ୍ରିକା ୧୯୭୭ ମସିହାଠାରୁ ବିଜ୍ଞାନୀ ଲୋକ ନାମରେ ଆଜି ପର୍ଯ୍ୟନ୍ତ ପ୍ରକାଶ ପାଇଆସୁଛି। ଏହି ଅନୁଷ୍ଠାନ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ନେଇ ଆରମ୍ଭ ହୋଇଥିଲା । ସେହି ଲକ୍ଷ୍ୟ ବହୁ ଅଚିରେ ପୂରଣ ହୋଇପାରିଛି ।

୧୯୪୯ରେ ବିଜ୍ଞାନ ପ୍ରଚାର ସମିତି ଆରମ୍ଭ ବେଳକୁ ଓଡ଼ିଶାର ଜନସାଧାରଣ ଓ ଛାତ୍ରଛାତ୍ରୀ ବିଜ୍ଞାନ ପ୍ରତି ସଚେତନ ନଥିଲେ। ବର୍ତ୍ତମାନ ସମସ୍ତେ ବିଜ୍ଞାନ ପ୍ରତି ଆମ ବିଶ୍ୱାସଠାରୁ ବହୁଗୁଣରେ ସଚେତନ ହୋଇଛନ୍ତି । ବିଜ୍ଞାନ ପ୍ରଚାର ସମିତିର ଉଦ୍ଦେଶ୍ୟ ଯେ ବହୁ

ଗୁଣରେ ସାଧିତ ହୋଇଛି ଏହା ହିଁ ମୋ ବିଶ୍ୱାସ । ବିଜ୍ଞାନ ପ୍ରଚାର ସମିତି ଏପରି ଏକ ଅନୁଷ୍ଠାନ, ଯାହାର ସ୍ଥାୟୀ ସଭାପତି ନଥା'ନ୍ତି । ସମ୍ପାଦକମାନେ ତା'ର ସର୍ବେସର୍ବା । ପ୍ରତି ବୈଠକରେ ସଭ୍ୟମାନଙ୍କ ମଧ୍ୟରୁ ଜଣେ ଓ ପ୍ରତି ବାର୍ଷିକ ଅଧିବେଶନରେ ସମିତିର ସଭ୍ୟମାନେ ସଭାପତିର କାର୍ଯ୍ୟ ତୁଲାନ୍ତି । ଓଡ଼ିଶାର ଯେତେ ପୁରାତନ ବିଜ୍ଞାନ ଅଧ୍ୟାପକ ଅଛନ୍ତି ତାଙ୍କ ମଧ୍ୟରୁ ଅନେକ ଏହି ଅନୁଷ୍ଠାନର ସଭାପତିତ୍ୱ କରିଛନ୍ତି । ଏହାର ପ୍ରଥମ ସମ୍ପାଦକ ମୁଁ ଓ ଡକ୍ଟର ରାଧାନାଥ ରଥ ଏହାର ସମ୍ପାଦକ ଭାବେ କାର୍ଯ୍ୟ ତୁଲାଉଥିଲୁ । ଆମ ପରେ ବସନ୍ତ କୁମାର ବେଉରା, ହରିହର ପଟ୍ଟନାୟକ, ବିଦ୍ୟାଧର ପାଢ଼ୀ ଆଦି ବିଜ୍ଞାନ ଅଧ୍ୟାପକ ଏହି ଦାୟିତ୍ୱ ତୁଲାଇଛନ୍ତି ।

### ଡିଏନ୍ଏ ସଂପର୍କରେ ଆପଣଙ୍କ ଗବେଷଣାର ସିଦ୍ଧାନ୍ତଟି କ'ଣ ?

ଆମ ଶରୀର ତ କେତେ କୋଷ ଦ୍ୱାରା ଗଠିତ । ଏହି କୋଷରେ ନ୍ୟୁକ୍ଲିୟସ୍ ଥାଏ । ନିଉକ୍ଲିୟସ୍ ମଧ୍ୟରେ ଦୁଇପ୍ରକାର ନିୟୁକ୍ଲିକ୍ ଏସିଡ୍ ଥାନ୍ତି । ସେଗୁଡ଼ିକ ହେଲେ ଡିଏନ୍ଏ ଓ ଅନ୍ୟଟି ଆର୍ଏନ୍ଏ । ଏଇ ଦୁଇ ଦୁଇଟି ଯାକ ନ୍ୟୁକ୍ଲିକ୍ ଏସିଡି ଦ୍ୱାରା ଆମ ଶରୀରର ଅଭିବୃଦ୍ଧି ମଣିଷ ଚରିତ୍ର ଗଠନ, ରୋଗ ପ୍ରତିରୋଧକ ଶକ୍ତି ଆଦି ଗୁଣ ମଣିଷ ପାଏ। ଗୋଟିଏ ପିଢ଼ିରୁ ଆଉ ଗୋଟିଏ ପିଢ଼ିକୁ ଆମ ସନ୍ତାନସନ୍ତତିମାନେ ସେମାନେ ରୂପ-ଲାବଣ୍ୟ-ପ୍ରକୃତି ହାସଲ କରିଥାନ୍ତି ଓ ତାହା ନ୍ୟୁକ୍ଲିକ୍ ଏସିଡ୍ ଦ୍ୱାରା ସଂଚାରିତ ହୋଇଥାଏ । ପୁଅ ଯେପରି ବାପର ମୁହଁ ପାଇଥାଏ ବା ଝିଅ ମାଆର ଗଢ଼ଣ ପାଇଥାଏ । ବାପା ମାଆଙ୍କର ପ୍ରକୃତି ପିଲାମାନେ ପାଇଥା'ନ୍ତି, ତାହା ଏଇ ଡିଏନ୍ଏ ଦ୍ୱାରା ସଂଚାରିତ ହୋଇଥାଏ । ମୁଁ ଯେତେବେଳେ ଆମେରିକାରେ ଡିଏନ୍ଏ ଉପରେ ଗବେଷଣା କରୁଥିଲି ସେତେବେଳେ ଡିଏନ୍ଏ ଗଠନର ଗୋଟିଏ ଯାଗାରେ ସନ୍ଦେହ ରହିଯାଇଥିଲା । ମୁଁ ଦୁଇବର୍ଷ ଗବେଷଣା କରି ନାନା ପରୀକ୍ଷାକୁ ସନ୍ଦେହ ଦୂର କରିପାରିଥିଲି ।

### ଆପଣ ରେଭେନ୍ସା କଲେଜ ଓ କଲିକତାର ପ୍ରେସିଡେନ୍ସି କଲେଜରେ ଶିକ୍ଷାପ୍ରାପ୍ତ ଓ ରେଭେନ୍ସା କଲେଜରେ ପରେ ଶିକ୍ଷାଦାନ କଲେ । ଶିକ୍ଷା କ୍ଷେତ୍ରରେ କି କି ପରିବର୍ତ୍ତନ ଆପଣ ଲକ୍ଷ୍ୟ କରିଛନ୍ତି ?

ମୁଁ ଆମେରିକାରୁ ଗବେଷଣା ସାରି ଫେରି ଆସିବା ପର୍ଯ୍ୟନ୍ତ ଅର୍ଥାତ୍ ୧୯୭୦ ମସିହା ପର୍ଯ୍ୟନ୍ତ ରେଭେନ୍ସା କଲେଜର ଛାତ୍ର ଶିକ୍ଷକ ସଂପର୍କ ଉଚ୍ଚକୋଟିର ଥିଲା । ରେଭେନ୍ସା କଲେଜର ଅଧ୍ୟାପନା ସାରା ଓଡ଼ିଶାର ସବୁଠାରୁ ଉତ୍କୃଷ୍ଟ ଥିଲା । ସବୁଠାରୁ ନାମଜାଦା ଅଧ୍ୟାପକମାନେ ହିଁ ରେଭେନ୍ସା କଲେଜରେ ଶିକ୍ଷାଦାନ କରୁଥିଲେ । ସାରା ଭାରତରେ ଏହି ଶିକ୍ଷାୟତନ ଏକ ନାମଜାଦା ଅନୁଷ୍ଠାନ ଭାବେ ସ୍ୱୀକୃତି ପାଇଥିଲା । ସେ ଅଧ୍ୟାପକମାନେ ଥିଲା ବେଳେ ରେଭେନ୍ସା କଲେଜର ଗବେଷଣା ଉଚ୍ଚକୋଟୀର ଥିଲା ଓ ସାରା ଭାରତରେ ଏହାର ପ୍ରସିଦ୍ଧି ଥିଲା । ୧୯୭୦ ମସିହା ବେଳକୁ ସରକାରଙ୍କ ନୀତି ହେଲା ଆମର ନାମଜାଦା ଅଧ୍ୟାପକମାନେ ରେଭେନ୍ସା ଛାଡ଼ି ଅନ୍ୟ କଲେଜରେ ମଧ୍ୟ ଅଧ୍ୟାପନା କରିବା ଉଚିତ୍ । ତେଣୁ ରେଭେନ୍ସାରୁ ବହୁ ନାମଜାଦା ଅଧ୍ୟାପକମାନେ ବଦଳି ହେଲେ । ଏହା ଫଳରେ ରେଭେନ୍ସାର ଯେଉଁ ସୁନାମ ଥିଲା, ତାହା ରହିଲା ନାହିଁ । ଏହି ସମୟରେ ଛାତ୍ର-ଶିକ୍ଷକ ସଂପର୍କ ମଧୁର ନ ହୋଇ ତିକ୍ତ ହୋଇ ଉଠିଲା । ରେଭେନ୍ସା କଲେଜ ଆଦର୍ଶ ପ୍ରତିଷ୍ଠାନ ହୋଇ ରହିଲା ନାହିଁ । ଛାତ୍ର ଗୋଳମାଳ ବଢ଼ି ଚାଲିଲା ।

### ଆପଣଙ୍କ ଜୀବନର ସଫଳତା କେଉଁଠି ?

ମୋର ବୈଜ୍ଞାନିକ ଗବେଷଣାରେ ଆମେରିକାରେ ସଫଳତା ଅର୍ଜନ କଲା ପରେ ରେଭେନ୍ସା କଲେଜରେ ଗବେଷଣା କରି ସଫଳ ହୋଇଛି । ମୋର ଗବେଷଣା ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ପାଇଁ ୧୯୬୧ ମସିହାରେ ମୋତେ କୁପର ମେମୋରିଆଲ୍ ସ୍ୱର୍ଣ୍ଣପଦକ ମିଳିଛି, ଯାହା ମୋର ଗବେଷଣା ପ୍ରତି ଜାତୀୟ ସ୍ତରରେ ଏକ ସ୍ୱୀକୃତି କହିଲେ ଚଳେ । ତା'ଛଡ଼ା ରେଭେନ୍ସା କଲେଜର ବହୁ ଅଧ୍ୟାପକ ମୋ ତତ୍ତ୍ୱାବଧାନରେ ଗବେଷଣା ଟ୍ରେନିଂ ପାଇଛନ୍ତି । ସେମାନେ ଡକ୍ଟରେଟ୍ ପାଇଛନ୍ତି । ସେମାନେ ଅଧ୍ୟାପନା କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି ।

### ଆଉ କିଛି ଯୋଜନା, ଆଉ କିଛି ସମ୍ଭାବନା ?

ମୁଁ ୧୯୮୧ ମସିହାରେ ଅବସର ନେବା ପରେ ଗବେଷଣା ପ୍ରାୟ ଛାଡ଼ି ଦେଲି, ସେହିଦିନଠାରୁ ବିଜ୍ଞାନ ଲେଖାରେ ସମୟ ଦେଲି । ଅବସର ନେବାଠାରୁ ଆଜିପର୍ଯ୍ୟନ୍ତ ୬୦/୭୦ରୁ ଅଧିକ ପୁସ୍ତକ ଲେଖିଛି । ବିଜ୍ଞାନର ସବୁଠାରୁ କଷ୍ଟକାମ ଯାହାକୁ ଆମ ଭାଷାରେ ବୈଜ୍ଞାନିକମାନେ, ବିଜ୍ଞାନ ଲେଖକମାନେ କରିବାକୁ ସାହସ କରିନାହାନ୍ତି । ମୁଁ ସାହସ କରି ଓଡ଼ିଆ ଭାଷାରେ ପ୍ରକାଶ କଲି ବୈଜ୍ଞାନିକ ଜ୍ଞାନ କୋଷ । ଏହା ଦୁଇଟି ବୃହତ୍ ଖଣ୍ଡରେ ପ୍ରକାଶ ପାଇଛି ଏବେ ତାହା ବଜାରକୁ ଆସିବ । ଅନ୍ୟ କୌଣସି ଭାଷାରେ ଏପରି କଷ୍ଟକାମ କରାଯାଇ ନାହିଁ । ଜ୍ଞାନକୋଷ ବାହାରିଛି, ମାତ୍ର ବୈଜ୍ଞାନିକ

ଜ୍ଞାନ କୋଷ କରିନାହାନ୍ତି । ବିଶ୍ୱ ବୈଜ୍ଞାନିକ ଶବ୍ଦକୋଷ ମଧ୍ୟ ଓଡ଼ିଆ ଭାଷାରେ ପ୍ରଥମ ହେବ । ଏ ଦୁଇଟି ଓଡ଼ିଆ ଭାଷାରେ ଏକ ଅସାମାନ୍ୟ କୃତି ହେବ। ବର୍ତ୍ତମାନ ମୋର ୭୦/୮୦ ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି। ମୋର ବିଶେଷତ୍ୱ ହେଉଛି ବିଜ୍ଞାନ ଭିତ୍ତିକ ଉପନ୍ୟାସ। ଭାରତର ଅନ୍ୟ ଭାଷାରେ ମୌଳିକ ବିଜ୍ଞାନ ଭିତ୍ତିକ ଉପନ୍ୟାସ ବିରଳ। ଯାହାକିଛି ପ୍ରକାଶ ପାଇଛି ତାହା ଭାଷାନ୍ତର ମାତ୍ର। ୧୯୫୨ ମସିହାରେ ମୋର 'ପୃଥିବୀ ବାହାରେ ମଣିଷ' ପ୍ରଥମ ମୌଳିକ ବୈଜ୍ଞାନିକ ଉପନ୍ୟାସ। ୧୯୫୬ ମସିହାରେ ପ୍ରଥମ ବିଜ୍ଞାନ ଭିତ୍ତିକ ଗଳ୍ପ ପୁସ୍ତକ 'ଉଡ଼ନ୍ତା ଥାଳିଆ' ପ୍ରକାଶ ପାଇ ବେଶ ଚହଳ ସୃଷ୍ଟି କରିଥିଲା। ଏହାପରେ 'ଚନ୍ଦ୍ରର ମୃତ୍ୟୁ' 'ନିଶ୍ଚଳ ପୃଥିବୀ' ଆଦି ୧୪ ଖଣ୍ଡ ବିଜ୍ଞାନ ଭିତ୍ତିକ କଥା ସାହିତ୍ୟ ପ୍ରକାଶ ପାଇଛି।

**ବିଜ୍ଞାନକୁ ଲୋକପ୍ରିୟ କରିବାରେ ବଡ଼ ପ୍ରତିବନ୍ଧକ କ'ଣ ବୋଲି ଆପଣଙ୍କ ଉପଲବ୍ଧି ?**

ଏକମାତ୍ର ପ୍ରତିବନ୍ଧକ ହେଲା ପରିଭାଷା । ଏହି ପ୍ରତିବନ୍ଧକ ଦୂର କରିବା ପାଇଁ ମୁଁ ଏକ ଓଡ଼ିଆ ବୈଜ୍ଞାନିକ ପରିଭାଷା' ପ୍ରକାଶ କରିଥିଲି। ତାହାକୁ ବିଜ୍ଞାନ ପ୍ରଚାର ସମିତି ପ୍ରକାଶ କରିଥିଲା ଓ ଏହା ନୂଆ ନୂଆ ବିଜ୍ଞାନ ଲେଖକମାନଙ୍କୁ ଖୁବ୍ ସାହାଯ୍ୟ କରିଥିଲା । ଏବେ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା, ଯେଉଁ ସଂସ୍ଥାକୁ ମୁଁ ୧୯୭୦ ମସିହାରେ ଆରମ୍ଭ କରିଥିଲି ସେ ଅନୁଷ୍ଠାନ ସବୁ ବିଜ୍ଞାନ ଲେଖାର ପରିଭାଷା ସୃଷ୍ଟି କରିବା ଫଳରେ ଓଡ଼ିଆ ଭାଷାରେ ଲେଖିବାକୁ କିଛି ପ୍ରତିବନ୍ଧକ ନାହିଁ । ଏହି ସଂସ୍ଥା ଆଇଏସ୍‌ସି ବିଏସ୍‌ସି ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପ୍ରଣୟନ କରିସାରିଲେଣି । ଲେଖିବାକୁ କିଛି ପ୍ରତିବନ୍ଧକ ନାହିଁ । ଓଡ଼ିଆ ଭାଷାରେ ପୁସ୍ତକ ଛପା ସରିଥିଲେ ଓଡ଼ିଶା ସରକାରଙ୍କ ନିଷ୍କ୍ରିୟତା ହେତୁ +୨ ଓ +୩ରେ ଓଡ଼ିଆ ଭାଷା ବିଜ୍ଞାନ ଶିକ୍ଷାର ମାଧ୍ୟମ ହୋଇପାରି ନାହିଁ । ଏଥିପାଇଁ କେନ୍ଦ୍ର ସରକାର ଏକକୋଟି ଟଙ୍କା ସହାୟତା ଦେଲେ ମାତ୍ର ତା'ର କାର୍ଯ୍ୟ କରିବା କିଛି ରହିଲା ନାହିଁ । ଏହା ଆମ ଦେଶ ପାଇଁ ଦୁର୍ଭାଗ୍ୟ ।

**ସାହିତ୍ୟ ଓ ବିଜ୍ଞାନ କେତେ ଏକାଠି, କେତେ ଭିନ୍ନ ?**

ମଣିଷ ଯେଉଁ ଜ୍ଞାନ ଆହରଣ କରୁ ସେ ଜ୍ଞାନ ପ୍ରଧାନତଃ କଳା ଅଧ୍ୟୟନ, ବିଜ୍ଞାନ ଅଧ୍ୟୟନ, ବାଣିଜ୍ୟ ଅଧ୍ୟୟନ, ଇଂଜିନିୟରିଂ ଅଧ୍ୟୟନ ଓ ମେଡ଼ିକାଲ ଅଧ୍ୟୟନ। ପ୍ରତ୍ୟେକ ସହ ପ୍ରତ୍ୟେକର ସଂପର୍କ ରହିଛି। ବିଶେଷତଃ ବିଜ୍ଞାନ ଓ ଇଞ୍ଜିନିୟରିଂ ଓ ମେଡ଼ିକାଲ, ବିଜ୍ଞାନ ଓ ବାଣିଜ୍ୟ, ବିଜ୍ଞାନ ଓ କଳା ମଧ୍ୟରେ ସଂପର୍କ ରହିଛି। ବିଜ୍ଞାନ ସାହିତ୍ୟ ମଧ୍ୟ ସାହିତ୍ୟର ଅଙ୍ଗ। କେହି କାହାରିକୁ ଛାଡ଼ି ପାରିବ ନାହିଁ। ପରସ୍ପର ପରସ୍ପର ଉପରେ ନିର୍ଭର କରେ। କେହି କାହାକୁ ଛାଡ଼ି ରହିପାରିବ ନାହିଁ। ■■■

ମୋ- ୯୪୩୮୦୮୨୨୮୮

# ବିଜ୍ଞାନ ଜଗତର ପ୍ରଜ୍ଞା ପୁରୁଷ
## ପ୍ରଫେସର୍ ଡ.ଗୋକୁଳାନନ୍ଦ ମହାପାତ୍ର



ସଂଜିତ୍ କୁମାର ପଟ୍ଟନାୟକ

ଓଡ଼ିଶାରେ ଖ୍ୟାତନାମା ବୈଜ୍ଞାନିକ ପ୍ର.ଡକ୍ଟର୍ ଗୋକୁଳାନନ୍ଦ ମହାପାତ୍ର ଦେଶର ଜଣେ ପ୍ରତିଷ୍ଠିତ ରସାୟନ ବିଜ୍ଞାନୀ, ଶିକ୍ଷାବିତ୍, ଲୋକପ୍ରିୟ ବିଜ୍ଞାନ ଲେଖକ, ବାଗ୍ମୀ ଏବଂ ଛାତ୍ରବତ୍ସଳ ଅଧ୍ୟାପକଭାବେ ସେ ସୁପରିଚିତ। ତାଙ୍କ ଅମରକୃତିତ୍ୱର ବିଶେଷ ଦିଗ ହେଉଛି ବିଜ୍ଞାନର ଜଟିଳତଥ୍ୟ ଓ ତତ୍ତ୍ୱଗୁଡ଼ିକୁ ସ୍ୱକୀୟ ଶୈଳୀରେ ସହଜ, ସରଳ ଓ ସାବଲୀଳଭାବେ ଉପସ୍ଥାପନାକରି ଲୋକପ୍ରିୟ କରାଇବା। ସେ ବିଜ୍ଞାନକ୍ଷେତ୍ରରେ ଯେଉଁ ଉତ୍କର୍ଷ ପ୍ରଦର୍ଶନ କରିଛନ୍ତି ଓ ବିଜ୍ଞାନର ପ୍ରସାର ପାଇଁ ଯେଉଁ ପରାକାଷ୍ଠା ଦେଖାଇଛନ୍ତି, ତାହା ଅତୁଳନୀୟ। ସେ ସମଗ୍ର ଭାରତବର୍ଷରେ ଜଣେ ବିରଳ ବ୍ୟକ୍ତିତ୍ୱ।

ପ୍ର.ଡକ୍ଟର୍ ଗୋକୁଳାନନ୍ଦ ମହାପାତ୍ରଙ୍କର ଜନ୍ମ ୧୯୨୨ ମସିହା ମେ' ମାସ ୨୪ ତାରିଖ ଭଦ୍ରକ ସହର ନିକଟସ୍ଥ କୁଆଁସଠାରେ। ତାଙ୍କ ପିତାଙ୍କ ନାମ ବିଜୟ ଗୋବିନ୍ଦ ମହାପାତ୍ର ଓ ମାତାଙ୍କ ନାମ ପୁଜଦେବୀ। ସେ ପିତାମାତାଙ୍କର ପଞ୍ଚମ ଓ ଶେଷ ସନ୍ତାନ। କୁଆଁସ ଉ.ପ୍ରା. ସ୍କୁଲ୍‌ରେ ତୃତୀୟଶ୍ରେଣୀରେ ପଢୁଥିଲାବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା। ଭଦ୍ରକ ନାରାୟଣ ଚନ୍ଦ୍ର ମାଇନର୍ ସ୍କୁଲ୍‌ରୁ ପାସ୍ କରି ଭଦ୍ରକ ସ୍କୁଲ୍‌ରେ ପାଠପଢ଼ି ମାଟ୍ରିକ୍ ପରୀକ୍ଷାରେ ବାଲେଶ୍ୱର ଜିଲ୍ଲାରେ ପ୍ରଥମଶ୍ରେଣୀରେ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ। ରେଭେନ୍ସା କଲେଜ୍‌ରେ ଆଇ.ଏସ୍.ସି. ପରେ ବି.ଏସ୍.ସି.ରେ ରସାୟନବିଜ୍ଞାନ ଅନର୍ସ‌ରେ କୃତକାର୍ଯ୍ୟ ହୋଇଥିଲେ। ସେଇ ସମୟରେ କୁଆଁସର ଜମିଦାରଙ୍କ କନ୍ୟା କୁମୁଦିନୀଙ୍କୁ ବିବାହ କଲେ। ତା' ପରେ କଲିକତା ପ୍ରେସିଡ଼େନ୍ସି କଲେଜ୍‌ରେ ଏମ୍.ଏସ୍.ସି. ପଢ଼ିଲେ। ଏମ୍.ଏସ୍.ସି. ପାସ୍ ପରେ ୧୯୪୮ ମସିହାରେ ରେଭେନ୍ସା କଲେଜ୍‌ରେ ରସାୟନ ବିଜ୍ଞାନର ଅଧ୍ୟାପକ ହେଲେ। ୧୯୫୮ ମସିହାରେ ଜୈବ ରସାୟନ ବିଜ୍ଞାନ ବିଭାଗରେ ଗବେଷଣାକରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡ଼ି. ଉପାଧିଲାଭ କରିଥିଲେ। ୧୯୬୩ ମସିହାରେ ଉଚ୍ଚତର ଗବେଷଣା କରିବା ପାଇଁ ଆମେରିକାର ବ୍ରେଣ୍ଡିସ୍ ୟୁନିଭରସିଟିକୁ ଯାଇଥିଲେ। ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟର ସମ୍ମାନସୂଚକ ଡି.ଏସ୍.ସି. ଉପାଧିରେ ସେ ଭୂଷିତ ହୋଇଛନ୍ତି। ସେ ରେଭେନ୍ସା କଲେଜ୍‌ର ରସାୟନବିଜ୍ଞାନ ବିଭାଗର ପ୍ରଫେସର୍ ପଦକୁ ଉନ୍ନୀତ ହୋଇ ବିଭାଗୀୟ ମୁଖ୍ୟ ହେଲେ ଓ ସେଇଠାରେ ଅବସର ଗ୍ରହଣ କରିଥିଲେ। ତାଙ୍କ ଅଧୀନରେ ବହୁ ଗବେଷକ ଗବେଷଣାକରି ପି.ଏଚ୍.ଡ଼ି. ଲାଭ କରିଛନ୍ତି।

ପ୍ର. ଡକ୍ଟର୍ ଗୋକୁଳାନନ୍ଦ ମହାପାତ୍ରଙ୍କର ସର୍ବପ୍ରଥମ ଲୋକପ୍ରିୟ ବୈଜ୍ଞାନିକ ପୁସ୍ତକ ୧୯୪୮ରେ ପ୍ରକାଶିତ ହୋଇଥିଲା। ସେବେଠାରୁ ବିଜ୍ଞାନର ଜଟିଳତଥ୍ୟ ଓ ସମସ୍ୟାକୁ ଆଖିଆଗରେ ରଖି ଲୋକପ୍ରିୟ ବିଜ୍ଞାନଭିତ୍ତିକ ଉପନ୍ୟାସ ଓ କଥା ସାହିତ୍ୟରେ ଲେଖନୀ ଚାଳନା କରିଥିଲେ। ତାଙ୍କର ପ୍ରଥମ ଉପନ୍ୟାସ 'ପୃଥିବୀ ବାହାରେ ମଣିଷ' ର କଥାବସ୍ତୁ ମଙ୍ଗଳଗ୍ରହ ଉପରେ ଆଧାରିତ। ପରେ 'କୃତ୍ରିମ ଉପଗ୍ରହ', 'ସ୍ପୁଟନିକ', 'ଚନ୍ଦ୍ରର ମୃତ୍ୟୁ', 'ମଧ୍ୟାହ୍ନର ଅନ୍ଧକାର', 'ନିଷ୍ଫଳ ପୃଥିବୀ', 'ନିସ୍ତବ୍ଧ ଗୋଧୂଳି', 'ଉଡ଼ନ୍ତା ଥାଳିଆ', 'ସମୟର ଫାଟ', 'ମୃତ୍ୟୁ ଏକ ମାତୃତ୍ୱର', 'ଚନ୍ଦ୍ର ପୃଷ୍ଠରେ ମଣିଷ' ପ୍ରଭୃତି ଲୋକପ୍ରିୟ ଉପନ୍ୟାସର ସଫଳ ସ୍ରଷ୍ଟାଭାବେ ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି କରାଇଲେ। ଅଗଣିତ ଅଧ୍ୟାପକ, ଶିକ୍ଷକ, ବିଜ୍ଞାନପ୍ରେମୀଙ୍କ ପାଇଁ ତାଙ୍କ ଦ୍ୱାରା ଲିଖିତ 'ବିଜ୍ଞାନ ବିସ୍ମୟ', 'ବିଜ୍ଞାନ କୃତିତ୍ୱ', 'ପରମାଣୁ ବୋମାର ଆବିଷ୍କାର', 'ପରମାଣୁ ମାରଣାସ୍ତ୍ର', 'ଅଣୁ-ପରମାଣୁ', 'ରେଡ଼ିଓ ରାଡ଼ାର', 'ଆଧୁନିକ ଫଟୋଗ୍ରାଫି', 'ଆଧୁନିକ ଚଳଚ୍ଚିତ୍ର', 'ଆପେକ୍ଷିକ ତତ୍ତ୍ୱ', 'ଯନ୍ତ୍ର ମଣିଷ', 'କାଚର କୁହୁକ', 'ବିଚିତ୍ର ବିଶ୍ୱ', 'ଭିଡ଼ିଓ ଟେଲିଫୋନ୍', 'ବିଜ୍ଞାନର ଜୟଯାତ୍ରା' ଭଳି

ଶହ ଶହ ପୁସ୍ତକ ଓଡ଼ିଆ ସାରସ୍ୱତ ଭଣ୍ଡାରର ଅମୂଲ୍ୟ ସମ୍ପଦ। ପ୍ରଫେସର୍ ମହାପାତ୍ରଙ୍କର 'ପାଶ୍ଚାତ୍ୟ ସ୍ମୃତି' ପ୍ରଭୃତି ଭ୍ରମଣ କାହାଣୀ, 'ବିଜ୍ଞାନର ଦୃଶ୍ୟ' ଭଳି ଅନୁବାଦ ପୁସ୍ତକ ସୁଖପାଠ୍ୟ। ତାଙ୍କ ରଚିତ ଗୋକୁଳାନନ୍ଦ ଗ୍ରନ୍ଥାବଳୀ ଓଡ଼ିଆ ସାହିତ୍ୟ, ଓଡ଼ିଆ ଜାତି ପାଇଁ ଏକ ମହାନ୍ ଅବଦାନ। ସେ ଜଣେ ବିଜ୍ଞାନଭିତ୍ତିକ ଶିଶୁ ସାହିତ୍ୟିକ ଭାବେ 'ଛବି କେମିତି କଥା କୁହେ', 'ଆମ ପରିବେଶ', 'କାଗଜ କିପରି ତିଆରି ହୁଏ' ଭଳି  ବହୁ ଅମୂଲ୍ୟପୁସ୍ତକ ଲେଖିଯାଇଛନ୍ତି। ବିଜ୍ଞାନ ପ୍ରଚାର ସମିତିର ମୁଖପାତ୍ର, ବିଜ୍ଞାନଲୋକର ସେ ସ୍ରଷ୍ଟା ଓ ମୁଖ୍ୟ ସମ୍ପାଦକ ଥିଲେ। ଅଷ୍ଟମ ଶ୍ରେଣୀରେ ବିଜ୍ଞାନ ବିଷୟର ପାଠ୍ୟକ୍ରମର ବିଜ୍ଞାନପୁସ୍ତକ ରଚନାସହ ସ୍କୁଲ୍ ଓ କଲେଜ୍‌ଛାତ୍ରଙ୍କ ପାଇଁ ଉଭୟ ଓଡ଼ିଆ ଓ ଇଂରାଜୀରେ ପାଠ୍ୟପୁସ୍ତକ ରଚନାକରି ଇତିହାସ ରଚିଛନ୍ତି ପ୍ର.ମହାପାତ୍ର। ବୈଜ୍ଞାନିକ ଜ୍ଞାନକୋଷ ପ୍ରଥମ ଓ ଦ୍ୱିତୀୟଭାଗ ଭଳି ପୁସ୍ତକ ରଚନାକରି ଜଣେ ସଫଳ ବିଜ୍ଞାନ ଲେଖକର ପରିଚୟ ଦେଇଛନ୍ତି ଡ. ମହାପାତ୍ର।

ବିଜ୍ଞାନ ଜଗତରେ ଏହି ମହାନ୍ ପ୍ରଜ୍ଞାପୁରୁଷ ପ୍ରଫେସର୍ ମହାପାତ୍ର ଦେଶ ବିଦେଶରେ ସୁନାମଅର୍ଜନ କରି ବହୁ ପୁରସ୍କାର, ସମ୍ମାନଲାଭ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡ଼େମୀ, ବିଜ୍ଞାନ ଏକାଡ଼େମୀ, ଉତ୍କଳ ସାହିତ୍ୟ ସମାଜ, ଉତ୍କଳ ସାହିତ୍ୟ କଳା ପରିଷଦର ବିଜ୍ଞାନଶ୍ରୀ, କଳିଙ୍ଗ ସମ୍ମାନ ଭଳି ବହୁ ସମ୍ମାନରେ ସେ ସମ୍ମାନିତ। ପ୍ରଫେସର୍ ମହାପାତ୍ରଙ୍କର ଜୁଲାଇ ୧୦ ତାରିଖ ୨୦୧୩ ମସିହା ପବିତ୍ର ଘୋଷଯାତ୍ରା ଦିନ ଦେହାନ୍ତ ହୋଇଥିଲା।

ଜନପ୍ରିୟ ବିଜ୍ଞାନ ରଚନାର ଭୀଷ୍ମ ପିତାମହ, ବିଜ୍ଞାନ ସାହିତ୍ୟ ସାମ୍ରାଜ୍ୟର ମୁକୁଟବିହୀନ ସମ୍ରାଟ; ତାଙ୍କର କୃତି ଓ କୀର୍ତ୍ତି ପାଇଁ ଚିରଦିନ ବଞ୍ଚିରହିବେ – ଏହା ଆମ ସମସ୍ତଙ୍କର ବିଶ୍ୱାସ। ■■■

ବ୍ରଜଧାମ, ଏଫ୍-୮୨୯, ସେକ୍ଟର୍-୭
ମର୍କତ ନଗର, କଟକ-୭୫୩୦୧୪
ମୋ : ୯୮୬୧୦୫୯୫୫୫



4th anniversary of Late Prof. Dr. Gokulananda Mahapatra

# English Section



# A TRIBUTE TO LEGENDARY
## Professor Gokulananda Mohapatra

**Prof. Balaram Sahoo**

One Einstein wrote: "... Many kinds of men devote themselves to science and not all for the sake of science herself. There are some who come into her temple because it offers them the opportunity to display their particular talents. Professor Gokulananda Mohapatra looms over popular science in Odia as its defining emblematic figure. His first popular science book "Man in the Moon" in Odia appeared around 1952-53 through which people of Odisha learnt that science is romantic and a reality for the human society, not brutish as many had imagined. It would be appropriate to say "What H.G.Wells and Issac Asimov were to popularization of science in English, Professor Mohapatra was to Odia Language.

Professor Mohapatra was the pioneer in establishing the 'Vigyan Prachar Samiti' with a band of young enthusiastic persons of Science. The Organisation under his mentorship produced a large crop of writers on popular science in the state. The Vigyan Prachar Sommittee later germinated as Vigyan Academy of Odisha (The present author learnt it from late Professor Rabindra Kumar Nanda during a private discussion) which is the mouthpiece for the propagation of frontiers of Science in Odisha.

Apart from writing many popular science books, articles and publishing a series of research papers in Organic Chemistry, Professor Mohapatra prepared a glossary of scientific terms in Odia that enables the youth to refer these terms in the local language.

My acquaintance with him began in the year 1954 when I was pursuing my studies for B.Sc (Honors) Degree in the Ravenshaw College. He also taught us Organic Chemistry in 1955 in our M.Sc classes. In those days good advanced textbooks were rare because of constraint of publication of scientific materials due to World War II. However, collection of teaching materials from available sources by Professor Mohapatra was wide and deep. His style of teaching was lucid and erudite.

As a man it can be aptly described that he was a gem. He loved his fellowmen and all loved him. ■■■

Former Professor of Chemistry,
IIT Kharagpur
Village, P.O. Gopapur, Baramba
Dist. Cuttack - 754031
Ph. - 8117092286

## Prof. Dr. Gokulananda Mahapatra

# A Pioneer in Popularization of Science in Odia



**Prof. Dr. Prafulla Kumar Jena**

Prof. Gokulananda Mahapatra soon after completing his M.Sc in Chemistry from Presidency College, Kolkata in the year 1947, joined as a Lecturer in Chemistry department of Ravenshaw College (Presently Ravenshaw University), Cuttack. At that time, I was studying in 2nd year I.Sc at the Ravenshaw College. However, when I joined the B.Sc (Hons.) course in Chemistry in 1948, I came in contact with Prof. Mahapatra. He delivered some lectures in Organic chemistry in our class, which very much impressed me as well as most of my classmates. His way of teaching made me very much interested in the subject and I used to look forward for his lecture. In a very short period, Prof. Mahapatra became popular amongst all his students as well as his colleagues for his pleasant dealings and his excellent teaching ability.

Many times, I had the opportunities during my study in the Department of Chemistry as Post Graduate and Ph.D scholar till 1956, to interact with Prof. Mahapatra in topics regarding popularization of science. Dr. Mahapatra was one of the founding members of Odisha Bigyan Prachar Samiti. I used to attend with him the Bigyan Prachar Samiti meetings many times and took part in some of the activities. Besides engaging himself in teaching and research, Prof. Mahapatra used to spend lot of time in writing scientific articles, novels and text Books in Odia language. Some of these are Pruthvi bahare manias, Krutrima Upagraha, Chandra ra Mrutyu, Nishabda Godhuli, Madam Curie and Nila Chakra Bala Separe. Based on his pioneering contribution in popularizing science including publishing a large number of text books for school and college students on different scientific subjects, he was honoured by a number of leading organizations. Some of his novels and story books with scientific background, have earned a lot of prestigious recognitions like Odisha Sahitya Academy Award 1964, Odisha Bigyan Academy Award 1989, Bigyan Bandhu Award by Science and Environment Society 1992, Cuttack, Lion's Club Award 1993 – 94, Sarala Puraskar 1994, Pranakrushna Parija Award of Utkal Sahitya Samaja 1995, Odisha Environmental Society Award 1996 and Kalinga Samman for Popularization of Science in 2011.

Prof. Mahapatra was a very simple and honest person. He has never shown any sign of superiority for his achievements in his areas of expertise. Many times he used to advise his Odia Colleagues and Students to write scientific articles on different topics in odia for common people and students. For many years to come

Prof. Mahapatra will be remembered for his unique contributions in taking science to the door steps of common man.

